* RNI REGD NO: 42041/83
* www.sakalaepaper.com
* /sakalanews
* /sakalanews
* www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-300 ◆TUESDAY ◆28 APRIL 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୦୦ ◆ମଙ୍ଗଳବାର ◆୨୮ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




**୫୭ ମାସ ପରେ ଆସିଲା ରିଲିଜ୍ ଡେଟ୍**

▶ପୃଷ୍ଠା ୧୧ ଦେଖନ୍ତୁ...

## ଭଉଣୀ ମୃତ୍ୟୁର ପ୍ରମାଣ ଦେବାକୁ...

# ମଶାଣିରୁ ଶବ ଖୋଳି ବ୍ୟାଙ୍କକୁ କାନ୍ଧେଇ ନେଲା

■ ତୁରୁମୁଙ୍ଗା, ୨୭।୪ (ସମିସ): କେତେ କାକୁତିମିନତି ହେଲେ, ପାରୁପର୍ଯ୍ୟନ୍ତ ବୁଝାଇଲେ। କିନ୍ତୁ, ବ୍ୟାଙ୍କ କର୍ତ୍ତୃପକ୍ଷ କିଛି ଶୁଣିଲେନି; ବ୍ୟାଙ୍କ ନିୟମ ଓ ଗାଇଡ୍‌ଲାଇନର ପାଠ ପଢ଼ାଇଲେ। ଭଉଣୀ ବ୍ୟାଙ୍କକୁ ନ ଆସିଲେ, ତାଙ୍କ ଖାତାରେ ଜମା ଥିବା ଟଙ୍କା ଦେଇହେବନି ବୋଲି ରୋକଠୋକ୍ ଶୁଣାଇଦେଲେ। ତେଣୁ, ଅନ୍ୟ ଉପାୟ ନ ପାଇ ମାଟି ଖୋଳି ଭଉଣୀର ଗଳିତ ଶବକୁ ବାହାର କରି ସିଧାସିଧା ବ୍ୟାଙ୍କକୁ ଧାଇଁଲେ। ବ୍ୟାଙ୍କ ବାରଣ୍ଡାରେ ଗଳିତ ଶବକୁ ରଖି ମୋ ଭଉଣୀ ଖାତାର ଟଙ୍କା ଦିଅ ବୋଲି କର୍ତ୍ତୃପକ୍ଷଙ୍କୁ ଗୁହାରି କଲେ। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ମଲ୍ଲୀପଶି ଅଞ୍ଚଳରେ ଆଜି ଏପରି ଏକ ଘଟଣା ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

ସୂଚନାନୁଯାୟୀ, ଡିଆନାଳି ଗ୍ରାମର ବୃଦ୍ଧ ଜିତୁ ମୁଣ୍ଡା ନିଜର ମୃତ ଭଉଣୀ କାଲାରା ମୁଣ୍ଡାଙ୍କ ଆକାଉଣ୍ଟରେ ଥିବା ୧୯ ହଜାର ୩୦୦ଟଙ୍କା ଉଠାଇବାକୁ ଦୁଇ ଦିନ ତଳେ ମଲ୍ଲୀପଶିସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କକୁ ଯାଇଥିଲେ। କିନ୍ତୁ, ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ଟଙ୍କା ଦେବାକୁ ମନା କରିଦେଇଥିଲେ। ଯାହା ନାମରେ ଟଙ୍କା



ଅଛି, ସେ ନିଜେ ଉପସ୍ଥିତ ହେବା ଆବଶ୍ୟକ ବୋଲି କହି ଟଙ୍କା ଦେବାକୁ ମନା କରିଦେଇଥିଲେ। କିଛି ଦିନ ତଳୁ ଭଉଣୀ କାଲାରର ମୃତ୍ୟୁ ଘଟିସାରିଛି ବୋଲି ଜିତୁ କହିଥିଲେ ହେଁ ବ୍ୟାଙ୍କ କର୍ତ୍ତୃପକ୍ଷ କିଛି ଶୁଣିନଥିଲେ। ତାଙ୍କୁ ବିଭିନ୍ନ କାଗଜପତ୍ର ମାଗିଥିଲେ। ତାଙ୍କ ଭଉଣୀ ଜୀବିତ ନାହାନ୍ତି ବୋଲି ପ୍ରମାଣ ଦେଖାଇବାକୁ କହିଥିଲେ। ତେଣୁ, ସବୁଆଡୁ ନିରାଶ ହେବା ପରେ ଜିତୁ ଆଜି ଦିନ ପ୍ରାୟ ୧ଟାରେ ମଶାଣିକୁ ଯାଇଥିଲେ। ସେଠାରେ ମାଟି ଖୋଳି ଭଉଣୀ କାଲାରାଙ୍କ ଗଳିତ ଶବକୁ ଏକ ବସ୍ତାରେ ପୂରାଇ ପ୍ରାୟ ୪କି.ମି ଖରାରେ ଚାଲିଚାଲି ବ୍ୟାଙ୍କ ସମ୍ମୁଖରେ ପହଞ୍ଚିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଲୋକଙ୍କ ପ୍ରବଳ ଭିଡ଼ ଜମିବା ସହ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ପୁଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ପରେ ବୁଝାସୁଝା ପରେ ମୃତଦେହକୁ ପୁନର୍ବାର ମଶାଣିରେ ପୋତି ଦିଆଯାଇଥିଲା।

ଏ ସଂପର୍କରେ ବ୍ୟାଙ୍କ ମ୍ୟାନେଜର୍ ସୁଶାନ୍ତ ସେଠୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲା ବେଳେ ସେ କୌଣସି ପ୍ରତିକ୍ରିୟା ଦେଇ ନ ▶ପୃଷ୍ଠା-୭

# ହର୍ମୁଜରେ ଆମେରିକା ନୌସେନାର ଦାଦାଗିରି

■ ୱାସିଂଟନ/ତେହରାନ, ୨୭।୪ (ଏଜେନ୍ସି): ହର୍ମୁଜରେ ଇରାନ ବିରୋଧରେ ଆମେରିକା ଏହାର ସାମୁଦ୍ରିକ ଅବରୋଧକୁ ବ୍ୟାପକ କରିଥିବା ବେଳେ ପ୍ରାୟ ୩୮ଟି ବାଣିଜ୍ୟିକ ଜାହାଜକୁ ଇରାନ ବନ୍ଦରକୁ ନଯିବା ପାଇଁ ଚେତାବନୀ ଦେଇ ଫେରାଇ ଦେଇଛି। ଅନ୍ୟପକ୍ଷରେ ହର୍ମୁଜରେ ଇରାନ ଏହାର ସାମରିକ ନିୟନ୍ତ୍ରଣ ପାଇଁ ଯୋଜନା କରିବା ସହିତ ଆମେରିକାର ମୁକାବିଲା ପାଇଁ ରୁଷର ଶରଣାପନ୍ନ ହୋଇଛି।

ଆମେରିକୀୟ ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ପକ୍ଷରୁ ସୂଚନା ଦିଆଯାଇଛି ଯେ, ଇରାନର ବନ୍ଦରଗୁଡ଼ିକ ଉପରେ କଡ଼ା ନଜର ରଖାଯାଇଛି। କୌଣସି ଜାହାଜକୁ ଭିତରକୁ ପ୍ରବେଶ କରିବାକୁ କିମ୍ବା ବାହାରକୁ ଆସିବାକୁ ଅନୁମତି ଦିଆଯାଉନାହିଁ।

▶ **୩୮ଟି ଜାହାଜକୁ ଫେରାଇଲା ସେନା**

▶ **ପୁତିନଙ୍କ ଶରଣ ପଶିଲା ତେହେରାନ**

▶ **ଜାହାଜକୁ ଇରାନର ଗୁଳି, ୧୭ ଭାରତୀୟ ସୁରକ୍ଷିତ**



ବର୍ତ୍ତମାନ ସୁଦ୍ଧା ୩୮ଟି ଜାହାଜକୁ ପଛକୁ ଫେରାଇ ଦିଆଗଲାଣି। ଏହି ସଂକଟଜନକ ପରିସ୍ଥିତିରେ ଇରାନର ବିଦେଶ ମନ୍ତ୍ରୀ ଅବ୍ବାସ ଆରାଗଚି ସୋମବାର ଦିନ ମସ୍କୋରେ ପହଞ୍ଚିଛନ୍ତି। ସେଠାରେ ସେ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏବଂ ବିଦେଶ ମନ୍ତ୍ରୀ ସର୍ଗେଇ ଲାଭ୍‌ରୋଭଙ୍କ ସହ ଏହି ଏହା ଉପରେ ଆଲୋଚନା କରିବେ।

ଉଭୟ ଇରାନ ଓ ଆମେରିକା ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେବା ଫଳରେ ବିଶ୍ୱ ବଜାରରେ ତେଲ, ଗ୍ୟାସ ଏବଂ ସାର ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହାଫଳରେ ବିଶ୍ୱବ୍ୟାପୀ ଜିନିଷପତ୍ରର ଦରଦାମ ବୃଦ୍ଧି ପାଇବା ସହ ଖାଦ୍ୟ ସୁରକ୍ଷା ଉପରେ ବିପଦ ସୃଷ୍ଟି ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ପ୍ରତିନିଧି ମଣ୍ଡଳୀର ଇସଲାମାବାଦ ଗସ୍ତ ବାତିଲ କରିବା ପରେ ଦୁଇ ଦେଶ ମଧ୍ୟରେ ଶାନ୍ତି ପ୍ରକ୍ରିୟା ଥମିଯାଇଛି। ତେବେ ପାକିସ୍ତାନ ଜରିଆରେ ଇରାନ ଆମେରିକାକୁ କିଛି ଲିଖିତ ବାର୍ତ୍ତା ପଠାଇଥିବା ଖବର ମିଳିଛି। ଏକ ରିପୋର୍ଟ ଅନୁସାରେ, ଇରାନ ଏବେ ଆମେରିକାକୁ ଏକ ନୂଆ ପ୍ରସ୍ତାବ ଦେଇଛି। ଯେଉଁଥିରେ ହର୍ମୁଜ ପ୍ରଣାଳୀକୁ ପୁଣିଥରେ ଖୋଲିବା ଏବଂ ଯୁଦ୍ଧ ଶେଷ କରିବାକୁ ଇଚ୍ଛା ପ୍ରକାଶ କରାଯାଇଛି। ଏହା ବଦଳରେ ପରମାଣୁ କାର୍ଯ୍ୟକ୍ରମ ଉପରେ ଆଲୋଚନାକୁ କିଛି ଦିନ ଘୁଞ୍ଚାଇବାକୁ ତେହେରାନ ପ୍ରସ୍ତାବ ଦେଇଛି। ଆମେରିକାର ଆର୍ଥିକ ଓ ସାମରିକ ଚାପ ଏବଂ ଇରାନର କୂଟନୈତିକ ପ୍ରୟାସ ମଧ୍ୟରେ ସମଗ୍ର ବିଶ୍ୱର ନଜର ▶ପୃଷ୍ଠା-୭

## ପଶ୍ଚିମବଙ୍ଗରେ ସରିଲା ପ୍ରଚାର


# ୨୯ରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ

■ କୋଲକାତା, ୨୭।୪: ପଶ୍ଚିମ ବଙ୍ଗ ବିଧାନସଭାର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ହାଇଭୋଲଟେଜ୍ ପ୍ରଚାର ଅଭିଯାନ ଶେଷ ହୋଇଛି। ଆସନ୍ତା ୨୯ ତାରିଖରେ ୧୪୧ଟି ଆସନରେ ହେବାକୁ ଥିବା ମତଦାନରେ ୧୪୪୮ ଜଣ ପ୍ରାର୍ଥୀ ମଇଦାନରେ ଅଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ, ତାଙ୍କ କ୍ୟାବିନେଟର ଅଧିକାଂଶ ମନ୍ତ୍ରୀ ଏବଂ ରାଜ୍ୟ ବିଧାନସଭାରେ ବିରୋଧୀ ଦଳର ନେତା ତଥା ବିଜେପିର ଶୁଭେନ୍ଦୁ ଅଧିକାରୀ। ଭବାନୀପୁର ନିର୍ବାଚନମଣ୍ଡଳୀରେ ମମତାଙ୍କୁ ଟକ୍କର ଦେଉଛନ୍ତି ତାଙ୍କର ପୂର୍ବତନ ସହଯୋଗୀ ତଥା ବିଜେପି ପ୍ରାର୍ଥୀ ଅଧିକାରୀ। ବିବାଦୀୟ ଏସ୍‌ଆଇଆର ମଧ୍ୟରେ ହେଉଥିବା ଅନ୍ତିମ ପର୍ଯ୍ୟାୟ ମତଦାନରେ ୪୦ ହଜାର ବୁଥ୍‌ରେ ପ୍ରାୟ ୩ କୋଟି ୨୨ ଲକ୍ଷ ମତାଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ଗତ ୨୩ ତାରିଖରେ ୧୫୨ଟି ଆସନ।।ରେ ପ୍ରଥମ ପର୍ଯ୍ୟାୟ ମତଦାନ ▶ପୃଷ୍ଠା-୭



## ଅଧା ଓଡ଼ିଶାରେ କମିଲା ତାତି

# ଆଜିଠୁ ଭୀଷଣ କାଳବୈଶାଖୀ



■ ଭୁବନେଶ୍ୱର, ୨୭।୪ (ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ଗତ କିଛି ଦିନ ଧରି ଲାଗି ରହିଥିବା ଗରମ, ଗୁଳୁଗୁଳି ସ୍ଥିତିରେ ସୋମବାର ସାମାନ୍ୟ ସୁଧାର ଆସିଛି। ଓଡ଼ିଶା ଉପରେ ଗୋଟିଏ ଟ୍ରଫଲାଇନ୍ ସୃଷ୍ଟି ହେବା ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗରେ ପରିବର୍ତ୍ତନ ଆସିବା ସହ ଦିନ ତମାମ ପବନ ବହୁଛି। ଏହାଫଳରେ କିଛି କିଛି ସ୍ଥାନରେ ତାପମାତ୍ରା କମିବା ସହିତ କୋହଲା ପାଗ ଆରମ୍ଭ ହୋଇଛି। ସେହିପରି ବାରିପଦା ସମେତ ସୁନ୍ଦରଗଡ଼ ଓ ଅନ୍ୟ କିଛି ସ୍ଥାନରେ କାଳବୈଶାଖୀଜନିତ ▶ପୃଷ୍ଠା-୭

## ବାଚସ୍ପତିଙ୍କ ନିକଟରେ ବିଜେଡିର ବିଧିବଦ୍ଧ ଦାବି

# ରଦ୍ଦ ହେଉ ୮ ବିଧାୟକଙ୍କ ସଭ୍ୟପଦ

■ ଭୁବନେଶ୍ୱର,୨୭।୪(ସମିସ): ଗତ ୧୬ ତାରିଖରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବିଜେଡିର ନିଷ୍ପତ୍ତି ବିରୋଧରେ ଯାଇ କ୍ରସ ଭୋଟିଂ କରିଥିବା ୮ଜଣ ବିଧାୟକ ଚକ୍ରମଣି କହଁର, ନବକିଶୋର ମଲ୍ଲିକ, ସୌଭିକ୍ ବିଶ୍ୱାଳ, ଦେବୀ ରଞ୍ଜନ ତ୍ରିପାଠୀ, ରମାକାନ୍ତ ଭୋଇ, ସୁବାସିନୀ ଜେନା, ଅରବିନ୍ଦ ମହାପାତ୍ର ଓ ସନା ମହାକୁଡ଼ଙ୍କ ବିଧାନସଭା ସଭ୍ୟପଦ ରଦ୍ଦ ପାଇଁ ଆନୁଷ୍ଠାନିକ ଭାବେ ଦାବି ଜଣାଇଛି ବିଜେଡି। ସୋମବାର ବିଜେଡି ବିଧାୟକମାନେ ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟି ଏ ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରିଛନ୍ତି। ▶ପୃଷ୍ଠା-୭



**ସମ୍ବିଧାନର ଦଶମ ଅନୁସୂଚୀ ଆଧାରରେ ନିଷ୍ପତ୍ତି ଦାବି**

**ତିନି ମାସ ମଧ୍ୟରେ ବାଚସ୍ପତିଙ୍କୁ ନେବାକୁ ପଡ଼ିବ ନିଷ୍ପତ୍ତି**

# ବୋହୂକୁ ହତ୍ୟା କରି ଜାଳିଦେଲେ

**ଦରପୋଡ଼ା ଶବ ଜବତ**

**ସ୍ୱାମୀ ଓ ଶାଶୂ ଗିରଫ**

■ ମହାକାଳପଡ଼ା, ୨୭।୪ (ସମିସ): ବୋହୂକୁ ହତ୍ୟା କରିବା ପରେ ବାରିପଟେ ପେଟ୍ରୋଲ ଢାଳି ଜାଳିଦେଲେ। କେନ୍ଦ୍ରାପଡ଼ା ଜିଲ୍ଲା ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ବେଣାକନ୍ଧା ଗ୍ରାମରେ ଏପରି ଏକ ସାଂଘାତିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ପଟ୍ଟାମୁଣ୍ଡାଇ ଥାନା ଅଧୀନସ୍ଥ ନଳଡିହ ଗ୍ରାମର ମନୋରଞ୍ଜନ ଦଣ୍ଡାଙ୍କ ଝିଅ ତଅପୋଇ ଦଣ୍ଡା। ପୁଲିସ ତାଙ୍କ ଦରପୋଡ଼ା ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ସ୍ୱାମୀ ବେଣାକନ୍ଧା ଗ୍ରାମର ବିଶ୍ୱଜିତ ମଣ୍ଡଳ ଓ ଶାଶୂ ମମତା ମଣ୍ଡଳଙ୍କୁ ▶ପୃଷ୍ଠା-୭



# ଆଉ ଏକ ପୁରସ୍କାରରୁ ହଟିଲା ବିଜୁଙ୍କ ନାମ

## 'ବିଜୁ ଶ୍ରମିକ ବନ୍ଧୁ' ସମ୍ମାନ ନାମ ବଦଳାଇଲେ ରାଜ୍ୟ ସରକାର

■ ଭୁବନେଶ୍ୱର, ୨୭।୪ (ସମିସ): ରାଜ୍ୟ ସରକାର ପୁଣି ଏକ ପୁରସ୍କାରରୁ ବିଜୁଙ୍କ ନାଁ ହଟାଇଛନ୍ତି। ପୂର୍ବରୁ ପ୍ରଚଳିତ 'ବିଜୁ ଶ୍ରମିକ ବନ୍ଧୁ ସମ୍ମାନ' ନାମ ପରିବର୍ତ୍ତନ କରାଯାଇ ଏହାକୁ 'ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନ' ଭାବେ ନାମିତ କରାଯାଇଛି। ୨୦୧୫ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଶ୍ରମିକ ବନ୍ଧୁ ସମ୍ମାନ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ପ୍ରତିବର୍ଷ ମେ' ୧ ଶ୍ରମିକ ଦିବସରେ ପୁରସ୍କୃତ ହେଉଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ଦିଆଯାଉଥିଲା। ଅତୀତରେ ବିଜେଡି ସରକାର ସମୟରେ ଶ୍ରମିକ ସଂଗଠନ ନେତା ସୌରୀବନ୍ଧୁ କର, ରାଜେନ୍ଦ୍ର ପ୍ରସାଦ ସିଂ, ଈଶ୍ୱର ଜେନା, ଘନଶ୍ୟାମ ଜେନା, ବସନ୍ତ ଜେନା ଓ କୃଷ୍ଣ ପାତ୍ର ପ୍ରମୁଖ ଏହି ସମ୍ମାନ ପାଇଛନ୍ତି। ଏବେ ରାଜ୍ୟ ସରକାର କେବଳ ଏହି ଯୋଜନାର ନାମ ବଦଳାଇ ନାହାନ୍ତି; ଏ ସଂକ୍ରାନ୍ତ ନିୟମକୁ ମଧ୍ୟ ପରିବର୍ତ୍ତନ କରାଯାଇଛି। ▶ପୃଷ୍ଠା-୭

**ନାମ ପରିବର୍ତ୍ତନ ସହ ବଦଳିଲା ନିୟମ, କମିଲା ଆବେଦନର ଅବଧି**

**'ବିଜୁ ଶ୍ରମିକ ବନ୍ଧୁ' ଏବେ ହେବ 'ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନ'**

**ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଥିଲେ ପୁରସ୍କାର**




10001/86/2627

## ଅଂଶୁଘାତ ସତର୍କତା

### ଲକ୍ଷଣ

* ପ୍ରବଳ ଝାଳ ବୋହିବା
* ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
* ପ୍ରବଳ ଶୋଷ ଲାଗିବା
* ମାଂସପେଶୀ ଟାଣି ହେବା
* ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
* ଅଚେତ ହେବା କିମ୍ବା ବାତ ମାରିବା

### ସତର୍କତା

* ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
* ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
* ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
* ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
* କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



### ପ୍ରତିକାର

* ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ୍/ ସାଦାପାଣି ପିଆନ୍ତୁ
* ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
* ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
* ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
* ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

**ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ**

OIPR-10001/10003/2/26-27/0007

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

# ପଶ୍ଚିମବଙ୍ଗରେ ନିର୍ବାଚନ ପୂର୍ବରୁ ଉତ୍ତେଜନା

## ୭ ୯ଟି ଦେଶୀ ବୋମା ଜବତ, ବିଜେପି ସାଂସଦଙ୍କ ଗାଡି ଭଙ୍ଗାରୁଜା

ନୂଆଦିଲ୍ଲୀ, ୨୭ ।୪(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଅନ୍ତିମ ତଥା ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଅପ୍ରେଲ ୨୯ରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ମତଦାନର ମାତ୍ର ତିନି ଦିନ ପୂର୍ବରୁ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାରୁ ବିପୁଳ ପରିମାଣର ବୋମା ଓ ବିସ୍ଫୋରକ ସାମଗ୍ରୀ ଜବତ ହେବା ପରେ ନିର୍ବାଚନ କମିସନ ପୋଲିସକୁ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ଉତ୍ତର କାଶୀପୁର ଥାନା ଅନ୍ତର୍ଗତ ମାଝେରହାଟ ଅଞ୍ଚଳରେ ଥିବା ଏକ ପରିତ୍ୟକ୍ତ ଘରୁ ପୋଲିସ ୭ ୯ଟି ଦେଶୀ ବୋମା ସଦୃଶ ବସ୍ତୁ ଉଦ୍ଧାର କରିଛି। ଏହା ସହିତ ପ୍ରାୟ ୩.୩୭ କିଲୋଗ୍ରାମ ଗନ୍ ପାଉଡର, ୧.୬୧ କିଲୋଗ୍ରାମ ସଲଫର୍, ଝୋଟ ରସି ଏବଂ ବୋମା ତିଆରିରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ବୋମା ଉଦ୍ଧାର ହେବା ପରେ ନିର୍ବାଚନ କମିଶନ ପଶ୍ଚିମବଙ୍ଗ ପୋଲିସକୁ ଏକ 'ସ୍ପେଶାଲ ଡ୍ରାଇଭ୍' ବା ବିଶେଷ ଅଭିଯାନ ଆରମ୍ଭ କରି ବୋମା ପ୍ରସ୍ତୁତକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶାନ୍ତିପୂର୍ଣ୍ଣ ମତଦାନ ପାଇଁ କୌଣସି ପ୍ରକାରର ଅବହେଳା କରାଯିବ ନାହିଁ ବୋଲି କମିଶନ ସ୍ପଷ୍ଟ କରିଛନ୍ତି। ନିର୍ବାଚନ କମିଶନଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି ଯେ, ବୋମା ସଂକ୍ରାନ୍ତ ସମସ୍ତ ମାମଲାର ତଦନ୍ତ ଏବେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଦ୍ୱାରା କରାଯାଇପାରେ। ବିସ୍ଫୋରକଗୁଡ଼ିକ କେଉଁଠୁ ଆସିଲା ଏବଂ ନିର୍ବାଚନ ସମୟରେ କୌଣସି ବଡ଼ ଧରଣର ହିଂସା ପାଇଁ ଏହାକୁ ଗଚ୍ଛିତ ରଖାଯାଇଥିଲା କି ନାହିଁ, ସେ ନେଇ ତଦନ୍ତ ହେବ। ବୋମା ନିଷ୍କ୍ରିୟକାରୀ ଦଳ ସହାୟତାରେ ସମସ୍ତ ବିସ୍ଫୋରକ ସାମଗ୍ରୀକୁ ନିଷ୍କ୍ରିୟ କରାଯାଇଛି। ପରିତ୍ୟକ୍ତ ଘରଟି ଏକ ଶ୍ମଶାନ ନିକଟରେ ଥିବା ଜଣାପଡ଼ିଛି। ପୋଲିସ ବର୍ତ୍ତମାନ ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଖୋଜୁଛି।



ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ବେଳେ ମଧ୍ୟ ହିଂସାତ୍ମକ ଘଟଣା ଦେଖିବାକୁ ମିଳିଥିଲା। ଏବେ ଦ୍ୱିତୀୟ ପର୍ଯ୍ୟାୟ ପୂର୍ବରୁ ଏତେ ସଂଖ୍ୟାରେ ବୋମା ମିଳିବା ନିର୍ବାଚନର ସ୍ୱଚ୍ଛତା ଓ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କମିଶନଙ୍କ ନିର୍ଦ୍ଦେଶ ପରେ ପୋଲିସ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ଗୋଇନ୍ଦା ବିଭାଗକୁ ମଧ୍ୟ ସତର୍କ କରାଯାଇଛି।

### ■ ଆରାମବାଗରେ ବିଜେପି-ଟିଏମସି ମୁହାଁମୁହିଁ

ହୁଗୁଳିର ଆରାମବାଗ ଅଞ୍ଚଳରେ ଭୟଙ୍କର ଉତ୍ତେଜନା ପ୍ରକାଶ ପାଇଛି। ଟିଏମସି ନେତା ଅଭିଷେକ ବାନାର୍ଜୀଙ୍କ ରାଲି ପୂର୍ବରୁ ଶାସକ ତୃଣମୂଳ କଂଗ୍ରେସର ସାଂସଦ ମିତାଲି ବାଗଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବିଜେପି ଓ ଟିଏମସି ମଧ୍ୟରେ ଚାପା ଉତ୍ତେଜନା ଜାରି ରହିଛି। ଅଭିଷେକ ବାନାର୍ଜୀଙ୍କ ରୋଡ୍-ସୋ'ରେ ଯୋଗଦେବା ପାଇଁ ଯାଉଥିବା ସମୟରେ ଗୋଘାଟ ନିକଟସ୍ଥ ହସପିଟାଲ ଏରିଆରେ ସାଂସଦ ମିତାଲି ବାଗଙ୍କ ଗାଡ଼ି ଉପରକୁ ପ୍ରବଳ ପଥରମାଡ଼ କରାଯାଇଥିଲା। ଏହି ଆକ୍ରମଣରେ ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ମିତାଲି ବାଗ୍ ଆହତ ହୋଇଛନ୍ତି।

## ବାଲୋଚିସ୍ତାନରେ ଭୟଙ୍କର ରକ୍ତପାତ: ୧୦ ଦିନରେ ୪୨ ପାକ୍ ସୈନ୍ୟ ନିହତ

ନୂଆଦିଲ୍ଲୀ, ୨୭ ।୪(ଏଜେନ୍ସି): ପାକିସ୍ତାନର ଅଶାନ୍ତ ବାଲୋଚିସ୍ତାନ ରାଜ୍ୟରେ ବିଦ୍ରୋହୀ ଗୋଷ୍ଠୀ 'ବାଲୋଚ ଲିବରେସନ ଆର୍ମି' (ବିଏଲ୍ଏ) ନିଜର ଆକ୍ରମଣକୁ ଦିନକୁ ଦିନ ତୀବ୍ର କରିବାରେ ଲାଗିଛି। ଗତ ୧୦ ଦିନ ମଧ୍ୟରେ ସେନା ଉପରେ କରାଯାଇଥିବା ଏକାଧିକ ଆକ୍ରମଣରେ ବ୍ୟାପକ ପ୍ରାଣହାନି ଘଟିଥିବା ଦାବି କରାଯାଇଛି, ଯାହା ପାକିସ୍ତାନ ସରକାର ଓ ସୁରକ୍ଷା ବାହିନୀ ପାଇଁ ଏକ ବଡ଼ ଚିନ୍ତାର ବିଷୟ ହୋଇଛି। ବିଏଲ୍ଏ ମୁଖପାତ୍ର ଜିୟନ୍ଦ ବାଲୋଚଙ୍କ ସୂଚନା ଅନୁଯାୟୀ, ଅପ୍ରେଲ ୧୫ ରୁ ୨୫ ତାରିଖ ମଧ୍ୟରେ ବାଲୋଚିସ୍ତାନର ବିଭିନ୍ନ ଜିଲ୍ଲାରେ ପ୍ରାୟ ୨୭ଟି ସାମରିକ ଅଭିଯାନ ଚଲାଯାଇଛି। ଏହି ଆକ୍ରମଣଗୁଡ଼ିକରେ ପ୍ରାୟ ୪୨ ଜଣ ପାକିସ୍ତାନୀ ସୈନ୍ୟ ପ୍ରାଣ ହରାଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ବିଦ୍ରୋହୀମାନେ ପାକିସ୍ତାନୀ ସେନାକୁ ଟାର୍ଗେଟ କରିବା ପାଇଁ ଆଇଇଡି ବିସ୍ଫୋରଣ, ଅତର୍କିତ ଆକ୍ରମଣ, ଡ୍ରୋନ ଆକ୍ରମଣ ଏବଂ ସିଧାସଳଖ ଚଢ଼ାଉ ଭଳି ରଣନୀତି ଆପଣେଇଛନ୍ତି। ଶାହରାଗ ଓ ହରନାଇ ଅଞ୍ଚଳରେ ହୋଇଥିବା ସଂଘର୍ଷରେ ଜଣେ ପାକିସ୍ତାନୀ ସୈନ୍ୟଙ୍କୁ ଜୀବନ୍ତ ବନ୍ଦୀ କରାଯାଇଥିବା ମଧ୍ୟ ବିଏଲ୍ଏ ଦାବି କରିଛି। ବାଲୋଚିସ୍ତାନର ବିଭିନ୍ନ ଅଞ୍ଚଳରେ ହିଂସକ ଘଟଣା ସାମ୍ନାକୁ ଆସିଛି। କ୍ୱେଟା, କୋହଲୁ, ଖାରାନ୍ ଏବଂ ଝଲ ମଗସି ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏହି ଆକ୍ରମଣମାନ ସଂଘଟିତ ହୋଇଛି।ବିଦ୍ରୋହୀମାନେ ଅନେକ ସାମରିକ ଚେକ୍‌ପୋଷ୍ଟକୁ ନିଜ ଦଖଲକୁ ନେବା ସହ ସେଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଥିବା କୁହାଯାଉଛି। ଏହି ସଂଘର୍ଷରେ ୩ ଜଣ ସଦସ୍ୟ ମଧ୍ୟ ପ୍ରାଣ ହରାଇଛନ୍ତି। ସଦ୍ୟତମ ଘଟଣାର କିଛି ସପ୍ତାହ ପୂର୍ବରୁ ଆରବ ସାଗରରେ ଇରାନ ସୀମା ନିକଟରେ ପାକିସ୍ତାନ କୋଷ୍ଟ ଗାର୍ଡଙ୍କ ପାଟ୍ରୋଲିଂ ବୋଟ୍ ଉପରେ ମଧ୍ୟ ଆକ୍ରମଣ କରାଯାଇଥିଲା। ଏହି ଘଟଣା ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ବିଦ୍ରୋହୀଙ୍କ ବଢ଼ୁଥିବା ଶକ୍ତିକୁ ପ୍ରମାଣିତ କରୁଛି। ବାଲୋଚିସ୍ତାନରେ ବଢ଼ୁଥିବା ଏହି ସଶସ୍ତ୍ର ବିଦ୍ରୋହୀ ପାକିସ୍ତାନର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାକୁ ଦୋହଲାଇ ଦେଇଛି।



## ଅଦାଲତରେ ହାଜର ହେବାକୁ ମନାକଲେ କେଜ୍ରିୱାଲ

ନୂଆଦିଲ୍ଲୀ, ୨୭ ।୪(ଏଜେନ୍ସି): ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ସୋମବାର ଦିନ ଦିଲ୍ଲୀ ହାଇକୋର୍ଟର ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତ ଶର୍ମାଙ୍କୁ ଏକ ଚିଠି ଲେଖିଛନ୍ତି। ଏହି ଚିଠିରେ ସେ ଅବକାରୀ ନୀତି ମାମଲାରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲଙ୍କ ଜରିଆରେ ହାଜର ହେବାକୁ ମନା କରିଦେଇଛନ୍ତି। କେଜ୍ରିୱାଲ କହିଛନ୍ତି ଯେ ସେ ହାଇକୋର୍ଟ ବିଚାରପତିଙ୍କଠାରୁ 'ନ୍ୟାୟ ପାଇବାର ଆଶା ହରାଇଛନ୍ତି' ଏବଂ ଏବେ ମହାତ୍ମା ଗାନ୍ଧୀଙ୍କ 'ସତ୍ୟାଗ୍ରହ' ପଥ ଅନୁସରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ କହିଛନ୍ତି, 'ମୁଁ ନିଜ ଅନ୍ତରାତ୍ମାର ଡାକରା ଶୁଣି ଏହି ନିଷ୍ପତ୍ତି ନେଇଛି। ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତଙ୍କ ନିଷ୍ପତ୍ତି ବିରୋଧରେ ମୁଁ ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରିବାର ଅଧିକାର ସଂରକ୍ଷିତ ରଖୁଛି। କେଜ୍ରିୱାଲ ଅଭିଯୋଗ କରିଛନ୍ତି ଯେ ତାଙ୍କୁ ମିଥ୍ୟା ମାମଲାରେ ଫସାଇ ଜେଲ୍ ପଠାଯାଇଥିଲା ଏବଂ ଏକ ନିର୍ବାଚିତ ସରକାରକୁ ଅନ୍ୟାୟ ଭାବେ ଭାଙ୍ଗି ଦିଆଯାଇଥିଲା। ବିଚାରପତିଙ୍କୁ ନେଇ କେଜ୍ରିୱାଲଙ୍କ ଦୁଇଟି ପ୍ରଶ୍ନ ପଚାରିଛନ୍ତି। କେଜ୍ରିୱାଲ କହିଛନ୍ତି ଯେ ବିଚାରପତି ଜଣକ ଏଭଳି ଏକ ବିଚାରଧାରା ସହ ଜଡ଼ିତ ପ୍ଲାଟଫର୍ମ ସହ ସଂଶ୍ଳିଷ୍ଟ, ଯାହାକୁ ଆପ୍ ବିରୋଧ କରେ। ତାଙ୍କ ମାମଲାର ତଦନ୍ତ କରୁଥିବା ଇଡି କେନ୍ଦ୍ର ସରକାରଙ୍କ ଅଧୀନରେ। ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତଙ୍କ ଦୁଇ ସନ୍ତାନ କେନ୍ଦ୍ର ସରକାରଙ୍କ ଓକିଲ ପ୍ୟାନେଲରେ ଅଛନ୍ତି, ଯାହା ଏକ ନିରପେକ୍ଷ ଶୁଣାଣି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି କାରଣରୁ ଏହି ମାମଲାର ଶୁଣାଣିରୁ ଓହରିଯିବା ଲାଗି ଜଷ୍ଟିସ ଶର୍ମାଙ୍କୁ ଅନୁରୋଧ କରିଥିଲେ। ମାତ୍ର ତାଙ୍କ ପିଟିସନକୁ ଖାରଜ କରିଦେଇଥିଲେ ଜଷ୍ଟିସ ଶର୍ମା।



## ରାଜ୍ୟସଭାରେ ୭ ସାଂସଦଙ୍କ ମିଶ୍ରଣ
## ସୁପ୍ରିମକୋର୍ଟ ଯିବ ଆପ୍

ନୂଆଦିଲ୍ଲୀ, ୨୭ ।୪(ଏଜେନ୍ସି): ରାଜ୍ୟସଭାରେ ଆମ୍ ଆଦମୀ ପାର୍ଟିର ୭ ଜଣ ସାଂସଦ ଭାରତୀୟ ଜନତା ପାର୍ଟିରେ ଆନୁଷ୍ଠାନିକ ଭାବେ ଯୋଗଦେଇଛନ୍ତି। ସୋମବାର ଦିନ ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକୃଷ୍ଣନ ଏହି ମିଶ୍ରଣକୁ ଆନୁଷ୍ଠାନିକ ଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ମିଶ୍ରଣ ପରେ ରାଜ୍ୟସଭାରେ ବିଜେପିର ସଦସ୍ୟ ସଂଖ୍ୟା ୧୧୩କୁ ବୃଦ୍ଧି ପାଇଛି। ଅରବିନ୍ଦ କେଜ୍ରିୱାଲଙ୍କ ଦଳ ଏବେ ଉପର ସଦନରେ ମାତ୍ର ୩ ଜଣ ସାଂସଦଙ୍କୁ ନେଇ ସୀମିତ ହୋଇଯାଇଛି। ବିଶେଷ କରି ପଞ୍ଜାବରୁ ପ୍ରତିନିଧିତ୍ୱ କରୁଥିବା ୭ ଜଣଙ୍କ ମଧ୍ୟରୁ ୬ ଜଣ ଏବେ ବିଜେପି ଶିବିରରେ। ଦିଲ୍ଲୀରୁ ମଧ୍ୟ ସ୍ୱାତୀ ମାଲିୱାଲ ବିଜେପିରେ ସାମିଲ ହେବା ପରେ ଆପ୍ ପାଇଁ ଏହା ଏକ ଶକ୍ତ ଧକ୍କା ବୋଲି କୁହାଯାଉଛି। ଅଧ୍ୟକ୍ଷ ଏହି ମିଶ୍ରଣକୁ ମଞ୍ଜୁରି ଦେଇଥିବାରୁ ଆପ୍ ଏହାର ପ୍ରତିବାଦ ଜଣାଇଛି। ଆପ୍ ନେତା ସଂଜୟ ସିଂହ କହିଛନ୍ତି ଯେ ପାର୍ଟିର ବିରୋଧ ସତ୍ତ୍ୱେ ଅଧ୍ୟକ୍ଷ ଏଭଳି ପଦକ୍ଷେପ ନେଇଛନ୍ତି। ମିଶ୍ରଣକୁ ମଞ୍ଜୁରି ଦେବା ପୂର୍ବରୁ ଅଧ୍ୟକ୍ଷ ଆପ୍ ସହ କଥା ହେଲେନାହିଁ କି ଏହାର ଆପତ୍ତି ଉପରେ ବିଚାର ମଧ୍ୟ କଲେନାହିଁ। ତେଣୁ ଏହା ବିରୋଧରେ ଆପ୍ ସୁପ୍ରିମ କୋର୍ଟ ଯିବ ବୋଲି କହିଛନ୍ତି। ଦଶମ ଅନୁଚ୍ଛେଦ ଅନୁସାରେ ଏହି ସାଂସଦଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ଆପ୍ ଦାବି କରିଥିଲା।



## ଚିକେନ୍ ପାଇଁ ସ୍ୱାମୀଙ୍କୁ ହତ୍ୟା କଲା ସ୍ତ୍ରୀ

କାମାରେଡ୍ଡୀ, ୨୭ ।୪(ଏଜେନ୍ସି): ସାମାନ୍ୟ କଥାକୁ ନେଇ କିଭଳି ଜଣେ ମଣିଷ ହିଂସ୍ର ହୋଇପାରେ, ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ତେଲେଙ୍ଗାନାର କାମାରେଡ୍ଡୀ ଜିଲ୍ଲାରେ। ଚିକେନ୍ ତରକାରୀ ରନ୍ଧାକୁ ନେଇ ସୃଷ୍ଟି ହୋଇଥିବା ପାରିବାରିକ କଳହର ପରିଣତି ଶେଷରେ ହତ୍ୟାକାଣ୍ଡରେ ଶେଷ ହୋଇଛି। ପୋଲିସର ସୂଚନା ଅନୁଯାୟୀ, ମୃତକ କୋଦଣ୍ଡା ଶିବାଜୀ ଜଣେ ଦିନମଜୁରିଆ ଭାବେ କାମ କରୁଥିଲେ। ସେ ନିଜ ସ୍ତ୍ରୀ ଲକ୍ଷ୍ମୀଙ୍କୁ ଚିକେନ୍ ତରକାରୀ ରାନ୍ଧିବା ପାଇଁ କହିଥିଲେ। କିନ୍ତୁ କୌଣସି କାରଣରୁ ଲକ୍ଷ୍ମୀ ତାହା ରାନ୍ଧି ନଥିଲେ, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଏହି ଝଗଡ଼ା ପରେ ସେମାନଙ୍କର ଆର୍ଥିକ ଅବସ୍ଥା ଓ ଜୀବନଶୈଳୀକୁ ନେଇ ବିବାଦ ଉଗ୍ର ରୂପ ଧାରଣ କରିଥିଲା। ଝଗଡ଼ା ସମୟରେ ଉତ୍ତ୍ୟକ୍ତ ହୋଇ ଲକ୍ଷ୍ମୀ ଏକ ଧାରୁଆ ଅସ୍ତ୍ରରେ ଶିବାଜୀଙ୍କ ବେକକୁ ଆକ୍ରମଣ କରିଥିଲେ। ଆକ୍ରମଣ ଏତେ ଭୟଙ୍କର ଥିଲା ଯେ ଶିବାଜୀ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ଏହି ଦମ୍ପତି ଏକ ଭଡ଼ା ଘରେ ରହୁଥିଲେ। ସେମାନଙ୍କର ଦୁଇଟି ଛୋଟ ଝିଅ ଅଛନ୍ତି, ଜଣକର ବୟସ ୨ ବର୍ଷ ଏବଂ ଅନ୍ୟ ଜଣକର ମାତ୍ର ୧ ବର୍ଷ। ବାପାଙ୍କ ମୃତ୍ୟୁ ଏବଂ ମା'ଙ୍କ ଅପରାଧ ଯୋଗୁଁ ଏହି ଦୁଇ ଶିଶୁ ଏବେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ପଡୋଶୀଙ୍କ ଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ମାମଲାରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଛୋଟ ଛୋଟ କଥାରେ ସଂଯମତା ହରାଇବା କିଭଳି ଏକ ସୁନ୍ଦର ପରିବାରକୁ ଛାରଖାର କରିଦିଏ, ଏହି ଘଟଣା ତାହାର ଏକ ଦୁଃଖଦ ଉଦାହରଣ। ମାତ୍ର ଚିକେନ୍ ତରକାରୀ ପାଇଁ ଜଣେ ବ୍ୟକ୍ତି ଜୀବନ ହରାଇବା ଏବଂ ଦୁଇ ଶିଶୁ ଅନାଥ ହେବା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।





## 'ସରକେ ଚୁନର' ବିବାଦ: କ୍ଷମା ମାଗିଲେ ସଞ୍ଜୟ ଦତ୍ତ

ନୂଆଦିଲ୍ଲୀ, ୨୭ ।୪(ଏଜେନ୍ସି): ଚଳଚ୍ଚିତ୍ର 'କେଡି: ଦି ଡେଭିଲ୍'ର 'ସରକେ ଚୁନର' ଗୀତକୁ ନେଇ ଚାଲିଥିବା ବିବାଦରେ ବଲିଉଡ ଅଭିନେତା ସଞ୍ଜୟ ଦତ୍ତ ଆଜି ଜାତୀୟ ମହିଳା କମିସନ (ଏନ୍‌ସିଡବ୍ଲ୍ୟୁ)ଙ୍କ ନିକଟରେ ହାଜର ହୋଇ କ୍ଷମା ପ୍ରାର୍ଥନା କରିଛନ୍ତି। ଏହି ସମୟରେ ସେ ସମାଜ ପ୍ରତି ହୋଇଥିବା ଅନିଚ୍ଛାକୃତ କ୍ଷତି ପାଇଁ ଦୁଃଖ ପ୍ରକାଶ କରିବା ସହ ୫୦ ଜଣ ଆଦିବାସୀ କନ୍ୟାଙ୍କ ଶିକ୍ଷା ଦାୟିତ୍ୱ ଗ୍ରହଣ କରିବାକୁ ଘୋଷଣା କରିଛନ୍ତି। ଜାତୀୟ ମହିଳା କମିସନ ଅଧ୍ୟକ୍ଷା ବିଜୟା ରାହତକରଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୁଣାଣିରେ, ଗୀତରେ ନାରୀମାନଙ୍କୁ ଅଶ୍ଳୀଳ ଭାବେ ଚିତ୍ରଣ କରାଯାଇଥିବା ନେଇ ଗଭୀର ଚିନ୍ତା ପ୍ରକଟ କରାଯାଇଥିଲା। ଜଣେ ବରିଷ୍ଠ ଅଭିନେତା ଭାବେ ସାମାଜିକ ଦାୟିତ୍ୱବୋଧ ଏବଂ ଚୁକ୍ତି ସ୍ୱାକ୍ଷର ପୂର୍ବରୁ ସଠିକ୍ ଯାଞ୍ଚ ପରି ବିଷୟ ଉପରେ କମିସନ ପ୍ରଶ୍ନ କରିଥିଲେ। ସଞ୍ଜୟ ଦତ୍ତ ନିଜର ଲିଖିତ କ୍ଷମାପତ୍ରରେ ଦର୍ଶାଇଛନ୍ତି ଯେ, ଆଗାମୀ ଦିନରେ ସେ କାର୍ଯ୍ୟ କରୁଥିବା ପ୍ରକଳ୍ପଗୁଡ଼ିକରେ ନାରୀ ଓ ଶିଶୁମାନଙ୍କୁ ସମ୍ମାନଜନକ ଭାବେ ଉପସ୍ଥାପନ କରିବା ପାଇଁ ଆଇନଗତ ଦିଗ ପ୍ରତି ସଜାଗ ରହିବେ। ଏହି ମାମଲାରେ ଅଭିନେତ୍ରୀ ନୋରା ଫତେହିଙ୍କୁ ମଧ୍ୟ ସମନ କରାଯାଇଥିଲା। ତେବେ ସେ ବର୍ତ୍ତମାନ ବିଦେଶରେ ଥିବାରୁ ହାଜର ହୋଇପାରି ନାହାନ୍ତି ଏବଂ ଶୁଣାଣି ପାଇଁ ଅନ୍ୟ ଏକ ତାରିଖ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ୧୫ରେ ରିଲିଜ୍ ହୋଇଥିବା ଏହି ଗୀତର ହିନ୍ଦୀ ସଂସ୍କରଣକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହି ପ୍ରସଙ୍ଗ ସଂସଦରେ ମଧ୍ୟ ଉଠିଥିଲା।

## ଦାରିଦ୍ର୍ୟ: କନ୍ୟା ସନ୍ତାନକୁ ନର୍ଦ୍ଦମାକୁ ଫିଙ୍ଗି ହତ୍ୟା କଲା ମା'

ଫରିଦାବାଦ, ୨୭ ।୪(ଏଜେନ୍ସି): ଦାରିଦ୍ର୍ୟର କରାଳ ରୂପ ଆଗରେ ହାର ମାନିଛି ମାତୃତ୍ୱ। ହରିୟାଣାର ଫରିଦାବାଦରେ ଜଣେ ମହିଳା ନିଜର ୧୮ ମାସର ଶିଶୁ କନ୍ୟାକୁ ଜୀବନ୍ତ ଅବସ୍ଥାରେ ଏକ ନର୍ଦ୍ଦମାକୁ ଫିଙ୍ଗି ହତ୍ୟା କରିଥିବା ଭଳି ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି। ଆର୍ଥିକ ଅନଟନ ଏବଂ ଅଧିକ ସନ୍ତାନର ଭରଣପୋଷଣ କରିବାରେ ଅସମର୍ଥ ହୋଇ ଜଣେ ମା' ଏଭଳି ଚରମ ନିଷ୍ପତ୍ତି ନେଇଥିବା ପୋଲିସ ପକ୍ଷରୁ କୁହାଯାଇଛି।ଗତ ଅପ୍ରେଲ ୨୩ ତାରିଖରେ ଫରିଦାବାଦର ପାଲ୍ଲା ଥାନା ଅନ୍ତର୍ଗତ 'ବୁଢ଼ିଆ ନାଳ'ରୁ ଏକ ଶିଶୁର ମୃତଦେହ ଉଦ୍ଧାର କରାଯାଇଥିଲା। ଦୁଇଜଣ ସ୍କୁଲ ଛାତ୍ର ପ୍ରଥମେ ନାଳର ଏକ ଲୁହା ଜାଲିରେ ଶିଶୁଟିର ମୃତଦେହ ଅଟକି ରହିଥିବା ଦେଖି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ପରେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଥିଲା। ତଦନ୍ତ ସମୟରେ ପୋଲିସକୁ ଏକ ଗୁରୁତ୍ୱପୂର୍ଣ୍ଣ ସିସିଟିଭି ଫୁଟେଜ୍ ମିଳିଥିଲା। ସେଥିରେ ଦେଖିବାକୁ ମିଳିଥିଲା ଯେ, ଜଣେ ମହିଳା କୋଳରେ ଏକ ଶିଶୁକୁ ଧରି ଯାଉଛନ୍ତି, କିନ୍ତୁ କିଛି ସମୟ ପରେ ସେ ଏକାକୀ ଫେରି ଆସୁଛନ୍ତି। ଏହି ସୂତ୍ରକୁ ଆଧାର କରି କ୍ରାଇମ ବ୍ରାଞ୍ଚ ମହିଳାଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସେ ନିଜର ଦୋଷ ସ୍ୱୀକାର କରିଥିଲେ। ଗିରଫ ମହିଳାଙ୍କ ନାମ ନୀଲମ ଏବଂ ସେ ବିହାରର ମଧୁବନୀ ଜିଲ୍ଲାର ବାସିନ୍ଦା। ସେ ନିଜ ସ୍ୱାମୀ ସଞ୍ଜୟଙ୍କ ସହ ଫରିଦାବାଦର ଏକ ଝୁଗି-ବସ୍ତିରେ ରହୁଥିଲେ। ସଞ୍ଜୟ ଏକ ଘରୋଇ ସଂସ୍ଥାରେ କାମ କରନ୍ତି। ପୋଲିସ ନିକଟରେ ନୀଲମ ପ୍ରକାଶ କରିଛନ୍ତି ଯେ, ତାଙ୍କର ପୂର୍ବରୁ ୫ଟି ଝିଅ ଥିବାବେଳେ ଏହି ଶିଶୁଟି ଷଷ୍ଠ ସନ୍ତାନ ଥିଲା। ପରିବାରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବାରୁ ଏତେଗୁଡ଼ିଏ ପିଲାଙ୍କୁ ପାଳିବା ତାଙ୍କ ପକ୍ଷେ ଅସମ୍ଭବ ଥିଲା। ଏହି ଅଭାବ ଓ ଅସହାୟତା ମଧ୍ୟରେ ସେ ଶିଶୁଟିକୁ ନର୍ଦ୍ଦମାକୁ ଫିଙ୍ଗି ଦେଇଥିଲେ। ପୋଲିସ ମୁଖପାତ୍ରଙ୍କ ସୂଚନା ଅନୁଯାୟୀ, ମାମଲାର ଅଧିକ ତଦନ୍ତ ଜାରି ରହିଛି। ଆଧୁନିକ ସମାଜରେ ଦାରିଦ୍ର୍ୟ କିଭଳି ଜଣେ ମା'କୁ ନିଜ ସନ୍ତାନର ହତ୍ୟାକାରୀ ସଜାଇ ଦେଉଛି, ଏହି ଘଟଣା ତାହାର ଏକ ଜ୍ୱଳନ୍ତ ଉଦାହରଣ। ଏହା କେବଳ ଏକ ଅପରାଧ ନୁହେଁ, ବରଂ ସାମାଜିକ ଓ ଆର୍ଥିକ ସୁରକ୍ଷା ବ୍ୟବସ୍ଥାର ବିଫଳତାକୁ ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

# ଶାନ୍ତି ପାଇଁ ଆମେରିକାକୁ ଇରାନର କଠୋର ସର୍ତ୍ତ

### ପ୍ରଥମେ ହର୍ମୁଜ ଅବରୋଧ ହଟାଅ, ପରେ ପରମାଣୁ ଆଲୋଚନା

ନୂଆଦିଲ୍ଲୀ, ୨୭ ।୪(ଏଜେନ୍ସି): ବିଶ୍ୱ ରାଜନୀତିର ରଣାଙ୍ଗନରେ ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ଏବେ ଏକ ନୂତନ ମୋଡ଼ ନେଇଛି। ପାକିସ୍ତାନରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ବିଫଳ ହେବା ପରେ, ତେହରାନ ପକ୍ଷରୁ ଶାନ୍ତି ପ୍ରକ୍ରିୟାକୁ ଆଗକୁ ନେବା ପାଇଁ ଏକ 'ତ୍ରି-ସ୍ତରୀୟ ପ୍ରସ୍ତାବ' ଉପସ୍ଥାପନ କରାଯାଇଛି। ଏହି ପ୍ରସ୍ତାବରେ ଯୁଦ୍ଧ ବିରତି ଠାରୁ ଆରମ୍ଭ କରି ପରମାଣୁ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସ୍ଥାନ ପାଇଛି। ଇରାନର ସ୍ଥାନୀୟ ଗଣମାଧ୍ୟମ 'ଅଲ୍ ମାଦାୟେନ' ଅନୁଯାୟୀ, ମଧ୍ୟସ୍ଥିଙ୍କ ଜରିଆରେ ଆମେରିକାକୁ ତିନୋଟି ପର୍ଯ୍ୟାୟ ସମ୍ପର୍କରେ ଅବଗତ କରାଯାଇଛି। ସେଗୁଡ଼ିକ ହେଲା- ପ୍ରଥମ ସ୍ତର - ଯୁଦ୍ଧର ସମ୍ପୂର୍ଣ୍ଣ ଅନ୍ତ: ଇରାନ ଏବଂ ଲେବାନନ୍ ବିରୋଧରେ ଚାଲିଥିବା ଯୁଦ୍ଧର ସମ୍ପୂର୍ଣ୍ଣ ସମାପ୍ତି ଏବଂ ଭବିଷ୍ୟତରେ ଏହାର ପୁନରାବୃତ୍ତି ନହେବା ପାଇଁ ଆମେରିକା ଠାରୁ ଗ୍ୟାରେଣ୍ଟି ଦାବି କରିଛି ତେହେରାନ। ଦ୍ୱିତୀୟ ସ୍ତର - ହର୍ମୁଜ ପ୍ରଣାଳୀର ପରିଚାଳନା: ଯଦି ପ୍ରଥମ ସ୍ତରର ସର୍ତ୍ତ ଗୁଡ଼ିକ ଗୃହୀତ ହୁଏ, ତେବେ ଦ୍ୱିତୀୟ ପର୍ଯ୍ୟାୟରେ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ ହର୍ମୁଜ ପ୍ରଣାଳୀର ପରିଚାଳନା ଏବଂ ପ୍ରଶାସନିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯିବ। ତୃତୀୟ ସ୍ତର - ପରମାଣୁ ପ୍ରସଙ୍ଗ: ଉପରୋକ୍ତ ଦୁଇଟି ପର୍ଯ୍ୟାୟ ସଫଳ ହେବା ପରେ ହିଁ ଇରାନ ନିଜର ପରମାଣୁ କାର୍ଯ୍ୟକ୍ରମ ଓ ୟୁରାନିୟମ ସମୃଦ୍ଧକରଣ ପ୍ରସଙ୍ଗରେ ମୁହଁ ଖୋଲିବ।ହ୍ୱାଇଟ୍ ହାଉସ୍ ମୁଖପାତ୍ର ଓଲିଭିଆ ୱେଲ୍ସ ଏହି ପ୍ରସ୍ତାବ ଉପରେ କୌଣସି ସିଧାସଳଖ ଟିପ୍ପଣୀ ଦେବାକୁ ମନା କରିଛନ୍ତି। ସେ କହିଛନ୍ତି ଯେ, 'ଆମେରିକା ଗଣମାଧ୍ୟମ ଜରିଆରେ କୂଟନୈତିକ ଆଲୋଚନା କରେନାହିଁ। ଆମେରିକା ସର୍ବଦା ନିଜର ଶକ୍ତି ବଜାୟ ରଖିଛି ଏବଂ ନିଜ ଦେଶର ହିତକୁ ପ୍ରାଥମିକତା ଦେଇ ହିଁ କୌଣସି ଚୁକ୍ତି କରିବ। ଇରାନକୁ କଦାପି ପରମାଣୁ ଅସ୍ତ୍ର ପ୍ରସ୍ତୁତ କରିବାକୁ ଦିଆଯିବ ନାହିଁ ବୋଲି ସେ ଦୋହରାଇଛନ୍ତି। ଇରାନ ବିଦେଶ ମନ୍ତ୍ରୀ ଅବ୍ବାସ ଆରାଘଚି ବର୍ତ୍ତମାନ ଓମାନ ଓ ପାକିସ୍ତାନ ଗସ୍ତ ଶେଷ କରି ରୁଷିଆ ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରେ ସେ ରାଷ୍ଟ୍ରପତି ପୁଟିନଙ୍କ ସହ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧବିରତି ଓ କୂଟନୈତିକ ଗତିରୋଧ ସମ୍ପର୍କରେ ସମୀକ୍ଷା କରିବେ। ଅନ୍ୟପଟେ ରାଷ୍ଟ୍ରପତି ଟ୍ରମ୍ପ ସୋମବାର ଏକ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକ ଡକାଇଛନ୍ତି। ମଧ୍ୟପ୍ରାଚ୍ୟରେ ଗତ ଦୁଇ ମାସ ଧରି ଜାରି ରହିଥିବା ଏହି ସାଂଘାତିକ ସଂଘର୍ଷ ଏବେ ଏକ ଜଟିଳ ଛକରେ ପହଞ୍ଚିଛି। ଇରାନର ଏହି 'ସର୍ତ୍ତମୂଳକ ଶାନ୍ତି ପ୍ରସ୍ତାବ'କୁ ଆମେରିକା ଗ୍ରହଣ କରୁଛି କି ନାହିଁ, ତାହା ଉପରେ ବିଶ୍ୱ ଅର୍ଥନୀତି ଓ ସୁରକ୍ଷା ନିର୍ଭର କରୁଛି। ଯଦିଓ ଏକ ଦୁର୍ବଳ ଯୁଦ୍ଧବିରତି ବଳବତ୍ତର ରହିଛି, ତଥାପି ସ୍ଥାୟୀ ଶାନ୍ତି ଏବେ ମଧ୍ୟ ବହୁତବାଟ ବାକି ଥିବା ପରି ମନେହେଉଛି।



## ନେତନ୍ୟାହୁଙ୍କୁ ହଟାଇବା ପାଇଁ ହାତ ମିଳାଇଲେ ଦୁଇ ପୂର୍ବତନ ପ୍ରଧାନମନ୍ତ୍ରୀ

ତେଲ୍ ଆଭିଭ, ୨୭ ।୪(ଏଜେନ୍ସି): ଇସ୍ରାଏଲ୍‌ର ରାଜନୈତିକ ରଣାଙ୍ଗନ ଏବେ ରୋଚକ ମୋଡ଼ରେ ପହଞ୍ଚିଛି। ଦେଶର ଦୁଇ ପ୍ରଭାବଶାଳୀ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ନାଫ୍ଟାଲି ବେନେଟ୍ ଏବଂ ୟାଏର୍ ଲାପିଡ୍ ପୁଣିଥରେ ଏକଜୁଟ ହୋଇଛନ୍ତି। ବର୍ତ୍ତମାନର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ଦୀର୍ଘକାଳୀନ ଶାସନର ଅନ୍ତ କରିବା ପାଇଁ ଉଭୟ ନିଜ ନିଜ ଦଳର ମିଶ୍ରଣ କରି ଏକ ନୂତନ ରାଜନୈତିକ ଶକ୍ତି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ୨୦୨୧ ମସିହାରେ ମଧ୍ୟ ଏହି ଦୁଇ ନେତା ବିଭିନ୍ନ ବିଚାରଧାରାର ଦଳଗୁଡ଼ିକୁ ଏକାଠି କରି ନେତନ୍ୟାହୁଙ୍କ ୧୨ ବର୍ଷର ଶାସନ ଗାଦି ଛଡ଼ାଇ ନେଇଥିଲେ। ବର୍ତ୍ତମାନ ସେହି ସମାନ ରଣନୀତିରେ ଉଭୟ ଆଗକୁ ବଢ଼ିବାକୁ ପ୍ରସ୍ତୁତ ହୋଇଛନ୍ତି। ଏହି ନୂତନ ଦଳର ନେତୃତ୍ୱ ନାଫ୍ଟାଲି ବେନେଟ୍ ଗ୍ରହଣ କରିବେ। ନାଫ୍ଟାଲି ବେନେଟ୍ ଜଣେ କଠୋର ଦକ୍ଷିଣପନ୍ଥୀ ଇହୁଦୀ ଜାତୀୟତାବାଦୀ ନେତା ହୋଇଥିବା ବେଳେ ୟାଏର୍ ଲାପିଡ୍ ଜଣେ ଉଦାରବାଦୀ ଓ ସେକୁଲାର୍ ନେତା ଭାବେ ପରିଚିତ। ପାଲେଷ୍ଟାଇନ୍ ଏବଂ ସୁରକ୍ଷା ପ୍ରସଙ୍ଗରେ ଉଭୟଙ୍କ ମତ ଭିନ୍ନ ଥିଲେ ହେଁ, ନେତନ୍ୟାହୁଙ୍କୁ କ୍ଷମତାରୁ ହଟାଇବା ପାଇଁ ଉଭୟ ଏକ ସାଧାରଣ ସହମତିରେ ପହଞ୍ଚିଛନ୍ତି। ଇସ୍ରାଏଲ୍‌ରେ ଆଗାମୀ ନିର୍ବାଚନ ୨୦୨୭ରେ ହେବାର ଥିଲେ ମଧ୍ୟ, ନେତନ୍ୟାହୁ ଚଳିତ ବର୍ଷ ହିଁ ସଂସଦ ଭଙ୍ଗ କରି ଆଗୁଆ ନିର୍ବାଚନ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ସଦ୍ୟତମ ସର୍ଭେ ଅନୁଯାୟୀ, ଯଦି ବେନେଟ୍, ଲାପିଡ୍ ଏବଂ ଇସ୍ରାଏଲ ସେନାର ପୂର୍ବତନ ମୁଖ୍ୟ ଗାଡି ଆଇଜେନକୋଟ୍ ଏକାଠି ନିର୍ବାଚନ ଲଢ଼ନ୍ତି, ତେବେ ସେମାନେ ୧୨୦ଟି ଆସନରୁ ପ୍ରାୟ ୩୮ ଟି ଆସନ ଜିତି ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇପାରନ୍ତି। ୟାଏର୍ ଲାପିଡ୍‌ଙ୍କ ଦଳ 'ୟେସ୍ ଆତିଦ୍'ର ଲୋକପ୍ରିୟତା କମୁଥିବା ବେଳେ ବେନେଟ୍‌ଙ୍କ ଭୋଟ୍ ବ୍ୟାଙ୍କ ଉପରେ ଆଇଜେନକୋଟ୍‌ଙ୍କ ପ୍ରଭାବ ପଡୁଛି। ଇସ୍ରାଏଲ୍ ରାଜନୀତିରେ ଏହି ମେଣ୍ଟ ଏକ ମନସ୍ତାତ୍ତ୍ୱିକ ପରିବର୍ତ୍ତନ ଆଣିଛି।

## ସୁପ୍ରିମକୋର୍ଟଙ୍କ ପ୍ରଶ୍ନ: ସନ୍ତାନ ଅଛି; ଏବେ ଦୁଷ୍କର୍ମ ଅଭିଯୋଗ କାହିଁକି

ନୂଆଦିଲ୍ଲୀ, ୨୭ ।୪(ଏଜେନ୍ସି): ବିବାହ ବନ୍ଧନର ମହତ୍ତ୍ୱ ଏବଂ 'ଲିଭ୍-ଇନ୍' ସମ୍ପର୍କର ଅସ୍ଥିରତାକୁ ନେଇ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏକ ଚିନ୍ତାଜନକ ତଥା ଗୁରୁତ୍ୱପୂର୍ଣ୍ଣ ମତ ପୋଷଣ କରିଛନ୍ତି। ଜଣେ ମହିଳାଙ୍କ ଦ୍ୱାରା ଦାୟର ହୋଇଥିବା ବଳାତ୍କାର ଓ ଶୋଷଣ ମାମଲାର ଶୁଣାଣି ବେଳେ ମାନ୍ୟବର ଜଷ୍ଟିସ୍ ବିଭି ନାଗରତ୍ନା ସମ୍ମତିଭିତ୍ତିକ ସମ୍ପର୍କ ଏବଂ ଅପରାଧିକ ଶୋଷଣ ମଧ୍ୟରେ ଥିବା ସୂକ୍ଷ୍ମ ପାର୍ଥକ୍ୟକୁ ରେଖାଙ୍କିତ କରିଛନ୍ତି। ଜଷ୍ଟିସ୍ ନାଗରତ୍ନା କହିଛନ୍ତି ଯେ, କେବଳ ଏକ 'ଲିଭ୍-ଇନ୍' ସମ୍ପର୍କରୁ ଓହରି ଆସିବା କୌଣସି ଅପରାଧ ଶ୍ରେଣୀଭୁକ୍ତ ନୁହେଁ। ଯେତେବେଳେ ଦୁଇଜଣ ବୟସ୍କ ବ୍ୟକ୍ତି ନିଜ ଇଚ୍ଛାରେ ଏକାଠି ରହନ୍ତି ଏବଂ ସନ୍ତାନ ଜନ୍ମ କରନ୍ତି, ପରବର୍ତ୍ତୀ ସମୟରେ ସମ୍ପର୍କରେ ତିକ୍ତତା ଆସିଲେ ତାହାକୁ ବଳାତ୍କାରର ରୂପ ଦେବା କେତେଦୂର ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ଅଭିଯୁକ୍ତ ଜଣକ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ମହିଳାଙ୍କ ସହ ସମ୍ପର୍କ ରଖିଥିଲେ। ଅଭିଯୁକ୍ତ ପୂର୍ବରୁ ବିବାହିତ ଥିବା କଥା ମହିଳାଙ୍କୁ ଜଣା ନଥିଲା। ଏହା ଉପରେ କୋର୍ଟ କହିଛନ୍ତି ଯେ, ବିବାହ ପୂର୍ବରୁ ସନ୍ତାନ ଜନ୍ମ କରିବା ଭଳି ନିଷ୍ପତ୍ତି ମଧ୍ୟରେ ଅନେକ ବିପଦ ନିହିତ ଥାଏ, ଯାହା ସାଧାରଣତଃ ସମ୍ପର୍କର ବିଚ୍ଛେଦ ପରେ ଜଟିଳ ରୂପ ଧାରଣ କରେ। ଅଦାଲତ ସ୍ପଷ୍ଟ କରିଛନ୍ତି ଯେ, ଯଦିଓ ସମ୍ପର୍କଟି ଅସାମାଜିକ ବା 'ଇଲ୍-ଲେଜିଟିମେଟ୍' ହୋଇଥାଏ, ତଥାପି ସେଥିରୁ ଜନ୍ମିତ ସନ୍ତାନ କଦାପି ଅବୈଧ ନୁହେଁ।

## ବଲିଉଡ ବରିଷ୍ଠ ଅଭିନେତା ଭରତ କପୁରଙ୍କ ପରଲୋକ

ମୁମ୍ବାଇ, ୨୭।୪(ଏଜେନ୍ସି): ହିନ୍ଦୀ ସିନେମା ଏବଂ ଟେଲିଭିଜନ ଜଗତର ଜଣେ ପ୍ରତିଷ୍ଠିତ ବରିଷ୍ଠ ଅଭିନେତା ଭରତ କପୁରଙ୍କର ସୋମବାର ୮୦ ବର୍ଷ ବୟସରେ ପରଲୋକ ହୋଇଯାଇଛି। ହୃଦଘାତ ଯୋଗୁଁ ମୁମ୍ବାଇର ସିୟନ ହସ୍ପିଟାଲରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଗତ ତିନି ଦିନ ଧରି ସେ ଅସୁସ୍ଥ ରହିଥିଲେ। ହସ୍ପିଟାଲ ନିକଟସ୍ଥ ଏକ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅଭିନୟ ଜଗତରେ ପ୍ରାୟ ୪୦ ବର୍ଷ ଧରି ସକ୍ରିୟ ରହିଥିବା ଭରତ କପୁର ୧୯୭୨ରୁ ନିଜ ଅଭିନୟ ଜୀବନ ଆରମ୍ଭ କରିଥିଲେ। ତାଙ୍କର କିଛି ପ୍ରସିଦ୍ଧ ଚଳଚ୍ଚିତ୍ର ମଧ୍ୟରେ ନୁରୀ, ରାମ ବଲରାମ, ଲଭ୍ ଷ୍ଟୋରୀ, ବଜାର, ଗୁଲାମି, ଆଖ୍ରି ରାସ୍ତା, ସତ୍ୟମେବ ଜୟତେ, ସ୍ୱର୍ଗ, ଖୁଦା ଗୱାହ ଏବଂ ରଙ୍ଗ ଅନ୍ୟତମ। ପରବର୍ତ୍ତୀ ସମୟରେ ସେ ବରସାତ ଏବଂ ସାଜନ ଚଲେ ସସୁରାଲ ଭଳି ଫିଲ୍ମରେ ମଧ୍ୟ କାର୍ଯ୍ୟ କରିଥିଲେ। ଛୋଟ ପରଦାରେ ମଧ୍ୟ ସେ ବେଶ୍ ଜଣାଶୁଣା ଚେହେରା ଥିଲେ।

## ରଥଖଳାରୁ...

# ୪୨ ତୁମ୍ବରେ ହେବ ୧,୩୪୪ ବିନ୍ଧ




ପୁରୀ,୨୭।୪(ସମିସ): ଆସନ୍ତା ଜୁଲାଇ ୧୬ ତାରିଖରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ରଥଖଳାରେ ତିନିରଥ ତିଆରି ହେଉଛି। ପ୍ରାଥମିକ ଭାବେ ତୁମ୍ବ ତିଆରି ଚାଲିଥିବା ବେଳେ ଏଥିରେ ବିନ୍ଧ କରାଯାଉଛି। ଗୋଟିଏ ତୁମ୍ବରେ ୧୬ ଯୋଡ଼ା ଅର୍ଥାତ୍ ୩୨ଟି ବିନ୍ଧ ହେଉଛି। ତିନିରଥର ୪୨ଟି (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦର୍ପଦଳନ ୧୨) ଯାକ ତୁମ୍ବରେ ୧,୩୪୪ଟି ବିନ୍ଧ କରାଯିବ। ମହାରଣା ସେବକମାନେ ଏହି ବିନ୍ଧ କାର୍ଯ୍ୟରେ ଲାଗିଛନ୍ତି। ରବିବାର ସୁଦ୍ଧା ତିନିରଥର ୫୦ ଭାଗ ତୁମ୍ବରେ ବିନ୍ଧ କାର୍ଯ୍ୟ ସରିଥିଲା। ସୋମବାର ସପ୍ତମ ଦିନ କାମ ସରିବା ବେଳକୁ ତିନିରଥର ମୋଟ ୪୨ଟି ତୁମ୍ବର ବିନ୍ଧ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ତୁମ୍ବ ବିନ୍ଧଗୁଡ଼ିକର ସଂଶୋଧନ କାର୍ଯ୍ୟ ସହ ତୁମ୍ବ ବିନ୍ଧରେ ଅର କଣ୍ଟା ବସିବା ପାଇଁ ଅଗର ବିନ୍ଧ କରାଯିବ ମୁଖ୍ୟ ମହାରଣାମାନେ ସୂଚନା ଦେଇଛନ୍ତି। ଏଥିସହ ସୋମବାର କରତୀ ମହାରଣା ସେବକମାନେ ଆଉ ୪ଟି ତୁମ୍ବର ଘେରକଟା କାର୍ଯ୍ୟ ଶେଷ କରିଛନ୍ତି। ହେସିପରି ଦୋଳବେଦୀ ଅସ୍ଥାୟୀ କମାରଶାଳରେ ତିନିରଥର କମାର ସେବକମାନେ ଅରକଣ୍ଟା ପ୍ରସ୍ତୁତି ସହ ତୁମ୍ବ ଅଖ ବିନ୍ଧରେ ବସିବା ପାଇଁ 'ପନ୍ଧାରି ବଳା' ନିର୍ମାଣ ଜାରି ରଖିଛନ୍ତି। ସୋମବାର କାମ ଶେଷ ବେଳକୁ କମାର ସେବକମାନେ ୩ଟି ଲେଖାଏ ଚକ ପାଇଁ ଆବଶ୍ୟକ ପନ୍ଧାରି ବଳା ନିର୍ମାଣ ସହ ଦୁଇଟି ଲେଖାଏଁ ଚକର ଅର କଣ୍ଟା ପ୍ରସ୍ତୁତ କରିଛନ୍ତି। ବାକି ଚକଗୁଡ଼ିକର ଅରକଣ୍ଟା ନିର୍ମାଣ ପାଇଁ ଆବଶ୍ୟକ ପ୍ରକାରେ ଜିଆଇ ଲୁହାରଡ୍ ମାପ ପ୍ରକାରେ କାଟି ସାଇତିଛନ୍ତି।

# ଦିନକରେ ଦୁର୍ଘଟଣା ନେଲା ୫ ଜୀବନ











## ■ ସ୍କର୍ପିଓ ଧକ୍କାରେ ଦମ୍ପତି ମୃତ
## ■ ବସ୍-କାର୍ ଧକ୍କାରେ ୩ ମୃତ

ବାରିପଦା/କରଞ୍ଜିଆ/ଜେନାପୁର, ୨୭।୪(ସମିସ): ଦିନକରେ ଦୁର୍ଘଟଣା ନେଲା ୫ ଜୀବନ। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଉପକଣ୍ଠ ଅଞ୍ଚଳରେ ସୋମବାର ପୂର୍ବାହ୍ନରେ ୨ଟି ପୃଥକ୍ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫ଜଣ ଗୁରୁତର ଆହତ ହୋଇଛନ୍ତି। ୨୨୦ ନମ୍ବର ଜାତୀୟ ରାଜପଥରେ ଏକ ସ୍କର୍ପିଓ ଧକ୍କାରେ ସ୍କୁଟିରେ ବସିଥିବା ଦମ୍ପତିଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍କର୍ପିଓରେ ଥିବା ୫ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ଦମ୍ପତି ହେଲେ, ସ୍ଥାନୀୟ ଅଞ୍ଚଳର ଶଙ୍କର ନାୟକ ଓ ତାଙ୍କ ସ୍ତ୍ରୀ କବିତା ନାୟକ।

ଏହି ଘଟଣାକୁ ଘଣ୍ଟାଏ ନ ପୂରୁଣୁ, ୫୩ନମ୍ବର ଜାତୀୟ ରାଜପଥରେ ଏକ ବସ୍ ଓ କାର୍ ମୁହାଁମୁହିଁ ଧକ୍କା ହେବାରୁ ୩ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତ ତିନିଜଣଙ୍କ ମଧ୍ୟରୁ ଦୁଇଜଣ ଜେନାପୁର ଥାନା ମଧୁପୁରଗଡ଼ ପଞ୍ଚାୟତ ଭୁବନପୁର ଗ୍ରାମର ସଞ୍ଜୟ କୁମାର ବଳ(୫୬) ଓ ପ୍ରକାଶ କୁମାର ବଳସାମନ୍ତ (୫୪)। ଅନ୍ୟ ଜଣେ ସେହି ପଞ୍ଚାୟତର କୁକୁଡ଼ା ଖାଳେଇ ଗାଁର ନୀଳମଣି ସାହୁ (୬୫) ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ଝାଡ଼ଖଣ୍ଡରୁ ୫ଜଣ ଶ୍ରଦ୍ଧାଳୁ ଏକ ସ୍କର୍ପିଓରେ ଘଟଗାଁ ମା' ତାରିଣୀଙ୍କ ଦର୍ଶନ ପାଇଁ ଆସୁଥିଲେ। କରଞ୍ଜିଆ ଥାନା ଅଧୀନ ୨୨୦ ନମ୍ବର ଜାତୀୟ ରାଜପଥର ବାଉନଶୋଳ ନିକଟସ୍ଥ ଗ୍ରୀଡ୍‌କୋ ସମ୍ମୁଖରେ ଉକ୍ତ ସ୍କର୍ପିଓଟି ଏକ ସ୍କୁଟିକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଏଥିରେ ସ୍କୁଟିରେ ବସିଥିବା ଦମ୍ପତି ଶଙ୍କର ଓ କବିତାଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁହେଁ କରଞ୍ଜିଆ ଡାକ୍ତରଖାନାରୁ ଘରକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଅପରପକ୍ଷେ, ଏହି ଦୁର୍ଘଟଣାରେ ସ୍କର୍ପିଓରେ ବସିଥିବା ୫ଜଣ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାରେ ଗାଡ଼ି ଦୁଇଟି ଭାଙ୍ଗି ଚୂରମାର୍ ହୋଇଯାଇଥିଲା।

ଏହି ଦୁର୍ଘଟଣାକୁ ଏକ ଘଣ୍ଟା ନ ବିତୁଣୁ, କରଞ୍ଜିଆ-ଠାକୁରମୁଣ୍ଡାକୁ ସଂଯୋଗ କରୁଥିବା ୫୩ନଂ ଜାତୀୟ ରାଜପଥ କାଦଡିହା ନିକଟରେ ଏକ ଘରୋଇ ବସ୍ ସହ ଏକ ବ୍ରିଜା କାର୍ ମୁହାଁମୁହିଁ ଧକ୍କା ହୋଇଥିଲା। କାର୍‌ଟି ଯାଜପୁର ଜିଲ୍ଲା ଧର୍ମଶାଳାରୁ ରାଇରଙ୍ଗପୁର ଅଭିମୁଖେ ଯାଉଥିବା ବେଳେ ବସ୍‌ଟି କରଞ୍ଜିଆରୁ ଉଦଳାକୁ ଆସୁଥିଲା। ଦୁର୍ଘଟଣାରେ କାର୍‌ରେ ଥିବା ୩ଜଣଙ୍କ ମଧ୍ୟରୁ ୨ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଥିଲା। ଘଟଣାସ୍ଥଳରେ କରଞ୍ଜିଆ ଏସ୍‌ଡିପିଓ ନବକୃଷ୍ଣ ନାଏକ ସହ ପୁଲିସ ଦଳ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏହି ଦୁଇଟି ଘଟଣାକୁ ନେଇ କରଞ୍ଜିଆ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତେବେ ଦ୍ରୁତଗତି, ବେପରୁଆ ଗାଡ଼ି ଚାଳନା ଓ ଅସାବଧାନତାରୁ ଏଭଳି ଘଟଣାକୁ ରୋକିବା ପାଇଁ ଆଞ୍ଚଳିକ ସଡ଼କ ପରିବହନ ବିଭାଗ ଓ ପୁଲିସ ପକ୍ଷରୁ ସଡ଼କ ସୁରକ୍ଷା ନିୟମକୁ କଡ଼ାକଡ଼ି ପାଳନ ପୂର୍ବକ ପଦକ୍ଷେପ ଜରୁରୀ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

## କାମ କରୁଥିବା ବେଳେ ମୁଣ୍ଡ ବୁଲାଇଦେଲା

# ଚିତ୍ରୋତ୍ପଳାରେ ବୁଡ଼ି ଶ୍ରମିକ ନିଖୋଜ

ନିଶ୍ଚିନ୍ତକୋଇଲି, ୨୭।୪ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ୍ ଅଧୀନ ଚିତ୍ରୋତ୍ପଳା ନଦୀରେ ନିର୍ମାଣାଧୀନ କୁଳିଆ-ଜନାର୍ଦ୍ଦନପୁର ସେତୁ ନିକଟରେ ସୋମବାର ଏକ ଦୁଃଖଦ ଅଘଟଣ ଘଟିଛି। ସେତୁ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଜଣେ ଯୁବକ ନଦୀକୁ ଖସି ପଡ଼ି ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକଜଣଙ୍କ ହେଲେ, ମାହାଙ୍ଗା ଥାନା ଆଲନଟା ଗ୍ରାମର ଶ୍ରମିକ ଗଣେଶ୍ୱର ପ୍ରଧାନ ଓରଫ୍ ବାପି। ଆଜି ମଧ୍ୟାହ୍ନ ପ୍ରାୟ ୧୨ଟାରେ

## ଦୁର୍ଘଟଣା ପରେ କମ୍ପାନୀ କର୍ମଚାରୀ ଫେରାର



ସେ ଏକ ପିଲର୍ ଉପରେ ଚଢ଼ି କାମ କରୁଥିବା ବେଳେ ପ୍ରବଳ ଖରାରେ ମୁଣ୍ଡ ବୁଲାଇ ଦେବାରୁ ସେ ସନ୍ତୁଳନ ହରାଇ ନଦୀରେ ପଡ଼ିଯାଇଥିଲେ।

ଖବର ପାଇ ସାଲେପୁର ଓ ନିଶ୍ଚିନ୍ତକୋଇଲି ଦମକଳବାହିନୀ ଖୋଜାଖୋଜି କରିଥିଲେ ହେଁ ଶ୍ରମିକଙ୍କ ପତ୍ତା ମିଳି ନଥିଲା। ପରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଓଡ୍ରାଫ୍ ଦଳକୁ ଡକାଇ ରାତିରେ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଅଘଟଣ ପରେ ନାରାୟଣୀ ଦାସ କନଷ୍ଟ୍ରକସନ କମ୍ପାନୀର କର୍ମଚାରୀମାନେ ଅଫିସରେ ତାଲା ପକାଇ ଫେରାର୍ ହୋଇଯାଇଥିବା ବେଳେ କମ୍ପାନୀର ଶ୍ରମିକ ସୁରକ୍ଷା ବ୍ୟବସ୍ଥାକୁ ନେଇ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରମିକମାନଙ୍କ ପାଇଁ ସେଫ୍ଟି-ବେଲ୍ଟ, ଲାଇଫ୍ ଜ୍ୟାକେଟ୍ କିମ୍ବା ଅନ୍ୟ କୌଣସି ସୁରକ୍ଷା ଉପକରଣ ନ ଥିବା ଏବଂ ସରକାରଙ୍କ ଗ୍ରୀଷ୍ମକାଳୀନ କଟକଣା ସତ୍ତ୍ୱେ ମଧ୍ୟାହ୍ନ ପର୍ଯ୍ୟନ୍ତ କାମ କରାଯାଉଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏହି ଘଟଣାର ବିଧିବଦ୍ଧ ତଦନ୍ତ ସହ ପୀଡ଼ିତ ପରିବାରକୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ୩୦ରେ ଇଗ୍ନୋର ପ୍ଲେସ୍‌ମେଣ୍ଟ ଡ୍ରାଇଭ୍

ଭୁବନେଶ୍ୱର,୨୭।୪(ସମିସ): ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ପକ୍ଷରୁ ଆସନ୍ତା ୩୦ ତାରିଖରେ ଭୁବନେଶ୍ୱର ଏବଂ ରାଇରଙ୍ଗପୁର ଆଞ୍ଚଳିକ କେନ୍ଦ୍ରରେ ନିଯୁକ୍ତି ଅଭିଯାନ (ପ୍ଲେସ୍‌ମେଣ୍ଟ ଡ୍ରାଇଭ୍) ଅନୁଷ୍ଠିତ ହେବ। ଟ୍ରେନ୍‌ଗୁରୁ ଏଜୁକେୟାର ପ୍ରାଇଭେଟ୍ ଲିମିଟେଡ୍ ସହଯୋଗରେ ହେଉଥିବା ଏହି କାର୍ଯ୍ୟକ୍ରମ ସକାଳ ସାଢ଼େ ୯ଟାରୁ ଆରମ୍ଭ ହେବ। ମୋଡିନ୍ ଥର୍ମାଲ୍ ପ୍ରାଇଭେଟ୍ ଲିମିଟେଡ୍ ପ୍ରାର୍ଥୀ ଚୟନ କରି ପ୍ଲେସ୍‌ମେଣ୍ଟ ପ୍ରଦାନ କରିବ। ଏହା ଥର୍ମାଲ୍ ପରିଚାଳନା ସମାଧାନରେ ଏକ ଅଗ୍ରଣୀ ବିଶ୍ୱସ୍ତରୀୟ ସଂସ୍ଥା। ବିଭିନ୍ନ ଦେଶରେ ଏହାର ଶାଖା ରହିଥିବାବେଳେ କମ୍ପାନୀ ଅଟୋମୋଟିଭ୍, ଶିଳ୍ପ ଏବଂ ବାଣିଜ୍ୟିକ ପ୍ରୟୋଗରେ ବ୍ୟବହୃତ ଅଭିନବ ଗରମ ଏବଂ କୁଲିଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛି। ଇଗ୍ନୋ ଭୁବନେଶ୍ୱରର ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଏମ୍ କେ ଦାଶ କହିଛନ୍ତି ଯେ ଶିକ୍ଷାର୍ଥୀମାନଙ୍କୁ ବୃତ୍ତିଗତ ଯାତ୍ରାର ଆରମ୍ଭରେ ଶିଳ୍ପ ସମ୍ପର୍କ ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରିବା କ୍ୟାମ୍ପସ୍ ଡ୍ରାଇଭର ପ୍ରାଥମିକ ଲକ୍ଷ୍ୟ। ସମସ୍ତ ଆଗ୍ରହୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସୁଯୋଗର ସଦୁପଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି।

# 'ଅନଧିକୃତ ଅନୁପସ୍ଥିତି ପାଇଁ ଚାକିରିରୁ ବିଦା କରିବା କଠୋର ଦଣ୍ଡ ନୁହେଁ; ବରଂ ପ୍ରାସଙ୍ଗିକ କାର୍ଯ୍ୟାନୁଷ୍ଠାନ'

କଟକ,୨୭।୪(ସମିସ): ଅନଧିକୃତ ଅନୁପସ୍ଥିତି ପାଇଁ କର୍ମଚାରୀଙ୍କୁ ଚାକିରିରୁ ବାହାର କରିବା ଏକ କଠୋର୍ ଦଣ୍ଡ ନୁହେଁ, ବରଂ ଏହା ଏକ ପ୍ରାସଙ୍ଗିକ କାର୍ଯ୍ୟାନୁଷ୍ଠାନ। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ବଦଳି ହେଉଛି ଚାକିରିର ଏକ ସ୍ୱାଭାବିକ ପ୍ରକ୍ରିୟା। ନିଜ ପସନ୍ଦର ସ୍ଥାନରେ ସବୁ ଦିନ ରହିପାରିବା ନେଇ କୌଣସି କର୍ମଚାରୀଙ୍କର ଆଇନଗତ ଅଧିକାର ନାହିଁ ବୋଲି କହିଛନ୍ତି ହାଇକୋର୍ଟ। ଖଲିଲ ଜିବ୍ରାନଙ୍କ ଉଦ୍ଧୃତି ଦେଇ ହାଇକୋର୍ଟ କହିଛନ୍ତି ଯେ 'କାର୍ଯ୍ୟ ମାଧ୍ୟମରେ ଜୀବନକୁ ଭଲ ପାଇବା ହେଉଛି ଜୀବନର ସବୁଠାରୁ ଗଭୀର ରହସ୍ୟ।' ଏଣୁ, କର୍ତ୍ତବ୍ୟକୁ ଅବହେଳା କରିବା ଗ୍ରହଣୀୟ ନୁହେଁ। ଏକ ବ୍ୟାଙ୍କର ଜଣେ ମହିଳା ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରାଯିବା ନିଷ୍ପତ୍ତିକୁ କାଏମ ରଖି ଜଷ୍ଟିସ୍ ଦୀକ୍ଷିତ କୃଷ୍ଣା ଶ୍ରୀପଦ ଓ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ରାୟ ପ୍ରକାଶ କରିଛନ୍ତି। ଜଣିକିଆ ବିଚାରପତିଙ୍କ ଆଦେଶକୁ କାଏମ ରଖିବା ସହ ଆବେଦନକୁ ଖାରଜ କରିଦେଇଛନ୍ତି ଖଣ୍ଡପୀଠ।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ୨୦୧୧ ମସିହାରେ ଏକ ବ୍ୟାଙ୍କରେ ଯୋଗ ଦେଇଥିଲେ ଏବଂ ଭୁବନେଶ୍ୱରରେ କାର୍ଯ୍ୟ କରୁଥିଲେ। ୨୦୧୯ ମସିହାରେ ତାଙ୍କୁ ଗୁଜରାଟର ଗୋଧ୍ରା ଅଞ୍ଚଳକୁ ବଦଳି କରାଯାଇଥିଲା, କିନ୍ତୁ ସେ ସେଠାରେ ଯୋଗନଦେଇ ଦୀର୍ଘଦିନ ଧରି ଅନଧିକୃତ ଭାବେ ଅନୁପସ୍ଥିତ ରହିଥିଲେ। ଏହି କାରଣରୁ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ଚାକିରିରୁ ବାହାର କରିଦେଇଥିଲେ। ଏହାକୁ ସେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଣିକିଆ ବିଚାରପତି ମଧ୍ୟ ତାଙ୍କ ବହିଷ୍କାର ଆଦେଶକୁ

## ବ୍ୟାଙ୍କ ଅଧିକାରୀଙ୍କ ବହିଷ୍କାର ଆଦେଶକୁ କାଏମ ରଖିଲେ ହାଇକୋର୍ଟ

କାଏମ ରଖିବାରୁ ସେ ଏହା ବିରୋଧରେ ଦୁଇଜଣିଆ ଖଣ୍ଡପୀଠରେ ନିବେଦନ କରିଥିଲେ। ଆବେଦନକାରୀ ନିଜ ବୃଦ୍ଧ ପିତାମାତାଙ୍କ ସେବା କରିବା ପାଇଁ ବଦଳି ହୋଇ ଯାଇପାରିବେ ନାହିଁ ବୋଲି ଯୁକ୍ତି ଦର୍ଶାଇଥିଲେ। କିନ୍ତୁ, କୋର୍ଟ ଜାଣିବାକୁ ପାଇଲେ ଯେ ତାଙ୍କର ଜଣେ ଡାକ୍ତର ଭାଇ ଏବଂ ବିବାହିତା ଭଉଣୀ ଅଛନ୍ତି, ଯାହା ସେ ପୂର୍ବରୁ କୋର୍ଟଙ୍କୁ ଜଣାଇନଥିଲେ। ଏଣୁ, ହାଇକୋର୍ଟ କହିଛନ୍ତି ଯେ 'ଯିଏ ସ୍ୱଚ୍ଛ ହୃଦୟ ଓ ସ୍ୱଚ୍ଛ ମନରେ କୋର୍ଟକୁ ଆସେ ନାହିଁ, ସେ ରିଟ୍ ଆବେଦନ କରିବାକୁ ଯୋଗ୍ୟ ନୁହନ୍ତି।' ସେହିଭଳି ବ୍ୟାଙ୍କ ପରି ଏକ ସର୍ବଭାରତୀୟ ସେବା କ୍ଷେତ୍ରରେ ବଦଳି ଆଦେଶ ଅବମାନନା କଲେ ବହୁ ଅସୁବିଧା ସୃଷ୍ଟି ହୋଇଥାଏ ବୋଲି ଅଦାଲତ ପ୍ରକାଶିତ ରାୟରେ ଉଲ୍ଲେଖ କରିଛନ୍ତି।

## ସୋମବାର ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୩୮.୩ | ୨୭.୦ |
| ଚାନ୍ଦବାଲି | ୩୭.୮ | ୨୮.୧ |
| କଟକ | ୩୬.୮ | ୨୫.୪ |
| ପାରାଦୀପ | ୩୨.୦ | ୨୭.୬ |
| ଭୁବନେଶ୍ୱର | ୩୬.୫ | ୨୭.୬ |
| ଗୋପାଳପୁର | ୩୧.୪ | ୨୬.୫ |
| ପୁରୀ | ୩୨.୪ | ୨୮.୦ |
| ଅନୁଗୁଳ | ୪୨.୩ | ୨୬.୬ |
| ବାରିପଦା | ୩୯.୫ | ୨୫.୦ |
| ଝାରସୁଗୁଡ଼ା | ୪୪.୭ | ୨୭.୦ |
| କେନ୍ଦୁଝରଗଡ଼ | ୩୯.୨ | ୨୪.୪ |
| ସମ୍ବଲପୁର | ୪୩.୨ | ୨୯.୦ |
| ସୁନ୍ଦରଗଡ଼ | ୪୩.୦ | ୨୮.୫ |
| ହୀରାକୁଦ | ୪୩.୦ | ୨୮.୮ |
| ତାଳଚେର | ୪୨.୬ | ୨୬.୦ |
| ଭବାନୀପାଟଣା | ୪୨.୨ | ୨୭.୮ |
| ବଲାଙ୍ଗୀର | ୪୩.୩ | ୨୭.୩ |
| କୋରାପୁଟ | ୩୭.୫ | - |
| ଫୁଲବାଣୀ | ୩୯.୭ | ୨୪.୨ |
| ଟିଟିଲାଗଡ଼ | ୪୩.୦ | ୩୦.୦ |
| ମାଲକାନଗିରି | ୩୯.୬ | ୨୬.୨ |
| ସୋନପୁର | ୪୨.୮ | ୨୯.୦ |
| ଦାରିଙ୍ଗବାଡ଼ି | ୩୮.୦ | ୨୪.୦ |
| ନୟାଗଡ଼ | ୪୧.୨ | ୨୯.୦ |
| ବୌଦ୍ଧ | ୪୩.୫ | ୨୩.୮ |
| ଛତ୍ରପୁର | ୩୨.୪ | ୨୬.୨ |
| ପାରାଳାଖେମୁଣ୍ଡି | ୩୯.୮ | ୨୫.୦ |
| ରାୟଗଡ଼ା | ୩୭.୦ | ୨୩.୬ |
| ଭଦ୍ରକ | ୩୮.୦ | ୨୬.୪ |
| ଯାଜପୁର | ୩୮.୦ | ୨୬.୦ |
| ଢେଙ୍କାନାଳ | ୩୯.୬ | ୨୩.୬ |
| ବରଗଡ଼ | ୪୩.୯ | ୨୪.୮ |
| ଦେଓଗଡ଼ | ୩୯.୮ | ୨୪.୪ |
| ନୂଆପଡ଼ା | ୪୩.୨ | ୨୬.୫ |
| ନବରଙ୍ଗପୁର | ୩୯.୪ | ୨୪.୫ |
| ଖୋର୍ଦ୍ଧା | ୩୮.୦ | ୨୫.୫ |
| ଜଗତସିଂହପୁର | ୩୫.୦ | ୨୩.୦ |
| କେନ୍ଦ୍ରାପଡ଼ା | ୩୬.୮ | ୨୩.୪ |
| ରାଉରକେଲା | ୪୩.୦ | ୨୯.୬ |

# ଅଭିଭାବକ ଶିକ୍ଷକ ବୈଠକ ସ୍ଥଗିତ

ଭୁବନେଶ୍ୱର,୨୭।୪(ସମିସ): ଆସନ୍ତା ୩୦ ତାରିଖରେ ବିଦ୍ୟାଳୟରେ ହେବାକୁ ଥିବା ଚଳିତ ବର୍ଷର ପ୍ରଥମ ଅଭିଭାବକ ଶିକ୍ଷକ ବୈଠକ (ପିଏମ୍‌ଟି) ଏବଂ ବିଦ୍ୟାଳୟ ପରିଚାଳନା କମିଟି ବୈଠକକୁ ସ୍ଥଗିତ ରଖାଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଦୃଷ୍ଟିରୁ ବିଦ୍ୟାଳୟଗୁଡ଼ିକୁ ଆଗୁଆ ଖରାଛୁଟି ଘୋଷଣା କରାଯାଇଥିବାରୁ ବୈଠକକୁ ବାତିଲ କରାଯାଇଛି। ପରବର୍ତ୍ତୀ ସମୟରେ ବୈଠକର ତାରିଖକୁ ନେଇ ଅବଗତ କରାଯିବ ବୋଲି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସମସ୍ତ ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ଅବଗତ କରାଯାଇଛି।

# ୩ ଦିନିଆ କେନ୍ଦୁଝର ଗସ୍ତରେ ମୁଖ୍ୟମନ୍ତ୍ରୀ

## ଏକାଧିକ ପ୍ରକଳ୍ପର କରିବେ ଶିଳାନ୍ୟାସ, ଉଦ୍‌ଘାଟନ

ଭୁବନେଶ୍ୱର,୨୭।୪(ସମିସ): ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ ଦିନିଆ କେନ୍ଦୁଝର ଗସ୍ତରେ ଯାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ସକାଳେ ମୁଖ୍ୟମନ୍ତ୍ରୀ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ବାର୍ଷିକୀ ଉପଲକ୍ଷେ ତାଙ୍କର ଏକ ପ୍ରତିମୂର୍ତ୍ତି କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଅନାବରଣ କରିବେ। ଏହାପରେ ଉଚ୍ଚାବାଲି ହାଟ ପଡ଼ିଆଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୪୦୦/୨୨୦ କେଭିର ଏକ ବିଦ୍ୟୁତ୍ ଗ୍ରିଡ ସବଷ୍ଟେସନର ଉଦଘାଟନ କରିବେ। ପୁରୁଷୋତ୍ତମପୁର ସ୍ଥିତ ବିଏନକେ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମଧ୍ୟ ମୁଖ୍ୟମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ୨୯ ତାରିଖରେ ମୁଖ୍ୟମନ୍ତ୍ରୀ ଧରଣୀଧର ବିଶ୍ୱବିଦ୍ୟାଳୟରେ ଏକାଧିକ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିବେ। ଏହାସହ କ୍ରୁଟ ଦ୍ୱାରା ପରିଚାଳିତ ଆମ ବସ୍ ଡିପୋର ମଧ୍ୟ ମୁଖ୍ୟମନ୍ତ୍ରୀ ଉଦଘାଟନ କରିବେ ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଯିବା ପୂର୍ବରୁ ପଶ୍ଚିମବଙ୍ଗ ଯାଇ ସେଠାରେ ବିଜେପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ।

## ପ୍ରକାଶ ପାଇଲା ପରୀକ୍ଷା ସୂଚୀ

# ଆସନ୍ତା ୪ରୁ ଓଜେଇଇ

ଭୁବନେଶ୍ୱର,୨୭।୪(ସମିସ): ଆସନ୍ତା ୪ ତାରିଖରୁ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ-୨୦୨୬) ଅନୁଷ୍ଠିତ ହେବ। ଏଥିପାଇଁ ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ଦିନକୁ ତିନିଟି ସିଫ୍ଟରେ ପରୀକ୍ଷା ହେବ। ପ୍ରଥମ ସିଫ୍ଟ ସକାଳ ୯ରୁ ୧୧ଟା ପର୍ଯ୍ୟନ୍ତ ହେବାକୁ ଥିବାବେଳେ ଅପରାହ୍ଣ ୧ରୁ ୩ ଦ୍ୱିତୀୟ ସିଫ୍ଟ ଏବଂ ସାଢ଼େ ୪ରୁ ସାଢ଼େ ୬ଟା ଯାଏଁ ତୃତୀୟ ସିଫ୍ଟ ପରୀକ୍ଷା ହେବ। ୪ ତାରିଖ ଓ ୫ ତାରିଖ ପ୍ରଥମ ଦୁଇଟି ସିଫ୍ଟରେ ବିଏସ୍‌ସି ନର୍ସିଂ ପରୀକ୍ଷା ରହିଛି। ୫ ତାରିଖ ତୃତୀୟ ସିଫ୍ଟ ସମେତ ୬ ତାରିଖରେ ବି.ଫାର୍ମା, ୭ ତାରିଖରେ ଏମ୍‌ଏସ୍‌ସି ନର୍ସିଂ ଓ ଏମ୍‌ସିଏ, ୮ ତାରିଖରେ ଏଲ୍‌ଇ ଟେକ୍ ପରୀକ୍ଷା ଥିବାବେଳେ ୧୦ ତାରିଖରେ ପରୀକ୍ଷା ଶେଷ ହେବ। କମ୍ପ୍ୟୁଟର୍ ଆଧାରିତ ପରୀକ୍ଷା (ସିବିଟି) ମାଧ୍ୟମରେ ପରୀକ୍ଷା ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି।

# ଏସ୍‌ସିବିରେ ଶିଶୁ ବିକ୍ରି ରାକେଟ୍‌ର ଗନ୍ଧ!

## ୬ ବର୍ଷରେ ୧୪ ନବଜାତ ନିଖୋଜ / କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କ ତଦନ୍ତ ନିର୍ଦ୍ଦେଶ

କଟକ,୨୭।୪(ସମିସ): ଓଡ଼ିଶାର ସ୍ୱାସ୍ଥ୍ୟସେବାର ପେଣ୍ଠସ୍ଥଳ କୁହାଯାଉଥିବା କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରୁ ନବଜାତ ଶିଶୁ ନିଖୋଜ ହେବା ଭଳି ଏକ ଅତ୍ୟନ୍ତ ସମ୍ବେଦନଶୀଳ ତଥା ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଗତ ୬ ବର୍ଷ ମଧ୍ୟରେ ଏହି ପ୍ରତିଷ୍ଠିତ ମେଡିକାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଜନ୍ମିତ ଅନ୍ୟୂନ ୧୪ଜଣ ନବଜାତ ଶିଶୁଙ୍କ କୌଣସି ପତ୍ତା ମିଳୁନାହିଁ। ଏହି ଶିଶୁମାନେ ସମାଜର ସବୁଠାରୁ ଅବହେଳିତ, ଅସହାୟ ଏବଂ ମାନସିକ ଭିନ୍ନକ୍ଷମ ମହିଳାଙ୍କର ସନ୍ତାନ ବୋଲି ଜଣାପଡ଼ିଛି। ଜଣେ ସୂଚନା ଅଧିକାର କର୍ମୀଙ୍କ ଅଭିଯୋଗ ପରେ ଏହି ବଡ଼ଧରଣର ଅନିୟମିତତା ଲୋକଲୋଚନକୁ ଆସିଛି। କେନ୍ଦ୍ରାଞ୍ଚଳ ଆର୍‌ଡିସି ଏହାକୁ ଗୁରୁତ୍ୱର ସହ ନେଇ ଘଟଣାର ତଦନ୍ତ ଓ ଦୋଷୀଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ସିବି ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ରାସ୍ତାକଡ଼ରେ ବୁଲୁଥିବା ଅପରିଚିତ କିମ୍ବା ମାନସିକ ଅନଗ୍ରସର ମହିଳାମାନେ ଗର୍ଭବତୀ ଥିବା ବେଳେ ବିଭିନ୍ନ ସାମାଜିକ ସଂଗଠନ ବା ସ୍ୱେଚ୍ଛାସେବୀଙ୍କ ମାଧ୍ୟମରେ ଏସ୍‌ସିବିରେ ଭର୍ତ୍ତି ହୋଇଥାନ୍ତି। ମାତ୍ର ସେମାନେ ସନ୍ତାନ ପ୍ରସବ କରିବା ପରେ ନିୟମାନୁଯାୟୀ ସେହି ଶିଶୁମାନଙ୍କୁ ଜିଲ୍ଲା ଶିଶୁ

## ■ ଅସହାୟ ଓ ମାନସିକ ଅନଗ୍ରସର ମହିଳା ସନ୍ତାନଙ୍କ ମିଳୁନି ସନ୍ଧାନ
## ■ ନିୟମକୁ ଫୁଁ' କରି ବେସରକାରୀ ସଂସ୍ଥା ଓ ଅଜଣା ବ୍ୟକ୍ତିଙ୍କୁ ଶିଶୁ ହସ୍ତାନ୍ତର

ସୁରକ୍ଷା ବିଭାଗ କିମ୍ବା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିବା ପରିବର୍ତ୍ତେ ମେଡିକାଲ କର୍ତ୍ତୃପକ୍ଷ ନୀତି ନିୟମକୁ ଜଳାଞ୍ଜଳି ଦେଇ କିଛି ଅଜଣା ବ୍ୟକ୍ତି ବା ବେସରକାରୀ ସଂସ୍ଥାଙ୍କୁ ଟେକି ଦେଉଛନ୍ତି। ଏହି ମହିଳାମାନେ ମାନସିକସ୍ତରରେ ସୁସ୍ଥ ନ ଥିବାରୁ ସେମାନଙ୍କ ଶିଶୁଙ୍କ ଭବିଷ୍ୟତ କ'ଣ ହେଉଛି, ସେନେଇ ପ୍ରଶ୍ନ କରିବାକୁ କେହି ନାହାନ୍ତି।

ସୂଚନା ଅଧିକାର କର୍ମୀ ଆଣିଥିବା ଅଭିଯୋଗରେ ଦର୍ଶାଯାଇଛି ଯେ ଏହି ଶିଶୁମାନଙ୍କୁ ଯେଉଁମାନେ ମେଡିକାଲରୁ ନେଇ ଯାଉଛନ୍ତି, ସେମାନେ ଏକ ବଡ଼ ଧରଣର ଶିଶୁ ଚୋରା ଚାଲାଣ ରାକେଟ୍‌ର ଅଂଶବିଶେଷ ହୋଇଥାଇପାରନ୍ତି। ଏହି ନବଜାତକଙ୍କୁ ମୋଟା ଅଙ୍କର ଅର୍ଥ ବଦଳରେ ବିକ୍ରି କରି ଦିଆଯାଉଥିବା ନେଇ ସନ୍ଦେହ ପ୍ରକାଶ ପାଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଶିଶୁମାନଙ୍କ ଜନ୍ମ ପଞ୍ଜୀକରଣ ପାଇଁ ମଧ୍ୟ ଏସ୍‌ସିବି କର୍ତ୍ତୃପକ୍ଷ କଟକ ମହାନଗର ନିଗମକୁ କୌଣସି ତଥ୍ୟ ପଠାଉନାହାନ୍ତି, ଯାହାକି ଏକ ଗୁରୁତର ଅପରାଧ। ଏହି ଘଟଣା ଜଣାପଡ଼ିବା ପରେ କେନ୍ଦ୍ରାଞ୍ଚଳ ଆରଡିସି ଏହାକୁ ଗମ୍ଭୀରତାର ସହ ନେଇଛନ୍ତି। ସେ ଏସ୍‌ସିବି ଅଧୀକ୍ଷକଙ୍କୁ ଏହାର ଚିକିନିଖି ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତୁରନ୍ତ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି।

ଅନ୍ୟପଟେ, କଟକ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି କହିଛନ୍ତି ଯେ ଏହି ୧୪ଜଣ ଶିଶୁଙ୍କ ସମ୍ପର୍କରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ସମସ୍ତ ଦଲିଲ୍ ମଗାଯାଇଛି। କେଉଁ ମହିଳା କେବେ ଶିଶୁ ଜନ୍ମ କରିଥିଲେ, ଶିଶୁର ସ୍ୱାସ୍ଥ୍ୟ କିପରି ଥିଲା ଏବଂ କାହାକୁ ଓ କେଉଁ ଆଧାରରେ ହସ୍ତାନ୍ତର କରାଗଲା, ସେସବୁର ତଥ୍ୟ ମିଳିଲେ ହିଁ ପ୍ରକୃତ ସତ୍ୟାସତ୍ୟ ସାମ୍ନାକୁ ଆସିବ। ଏସ୍‌ସିବି ଭଳି ଏକ ସମ୍ମାନଜନକ ସରକାରୀ ଅନୁଷ୍ଠାନରେ ଏଭଳି କାର୍ଯ୍ୟକଳାପ ଚାଲିବା ସୁରକ୍ଷା ବ୍ୟବସ୍ଥା ଓ ନୈତିକତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ୧୪ ଜଣ ଶିଶୁ ନିଖୋଜ ହେବା ଅଭିଯୋଗ ସତ ହୁଏ, ତେବେ ଏହା ଓଡ଼ିଶାର ସ୍ୱାସ୍ଥ୍ୟ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

# ଏକାଠି ଝୁଲିପଡ଼ିଲେ ଶାଳୀ-ଭିଣୋଇ

ବାଲେଶ୍ୱର, ୨୭।୪ (ସମିସ): ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ଅନ୍ତର୍ଗତ ସାହଦା ଅଞ୍ଚଳରେ ଶାଳୀ-ଭିଣୋଇଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ, ସାହାଦା ଅଞ୍ଚଳର ରଘୁନାଥ ମାଝୀଙ୍କ ପୁଅ ରବି ମାଝୀ (୨୪) ଏବଂ ତାଙ୍କ ଶାଳୀ ତେନ୍ତୁଳିମୁଣ୍ଡି କଟିଆ ମୁର୍ମୁଙ୍କ ଝିଅ ମୁନି ମୁର୍ମୁ (୧୮)। ଖବର ପାଇ ଚାନ୍ଦିପୁର ପୁଲିସ ମେଡିକାଲରେ ପହଞ୍ଚି ଉଭୟଙ୍କ ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି।

ରବି ସଦର ବ୍ଲକ ଅର୍ନ୍ତଗତ ତେନ୍ତୁଳିମଣ୍ଡା ହର୍ଷପୁରା ଅଞ୍ଚଳରେ ବିବାହ କରିଥିଲେ। ତାଙ୍କର ଗୋଟିଏ ସନ୍ତାନ ମଧ୍ୟ ରହିଛି। ହେଲେ ରବିଙ୍କର ତାଙ୍କ ଶାଳୀ ମୁନି ସହ ପ୍ରେମ ସମ୍ପର୍କ ରହି ଆସିଥିଲା। ଉଭୟ ୧୫ ଦିନ ହେବ ଘରୁ କେଉଁଆଡ଼େ ପଳାଇ ଯାଇଥିଲେ। ଗତକାଲି ଏକାସାଙ୍ଗରେ ସେମାନେ ଘରକୁ ଫେରିଥିଲେ। ଘରେ ରାତିରେ ରବି ବେକରେ ଗାମୁଛା ଏବଂ ତାଙ୍କ ଶାଳୀ ବେକରେ ଆପ୍ରୋନ୍ ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ଆଜି ସକାଳେ ପରିବାରଲୋକେ ଦେଖି ଉଭୟଙ୍କୁ ତଳକୁ ଆଣିବା ସହ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି।

### କ୍ଷତିପୂରଣ ପ୍ରଦାନ ପ୍ରତିଶ୍ରୁତି ପାଳନ କରୁନାହାନ୍ତି ସରକାର

# ପ୍ରସ୍ତାବିତ ବିମାନବନ୍ଦରକୁ ତୀବ୍ର ବିରୋଧ

ପୁରୀ/ବ୍ରହ୍ମଗିରି,୨୭।୪(ସମିସ)



ପ୍ରତିଶ୍ରୁତି ପାଳନ କରୁନାହାନ୍ତି ସରକାର। ପ୍ରଭାବିତ ପରିବାର ଏବଂ ଗୋରୁଆଳ ପଞ୍ଚାୟତବାସୀଙ୍କୁ ଯେଉଁସବୁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ପାଳନ କରାଯାଉ ନ ଥିବାରୁ ପ୍ରସ୍ତାବିତ ପୁରୀ ବିମାନବନ୍ଦର ପାଇଁ ଅଡୁଆ ବଢୁଛି। ଏହାକୁ ବିରୋଧ ପାଇଁ ସଜବାଜ ହେଉଛନ୍ତି ପଞ୍ଚାୟତବାସୀ।

ପୁରୀ-ବ୍ରହ୍ମଗିରି ରାସ୍ତାର ଶିପସରୁବାଲି ମୌଜାରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଗ୍ରୀନ୍ ଫିଲ୍ଡ ଏୟାରପୋର୍ଟ ପାଇଁ ନୀତିଗତ (ଷ୍ଟେଜ୍-୧) ଜଙ୍ଗଲ ମଞ୍ଜୁରୀ ପ୍ରଦାନ ପରେ ଏବେ ପ୍ରତିଶ୍ରୁତି ଅନୁଯାୟୀ କ୍ଷତିପୂରଣ ମିଳି ନ ଥିବାରୁ ଗୋରୁଆଳ ପଞ୍ଚାୟତବାସୀ ଏକାଠି ହୋଇଛନ୍ତି। ସୋମବାର ଗୋରୁଆଳ ବାତ୍ୟା ଆଶ୍ରୟସ୍ଥଳୀରେ ସ୍ଥାନୀୟ ସରପଞ୍ଚ ନିରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ଶତାଧିକ ଗ୍ରାମବାସୀଙ୍କ ସହ ବିମାନ ବନ୍ଦର ଦ୍ୱାରା ପ୍ରଭାବିତ ଲୋକେ ଏଥିରେ ଯୋଗଦେଇଥିଲେ। ଜମି ଅଧିଗ୍ରହଣ, ପୁନର୍ବାସ ଓ ପୁନଃ ଥଇଥାନ କ୍ଷତିପୂରଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବିମାନବନ୍ଦର ପାଇଁ ମୋଟ୍ ୧୧୬୪.୭୫୪ ଏକର ଜମି ଅଧିଗ୍ରହଣ ହେବ। ସେଥିମଧ୍ୟରୁ ୨୨୧.୮୯୧ ଏକର ଘରୋଇ ଜମି ଅଧିଗ୍ରହଣ କରାଯିବ। ବାକି ୯୪୨.୮୬୩ ଏକର ସରକାରୀ ଜମି ରହିଛି। ଉଭୟ ଶିପସରୁବାଲି ଏବଂ ଷଣ୍ଢପୁର ମୌଜାରୁ ମୋଟ୍ ୧୨୯ ପରିବାର ବିସ୍ଥାପିତ ହେବେ। ଏଣୁ ବିସ୍ଥାପିତମାନଙ୍କୁ ଜମି ଅଧିଗ୍ରହଣ ଓ ପୁନର୍ବାସ ଆଇନ ଅନୁଯାୟୀ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ତାହା ମିଳିନାହିଁ। ସେହିପରି ଭୁବନେଶ୍ୱର ଏୟାରପୋର୍ଟ ପାଇଁ ୯୮୬ ଏକର ଜମି ନିଆଯାଇଥିବାବେଳେ ପୁରୀରେ ଏତେ ଜମିର ଆବଶ୍ୟକତା କ'ଣ ପାଇଁ ବୋଲି ପଞ୍ଚାୟତବାସୀ ପ୍ରଶ୍ନ କରିଛନ୍ତି। ପୁନର୍ବାସ ଓ ପୁନଃ ଥଇଥାନ ନୀତି ଧାରା ୧୫ ଅନୁଯାୟୀ ଜନଶୁଣାଣି ସମୟରେ ପ୍ରତି ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ କୁହାଯାଇଥିଲା। ଧାରା ୨୦ର ଅବଧି ମେ' ୨ରେ ସରିବାକୁ ଯାଉଥିଲେ ହେଁ ଏଯାବତ୍ ଘୋଷିତ କ୍ଷତିପୂରଣ ରାଶି ଦିଆଯାଇନାହିଁ। ଗୋରୁଆଳ ପଞ୍ଚାୟତର ୩୦ ପ୍ରତିଶତ ଯୁବକଯୁବତୀଙ୍କୁ ବିମାନବନ୍ଦରରେ ନିଯୁକ୍ତି, ପଞ୍ଚାୟତର ଉନ୍ନତି ପାଇଁ ଶିପସରୁବାଲି ମୌଜାରେ ୨ଏକର ଜମି ପ୍ରଦାନ, ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ଆଦି କରିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ। ସେହିସବୁ ପ୍ରତିଶ୍ରୁତି ଭୁଲିଯାଇଛନ୍ତି ରାଜ୍ୟ ସରକାର। ତେଣୁ ଏହି ପ୍ରକଳ୍ପକୁ ବିରୋଧ କରାଯିବ ବୋଲି କୃଷକ ନେତା ଭୀମସେନ ସ୍ୱାଇଁ, ହରିହର ସେନାପତି, ଆଇନଜୀବୀ ସୁକାନ୍ତ ପ୍ରଧାନ, ଗୋପାଳ ପ୍ରଧାନ, ଲକ୍ଷ୍ମୀଧର ଉପାଧ୍ୟାୟ ମତବ୍ୟକ୍ତ କରିଛନ୍ତି। ଆସନ୍ତା ୩୦ ତାରିଖରେ ବହୁ ସଂଖ୍ୟାରେ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବେ ବୋଲି ଗ୍ରାମସଭାରେ ନିଷ୍ପତ୍ତି ନିଆଯାଇଛି। ଏହା ପରେ ୭ ଦିନ ସମୟ ଦିଆଯିବ। ସେହି ସମୟ ମଧ୍ୟରେ ଜିଲ୍ଲା ପ୍ରଶାସନ କି ରାଜ୍ୟ ସରକାର ସେମାନଙ୍କ ଦାବି ନ ଶୁଣିଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ଗ୍ରାମସଭାର ନିଷ୍ପତ୍ତି ସମ୍ପର୍କରେ ତାଙ୍କୁ କୌଣସି ଦାବିପତ୍ର ଦିଆଯାଇନାହିଁ। ପୁନର୍ବାସ ଓ ପୁନଃ ଥଇଥାନ ପଲିସି ଅନୁଯାୟୀ ହିଁ କ୍ଷତିପୂରଣ ଦିଆଯିବ। ସେହିପରି ବିମାନବନ୍ଦର ପାଇଁ ଷ୍ଟେଜ ୧ରେ ରହିଥିବା ସର୍ତ୍ତ ପୂରଣ କରି ରିପୋର୍ଟ ପ୍ରଦାନ କରାଯିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ● ଫସଲ ବୀମା ପ୍ରଦାନରେ ଅନିୟମିତତା

## କିଏ ଦେବ ଫସଲ କ୍ଷୟକ୍ଷତି ରିପୋର୍ଟ; ବଢୁଛି ଅସନ୍ତୋଷ

ବଲଙ୍ଗା,୨୭।୪(ସମିସ): ଗତବର୍ଷ ଖରିଫ ଧାନ ଚାଷ ପାଇଁ ଚାଷୀମାନେ ଫସଲ ବୀମା କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଶସ୍ୟ ଅମଳ ସମୟରେ ତଦନ୍ତ ଆଧାରରେ ଉଚ୍ଛୁପୁର ପଞ୍ଚାୟତରେ କିଛି ଚାଷୀ ବୀମା ପାଇବା ପାଇଁ କୃଷି ବିଭାଗର ନିଃଶୁଳ୍କ ନମ୍ବରକୁ ଫୋନ୍ କରି ଜଣାଇଥିଲେ। କୃଷି ବିଭାଗ ମଧ୍ୟ କେତେ ପରିମାଣର କ୍ଷୟକ୍ଷତି ହୋଇଛି ଚାଷୀମାନଙ୍କ ବିଲରେ ବୁଲି ଅନୁଧ୍ୟାନ କରିବା ସହିତ ରିପୋର୍ଟ ପ୍ରସ୍ତୁତ କରି ନେଇଥିଲେ। ଏବେ ସହି ନିଃଶୁଳ୍କ ନମ୍ବର ୧୪୪୪୭କୁ ଚାଷୀମାନେ ଫୋନ୍ କଲେ ସେମାନେ କହୁଛନ୍ତି ଯେ, ଆପଣଙ୍କ ରିପୋର୍ଟ ଆମ ପାଖକୁ ଆସିନାହିଁ। କିନ୍ତୁ କୃଷି ବିଭାଗ ଦୀର୍ଘ ୩ ମାସ ବିତିଯାଇଥିଲେ ମଧ୍ୟ କ୍ଷୟକ୍ଷତି ରିପୋର୍ଟ କେଉଁ କାରଣ ପାଇଁ ବୀମା କମ୍ପାନୀକୁ ପ୍ରଦାନ କରିନାହାନ୍ତି ତାହା ଚାଷୀମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ଯାହାଫଳରେ କି ବୀମା ମିଳିବାରେ ବିଳମ୍ବ ହେଉଥିବା ଜଣାପଡ଼ିଛି। ୨୦୨୫ ଖରିଫ ଧାନ ଯାଇ ବର୍ତ୍ତମାନ ୨୦୨୬ ଖରିଫ ଧାନ ପାଇଁ ଚାଷୀ ବିହନ ପ୍ରସ୍ତୁତ କରିବାରେ ଲାଗିଲେଣି। କିନ୍ତୁ ବଡ଼ ଆଶ୍ଚର୍ଯ୍ୟ କଥା ଏହି ରିପୋର୍ଟ କିଏ ଦେବ ଏବଂ କେବେ ଦେବ ତାହା ପରିତାପର ବିଷୟ।

ଚଳିତ ଖରିଫ୍ ଧାନ ଚାଷରେ ଅଧିକାଂଶ ଚାଷୀ ଏହି ବୀମା ଅର୍ଥ ବିନିଯୋଗ କରି ଚାଷ କାର୍ଯ୍ୟ କରିବା ନିମନ୍ତେ ସମ୍ପୂର୍ଣ୍ଣ ଆଶା ରଖିଥିଲେ ମଧ୍ୟ ତାହା ସମ୍ଭବପର ହେଉ ନ ଥିବାରୁ ସେମାନେ ବ୍ୟସ୍ତ ବିବ୍ରତ ହୋଇ ପଡୁଥିବା ଜଣାପଡ଼ିଛି। ଆଉ କିଛି ଚାଷୀ ଧାର କରଜ କରି ଚାଷ କରିବାକୁ ବାଧ୍ୟ ହେଉଛନ୍ତି। ନିର୍ଦ୍ଧାରିତ ସମୟରେ ଏହି ବୀମା ଅର୍ଥ ନ ମିଳିବାରୁ ଚାଷୀମାନଙ୍କ ପୁଞ୍ଜିଭୂତ ଅସନ୍ତୋଷ ସହିତ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ନିମନ୍ତେ ମସୁଧା ଚାଲିଥିବା ସୂଚନା ମିଳିଛି। ଯଥାଶୀଘ୍ର ତଦନ୍ତ ପୂର୍ବକ ଜିଲ୍ଲାପାଳ ପଦକ୍ଷେପ ନେବାକୁ ଚିନ୍ମୟୀ ମିଶ୍ର, ବ୍ରଜ କିଶୋର ପତି, ମାନସ ରଞ୍ଜନ ଦାଶ ପ୍ରଭୃତି ଶତାଧିକ ଚାଷୀ ଦାବି କରିଛନ୍ତି। ଏ ରିପୋର୍ଟ ଆମେ ଇନ୍ସ୍ୟୁରାନ୍ସ କମ୍ପାନୀ ଦେବା କଥା ବୋଲି ବ୍ଲକ୍ ବୈଷୟିକ କୃଷି ଅଧିକାରୀ ଶ୍ରୀକାନ୍ତ ବଡ଼େଇ ପ୍ରକାଶ କରିଛନ୍ତି।

### ଘର ଉପରେ ପଡ଼ିଲା ୧୦୦ ବର୍ଷର ବିଶାଳ ଗଛ

## ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ




ବ୍ରହ୍ମଗିରି,୨୭।୪(ସମିସ): ସୋମବାର ସକାଳୁ ଘର ଉପରେ ପଡ଼ିଲା ଏକ ବିଶାଳକାୟ ଗଛ। ସୌଭାଗ୍ୟବଶତଃ ଅଳ୍ପକେ ବର୍ତ୍ତିଗଲେ ଦୁଇ ପରିବାରର ଲୋକେ। ଘଟଣାଟି ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ବେଣ୍ଟପୁର ପଞ୍ଚାୟତ କୁଶୁପୁର ଗ୍ରାମରେ ଘଟିଛି। ଉକ୍ତ ଦୁଇ ପରିବାରର ଘର ପାଖରେ ପ୍ରାୟ ୧୦୦ ବର୍ଷରୁ ଅଧିକ ହେବ ଏକ ତେନ୍ତୁଳି (କଇଁଆ) ଗଛ ଥିଲା ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ମେଘ, ପବନ କିଛି ହୋଇ ନ ଥିବାବେଳେ ହଠାତ୍ ଘର ହଲିବା ଓ କ'ଣ ଗୋଟାଏ ଖୁବ୍‌ଜୋର୍ ଶବ୍ଦ ହେଉଥିବା ଶୁଣି ପରିବାର ଲୋକେ ବାହାରକୁ ଧାଇଁ ଆସିଥିଲେ। ଦେଖନ୍ତି ତ ତାଙ୍କ ଘର ଉପରେ ବିରାଟକାୟ କଇଁଆ ଗଛଟି ପଡ଼ିଯାଇଛି। ଘରର ଛାତ ସାମାନ୍ୟ କ୍ଷତି ହୋଇଥିବାବେଳେ ଘର ହଲି ଯାଇଥିବା କହିଛନ୍ତି ପରିବାର ଲୋକେ। ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଗଛ କାଟି ସଫା କରିଛନ୍ତି। ଅନ୍ୟପକ୍ଷରେ ପରିବାର ଲୋକ ବାରମ୍ବାର ତହସିଲ୍‌ଦାର ଓ ଆର୍‌ଆଇଙ୍କୁ ଗଛର ଅବସ୍ଥିତି ବିଷୟରେ ଜଣାଇଥିଲେ ବି କେହି ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ। ଯାହା ହେଉ ବଡ଼ ଅଘଟଣରୁ ନିଶ୍ଚିତ ବନମାଳୀ ଭୋଇ, ଶୁକ ଭୋଇ, ଘର ମାଲିକ ସହିତ ପରିବାର ବଞ୍ଚିଯାଇଥିବା ଦୁହେଁ ପ୍ରକାଶ କରିଛନ୍ତି। ଏଠି ପ୍ରଶ୍ନ ଉଠୁଛି ଯଦି କୌଣସି ବ୍ୟକ୍ତି ନିଜ ଜାଗାରେ ଲଗାଇଥିବା କୌଣସି ଗଛକୁ ତହସିଲ୍ ପ୍ରଶାସନକୁ ନ ଜଣାଇ କାଟୁଛନ୍ତି, ତୁରନ୍ତ ସମ୍ପୃକ୍ତ ବ୍ୟକ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଉକ୍ତ ଗଛକୁ ଜବତ କରାଯାଉଛି। କିନ୍ତୁ ୧୦୦ ବର୍ଷର ଉକ୍ତ କଇଁଆ ଗଛର ସ୍ଥିତି ଯାଞ୍ଚ କରିବା ପାଇଁ ତହସିଲ୍‌ଦାର ଓ ଆର୍‌ଆଇଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏଥିପ୍ରତି ସେମାନେ କୌଣସି ଦୃଷ୍ଟି ଦେଇ ନ ଥିଲେ। ଯଦି କାହାର କିଛି କ୍ଷତି ଘଟିଥା'ନ୍ତା କିଏ ଦାୟୀ ରହିଥା'ନ୍ତା ବୋଲି ସାଧାରଣ ଲୋକେ ପ୍ରଶ୍ନ କରିଛନ୍ତି।

**ଗଛର ସ୍ଥିତି ଯାଞ୍ଚ କରିବାକୁ ତହସିଲ୍‌ଦାର୍ ଓ ଆର୍‌ଆଇଙ୍କୁ ଅବଗତ କରିଥିଲେ ଉକ୍ତ ପରିବାର ଲୋକେ**

## ନୟାହାଟରେ ୧୦ ଘଣ୍ଟା ବିଦ୍ୟୁତ୍ ସେବା ଠପ୍

ନୟାହାଟ,୨୭।୪(ସମିସ): ଗୋପ ବ୍ଲକ୍ ନୟାହାଟ ଅଞ୍ଚଳରେ ଗତ କିଛିଦିନ ହେଲା ବିଦ୍ୟୁତ୍ ସେବା ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇପଡ଼ିଛି। ଖରାଦିନେ ବିଦ୍ୟୁତ୍ କାଟ ନ କରିବା ପାଇଁ ବିଭାଗୀୟ ମନ୍ତ୍ରୀ ଘୋଷଣା କରିଥିବାବେଳେ ସୋମବାର ଦୀର୍ଘ ୧୦ ଘଣ୍ଟା ଧରି ନୟାହାଟ ଓ ତାହାର ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ କାଟ୍ ହେବା ଫଳରେ ବ୍ୟାଙ୍କ ସେବା ତଥା ଅନ୍ୟାନ୍ୟ ସେବା ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ସରକାରୀ ନିୟମକୁ ନ ମାନି ବିନା ନୋଟିସ୍‌ରେ ବିଦ୍ୟୁତ୍ କାଟ୍ କରିବା ଘଟଣାକୁ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯାଇଛି। ବିଦ୍ୟୁତ୍ ନ ରହିବା ଫଳରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନେ ଗରମ ସହି ନ ପାରି ତହଳବିକଳ ହେଉଛନ୍ତି। ମରାମତି ନାମରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ କରିବା ଏକ ପ୍ରହସନ ପାଲଟିଛି। ଏ ଦିଗରେ ବିଦ୍ୟୁତ୍ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳର ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ସୁରେନ୍ଦ୍ର ମୋହନ ବିଟି, ସମ୍ପାଦକ କୃଷ୍ଣଚନ୍ଦ୍ର ବାରିକ ଦାବି କରିଛନ୍ତି।

### ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି

## ପ୍ରଚାରପ୍ରସାର ଅଭାବରୁ ମାତ୍ର ୨୧ ଅଭିଯୋଗ ଦାଖଲ



କଣାସ,୨୭।୪(ସମିସ): ସୋମବାର କଣାସ ପଞ୍ଚାୟତ ସମିତି ସଭା ଗୃହରେ କଣାସ ବ୍ଲକ୍‌ସ୍ତରୀୟ ପୁରୀ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଚାରପ୍ରସାର ଅଭାବରୁ କଣାସ ବ୍ଲକ୍‌ର ୨୮ ପଞ୍ଚାୟତରୁ ମାତ୍ର ୨୧ଟି ଅଭିଯୋଗ ପତ୍ର ଦାଖଲ ହୋଇଥିଲା। ଏହି ଶିବିରରେ ଜିଲ୍ଲାପାଳ ଯୋଗଦେଇ ନ ଥିବାରୁ ଜନସାଧାରଣଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି।

ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ, ସକାଳ ୭ଟାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ୍ ସିଂହ, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅକ୍ଷୟ କୁମାର ଶତପଥୀ, ବିଡିଓ ସୌମ୍ୟ ରଞ୍ଜନ ସ୍ୱାଇଁ, ତହସିଲ୍‌ଦାର ହିମାଂଶୁ ଶେଖର ଗିରି, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, କଣାସ ଥାନା ଅଧିକାରୀ ଶୁଭେନ୍ଦୁ କୁମାର ମହାନ୍ତି, ଗ୍ରୀଭାନ୍ସ ନୋଡାଲ ଅଫିସର ବିବେକାନନ୍ଦ ସାହୁ, ଜରୁରୀକାଳୀନ ଅଧିକାରୀ ଅନୁସର ଗନ୍ତାୟତ ଓ ସମସ୍ତ ଜିଲ୍ଲା ଅଧିକାରୀ ଉପସ୍ଥିତ ଥିଲେ। ୨୧ଟି ଅଭିଯୋଗ ଦାଖଲ କରାଯାଇଥିଲା। ନୂତନ ଭାବେ ରାସନ କାର୍ଡ ନାମ ଯୋଗ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ପାନୀୟ ଜଳ ବ୍ୟବସ୍ଥା, ଗ୍ରାମ୍ୟ ଉନ୍ନୟନ ରାସ୍ତା, ସ୍କୁଲ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ନ ମିଳିବା, ଗ୍ୟାସ୍ କଳାବଜାରୀ, ରବି ଧାନ କାଳବୈଶାଖୀରେ କ୍ଷୟକ୍ଷତି ହେବା ସହିତ ଥୋଡ଼ ଧାନ କଣ୍ଢା ହୋଇଯିବା ସମ୍ପର୍କରେ ଅଭିଯୋଗମାନ ହୋଇଥିଲା। ଯେଉଁ ସବୁ ଅଭିଯୋଗ ଆସିଛି ସେ ସବୁ ତୁରନ୍ତ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗକୁ ଆମେ ନିର୍ଦ୍ଦେଶ ଦେଇଛୁ ବୋଲି ଉପଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଏଥିସହ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଥିବା ପାନୀୟ ଜଳ ବ୍ୟବସ୍ଥା ଟ୍ୟାଙ୍କର ଯୋଗେ ଯୋଗାଇ ଦିଆଯାଉଛି, ଆହୁରି ଅଧିକ ଟ୍ୟାଙ୍କରରେ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ମଧ୍ୟ କହିଛନ୍ତି।

## ଚାଷଜମିରୁ ଜଳ ନିଷ୍କାସନ ପାଇଁ ପ୍ରଶାସନ ପକ୍ଷରୁ ଅନୁଧ୍ୟାନ



ସାକ୍ଷୀଗୋପାଳ,୨୭।୪(ସମିସ): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଚାଷଜମିର ଜଳ ନିଷ୍କାସନ ସମ୍ବନ୍ଧରେ ପୁରୀର ତତ୍କାଳୀନ ଜିଲ୍ଲାପାଳ ୨୦୨୫ ଜୁଲାଇ ୧ ତାରିଖରେ ଜନଶୁଣାଣି ଅବସରରେ ସତ୍ୟବାଦୀର ୧୦ଟି ଗ୍ରାମର ଚାଷଜମି ପ୍ରାୟ ୨୦୦୦ ଏକରରୁ ଅଧିକ ହେବ ଜଳ ନିଷ୍କାସନ ପାଇଁ ସତ୍ୟବାଦୀ ତହସିଲଦାର, ଜଳସେଚନ ବିଭାଗ ଏବଂ ଜଳ ନିଷ୍କାସନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ ଆବେଦନକାରୀ ପ୍ରଭାକର ସ୍ୱାଇଁ ଓ ଅନ୍ୟମାନଙ୍କ ସହିତ ବନପୁର ବେତେରାସାହି ନିକଟରେ ଜଳ ନିଷ୍କାସନ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଓଟରକେରା ବନପୁର ଡ୍ରେନେଜ୍ ବ୍ୟବସ୍ଥାର ପୁନରୁଦ୍ଧାର ସହିତ ସ୍ଥାୟୀ ଗାର୍ଡୱାଲ୍ ନିର୍ମାଣ ସହିତ ସାଇଫନ ପର୍ଯ୍ୟନ୍ତ ସଂଯୋଗୀକରଣ ନିମନ୍ତେ ପ୍ରଥମ ପ୍ରସ୍ତାବ ଏବଂ ଓଟରକେରା ପ୍ରାଥମିକ ବିଦ୍ୟାଳୟ ପଛ ପାର୍ଶ୍ୱରୁ ଶୁକଳ ଡିଷ୍ଟ୍ରିବ୍ୟୁଟାରୀ କେନାଲରେ ରହିଥିବା ସାଇଫନ ସଂଯୋଗ କରାଗଲେ ସହଜରେ ଜଳ ନିଷ୍କାସନ ହୋଇପାରିବ। ଏହି ଅନୁସାରେ ଜଳ ନିଷ୍କାସନ କରାଗଲେ ଏହି ସ୍ଥାନର ତଳ ମୁଣ୍ଡରେ ରହିଥିବା ଚାଷ ଜମି କୌଣସି କ୍ଷତିଗ୍ରସ୍ତ ହେବ ନାହିଁ। ଏଥିସହିତ ତେଇଶିପୁର, ନଡ଼ାଖଣ୍ଡ ଓ ବନପୁର, ଭାଇଲିପୁର ଡ୍ରେନେଜ୍ ଖନନ ଓ ପୁନରୁଦ୍ଧାର କରାଗଲେ ସତ୍ୟବାଦୀ ଅଞ୍ଚଳରେ ଜଳ ନିଷ୍କାସନ ସମସ୍ୟା ରହିବନାହିଁ। ଚାଷୀମାନେ କ୍ଷତିଗ୍ରସ୍ତ ହେବେ ନାହିଁ। ସତ୍ୟବାଦୀ ତହସିଲ୍‌ଦାର ଶ୍ରୀ ପାଣିଗ୍ରାହୀ ଏହି ପ୍ରସ୍ତାବ ସହିତ ସତ୍ୟବାଦୀ ତହସିଲ୍ କାର୍ଯ୍ୟାଳୟ ତରଫରୁ ଜଳସେଚନ ଓ ଜଳ ନିଷ୍କାସନ ବିଭାଗ ଅଧିକାରୀ ଦ୍ୱୟଙ୍କୁ ଚିଠି ନମ୍ବର ୧୯୨୭/୨୦୨୬ ମାଧ୍ୟମରେ ଅବଗତ କରିଛନ୍ତି। ସେହିପରି ଚିଠି ନମ୍ବର ୬୫୨୬ରେ ଜିଲ୍ଲା ପ୍ରଶାସନର ଅବଗତି ନିମନ୍ତେ ଅନ୍ୟ ଏକ ଚିଠି ପ୍ରେରଣ କରିଛନ୍ତି। ସରକାର ଖୁବ୍‌ଶୀଘ୍ର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସତ୍ୟବାଦୀ ଅଞ୍ଚଳରୁ ଜଳ ନିଷ୍କାସନ କରିବା ସହିତ ଚାଷୀମାନଙ୍କୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଉପସ୍ଥିତ ଚାଷୀମାନେ ଦାବି କରିଥିଲେ।

## ୧୦୦ ବର୍ଷ ପରେ ଅଣ୍ଟିଆବାସୀଙ୍କୁ ମିଳିଲା ଜମିପଟ୍ଟା



ନିମାପଡ଼ା,୨୭।୪(ସମିସ): ଦୀର୍ଘ ଶହେ ବର୍ଷ ପରେ ଅଣ୍ଟିଆ ମୌଜାବାସୀଙ୍କୁ ତାଙ୍କର ଜମି ପଟ୍ଟା ସୋମବାର ସ୍ଥାନୀୟ ସହିଦ ଭବନଠାରେ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବଣ୍ଟନ କରାଯାଇଛି। ଆୟୋଜିତ ପଟ୍ଟା ବଣ୍ଟନ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ରାଜସ୍ୱ, ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଜଗତସିଂହପୁର ସାଂସଦ ଡ. ବିଭୁପ୍ରସାଦ ତରାଇ, ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ, ଉପାଧକ୍ଷ ସନ୍ତୋଷ କୁମାର ଦାଶ, ଉପଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ତଥା ଚକବନ୍ଦୀ ଅଧିକାରୀ ପ୍ରମୋଦ କୁମାର ନାୟକ, ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଗୋପ ବ୍ଲକ୍‌ର ୮ ଜଣଙ୍କୁ 'ବସୁନ୍ଧରା' ଯୋଜନାରେ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ଚକବନ୍ଦୀ ସହ ଅଧିକାରୀ ପ୍ରଭାକର ଗୌଡ଼, ଚିନ୍ମୟ ପଣ୍ଡା, ରତ୍ନାକର ସ୍ୱାଇଁ, ଏମ୍ ଶିବ ଶଙ୍କର ରାଓଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଅଣ୍ଟିଆ ମୌଜାର ଜନସାଧାରଣଙ୍କୁ ଆଜି ପର୍ଯ୍ୟନ୍ତ ତାଙ୍କର ଜମିର ମାଲିକାନା ସତ୍ତ୍ୱ ବା ଜମିର ପଟ୍ଟା ମିଳି ନ ଥିଲା। ଏ ନେଇ ମୌଜାର ଜନସାଧାରଣ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ସୋମବାର ଉକ୍ତ ମୌଜାର ପ୍ରାୟ ୨୭୯୦ ଜଣ ହିତାଧିକାରୀ ଓ ସରକାରୀ ବିଦ୍ୟାଳୟକୁ ଜମିପଟ୍ଟା ବଣ୍ଟନ କରାଯାଇଛି। ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନ, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ ଏହି ଜମି ପଟ୍ଟା ବଣ୍ଟନ ଉତ୍ସବରେ ସହଯୋଗ କରିଥିଲେ। ସେହିପରି ନିମାପଡ଼ା ଜୟଶ୍ରୀ ଛକ ନିକଟରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ଏକ ଯାତ୍ରୀ ବିଶ୍ରାମାଗାର ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ, ସହକାରୀ ଯନ୍ତ୍ରୀ ଅନାଥ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିନା ପାରିଶ୍ରମିକରେ ଖେଳ ପଡ଼ିଆ ସଫା କରୁଛନ୍ତି ପ୍ରକାଶ



ସାକ୍ଷୀଗୋପାଳ,୨୭।୪(ସମିସ): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଖେଳ ପଡ଼ିଆରେ ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଆନ୍ତଃ ମହାବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଓ ସରକାର ତଥା ବିଭିନ୍ନ ରାଜନୈତିକ ଦଳର ସାଧାରଣ ସଭା ଏହି ଖେଳ ପଡ଼ିଆରେ ଅନୁଷ୍ଠିତ ହେଉଛି। ଗତ ଉତ୍କଳ ଦିବସ ଅବସରରେ ଏପ୍ରିଲ ୧ ତାରିଖ ଦିନ ରାଜ୍ୟସ୍ତରୀୟ ଉତ୍କଳ ଦିବସ ସମାରୋହ ଏହି ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଏହି ପଡ଼ିଆରେ ପଡୁଥିବା ବର୍ଜ୍ୟବସ୍ତୁ ଓ ଆବର୍ଜନାଗୁଡ଼ିକୁ ନିୟମିତ ଭାବରେ ନିକଟସ୍ଥ କାଦୁଆ ଗ୍ରାମର ପ୍ରକାଶ କୁମାର ମହାରଥୀ ନାମକ ଜଣେ ସ୍ୱେଚ୍ଛାସେବୀ ସଫା କରୁଛନ୍ତି। ସେହି ଆବର୍ଜନାଗୁଡ଼ିକୁ ଏକତ୍ରିତ କରି ପୋଡ଼ି ନଷ୍ଟ କରୁଛନ୍ତି। ଅନ୍ୟ ଆବର୍ଜନାଗୁଡ଼ିକୁ ସ୍ୱଚ୍ଛ ଭାରତ କୁଣ୍ଡରେ ପକାଉଛନ୍ତି। ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସରକାରୀ କ୍ୱାର୍ଟର୍ସ ସାକ୍ଷୀଗୋପାଳ କଲେଜ ନିକଟରେ। ଶ୍ରୀ ପାଣିଗ୍ରାହୀ ତାଙ୍କର ଏହି ସଫେଇ କାର୍ଯ୍ୟ ଦେଖି ନିଃସ୍ୱାର୍ଥପର ସମାଜସେବା ଓ ନିୟମିତ ବିନା ପାରିଶ୍ରମିକରେ କରୁଥିବା ଏହି ସଫେଇ କାର୍ଯ୍ୟ ନିମନ୍ତେ ତାଙ୍କୁ ୧ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଏହି ସହାୟତା ଅର୍ଥରେ ଆବର୍ଜନା ପୋଡ଼ିବା ନିମନ୍ତେ ଆବଶ୍ୟକ ହେଉଥିବା କିରୋସିନ କିଣାଯିବ ବୋଲି ଶ୍ରୀ ମହାରଥୀ ପ୍ରକାଶ କରିଛନ୍ତି।

## ବିଳମ୍ବିତ ରାତିରେ ମୁଗ କିଆରୀରେ ଲାଗିଲା ନିଆଁ

ଅସ୍ତରଙ୍ଗ,୨୭।୪(ସମିସ): ଅସ୍ତରଙ୍ଗ ବ୍ଲକ୍ କାକଟପୁର ଥାନା ଅନ୍ତର୍ଗତ ଖଣ୍ଡାସାହି ଅଞ୍ଚଳରେ ରବିବାର ବିଳମ୍ବିତ ରାତି ସମୟରେ ଅନେକ ଚାଷୀଙ୍କ ମୁଗ କିଆରୀରେ ହଠାତ୍ ନିଆଁ ଲାଗି ହୁତୁହୁତୁ ହୋଇ ଜଳିଥିଲା। ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ଅନେକ ଚାଷୀଙ୍କ ମୁଗ ଯାହା ଅମଳ ହେବା ପାଇଁ ରହିଥିଲା ତାହା



ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ନିଆଁକୁ ଆୟତ୍ତ କରାଯିବା ପରେ ପାଖାପାଖି ଶହଶହ ଏକର ଅମଳ ହେଉଥିବା ମୁଗ ବର୍ତ୍ତିଯାଇଥିଲା। ବରଯାତ୍ରୀ ଗାଁକୁ ଆସୁଥିବାବେଳେ ବାଣୁଆଙ୍କ ବାଣରୁ ନିଆଁ ଲାଗିଥିବା ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ ଅଗ୍ନିକାଣ୍ଡର ପ୍ରକୃତ ତଥ୍ୟ ସ୍ପଷ୍ଟ ହୋଇନାହିଁ। ସୂଚନା ଅନୁସାରେ, ରବିବାର ରାତିରେ ପୁରୀ ଜିଲ୍ଲା କାକଟପୁର ଥାନା ଅଧୀନସ୍ଥ ଖଣ୍ଡାସାହି ଗ୍ରାମରେ ଅନେକ ବାହାଘର ଥିଲା। ଅନେକ ଡିଜେ ଗାଡ଼ି ସହିତ ବାଣ ମଧ୍ୟ ଫୁଟୁଥିଲା। ବରଯାତ୍ରୀ ରୋଷଣୀ କରି ଯାଉଥିବାବେଳେ ବାଣୁଆ ବାଣ ଫୁଟାଇବା ସମୟରେ ଏହି ଅଘଟଣ ଘଟିଛି ବୋଲି ସନ୍ଦେହ କରାଯାଉଛି। ଏହା ଦେଖି ଗାଁ ଲୋକେ ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀକୁ ଯୋଗାଯୋଗ କରିବାରୁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଶହଶହ ଏକର ମୁଗ ଫସଲ ଯାହାର ମୂଲ୍ୟ ପ୍ରାୟ ଲକ୍ଷାଧିକ ଟଙ୍କା ହେବ ନିଆଁ ଲାଗିବାରୁ ବଞ୍ଚିଯାଇଥିଲା। ନିଆଁ ଲାଗିବା ଦ୍ୱାରା ଅନେକ ଚାଷୀଙ୍କ ମୁଗ କିଆରୀ ପୋଡ଼ି ଯାଇଥିବାକୁ ନେଇ ଚର୍ଚ୍ଚା ସାମ୍ନାକୁ ଆସିଛି। ବର୍ତ୍ତମାନ ବର୍ଷ ତମାମ ବିଲରେ ଖଟି ମୁଗ ଅମଳ ହେବା ସମୟରେ ଏହିଭଳି ଘଟଣା ଘଟିଥିବାବେଳେ ଉକ୍ତ ଚାଷୀମାନଙ୍କୁ କ୍ଷତିପୂରଣ ଦେବା ପାଇଁ ପ୍ରଶାସନ ଦାୟିତ୍ୱ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

### ମା' ମଙ୍ଗଳା ମହୋତ୍ସବ ଉଦ୍‌ଯାପିତ

# ଦର୍ଶକଙ୍କ ମନ ଜିଣିଲା ମହାରାଷ୍ଟ୍ରର ଲୋକନୃତ୍ୟ, ଆସାମର ବିହୁ

କାକଟପୁର,୨୭।୪(ସମିସ)






କାକଟପୁରଠାରେ ତିନିଦିନ ଧରି ଆୟୋଜିତ ହେଉଥିବା ମା' ମଙ୍ଗଳା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଆଦ୍ୟ ସନ୍ଧ୍ୟାରେ କଳାକାରମାନଙ୍କ ଦ୍ୱାରା ନବଦୁର୍ଗା, ମହାରାଷ୍ଟ୍ରର ଲୋକନୃତ୍ୟ, ଆସାମର ବିହୁ ନୃତ୍ୟ ଓ ଗୁରୁ ଲିଙ୍ଗରାଜ ସ୍ୱାଇଁଙ୍କ ନିଦର୍ଶନରେ ପ୍ରତ୍ୟୁଷ ପ୍ରିୟା, କୁମାରୀ ଟୁବୁଲାଙ୍କ ଓଡ଼ିଶୀ ନୃତ୍ୟ ବେଶ୍ ଚିତାକର୍ଷକ ଓ ଆଦୃତ ହୋଇଥିଲା। ପରେ ପରେ ମହୋତ୍ସବ ସଭାପତି ବିଧାୟକ ତୁଷାରକାନ୍ତି ବେହେରା, କମିଟି ସମ୍ପାଦକ ସ୍ୱାଧୀନ କୁମାର ନାୟକ, କାର୍ଯ୍ୟକାରୀ ସଭାପତି ସ୍ୱପ୍ନେଶ୍ୱର ସାହୁ, ଯୁଗ୍ମ ସମ୍ପାଦକ ଶ୍ରୀଧର ନାୟକ ପ୍ରମୁଖ ଯୋଗଦେଇ ମହୋତ୍ସବ ଜାତି ଓ ଗ୍ରାମୀଣ ଜନସାଧାରଣଙ୍କ ପାଇଁ ଏକତାର ରଜ୍ଜୁ ଭାବେ ପ୍ରତିପାଦିତ ହୋଇଥାଏ ବୋଲି ଅଭିଭାଷଣରେ ପ୍ରକାଶ କରିଥିଲେ। ଏହି ମହୋତ୍ସବକୁ ସରକାରୀସ୍ତରରେ ପାଳନ କଲେ ଏହା ଅତ୍ୟନ୍ତ ଉଚ୍ଚକୋଟିର ଓ ଲୋକାଦୃତ ହୋଇପାରିବ ବୋଲି ମତ ଦେଇଥିଲେ। ମହୋତ୍ସବର ସର୍ବୋଚ୍ଚ ସମ୍ମାନ ମଙ୍ଗଳା ସମ୍ମାନରେ ଅବସରପ୍ରାପ୍ତ ପ୍ରଶାସକ ଦେବରାଜ ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଗତିକୃଷ୍ଣ ସ୍ୱାଇଁ ସ୍ମାରକୀ ସମ୍ମାନରେ ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ଜ୍ଞାନରଞ୍ଜନ ସାହୁ, ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନ ସ୍ମୃତି ସମ୍ମାନରେ ଓଡ଼ିଶୀ ଗୁରୁ ଲିଙ୍ଗରାଜ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାର ଅନ୍ତିମ ପର୍ଯ୍ୟାୟରେ ସତ୍ୟଜିତ୍ ପ୍ରଧାନଙ୍କ ସ୍ୱରକୁ ଦର୍ଶକ ବେଶ୍ ଉପଭୋଗ କରିଥିଲେ। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏହି ମନୋରଞ୍ଜନ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ମସ୍‌ଗୁଲ କରିଥିଲା। ଉପସ୍ଥାପିକା ଅଭିଲିପ୍ସା ପଣ୍ଡା ଓ ପ୍ରତାପ ରାଉତଙ୍କ ମଞ୍ଚ ପରିଚାଳନାରେ କାର୍ଯ୍ୟକ୍ରମଟି ସରସ ସୁନ୍ଦର ହୋଇପାରିଥିଲା। ଚଳିତ ବର୍ଷ ମହୋତ୍ସବଟି ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହୋଇପାରିଥିବାରୁ ପରିଚାଳନାର ସମସ୍ତ ୮ଟି ବିଭାଗ ମୁଖ୍ୟଙ୍କୁ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

**ପ୍ରଶାସକ ଦେବରାଜ ବିଶ୍ୱାଳଙ୍କୁ 'ମଙ୍ଗଳା ସମ୍ମାନ'**

୨୭/୪/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୦୭,୨୬୩/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍





## ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସାଂଘାତିକ ତଥ୍ୟ

# ତୀର୍ଥ ପୁଷ୍କରିଣୀ ଜଳ ଛୁଇଁବା ବିପଦ



ପୁରୀ,୨୭।୪(ସମିସ): କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଆସ୍ଥାର କେନ୍ଦ୍ର ପୁରୀର ପଞ୍ଚତୀର୍ଥ ପୁଷ୍କରିଣୀ ଜଳ ପାଲଟିଛି ଜହର। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଅନ୍ତର୍ଗତ ଜାତୀୟ ଜଳ ଗୁଣବତ୍ତା ନିରୀକ୍ଷଣ ସଂସ୍ଥାର ସଦ୍ୟ ରିପୋର୍ଟ ଏହି ସାଂଘାତିକ ତଥ୍ୟ ସାମ୍ନାକୁ ଆଣିଛି। ଶ୍ରୀକ୍ଷେତ୍ର ପୁରୀର ୫ଟି ତୀର୍ଥ ପୁଷ୍କରିଣୀକୁ ନେଇ ଚିନ୍ତାଜନକ ତଥ୍ୟ ଆସିଛି। ଏଥିମଧ୍ୟରେ ପଞ୍ଚତୀର୍ଥର ୩ଟି ପୁଷ୍କରିଣୀ (ଶ୍ୱେତଗଙ୍ଗା, ମାର୍କଣ୍ଡେୟ ଓ ଇନ୍ଦ୍ରଦ୍ୟୁମ୍ନ) ରହିଥିବା ବେଳେ ପବିତ୍ର ନରେନ୍ଦ୍ର ଏବଂ ପାର୍ବତୀ ସାଗରର ନାଁ ରହିଛି। ଏହିସବୁ ପୁଷ୍କରିଣୀର ପାଣି ବ୍ୟବହାର କଥା ଛାଡ଼ନ୍ତୁ ଛୁଇଁବା ବି ବିପଦ।

ରିପୋର୍ଟ ଅନୁଯାୟୀ, ଉକ୍ତ ପୁଷ୍କରିଣୀଗୁଡ଼ିକର ପାଣିରେ ଫେକାଲ କୋଲିଫର୍ମ (ମଳର ପରିମାଣ) ବହୁତ ଅଧିକ ରହୁଛି। ପ୍ରତି ୧୦୦ ମିଲିମିଟର ପାଣିରେ ମଳ ପ୍ରଦୂଷଣ ମାତ୍ରା ୧୩୦୦ରୁ ୨୪୦୦ ପର୍ଯ୍ୟନ୍ତ ରହୁଛି। ଏହାର ଅର୍ଥ ହେଉଛି ନର୍ଦ୍ଦମା କିମ୍ବା ପାଇଖାନା ପାଣି ପଶୁଛି ଏସବୁ ଜଳ ଉତ୍ସରେ। ବହୁଳ ଭାବେ ବ୍ୟବହୃତ ହେଉଥିବା ଏସବୁ ତୀର୍ଥ ପୁଷ୍କରିଣୀକୁ ନିୟମିତ ବିଶୋଧନ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ମଳ ମିଶ୍ରିତ ଜଳରେ ଇ-କୋଲାଇ ଭଳି ବିପଜ୍ଜନକ ବ୍ୟାକ୍ଟେରିଆ ଥାଏ, ଯାହା ମଣିଷ ବ୍ୟବହାର ପାଇଁ ବିପଜ୍ଜନକ। ପୁରୀର ନରେନ୍ଦ୍ର ପୁଷ୍କରିଣୀରେ ଏହି ପରିମାଣ ୪,୯୦୦ ପର୍ଯ୍ୟନ୍ତ ରହୁଛି। ଏଠି ଏବେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଚାଲିଛି। ମାର୍କଣ୍ଡ ପୋଖରୀରେ ଏହି ବ୍ୟାକ୍ଟେରିଆ ପରିମାଣ ୭,୯୦୦ ଛୁଇଁଛି। ଇନ୍ଦ୍ରଦ୍ୟୁମ୍ନ ପୋଖରୀରେ ବି ଏହା ୧୩,୦୦୦, ଶ୍ୱେତଗଙ୍ଗାରେ ୨୩୦୦, ପାର୍ବତୀ ସାଗରରେ ୨୨୦୦ ପହଞ୍ଚିଛି। ଜଳ ପ୍ରଦୂଷଣ ଆଧାର ଅନୁସାରେ ପାଣିରେ ମଳଜନିତ ପ୍ରଦୂଷଣ ମାତ୍ରା ୫୦୦ ଟପିଲେ ଗାଧୋଇବା ଉଚିତ୍ ନୁହେଁ। କିନ୍ତୁ ପୁରୀର ଉକ୍ତ ୫ଟି ପୁଷ୍କରିଣୀରେ ଏହାର ମାତ୍ରା ଢେର୍ ଅଧିକ ରହିଛି। ସେହିପରି ସାଧାରଣତଃ ଗାଧୋଇବା ପାଇଁ ଜଳର ବାୟୋକେମିକାଲ ଅକ୍ସିଜେନ ଡିମାଣ୍ଡ (ବିଓଡି) ପରିମାଣ ଲିଟର ପିଛା ୩ ମିଲିଗ୍ରାମ୍‌ରୁ କମ୍ ରହିବା ନିରାପଦ ବୋଲି ଧରାଯାଏ। ହେଲେ ଶ୍ୱେତଗଙ୍ଗା, ନରେନ୍ଦ୍ର, ଇନ୍ଦ୍ରଦ୍ୟୁମ୍ନ, ମାର୍କଣ୍ଡେୟ ଏବଂ ପାର୍ବତୀ ସାଗରର ବିଓଡି ମଧ୍ୟ ଚିନ୍ତାଜନକ। ରିପୋର୍ଟ ମୁତାବକ, ଶ୍ୱେତଗଙ୍ଗାର ବିଓଡି ୧୨ ମିଲିଗ୍ରାମ୍ ରହିଥିବାବେଳେ ଇନ୍ଦ୍ରଦ୍ୟୁମ୍ନର ୬.୬, ନରେନ୍ଦ୍ରର ୬, ମାର୍କଣ୍ଡେୟର ୫.୫ ଏବଂ ପାର୍ବତୀ ସାଗରର ୫.୩ ମିଲିଗ୍ରାମ୍ ରହିଛି। ଏହା କେବଳ ମଣିଷଙ୍କ ପାଇଁ ନୁହେଁ ଜଳଜୀବଙ୍କ ପ୍ରତି ମଧ୍ୟ ବିପଦର କାରଣ ପାଲଟିଛି। ଅମ୍ଳଜାନ ପରିମାଣ ହ୍ରାସ ପାଉଥିବାରୁ ଶ୍ୱେତଗଙ୍ଗା, ନରେନ୍ଦ୍ର ପୁଷ୍କରିଣୀରେ ବିଭିନ୍ନ ସମୟରେ ମାଛ ମରି ଭାସିଥା'ନ୍ତି।

ସବୁଠୁ ବଡ଼ କଥା ହେଉଛି ଏହିସବୁ ପୁଷ୍କରିଣୀର ପ୍ରଦୂଷଣର ସ୍ତର ଏଭଳି ସ୍ଥିତିରେ ପହଞ୍ଚିଛି ଯେ, ସେଠାରେ ଗାଧୋଇବା ପାଇଁ ଜଳ ସମ୍ପୂର୍ଣ୍ଣ ଅନୁପଯୁକ୍ତ ହୋଇପଡ଼ିଛି। ଯଦି କେହି ଏଠାରେ ସ୍ନାନ କରେ ତାଙ୍କୁ ବିଭିନ୍ନ ରୋଗ ହେବାର ଯଥେଷ୍ଟ ସମ୍ଭାବନା ମଧ୍ୟ ରହିଛି। ମଳ ମିଶ୍ରିତ ଜଳରେ ଇ-କୋଲାଇ ଭଳି ବିପଜ୍ଜନକ ବ୍ୟାକ୍ଟେରିଆ ରହୁଥିବାରୁ ଏହା ମଣିଷ ବ୍ୟବହାର ପାଇଁ ଅଧିକ ବିପଜ୍ଜନକ। ଏହି ପ୍ରଦୂଷିତ ଜଳକୁ ମଣିଷ ବ୍ୟବହାର କଲେ ଡାଇରିଆ, ଟାଇଫଏଡ୍ ସହିତ ବିଭିନ୍ନ ଚର୍ମ ରୋଗ ହେବାର ଆଶଙ୍କା ରହିଛି। ଜଳ ପ୍ରଦୂଷଣ ଆଧାର ଅନୁସାରେ, ପାଣିରେ ମଳ ଜନିତ ପ୍ରଦୂଷଣ ମାତ୍ରା ୫୦୦ ଟପିଲେ ଏଥିରେ ଗାଧୋଇବା ଉଚିତ୍ ନୁହେଁ। ଏପରିକି ଏଥିରେ ମାଛ ଚାଷ କରିବା ପାଇଁ ମଧ୍ୟ ମନା। ଶ୍ରୀମନ୍ଦିରକୁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଆସୁଥିବାବେଳେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବା ପାଇଁ ଶ୍ରଦ୍ଧାଳୁମାନେ ଏହି ପଞ୍ଚତୀର୍ଥ ପୁଷ୍କରିଣୀକୁ ଯାଇ ପିଣ୍ଡଦାନ କର୍ମ କରିବା ସହ ସ୍ନାନ ମଧ୍ୟ କରିଥା'ନ୍ତି। ଏଣୁ ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖାଯାଇ ଯଥାଶୀଘ୍ର ତୀର୍ଥ ପୁଷ୍କରିଣୀର ଜଳକୁ ସମ୍ପୂର୍ଣ୍ଣ ବିଶୋଧନ କରିବା ଦରକାର।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉକ୍ତ ତୀର୍ଥ ପୁଷ୍କରିଣୀ ମଧ୍ୟରୁ ନରେନ୍ଦ୍ର, ମାର୍କଣ୍ଡେୟ, ଶ୍ୱେତଗଙ୍ଗା, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ କରାଯାଇଛି। ଏଥିପାଇଁ ୬୪ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଛି। କେବଳ ଶ୍ୱେତଗଙ୍ଗାକୁ ଉପଯୁକ୍ତ ରାସ୍ତା ନ ଥିବାରୁ ଏହାର ଉନ୍ନତିକରଣ ହୋଇପାରିନି। କିନ୍ତୁ ନିକଟରେ ଏଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପିଣ୍ଡଦାନ କରିଥିବାବେଳେ ଏବେ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଚାଲିଛି। ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବଙ୍କ ସହିତ ମିଶି ଜଳକ୍ରୀଡ଼ା କରୁଛନ୍ତି ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା। ଏହାରି ଭିତରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଅନ୍ତର୍ଗତ ଜାତୀୟ ଜଳ ଗୁଣବତ୍ତା ନିରୀକ୍ଷଣ ସଂସ୍ଥାର ରିପୋର୍ଟ ଏବେ ସମସ୍ତଙ୍କର ଚିନ୍ତା ବଢ଼ାଇ ଦେଇଛି।

## ରଥଖଳା ବୁଲିଲେ ଜିଲ୍ଲାପାଳ, କମିଶନର



ପୁରୀ,୨୭।୪(ସମିସ): ଆସନ୍ତା ଜୁଲାଇ ୧୬ ତାରିଖରେ ରଥଯାତ୍ରା। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ପବିତ୍ର ଅକ୍ଷୟ ତୃତୀୟାଠାରୁ ରଥ ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରଗୁଳା ରଥଖଳା ପରିଦର୍ଶନ କରିଥିଲେ। ଏହି ସମୟରେ ଜିଲ୍ଲାପାଳ ଶ୍ରୀ ପରିଡ଼ା ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ସେବକମାନଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନ କ'ଣ କାମ ଚାଲିଛି ଏବଂ କାଠ ସଂକ୍ରାନ୍ତରେ ପଚାରି ବୁଝିଥିଲେ। ତିନିରଥର ମୁଖ୍ୟ ମହାରଣାଙ୍କ ସମେତ ଭୋଇ ସର୍ଦ୍ଦାର ପ୍ରମୁଖ ଜିଲ୍ଲାପାଳ ଏବଂ କମିଶନରଙ୍କୁ ରଥ ନିର୍ମାଣ ଅଗ୍ରଗତି ସମ୍ପର୍କରେ ବୁଝାଇଥିଲେ। ରଥଖଳାରେ ଆବଶ୍ୟକ ପାନୀୟ ଜଳ ଏବଂ ଅନ୍ୟାନ୍ୟ ସାମଗ୍ରୀ ଉପଲବ୍ଧ ହେଉଛି କି ନାହିଁ ଜିଲ୍ଲାପାଳ ମଧ୍ୟ ବୁଝିଥିଲେ।



ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ସେବା 'ବଡ଼ଦାଣ୍ଡ ସେବା' ପକ୍ଷରୁ ସରନ୍ତି ସୋମବାର ଉପଲକ୍ଷେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତଙ୍କୁ ଶୁଭେଚ୍ଛା ସହିତ ଦହି ସର୍ବତ ବଣ୍ଟନ ହୋଇଯାଇଛି। ଏଥିରେ ସତ୍ୟନାରାୟଣ ଚିନେରା, ଜଗନ୍ନାଥ ପାଢ଼ୀ, ସୁନୀଲ ମହାପାତ୍ର, ରେଣୁବାଳା ପଣ୍ଡା, ଦିବାକର ବେହେରା, ଦେବ ପ୍ରସାଦ ସାବତ ପ୍ରମୁଖ ସହଯୋଗ କରିଥିଲେ। ଜଗନ୍ନାଥ ସୁବୁଦ୍ଧି ପରିଚାଳନା କରିଥିଲେ।

## ଲୋକତନ୍ତ୍ର ସେନାନୀର ରାଜ୍ୟସ୍ତରୀୟ ବୈଠକ

# ଲୋକତନ୍ତ୍ର ସେନାନୀ ବିଲ୍ ପାସ୍ ପାଇଁ ଦାବି

ପୁରୀ,୨୭।୪(ସମିସ): ଜରୁରୀ ପରିସ୍ଥିତି ରାଜବନ୍ଦୀମାନଙ୍କର ସର୍ବଭାରତୀୟ ସଂଗଠନ ଲୋକତନ୍ତ୍ର ସେନାନୀ ସଂଘ ପକ୍ଷରୁ ଏକ ରାଜ୍ୟସ୍ତରୀୟ ବୈଠକ ସ୍ଥାନୀୟ ପଥୁରିଆ ସାହିସ୍ଥିତ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେନାନୀମାନଙ୍କ ଅସୁବିଧା ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୫୦ ଜଣ ସେନାନୀ ଏଥିରେ ଯୋଗଦେଇଥିଲେ। ପୂର୍ବତନ ମନ୍ତ୍ରୀ ତଥା ସଂଘର ରାଜ୍ୟ ସଭାପତି ବିମ୍ବାଧର କୁଅଁର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀଧର ଦାଶ ପରଲୋକଗତ ସେନାନୀମାନଙ୍କ ପତ୍ନୀମାନଙ୍କୁ ପେନ୍‌ସନ୍ ଯୋଗାଇଦେବା ପାଇଁ ସରକାରଙ୍କ ନିଷ୍ପତ୍ତି ଏବଂ ଦସ୍ତାବିଜ୍ ନ ଥିବା ସେନାନୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ସେ ରାଜ୍ୟ ସରକାରଙ୍କୁ ଏହି ପ୍ରକ୍ରିୟାକୁ ସରଳ କରିବାକୁ ଅନୁରୋଧ କରିଥିଲେ, ଯାହାଦ୍ୱାରା ସେନାନୀମାନେ ସରକାର ଘୋଷଣା କରିଥିବା ବିଭିନ୍ନ ସୁବିଧା ପାଇପାରିବେ। ଶ୍ରୀ ଦାଶ ଆହୁରି ମଧ୍ୟ କହିଥିଲେ ଯେ, ଚିକିତ୍ସା ସୁବିଧା ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଏ ପର୍ଯ୍ୟନ୍ତ ବିଚାରାଧୀନ ଅବସ୍ଥାରେ ଅଛି ଏବଂ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହୋଇନାହିଁ। ଆସନ୍ତା ବର୍ଷ ଓଡ଼ିଶାରେ ବିଜୟ ଦିବସ ପାଳନ ଅବସରରେ ରାଷ୍ଟ୍ରୀୟସ୍ତରର ସମାବେଶ କରିବାର ନିଷ୍ପତ୍ତି ଉପରେ ଶ୍ରୀ ଦାଶ ଏହି କାର୍ଯ୍ୟକ୍ରମ ପୁରୀରେ ଅନୁଷ୍ଠିତ ହେଉ ବୋଲି ପ୍ରସ୍ତାବ ରଖିଥିଲେ। ସଂଘର ବରିଷ୍ଠ ସଦସ୍ୟ ଓ ପରାମର୍ଶଦାତା ଜଗବନ୍ଧୁ ମିଶ୍ର ଏହି ପ୍ରସ୍ତାବକୁ ସ୍ୱାଗତ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ କୃଷ୍ଣ ଜଗଦ୍ଦେବ ସେନାନୀମାନେ ସମାଜ ସହିତ ନିଜର ଅନୁଭୂତି ବାଣ୍ଟିବା ସହ ନିଶା ନିବାରଣ ଦିଗରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଷ୍ଟ୍ରୀୟ ଟିମ୍‌ର ସଦସ୍ୟ ରାଧୁ ମିଶ୍ର ସଦସ୍ୟମାନଙ୍କୁ ଗଠନମୂଳକ ଓ ଫଳପ୍ରଦ କାର୍ଯ୍ୟରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ନିଜ ଅଧ୍ୟକ୍ଷୀୟ ଅଭିଭାଷଣରେ ରାଜ୍ୟ ସଭାପତି ଶ୍ରୀ କୁଅଁର ସେନାନୀମାନଙ୍କ ବିଧବା ପତ୍ନୀମାନଙ୍କୁ ପେନ୍‌ସନ୍ ସୁବିଧା ଯୋଗାଇଥିବାରୁ ରାଜ୍ୟ ସରକାରଙ୍କ ସିଦ୍ଧାନ୍ତକୁ ସ୍ୱାଗତ କରିଥିଲେ। ମଧ୍ୟପ୍ରଦେଶ ସରକାରଙ୍କ ଢାଞ୍ଚାରେ ସେନାନୀମାଙ୍କୁ ବିଭିନ୍ନ ସୁବିଧା ପ୍ରଦାନ କରାଯାଉ ବୋଲି ସେ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମରତନ ଶର୍ମା, ଶ୍ରୀପ୍ରକାଶ ମହାନ୍ତି, ଭାରତ ଭୂଷଣ ଠାକୁର, ହରିହର ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, ବିଶ୍ୱନାଥ ପଣ୍ଡା, ରାମେଶ୍ୱର ପୁରୋହିତ, ସତ୍ୟନାରାୟଣ ମହାପାତ୍ର ଏବଂ ନିର୍ମଳ କୁମାର ଜେନା ପ୍ରମୁଖ ସଂଗଠନର ସୁଦୃଢ଼ତା ପାଇଁ ସକାରାତ୍ମକ ମତାମତ ପ୍ରଦାନ କରିଥିଲେ। ବିଧାନସଭାରେ 'ଲୋକତନ୍ତ୍ର ସେନାନୀ ବିଲ୍' ଉପସ୍ଥାପନ ଓ ପାସ୍ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି ଏକ ପ୍ରସ୍ତାବ ପାସ୍ କରାଯାଇଥିଲା। ଏହି ବୈଠକକୁ ରାଜକିଶୋର ସାହୁ ପରିଚାଳନା କରିଥିଲେ ଏବଂ ଗଦାଧର ସାହୁ ଧନ୍ୟବାଦ ଦେଇଥିଲେ।

# ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ପାଇଁ ସଟଲ୍ ସର୍ଭିସ୍

- ଲାଗିବ ୪୦ରୁ ଉର୍ଦ୍ଧ୍ୱ ଏଲ୍‌ଇଡି ଡିସ୍‌ପ୍ଲେ
- ୧୬୦୦ ଶୌଚାଳୟ ବ୍ୟବସ୍ଥା ହେବ

ପୁରୀ,୨୭।୪(ସମିସ): ଆଗକୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ରଥ ନିର୍ମାଣ କାମ ଜାରି ରହିଥିବାବେଳେ ପ୍ରଶାସନିକ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଗଲାଣି। ଜିଲ୍ଲା ଏବଂ ସରକାରୀସ୍ତରରେ ବିଭିନ୍ନ ସମୟରେ ବୈଠକ ମଧ୍ୟ ବସୁଛି। ଗତବର୍ଷ ଦଳାଚକଟା ହୋଇ ୩ ଜଣଙ୍କ ଜୀବନ ଯାଇଥିଲା। ତେଣୁ ଏହାର ଯେମିତି ପୁନରାବୃତ୍ତି ନ ହୁଏ ଏବଂ ମହାପ୍ରଭୁଙ୍କ ରଥଯାତ୍ରା ଯେପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ତା' ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ତେଣୁ ଶ୍ରଦ୍ଧାଳୁଙ୍କ ପାଇଁ ଏ ବର୍ଷ ହେବ ସଟଲ୍ ସର୍ଭିସ୍। ବିଶେଷକରି କୌଣସି ଜଟିଳ କିମ୍ବା ଜରୁରୀକାଳୀନ ପରିସ୍ଥିତି ଉପୁଜିଲେ ସଟଲ୍ ସର୍ଭିସ୍ ମାଧ୍ୟମରେ ଶ୍ରଦ୍ଧାଳୁ ପ୍ରସ୍ଥାନ କରିପାରିବେ। ଏଥିସହ ଭକ୍ତଙ୍କ ପାଇଁ ସହରର ବିଭିନ୍ନ ସ୍ଥାନରେ ହେବ ୧,୬୦୦ ଶୌଚାଳୟ। ଏହା ମଧ୍ୟରେ କିଛି ସ୍ଥାୟୀ ଶୌଚାଳୟ ରହିବ। ସେହିପରି ରଥଯାତ୍ରା ନୀତିକାନ୍ତି, ସୂଚନା, ଶ୍ରଦ୍ଧାଳୁଙ୍କ ଅବସ୍ଥିତି, କେଉଁ ବାଟ ଦେଇ ପ୍ରସ୍ଥାନ କରିବେ, କେଉଁ ଆଡ଼କୁ ଯିବେନାହିଁ ସେ ସମ୍ପର୍କରେ ସୂଚନା ପ୍ରଦାନ ଲାଗି ଲାଗିବ ୪୦ରୁ ଉର୍ଦ୍ଧ୍ୱ ଏଲ୍‌ଇଡି ଡିସ୍‌ପ୍ଲେ ସିଷ୍ଟମ୍।

ରବିବାର ରାଜ୍ୟ ମୁଖ୍ୟ ଶାସନ ସଚିବ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ନେଇ ସମୀକ୍ଷା କରିଥିଲେ। ସେହିପରି ଜିଲ୍ଲାପାଳ ମଧ୍ୟ ପୂର୍ବରୁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ବୈଠକ କରି ପ୍ରସ୍ତୁତ ହୋଇଥିବା ଆକ୍ସନ ପ୍ଲାନ୍ ନିର୍ଦ୍ଧାରିତ ସମୟରେ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜୁଲାଇ ୧୬ ତାରିଖରେ ରଥଯାତ୍ରା। ସେହି ସମୟ ବେଳକୁ ମୌସୁମୀ ପ୍ରବେଶ କରିବା ସହ ବର୍ଷା ହେବାର ସମ୍ଭାବନା ରହିଥିବାରୁ କେଉଁ କେଉଁ ସ୍ଥାନରେ ବର୍ଷା ଜଳ ଜମି ରହିବାର ସମ୍ଭାବନା ରହିଛି, ତୁରନ୍ତ ବର୍ଷା ଜଳ ନିଷ୍କାସନ ପାଇଁ ଉଚ୍ଚକ୍ଷମତା ସମ୍ପନ୍ନ ମୋଟର ପମ୍ପ୍ ରଖାଯିବ। ସେହିପରି ପୁରୀ ମହାନଗର ନିଗମ ପକ୍ଷରୁ ସହରର ସମସ୍ତ ମୁଖ୍ୟ ଡ୍ରେନ୍ ଦୁଇଥର ସଫା ହେବ। ରଥଯାତ୍ରା ପାଇଁ ୩ କୋଟି ଟଙ୍କା ବ୍ୟୟରେ ଅସ୍ଥାୟୀ ପାର୍କିଂସ୍ଥଳ କରାଯିବ। ଗତ ରଥଯାତ୍ରାରେ ପ୍ରଥମଥର ଲାଗି ଗୁଣ୍ଡିଚା ମନ୍ଦିର ନିକଟରେ ଠେଲାପେଲା ହୋଇ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହି ଘଟଣାର ଯେଭଳି ପୁନରାବୃତ୍ତି ନ ହେବ ତାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଯଥେଷ୍ଟ ପୂର୍ବରୁ ରାଜ୍ୟ ସରକାର ଆଗୁଆ ପଦକ୍ଷେପ ନେଉଛନ୍ତି। ରଥଯାତ୍ରା ସମୟରେ କେଉଁ କେଉଁ ତ୍ରୁଟି ବିଚ୍ୟୁତି ରହିଥାଏ ତାକୁ କିଭଳି ସମାଧାନ କରାଯାଇପାରିବ, ସବୁ ବିଭାଗ ନିଜ ନିଜ ଦାୟିତ୍ୱ ଠିକ୍ ସମୟରେ ସାରିବେ ସେ ନେଇ ସମୀକ୍ଷା କରାଯାଉଛି ବୋଲି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି।

## ହାପିନେସ୍ ଫାଉଣ୍ଡେସନର ପ୍ରତିଷ୍ଠା ଦିବସ



ପୁରୀ,୨୭।୪(ସମିସ): ପୁରୀର ସ୍ୱେଚ୍ଛାସେବୀ ସଂଗଠନ ହାପିନେସ୍ ଫାଉଣ୍ଡେସନର ଷଷ୍ଠ ପ୍ରତିଷ୍ଠା ଦିବସ ଉପଲକ୍ଷେ ରବିବାର "ଆନନ୍ଦ ଉତ୍ସବ-୨୦୨୬' ଜିଲ୍ଲା ସଂସ୍କୃତି ଭବନ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ରଥ, ବିଶିଷ୍ଟ ଅତିଥି ଭାବେ ଇ-୨୪ ହସ୍ପିଟାଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ଼ଃ. ରାଜେଶ କୁମାର ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ଓ ଭାରତ ବିକାଶ ପରିଷଦର ରାଜ୍ୟ ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ଯୋଗଦେଇଥିଲେ। ଏହି ଅବସରରେ ପୁରୀ ଜିଲ୍ଲା ଓ ଜିଲ୍ଲା ବାହାରୁ ବିଭିନ୍ନ ସ୍ୱେଚ୍ଛାସେବୀ ଓ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ଓଡ଼ିଶାର କଳା ସଂସ୍କୃତିକୁ ସୋସିଆଲ ମିଡିଆ ମାଧ୍ୟମରେ ପ୍ରଚାରପ୍ରସାର କରୁଥିବା ବିଭିନ୍ନ ବ୍ୟକ୍ତିବିଶେଷ ଓ ସଂଗଠନଙ୍କୁ ମଧ୍ୟ ସମ୍ମାନ ଦିଆଯାଇଥିଲା। ଅନୁଷ୍ଠାନ ତରଫରୁ ବିଭିନ୍ନ କଲେଜର ଛାତ୍ରଛାତ୍ରୀଙ୍କୁ ସେବା କାର୍ଯ୍ୟରେ ଜଡ଼ିତ କରିବା ପାଇଁ ଗଠନ କରାଯାଇଥିବା "ଇକୋ କ୍ଲବ୍ ଏବଂ ସୋସିଆଲ ୟୁଥ୍ କ୍ଲବ୍'ର ବିଶେଷ ଯୋଗଦାନ ପାଇଁ କଲେଜମାନଙ୍କୁ ଏବଂ ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଦୀପ୍ତ କୁମାର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟରଞ୍ଜନ ସାହୁ ପରିଚାଳନା କରିଥିଲେ। ଶୁଭୋଜିତ୍ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କୁ ସେବା ପାଇଁ ପ୍ରେରଣା ଦେବ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ଇଂ. ପ୍ରଧାନ କହିଛନ୍ତି।

## ଶ୍ରୀଲୋକନାଥଙ୍କ ପୀଠରେ ସରନ୍ତି ସୋମବାର

ପୁରୀ,୨୭।୪(ସମିସ): ଶ୍ରୀଲୋକନାଥଙ୍କ ପୀଠରେ ବୈଶାଖ ମାସ ଶେଷ ସୋମବାର ବା ସରନ୍ତି ସୋମବାର ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଶ୍ରୀକ୍ଷେତ୍ରର ପଞ୍ଚକୋଶୀ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ବାବା ଶ୍ରୀଲୋକନାଥଙ୍କୁ ଦର୍ଶନ କରିବା ସହ ଚୁଡ଼ାଘଷା ଲାଗି କରିଥିଲେ। ଏହାକୁ ମଧ୍ୟ ପଞ୍ଚକୋଶୀ ଯାତ୍ରା କୁହନ୍ତି। ଜାଗର ଚକଡ଼ାରେ ଶ୍ରଦ୍ଧାଳୁମାନେ ନିଷ୍ଠାର ସହ ଚୁଡ଼ାଘଷା ପ୍ରସ୍ତୁତି କରୁଥିବା ଦେଖିବାକୁ ମିଳିଥିଲା। ଏହି ଚୁଡ଼ାଘଷାରେ ଗୁଣ୍ଡଚୁଡ଼ା, ଶୁଦ୍ଧଘିଅ, ନଡ଼ିଆ, ଚୁଡ଼ାଘଷା ମସଲା, ଗୁଡ଼ ବା ଚିନି, ଗୋଲମରିଚ ଆଦି ଦ୍ରବ୍ୟ ମିଶ୍ରିତ କରି ବଡ଼ତାଟରେ ଚୁଡ଼ା ଘଷି ଭୋଗ ଅର୍ପଣ କରିଥିଲେ। ଓମ୍ ନମଃ ଶିବାୟ ଧ୍ୱନିରେ





ଲୋକନାଥଙ୍କ ମନ୍ଦିର ପରିସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବାବା ଶ୍ରୀଲୋକନାଥଙ୍କ ଦ୍ୱାରଫିଟା, ମଙ୍ଗଳଆଳତି, ମଇଲମ, ସୂର୍ଯ୍ୟ ପୂଜା ସହ ସମସ୍ତ ନୀତିକାନ୍ତି ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ପାର୍ବତୀ ସାଗରରେ ଭକ୍ତମାନେ ପାଦ ଧୋଇବା ପରେ ବେଲପତ୍ର, କଦଳୀ, ଚୁଡ଼ା, ନଡ଼ିଆ ଭୋଗଲାଗି କରିଥିଲେ। ଏହି ଅବସରରେ ଶ୍ରଦ୍ଧାଳୁମାନେ ନିଜ ନିଜର ମନସ୍କାମନା ପୂରଣ ଲାଗି ଶ୍ରୀଲୋକନାଥଙ୍କୁ ପ୍ରାର୍ଥନା କରିଥିଲେ।

- ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ସୁବିଧା ଦାବି

## ପୁରୀବାସୀଙ୍କ ପ୍ରତିବାଦ ପଦଯାତ୍ରା ଜାରି



ପୁରୀ,୨୭।୪(ସମିସ): ପୁରୀ ସହର ଓ ସଦରବାସୀଙ୍କୁ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। କିନ୍ତୁ ଶୁଣୁନାହାନ୍ତି ସରକାର କି ଜିଲ୍ଲା ପ୍ରଶାସନ। ପୁରୀବାସୀ ସେମାନଙ୍କ ଲକ୍ଷ୍ୟ ହାସଲ ଜିଦ୍‌ରେ ଅଟଳ ରହି ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଏଥିପାଇଁ ଗଠିତ ମଞ୍ଚ ପକ୍ଷରୁ ଏପ୍ରିଲ ପହିଲାରୁ ଆରମ୍ଭ କରାଯାଇଥିବା ପଦଯାତ୍ରା ସୋମବାର ୨୭ ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ଦାବି କରିଥିଲେ। ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ସର୍ବଶ୍ରୀ ଚକ୍ରଧର ମହାପାତ୍ର, ହରିଶଙ୍କର ମିଶ୍ର, ସୁକାନ୍ତ ପଣ୍ଡା, ସବିତା ବିଶ୍ୱାଳ, ବନିତା ଦିକ୍ଷୀତ୍, ମମତା ଦାସ, ପ୍ରଣତୀ ରାୟ, ସନ୍ଧ୍ୟାରାଣୀ ମିଶ୍ର, ମୀନାକ୍ଷୀ ରାୟ, ରାମକୃଷ୍ଣ ମହାନ୍ତି, ଅମୂଲ୍ୟ ଦାସ, ବିଶ୍ୱନାଥ ମିଶ୍ର, ପ୍ରକାଶ ନାୟକ, ସନ୍ତୋଷ ସେନାପତି, ବାସୁଦେବ ଲେଙ୍କା, ରାଜା ମହାନ୍ତି, ମନୋଜ ସାମଲ, ମନୋରଞ୍ଜନ ରଣସିଂହ, ପଙ୍କଜିନୀ ପ୍ରଧାନ, ପ୍ରାନ୍ତସେନୀ ଜେନା, ଅକ୍ଷୟ ବେହେରା, ଯାଦବାନନ୍ଦ ରାୟ, ରାଧେଶ୍ୟାମ ରଥ, ମନୋରଞ୍ଜନ ରଣସିଂହ, ଦେବାଶିଷ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

# 'ଓସ୍‌ୱାଲି'ରେ ଲାଇଫ୍‌ଗାର୍ଡ ତାଲିମ କାର୍ଯ୍ୟକ୍ରମ ଶୁଭାରମ୍ଭ

## ୨/୩ ବର୍ଷରେ ୨ ହଜାର ଲାଇଫ୍‌ଗାର୍ଡଙ୍କୁ ତାଲିମ ଦେବାକୁ ଲକ୍ଷ୍ୟ

ପୁରୀ,୨୭।୪(ସମିସ): ଓଡ଼ିଶାକୁ ଏକ ନିରାପଦ ଏବଂ ପ୍ରମୁଖ ସାହସିକ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳ ଭାବେ ଗଢ଼ିତୋଳିବା ପାଇଁ ଚଳିତ ବର୍ଷ ପ୍ରାରମ୍ଭରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଜଳଭିତ୍ତିକ ପର୍ଯ୍ୟଟନ ଏବଂ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ କୌଶଳମୂଳକ ସହଭାଗିତା ସ୍ଥାପନ କରାଯାଇଛି। ଓଡ଼ିଶାରେ ଦ୍ରୁତ ଗତିରେ ବିକାଶ ପାଉଥିବା ଜଳକ୍ରୀଡ଼ା ପରିବେଶରେ କ୍ଷମତା ବୃଦ୍ଧି, ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବା ଏବଂ ଆଧୁନିକ ପ୍ରାୟୋଗିକ ଦକ୍ଷତାକୁ ସମ୍ମିଳିତ କରିବା ପାଇଁ ପର୍ଯ୍ୟଟନ ବିଭାଗ ଗୋଆସ୍ଥିତ ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟ୍ସ ଏବଂ ଓଡ଼ିଶା ଅଗ୍ନିଶମ ଓ ଆପଦ୍‌କାଳୀନ ସେବା ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ପଦକ୍ଷେପର ଅଂଶସ୍ୱରୂପ କୋଣାର୍କସ୍ଥିତ ଓଡ଼ିଶା ଷ୍ଟେଟ୍ ୱାଟରମ୍ୟାନ୍‌ସିପ୍ ଆଣ୍ଡ ଲାଇଫ୍‌ଗାର୍ଡ ଇନ୍‌ଷ୍ଟିଚ୍ୟୁଟ୍ (ଓସ୍‌ୱାଲି) ଠାରେ ଏକ ସମ୍ପୂର୍ଣ୍ଣ ଆବାସିକ ଲାଇଫ୍‌ଗାର୍ଡ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସୋମବାର ପ୍ରଥମ ବ୍ୟାଚ୍‌ର ତାଲିମ ଆରମ୍ଭ ହୋଇଛି।

ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ଲଗାତାର ୧୧ଟି ବ୍ୟାଚ୍‌ରେ ପରିଚାଳିତ ହେବ, ଯେଉଁଥିରେ ପ୍ରତି ବ୍ୟାଚ୍ ୧୨ ଦିନ ରହିବ। ପୁଣି କିଛି ଦିନର ବ୍ୟବଧାନ ପରେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ସମୁଦାୟ ୧୭୬ ଜଣ ସରକାରୀ ଏବଂ ବେସରକାରୀ ଲାଇଫ୍‌ଗାର୍ଡଙ୍କୁ ତାଲିମ ପ୍ରଦାନ କରାଯିବ। ଏଥିରେ ଉଦ୍ଧାର କୌଶଳ,



ସିପିଆର୍ ଓ ପ୍ରାଥମିକ ଚିକିତ୍ସା, ଖୋଲା ଜଳରାଶିରେ କାର୍ଯ୍ୟ କରିବା, ବିପର୍ଯ୍ୟୟ ପରିଚାଳନା, ପର୍ଯ୍ୟଟକ ସୁରକ୍ଷା ନିୟମ ଏବଂ ୱାଟର ସ୍ପୋର୍ଟ୍ସ ସୁରକ୍ଷା ନୀତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଅନ୍ତର୍ଭୁକ୍ତ କରାଯାଇଛି। ଓଡ଼ିଶାର ଉପକୂଳ ଏବଂ ଆଭ୍ୟନ୍ତରୀଣ ଜଳ ପର୍ଯ୍ୟଟନ ପାଇଁ ଏକ ମଜଭୁତ ସୁରକ୍ଷା ବ୍ୟବସ୍ଥା ଗଠନ କରିବା ଲକ୍ଷ୍ୟରେ ଆସନ୍ତା ୨/୩ ବର୍ଷ ମଧ୍ୟରେ ପ୍ରାୟ ୨ ହଜାର ଲାଇଫ୍‌ଗାର୍ଡଙ୍କୁ ତାଲିମ ଦେବା ପାଇଁ ଏକ ରାଜ୍ୟସ୍ତରୀୟ ଯୋଜନା ପ୍ରସ୍ତୁତ କରାଯାଇଛି। ବୈଜ୍ଞାନିକ ଯୋଜନା ଓ ନିୟୋଜନ ପାଇଁ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଜଳାଶୟଗୁଡ଼ିକର ବ୍ୟାପକ ମାପଚୁପ କାର୍ଯ୍ୟ ସମାପ୍ତ ହୋଇଛି। ଏହି ତଥ୍ୟକୁ ଆଧାର କରି ଲାଇଫ୍‌ଗାର୍ଡ୍ ପ୍ରଶିକ୍ଷଣ ପାଇଁ ଆଗ୍ରହୀ ଯୁବକମାନଙ୍କର ଜିଲ୍ଲାଭିତ୍ତିକ ତାଲିକା ପ୍ରସ୍ତୁତି ପ୍ରକ୍ରିୟା ଚାଲିଛି, ଯାହା ମାଧ୍ୟମରେ ସମୁଦ୍ରତଟ, ହ୍ରଦ, ଡ୍ୟାମ୍ ଓ ନଦୀତଟ ସହିତ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକରେ ବ୍ୟବସ୍ଥିତ ଭାବେ କ୍ଷମତା ବିକାଶ ଓ ନିୟୋଜନ ସୁନିଶ୍ଚିତ କରାଯିବ। ଏହି ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ଲାଇଫ୍‌ଗାର୍ଡମାନଙ୍କୁ ପୁରୀ, ଚନ୍ଦ୍ରଭାଗା ଓ ଅନ୍ୟାନ୍ୟ ପ୍ରମୁଖ ସମୁଦ୍ରତଟ ସହିତ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳରେ ନିୟୋଜିତ କରାଯିବ। ବିଭିନ୍ନ ଜଳାଶୟରେ ବଢୁଥିବା ଦୁର୍ଘଟଣାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ବିଭାଗ ଓସ୍‌ୱାଲି ସହଯୋଗରେ ଜନସାଧାରଣ ଓ ପର୍ଯ୍ୟଟକଙ୍କ ସୁରକ୍ଷା ବୃଦ୍ଧି ପାଇଁ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି।

# ସମ୍ପାଦକୀୟ



ଆମ ଖାଦ୍ୟ ନିରାପତ୍ତା ସ୍ୱଦେଶୀ ଉତ୍ପାଦନର ମୂଳଦୁଆ ଉପରେ ପ୍ରତିଷ୍ଠା ହେବା ଆବଶ୍ୟକ।
-ଏମ୍ ଏସ୍ ସ୍ୱାମୀନାଥନ୍

ସକାଳ
THE SAKALA

## ସୁଯୋଗ ହାତଛଡ଼ା!

ସମ୍ପ୍ରତି ତିନିଟି ଯୁଦ୍ଧକୁ ନେଇ ଏସିଆ ମହାଦେଶ ଅଶାନ୍ତ ଓ ଅସ୍ଥିର। ଏଥିମଧ୍ୟରୁ ରୁଷ-ୟୁକ୍ରେନ ଏବଂ ଇରାନ ବିରୋଧରେ ଆମେରିକା-ଇସ୍ରାଏଲ ଯୁଦ୍ଧକୁ ନେଇ ସମଗ୍ର ବିଶ୍ୱ ମୁଖର ହୋଇଥିବା ବେଳେ ପାକିସ୍ତାନ-ଆଫଗାନିସ୍ତାନ ଯୁଦ୍ଧକୁ ନେଇ ସେଭଳି ବିଶେଷ ଆଲୋଚନା ହୋଇନାହିଁ। ଏହି ତିନିଟି ଯୁଦ୍ଧର ପୃଷ୍ଠଭୂମି, ସ୍ଥିତି ଓ ସମ୍ଭାବନାକୁ ନେଇ ଅଙ୍କ କଷିବା ବେଳେ ଭାରତର ସ୍ଥିତି ଓ ଭୂମିକା ସ୍ୱତଃ ଆଲୋଚନାର ପରିସରକୁ ଆସିଯାଉଛି।

୨୦୨୨, ଫେବୃଆରୀରୁ ଆରମ୍ଭ ହୋଇଥିବା ରୁଷ-ୟୁକ୍ରେନ୍ ଯୁଦ୍ଧର ବିଭୀଷିକା ଅଦ୍ୟାବଧି ଜାରି ରହିଛି। ଏହି ଯୁଦ୍ଧର ଅବସାନ ପାଇଁ ଆମେରିକା ସମେତ ଅନେକ ଦେଶ ଉଦ୍ୟମ କରିଥିଲେ ମଧ୍ୟ ବିଶେଷ ସଫଳତା ମିଳିନାହିଁ। ଉଭୟ ରୁଷ ଓ ୟୁକ୍ରେନ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଯୋଗୁଁ ଯୁଦ୍ଧବିରତି ଓ ଶାନ୍ତି ପ୍ରତିଷ୍ଠା ଲାଗି ଭାରତ ଅନେକ ପ୍ରୟାସ କରିଥିଲେ ମଧ୍ୟ ଆଶାନୁରୂପ ସଫଳତା ମିଳି ନ ପାରିବା ଭିନ୍ନ କଥା। କିନ୍ତୁ ସମ୍ପ୍ରତି ମଧ୍ୟପ୍ରାଚ୍ୟ ଓ ପାକିସ୍ତାନ-ଆଫ୍‌ଗାନିସ୍ତାନ ଯୁଦ୍ଧରେ ଭାରତର ନୀରବଦ୍ରଷ୍ଟା ଭୂମିକା ଗ୍ରହଣୀୟ ହୋଇପାରୁନାହିଁ।

ପାକିସ୍ତାନ-ଆଫଗାନିସ୍ତାନ ଯୁଦ୍ଧରେ ଭାରତର ଚରମ ଶତ୍ରୁ ପାକିସ୍ତାନର ଆତଙ୍କୀ ଚେହେରାକୁ ପୁଣି ଥରେ ବିଶ୍ୱ ସମ୍ମୁଖକୁ ଆଣିବା ପାଇଁ ଭାରତ ପାଖରେ ପର୍ଯ୍ୟାପ୍ତ ସୁଯୋଗ ଥିଲେ ମଧ୍ୟ ତାହା ହାତଛଡ଼ା ହୋଇଯାଇଛି। ଏକ ନିରସ୍ତ୍ର ଓ ଦୁର୍ବଳ ଦେଶ ଉପରେ ପାକିସ୍ତାନ ଯେଉଁଭଳି କ୍ଷେପଣାସ୍ତ୍ର ଓ ବାୟୁସେନା ଦ୍ୱାରା ଆକ୍ରମଣ କଲା, ତାହା ବର୍ବରତାର ସବୁ ସୀମା ଟପିଗଲା। ଆଫଗାନିସ୍ତାନର ଡାକ୍ତରଖାନାରେ ଉପରେ ମଧ୍ୟ ପାକିସ୍ତାନ ଆକ୍ରମଣ କରିଥିଲା, ଯେଉଁଥିରେ ପ୍ରାୟ ୪୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଭାରତ ଏହି ବର୍ବରତାର ନିନ୍ଦା କରିଥିଲେ ମଧ୍ୟ ବିଶ୍ୱସ୍ତରରେ ପାକିସ୍ତାନକୁ ନିନ୍ଦିତ ପାଇଁ ଯେଭଳି ଉଦ୍ୟମ କରିବା କଥା ତାହା ଦେଖିବାକୁ ମିଳିଲା ନାହିଁ। ଭାରତରେ ଅସ୍ଥିରତା ପାଇଁ ନିଜ ଦେଶରେ ଆତଙ୍କବାଦୀଙ୍କୁ ସୃଷ୍ଟି କରୁଥିବା ପାକିସ୍ତାନ ଆଜି ଇରାନ ଓ ଆମେରିକା ମଧ୍ୟରେ ଯୁଦ୍ଧବିରତି ଲାଗି ମଧ୍ୟସ୍ଥତା କରୁଥିବା ଦେଖିବା ପରେ ଭାରତବାସୀ ଭାବେ ଆମକୁ ବ୍ୟସ୍ତ ଓ ଅସ୍ୱସ୍ତିକର ବୋଧ ହେବା ସ୍ୱାଭାବିକ।

ଭାରତରେ ଆତଙ୍କବାଦୀ ଆକ୍ରମଣ, ବିଶେଷକରି ପହଲଗାମରେ ବୀଭତ୍ସ ଆକ୍ରମଣ ପଛରେ ପାକିସ୍ତାନର ହାତ ଥିବା ପ୍ରମାଣ ସାରା ବିଶ୍ୱ ଦେଖିଛି। ଅନେକ ଦେଶ ଏହାର ନିନ୍ଦା କରିଛନ୍ତି। ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେସନ ସିନ୍ଦୂର'କୁ ମଧ୍ୟ ଅନେକ ଦେଶ ସମର୍ଥନ କରିଛନ୍ତି। ଏଭଳି ଏକ ଆତଙ୍କବାଦୀ ରାଷ୍ଟ୍ରର ଇରାନ୍-ଆମେରିକା ଯୁଦ୍ଧବିରତି ଲାଗି ମଧ୍ୟସ୍ଥି ପ୍ରୟାସ ହାସ୍ୟାସ୍ପଦ। କିନ୍ତୁ ବିଡ଼ମ୍ବନା ହେଉଛି ପାକିସ୍ତାନର ମଧ୍ୟସ୍ଥତାକୁ ଉଭୟ ଆମେରିକା ଓ ଇରାନ ସ୍ୱୀକାର କରିଛନ୍ତି। ଏକ ଶାନ୍ତ ଓ ନିରପେକ୍ଷ ରାଷ୍ଟ୍ର ଭାବେ ଭାରତ ଯେଉଁ ଦାୟିତ୍ୱ ଓ ଭୂମିକା ନିର୍ବାହ କରିବା କଥା ତାହା ପାକିସ୍ତାନ କରୁଛି। ଆମେରିକା, ଇସ୍ରାଏଲ ଓ ଇରାନ ସହିତ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ପୃଷ୍ଠଭୂମିରେ ଭାରତ ଯୁଦ୍ଧବିରତି ଲାଗି ମଧ୍ୟସ୍ଥତା କରିଥିଲେ ବିଶ୍ୱ ଦରବାରରେ ଭାରତର ଭାବମୂର୍ତ୍ତି ଓ ପ୍ରଭାବ ଆହୁରି ଦୃଢ଼ ହୋଇପାରିଥା'ନ୍ତା। ତେଣୁ ଭାରତ ଏଭଳି ଏକ ସୁଯୋଗ ହାତଛଡ଼ା କରିଛି କି? ଏହି ପ୍ରଶ୍ନ ଏବେ ଦେଶର ନାଗରିକଙ୍କୁ ଆନ୍ଦୋଳିତ କରୁଛି।

ଓମାନରେ ଆଣବିକ ଶକ୍ତି ନିରସ୍ତ୍ରୀକରଣ ଆଲୋଚନା ଚାଲିଥିବା ବେଳେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଅଚାନକ ମିଳିତ ଆକ୍ରମଣ ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା। ଇରାନ୍ ମଧ୍ୟ ପ୍ରତିଆକ୍ରମଣ କରିଥିଲା। ଏହି ତିନିଟି ଯାକ ଦେଶ ସହ ଭାରତର ସଂପର୍କ ଘନିଷ୍ଠ ଥିବାରୁ ଏଭଳି ଆକ୍ରମଣ ଓ ପ୍ରତ୍ୟାକ୍ରମଣକୁ ନିନ୍ଦା ନ କରିବା ସ୍ୱାଭାବିକ। କିନ୍ତୁ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ସେମାନଙ୍କୁ ବୁଝାଇବାରେ ଅସୁବିଧା କେଉଁଠି ଥିଲା? ଏଥିପାଇଁ ଭାରତ ପ୍ରଥମ ଦିନରୁ ପ୍ରୟାସ କରିଥିଲେ ହୁଏତ କିଛିଦିନ ମଧ୍ୟରେ ଯୁଦ୍ଧବିରତି ସମ୍ଭବ ହୋଇପାରିଥା'ନ୍ତା।

୨୦୨୫ ଜୁନରେ ଇରାନ ଓ ଇସ୍ରାଏଲ ମଧ୍ୟରେ ହୋଇଥିବା ଯୁଦ୍ଧ ବେଳେ ଭାରତର ଭୂମିକା ପ୍ରଶଂସନୀୟ ଥିଲା। ଉଭୟ ଇରାନ ଓ ଇସ୍ରାଏଲକୁ ଶାନ୍ତି ଆଲୋଚନା ପାଇଁ ଭାରତ ପରାମର୍ଶ ଦେଇଥିଲା। କିଛିସପ୍ତାହ ପରେ ସାଂଘାଇ ସହଯୋଗ ସଂଗଠନ ବୈଠକରେ ଇରାନ ବିରୋଧରେ ଆଗତ ଏକ ପ୍ରସ୍ତାବକୁ ସମର୍ଥନ କରିବାକୁ ଭାରତ ମନା କରିଦେଇ ଏକ ସ୍ପଷ୍ଟ ସଙ୍କେତ ଦେଇଥିଲା। ଭାରତର ଏଭଳି ସନ୍ତୁଳିତ କୂଟନୀତି ବିଶ୍ୱକୁ ଏକ ସ୍ୱତନ୍ତ୍ର ସନ୍ଦେଶ ଦେଇଥିଲା। ତେଣୁ ସମ୍ପ୍ରତି ଇରାନ-ଆମେରିକା-ଇସ୍ରାଏଲ ଯୁଦ୍ଧରେ ଭାରତଠାରୁ ଏଭଳି ସ୍ପଷ୍ଟ ସନ୍ଦେଶ ବିଶ୍ୱ ଆଶା କରୁଥିଲା। କିନ୍ତୁ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଭାରତର ଆଭିମୁଖ୍ୟ ଏବେ ବି ଅସ୍ପଷ୍ଟ ରହିବା ଆଶ୍ଚର୍ଯ୍ୟ ଲାଗୁଛି।

ବିଶ୍ୱରେ ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ ଶାନ୍ତି ପ୍ରତିଷ୍ଠାରେ ଭାରତର ଭୂମିକା ପ୍ରଶଂସନୀୟ। ଜାତିସଂଘ ଚାର୍ଟର, ସାର୍ବଭୌମତ୍ୱ ଏବଂ ଅହିଂସା ପ୍ରତି ସଂକଳ୍ପ ଯୋଗୁଁ ବିଶ୍ୱ ଦରବାରରେ ଭାରତର ପରିଚୟ ମଧ୍ୟ ସ୍ୱତନ୍ତ୍ର। ବିଶ୍ୱର ପ୍ରାୟ ସମସ୍ତ ଦେଶ ସହିତ ଭାରତର ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ରହିଆସିଛି। ବିଶ୍ୱରେ ଯେକୌଣସି ଅଞ୍ଚଳ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଲେ ଶତ୍ରୁ-ମିତ୍ର ନିର୍ବିଶେଷରେ ସହାୟତା ପଠାଇବାରେ ଭାରତ କେବେ ମଧ୍ୟ କାର୍ପଣ୍ୟ କରିନାହିଁ। ୧୯୫୦ ଦଶକରୁ କୋରିଆଠାରୁ ଆରମ୍ଭ କରି ମଧ୍ୟପ୍ରାଚ୍ୟ ପର୍ଯ୍ୟନ୍ତ ଅଶାନ୍ତି ଓ ଉତ୍ତେଜନା ପ୍ରଶମନରେ ଭାରତ ଶାନ୍ତିଦୂତର ଭୂମିକା ନିର୍ବାହ କରିଛି। ପଡ଼ୋଶୀ ଦେଶଙ୍କ ସହିତ ଆଞ୍ଚଳିକ ବିବାଦକୁ ଛାଡ଼ିଦେଲେ ବିଶ୍ୱ ରାଜନୀତିରେ ଭାରତର ଭାବମୂର୍ତ୍ତି ଅତ୍ୟନ୍ତ ଉଜ୍ଜ୍ୱଳ। ତଥାପି ଇରାନ୍ ବିରୋଧରେ ଆମେରିକା-ଇସ୍ରାଏଲର ମିଳିତ ଯୁଦ୍ଧର ପ୍ରଶମନ ଉଦ୍ୟମରୁ ଭାରତ ନିଜକୁ ଦୂରେଇ ରଖିବା ପଛର କୂଟନୀତି ଏକ କୁହେଳି ହୋଇ ରହିଯାଇଛି।

## ଖାଦ୍ୟ ନିରାପତ୍ତାରେ ବନ୍ୟଜାତ ଦ୍ରବ୍ୟର ଭୂମିକା

**ବିଦ୍ୟାଧର ମହାରଣା**

ଜଙ୍ଗଲଗୁଡ଼ିକରେ ଆମର ଖାଦ୍ୟ ଉପଯୋଗୀ କେତେ ଯେ ବୃକ୍ଷଲତା ଅଛି ତାହାର ହିସାବ ନାହିଁ। ପ୍ରକୃତିର ଏସବୁ ଅବଦାନକୁ ଆମେ ଅଣଦେଖା କରିବା ଅନୁଚିତ। ପାହାଡ଼, ଜଙ୍ଗଲରେ ବାସ କରୁଥିବା ଆଦିମ ଜନଜାତି ଏଗୁଡ଼ିକୁ ଏବେ ବି ଖାଦ୍ୟ ରୂପେ ବ୍ୟବହାର କରୁଛନ୍ତି। ବର୍ତ୍ତମାନ ଯେପରି ଖାଦ୍ୟପଦାର୍ଥଗୁଡ଼ିକ ଅପମିଶ୍ରିତ ହୋଇ ଆମର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଛି, ସେହି ପରିପ୍ରେକ୍ଷୀରେ ପ୍ରକୃତିଦତ୍ତ ଖାଦ୍ୟ ପଦାର୍ଥଗୁଡ଼ିକ ଉପରେ ଆମେ ଗୁରୁତ୍ୱ ଦେବାର ସମୟ ଉପନୀତ।

ସାମ୍ପ୍ରତିକ ଜଳବାୟୁ ଅନିଶ୍ଚିତତା, ଖାଦ୍ୟ ପଦାର୍ଥର ଅହେତୁକ ମୂଲ୍ୟବୃଦ୍ଧି ଏବଂ କୃଷିବିବିଧତା ହ୍ରାସ ପରିପ୍ରେକ୍ଷୀରେ ଆମେ ଆମର ପାରମ୍ପରିକ କୃଷି ପରିସର ବାହାରେ ରହିଥିବା, ବିଶେଷକରି ଆଜିପର୍ଯ୍ୟନ୍ତ ଆମେ ଅଣଦେଖା କରି ଆସୁଥିବା ଏବଂ ପ୍ରାକୃତିକ ଉପାୟରେ ବଢୁଥିବା, ଖାଦ୍ୟୋପଯୋଗୀ ବୃକ୍ଷଲତା ବିଷୟରେ ଅଧିକ ଜାଣିବା ଆବଶ୍ୟକ। ଏପରି କେତେକ ଆଦିବାସୀ ଓ ଗ୍ରାମାଞ୍ଚଳ ସମ୍ପ୍ରଦାୟ ଦ୍ୱାରା ଦୀର୍ଘବର୍ଷ ଧରି ନିର୍ଭର କରାଯାଇଥିବା ପ୍ରାକୃତିକ ସମ୍ପଦଗୁଡ଼ିକ ଏକ ଅଧିକ ସ୍ଥିର ଏବଂ ଅନ୍ତର୍ଭୁକ୍ତ ଖାଦ୍ୟ ବ୍ୟବସ୍ଥା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ। ପ୍ରାଚୀନ କାଳରେ ମୁନିଋଷି ଫଳମୂଳ ଓ ଝରଣା ପାଣି ଉପରେ ନିର୍ଭର କରୁଥିଲେ। ପ୍ରଭୁ ଶ୍ରୀରାମ ମଧ୍ୟ ଚଉଦବର୍ଷ ବନବାସ ସମୟରେ କେବଳ ଜଙ୍ଗଲଜାତ ଫଳମୂଳକୁ ଖାଦ୍ୟ ରୂପେ ଗ୍ରହଣ କରୁଥିଲେ।

ବନ୍ୟଜାତ ଖାଦ୍ୟୋପଯୋଗୀ ଉଦ୍ଭିଦଗୁଡ଼ିକ ବିଭିନ୍ନ ପ୍ରକାରର ପ୍ରଜାତି ଅନ୍ତର୍ଭୁକ୍ତ। ଯଥା: ସବୁଜପତ୍ରଯୁକ୍ତ ଶାଗ, ଫଳ, କନ୍ଦ, ବିହନ ଓ ଛତୁ ଇତ୍ୟାଦି। ଏହାଗୁଡ଼ିକ କେହି ଚାଷ କରନ୍ତି ନାହିଁ। ପିଢ଼ି ପରେ ପିଢ଼ି ଧରି, ସମଗ୍ର ଭାରତରେ ଗ୍ରାମ୍ୟ ସମ୍ପ୍ରଦାୟ, ବିଶେଷକରି ଆଦିବାସୀ ଅଞ୍ଚଳରେ, ଏହି ଉଦ୍ଭିଦଗୁଡ଼ିକୁ ପ୍ରଚୁର ଭାବରେ ଦେଖିବାକୁ ମିଳେ। ଏପରି ପ୍ରାକୃତିକ ଖାଦ୍ୟଦ୍ରବ୍ୟ ଉପରେ ଆଦିମ ଅଧିବାସୀ ଓ କେତେକ ଗ୍ରାମବାସୀ ଦୀର୍ଘଦିନ ଧରି ନିର୍ଭର କରି ଆସୁଛନ୍ତି। ଜଙ୍ଗଲି ଆମ୍ବ, କେନ୍ଦୁ, ଚାରକୋଳି, ଜାମୁକୋଳି, ବାଦାମ, ବାଉଁଶ କରଡ଼ି, ବିଭିନ୍ନ ପ୍ରକାରର କନ୍ଦ, ଲତା, ଶାଗ ଇତ୍ୟାଦି ପ୍ରଚୁର ଭାବରେ ଜଙ୍ଗଲରୁ ସେମାନେ ସଂଗ୍ରହ କରି ନିଜର ଅଭାବ ପୂରଣ କରିବା ପରେ ହାଟରେ ବିକ୍ରୟ କରନ୍ତି। ସେମାନେ ଏହିଖାଦ୍ୟ ଦ୍ରବ୍ୟଗୁଡ଼ିକୁ ଔଷଧୀୟ ପଦାର୍ଥ ହିସାବରେ ମଧ୍ୟ ବ୍ୟବହାର କରନ୍ତି। ଆଧୁନିକ କୃଷି ଓ ବଜାର ଆଧାରିତ ଖାଦ୍ୟ ଦ୍ରବ୍ୟର ବ୍ୟବହାର ଯୋଗୁଁ ପ୍ରାଚୀନ ଖାଦ୍ୟଦ୍ରବ୍ୟ ବିଲୋପ ହେବାକୁ ବସିଲାଣି।

ବିଭିନ୍ନ ସଙ୍କଟ ସମୟରେ ବନ୍ୟଖାଦ୍ୟର ଗୁରୁତ୍ୱ ବିଶେଷ ଭାବରେ ଉପଲବ୍ଧ କରିହୁଏ। ଯେତେବେଳେ ମରୁଡ଼ି, ବନ୍ୟା ଓ ଫସଲ ବିଫଳତା ଖାଦ୍ୟ ଯୋଗାଣ ଶୃଙ୍ଖଳକୁ ବାଧା ଦେଇଥାଏ, ସେତେବେଳେ ଏହା ଅସହାୟ ଓ ଦୁର୍ବଳ ଗୋଷ୍ଠୀ ଉପରେ ପ୍ରଭାବ ପକାଏ। ଏପରି ପରିସ୍ଥିତିରେ ବନ୍ୟଜାତ ଖାଦ୍ୟ ପ୍ରାୟତଃ ସୁରକ୍ଷା ଜାଲ ଭାବରେ କାର୍ଯ୍ୟ କରେ। ଏଗୁଡ଼ିକ ସାଧାରଣତଃ ପରିବେଶଗତ ଚାପ ବିରୁଦ୍ଧରେ ଅଧିକ ପ୍ରତିରୋଧୀ ହୋଇଥିବାରୁ ଉତ୍ପାଦନ ସ୍ଥିର ରହେ। ଏଗୁଡ଼ିକ କୌଣସି ସାର କିମ୍ବା ଜଳସେଚନ ଭଳି ବାହ୍ୟ ଉଦ୍‌ଯୋଗ ଆବଶ୍ୟକ କରେ ନାହିଁ ଏବଂ ସର୍ବନିମ୍ନ ଖର୍ଚ୍ଚରେ ଅମଳ କରାଯାଇପାରିବ। ସମାଜର ଦୁର୍ବଳ ଗୋଷ୍ଠୀଙ୍କ ନିମନ୍ତେ ଏହା ସୁଲଭ ଓ ଶସ୍ତା ଖାଦ୍ୟ ଭାବରେ ମିଳିଥାଏ। ପୁଷ୍ଟିଦୃଷ୍ଟିରୁ ବିଚାର କଲେ ଜଙ୍ଗଲିଖାଦ୍ୟ ଓ ଉଦ୍ଭିଦଗୁଡ଼ିକ ପ୍ରାୟତଃ ଚାଷ କରାଯାଇଥିବା ଫସଲ ଅପେକ୍ଷା ଉତ୍କୃଷ୍ଟ। ଏଥିରେ ଅନେକ ଅତ୍ୟାବଶ୍ୟକୀୟ ପୁଷ୍ଟିସାର, ଖଣିଜ ପଦାର୍ଥ, ଶ୍ୱେତସାର, ସ୍ନେହସାର, ଖାଦ୍ୟତନ୍ତୁ ଭରପୂର ରହିଥାଏ। ଉଦାହରଣ ସ୍ୱରୂପ, ସାଧାରଣତଃ ମିଳୁଥିବା ଜଙ୍ଗଲି ସବୁଜ ପତ୍ରଗୁଡ଼ିକରେ ଚାଷ କରାଯାଉଥିବା ପନିପରିବା ଅପେକ୍ଷା ଅଧିକ ଲୌହ ଓ କ୍ୟାଲସିୟମ ରହିଥାଏ। ଏଗୁଡ଼ିକୁ ସ୍ଥାନୀୟ ଖାଦ୍ୟରେ ସାମିଲ କରିବା ଦ୍ୱାରା କୁପୋଷଣ ମୁକାବିଲା କରିବାରେ ସାହାଯ୍ୟ କରାଯାଇପାରିବ।

ଏବେ ଜଙ୍ଗଲି ଫଳ, ମୂଳ, କନ୍ଦ ଓ ଶାଗ ଆଗ ଭଳି ଆଉ ମିଳୁନାହିଁ। ଅବାରିତ ଜଙ୍ଗଲ କଟା, ସହରାଞ୍ଚଳ ପ୍ରସାରଣ ଏବଂ ଶିଳ୍ପ କୃଷି ଯୋଗୁଁ ଜଙ୍ଗଲ ବାସସ୍ଥାନ କ୍ଷତି ସେମାନଙ୍କର ଉପଲବ୍ଧତାକୁ ବିପଦରେ ପକାଇଥାଏ। ଏହାସହିତ ଯୁବପିଢ଼ି ପାରମ୍ପରିକ ପରିବେଶଗତ ଜ୍ଞାନରୁ କିଛି ଶିଖିବା ଅବସ୍ଥାରେ ନାହାନ୍ତି। ଜଙ୍ଗଲଜାତ ଖାଦ୍ୟ ପଦାର୍ଥଗୁଡ଼ିକୁ ପ୍ରାୟତଃ 'ଗରିବ ଲୋକଙ୍କ ଖାଦ୍ୟ' ଭାବରେ ଦେଖାଯାଏ। ଏଣୁ ବହୁଲୋକ ଏଗୁଡ଼ିକୁ ଗ୍ରହଣ କରିବା ପାଇଁ କୁଣ୍ଠାବୋଧ କରୁଛନ୍ତି। ଏଣୁ ଜଙ୍ଗଲି ଖାଦ୍ୟ ଉଦ୍ଭିଦର ସମ୍ଭାବନାକୁ ଉପଯୋଗ କରିବା ପାଇଁ ବହୁମୁଖୀ ପଦ୍ଧତି ଆବଶ୍ୟକ।

ପ୍ରଥମରେ ଆଦିବାସୀ ଜ୍ଞାନର ଅଭିଲେଖ ଓ ସଂରକ୍ଷଣକୁ ପ୍ରାଥମିକତା ଦେବାକୁ ପଡ଼ିବ। ଏହି ଜ୍ଞାନ ଥିବା ବୟସ୍କ ଓ ସମ୍ପ୍ରଦାୟର ସଦସ୍ୟମାନେ ଏହାକୁ ପ୍ରସାରିତ କରିବା ପାଇଁ ଶିକ୍ଷାଗତ ପଦକ୍ଷେପରେ ନିୟୋଜିତ ହେବା ଉଚିତ। ବିଦ୍ୟାଳୟ ଓ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକ ଏହି ଜ୍ଞାନକୁ ସେମାନଙ୍କ ପାଠ୍ୟକ୍ରମରେ ଏକୀକୃତ କରିପାରିବେ, ଯାହାଦ୍ୱାରା ଛୋଟ ବୟସରୁ ସେମାନଙ୍କ ସଚେତନତା ବୃଦ୍ଧି ହୋଇପାରିବ। ଦ୍ୱିତୀୟତଃ, ନୀତି ନିର୍ଦ୍ଧାରକମାନେ ଖଦ୍ୟସୁରକ୍ଷା ରଣନୀତିର ଏକ ବୈଧ ଉପାଦାନ ଭାବରେ ବନ୍ୟଖାଦ୍ୟ ଉଦ୍ଭିଦକୁ ଚିହ୍ନଟ କରିବା ଉଚିତ। ଏଥିରେ ପ୍ରାକୃତିକ ବାସସ୍ଥାନକୁ ସୁରକ୍ଷା, ସମ୍ପ୍ରଦାୟ ଜଙ୍ଗଲ ପରିଚାଳନାକୁ ପ୍ରୋତ୍ସାହିତ କରିବା ଏବଂ ଏହି ଉଦ୍ଭିଦଗୁଡ଼ିକର ପୁଷ୍ଟିକର ଓ ଆର୍ଥିକ ମୂଲ୍ୟ ଉପରେ ଗବେଷଣାକୁ ସମର୍ଥନ କରିବା ଅନ୍ତର୍ଭୁକ୍ତ। ଏହା ବନ୍ୟ ଖାଦ୍ୟ ପାଇଁ ସ୍ଥାନୀୟ ବଜାର ସୃଷ୍ଟି କରିବା, ସ୍ଥାୟୀ ଅମଳ ଅଭ୍ୟାସକୁ ଉତ୍ସାହିତ କରିବା ସହିତ ଜୀବିକା ନିର୍ବାହର ସୁଯୋଗ ମଧ୍ୟ ପ୍ରଦାନ କରିପାରିବ। ତୃତୀୟତଃ, ଜନସାଧାରଣଙ୍କ ଧାରଣାକୁ ପରିବର୍ତ୍ତନ କରିବାର ଆବଶ୍ୟକତା ଅଛି। ସଚେତନତା ଅଭିଯାନ, ରାନ୍ଧଣା ମହୋତ୍ସବ ଓ ମୁଖ୍ୟଧାରାର ଖାଦ୍ୟରେ ସାମିଲ କରିବା ଦ୍ୱାରା ବନ୍ୟ ଖାଦ୍ୟଗୁଡ଼ିକୁ ପୁଷ୍ଟିକର ହିସାବରେ ଗ୍ରହଣୀୟ ହୋଇପାରିବ। ସହରାଞ୍ଚଳ ଗ୍ରାହକମାନେ ମଧ୍ୟ ଜୈବିକ ଓ ସଂଗ୍ରହ କରାଯାଇଥିବା ଖାଦ୍ୟ ଆନ୍ଦୋଳନକୁ ସମର୍ଥନ କରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ, ଯାହାଦ୍ୱାରା ପାରମ୍ପରିକ ଅଭ୍ୟାସ ଏବଂ ଆଧୁନିକ ଜୀବନଶୈଳୀ ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରାଯାଇପାରିବ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବନ୍ୟଖାଦ୍ୟ ଉଦ୍ଭିଦର ଅମଳ ସଂରକ୍ଷଣ ସହିତ ସନ୍ତୁଳିତ ହେବା ଉଚିତ। କାରଣ ଏହା ଅତ୍ୟଧିକ ଅମଳ ହ୍ରାସ କରିପାରେ ଏବଂ ଆମେ ଯେଉଁ ସମ୍ପଦକୁ ସୁରକ୍ଷା ଦେବାକୁ ଚାହୁଁଛୁ ତାହାକୁ ଦୁର୍ବଳ କରିପାରେ। ପାରମ୍ପରିକ ଅଭ୍ୟାସ ଦ୍ୱାରା ପରିଚାଳିତ ସମ୍ପ୍ରଦାୟ-ନେତୃତ୍ୱାଧୀନ ପରିଚାଳନା ବ୍ୟବସ୍ଥା, ପରିବେଶଗତ ସନ୍ତୁଳନ ବଜାୟ ରଖି ସ୍ଥାୟୀ ବ୍ୟବହାର ନିଶ୍ଚିତ ହୋଇପାରିବ। ଯେତେବେଳେ ବିଶ୍ୱ ବର୍ଦ୍ଧିତ ଜନସଂଖ୍ୟାକୁ ଖାଦ୍ୟ ଯୋଗାଇବା ଏବଂ ପରିବେଶ ସଂରକ୍ଷଣ କରିବାର ଦ୍ୱୈତ ଆହ୍ୱାନ ସହିତ ସଂଘର୍ଷ କରୁଛି, ବନ୍ୟଖାଦ୍ୟ ଉଦ୍ଭିଦ ଏକ ନୂତନ ମାର୍ଗ ଆଡ଼କୁ ଅଗ୍ରସର ହୋଇପାରେ। ଆମକୁ ମନେ ରଖିବାକୁ ହେବ ଯେ ଆଧୁନିକ ସମସ୍ୟାର ସମାଧାନ ପ୍ରାୟତଃ ପ୍ରାଚୀନ ଜ୍ଞାନରେ ରହିଛି। ଏହି ପ୍ରାକୃତିକ ଜ୍ଞାନକୁ ଚିହ୍ନି ଓ ପୁନର୍ଜୀବିତ କରି ଆମେ ଏପରି ଏକ ଖାଦ୍ୟ ବ୍ୟବସ୍ଥା ନିର୍ମାଣ କରିପାରିବା, ଯାହା କେବଳ ସୁରକ୍ଷିତ ନୁହେଁ ବରଂ ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତୀ ହୋଇପାରିବ। ଖାଦ୍ୟର ଭବିଷ୍ୟତ କେବଳ ଆମେ କ'ଣ ଚାଷ କରୁଛୁ ତାହା ଉପରେ ନିର୍ଭର କରି ନପାରେ। ବରଂ ଆମେ କେଉଁସବୁ ଦିଗକୁ ଅଣଦେଖା କରୁଛୁ ତାହା ଉପରେ ନିର୍ଭର କରେ। ସୁତରାଂ ଜଙ୍ଗଲଗୁଡ଼ିକର ସୁରକ୍ଷା ସହିତ ବନ୍ୟ ଖାଦ୍ୟ ଉତ୍ପାଦନ କରୁଥିବା ବୃକ୍ଷଲତାଗୁଡ଼ିକର ସୁରକ୍ଷା ଉପରେ ଆଗାମୀ ଦିନର ରଣନୀତି ପର୍ଯ୍ୟବସିତ ହେବା ଜରୁରୀ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ମାତୃଭୂମିର ମନ୍ତ୍ରଦାତା ମଧୁସୂଦନ

**ସୀତାଂଶୁ ମୋହନ ଦ୍ୱିବେଦୀ**

ଓଡ଼ିଶାର ଜଣେ ସୁଦକ୍ଷ, ଶକ୍ତିଶାଳୀ ଅଧିନାୟକ ଥିଲେ ଅନନ୍ୟ ଜନନାୟକ, ପ୍ରଜ୍ଞାପୁରୁଷ, ଉତ୍କଳଗୌରବ, ଓଡ଼ିଶାର ପ୍ରାଣ ପ୍ରତିଷ୍ଠାତା, କୁଳବୃଦ୍ଧ ମଧୁସୂଦନ ଦାସ। ସମଗ୍ର ଭାରତବର୍ଷରେ ଓଡ଼ିଶାର ସେହି ମୁକୁଟବିହୀନ ସମ୍ରାଟ ଉତ୍କଳଗୌରବ ମଧୁସୂଦନ ଦାସଙ୍କର ଅନେକ ଭାବଗ୍ରାହୀ ପ୍ରଶଂସକ ଥିଲେ। ସେମାନଙ୍କ ମଧ୍ୟରେ ଜାତିରଜନକ ମାହାତ୍ମା ଗାନ୍ଧୀ, ପଣ୍ଡିତ ମୋତିଲାଲ ନେହେରୁ, ଦେଶବନ୍ଧୁ ଚିତ୍ତରନ ଦାସ, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ, ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଅଗ୍ରଗଣ୍ୟ।

ମଧୁସୂଦନ ଜନ୍ମଭୂମିକୁ ମାତୃସ୍ୱରୁପା କରୁଣାଦାୟିନୀ ଜନନୀ ରୂପେ ଆବାହନ କରିଥିଲେ। ଜନନୀର ମହିମାଗାନରେ ମହିମାନ୍ୱିତ ମଧୁସୂଦନଙ୍କ କଣ୍ଠରେ ଉଚ୍ଛୁଳି ଉଠିଥିଲା, ମାତୃ ବନ୍ଦନାର ଅମରଗାନ। ଜନସମାଜକୁ ଦେଶମାତୃକାର ସେବାରେ ନିୟୋଜିତ କରିବାରେ ମଧୁସୂଦନଙ୍କ ଅବଦାନ ଅତୁଳନୀୟ। ଉତ୍କଳାସୀଙ୍କୁ ଜାଗ୍ରତ କରିବା ପାଇଁ ଏବଂ ଜନସମାଜକୁ ଦେଶମାତୃକାର ସେବାରେ ନିୟୋଜିତ କରିବା ପାଇଁ ମଧୁବାବୁଙ୍କ ଭାଷାରେ- 'କୋଟିଏ ସନ୍ତାନ ଗୋଟିଏ ସ୍ୱରରେ ଜନନୀ ଜନନୀ ଡାକ, ତୃଷାରେ ଆତୁର ଗଗନକୁ ଚାହିଁ ଯେସନେ ଡାକେ ଚାତକ।'

ଜାତୀୟଗୌରବ ମଧୁସୂଦନ ହେଉଛନ୍ତି ସର୍ବପ୍ରଥମ ଓଡ଼ିଆ ରାଜନୈତିକ ପୁରୁଷ। ତାଙ୍କଠାରୁ ଆରମ୍ଭ ହେଉଛି ଓଡ଼ିଆମାନଙ୍କର ରାଜନୈତିକ ପରମ୍ପରା। ମଦୁସୂଦନଙ୍କଠାରୁ ପ୍ରଥମେ ଓଡ଼ିଆମାନଙ୍କୁ ମିଳିଥିଲା ରାଜନୀତି କ୍ଷେତ୍ରରେ ପ୍ରବେଶ କରିବାର ମୁକ୍ତ ଅଧିକାର। ସବୁଥିରେ ମଧୁବାବୁ ଥିଲେ ପ୍ରଥମ ଓଡ଼ିଆ। ସେଥିଲେ ଓଡ଼ିଶାର ପ୍ରଥମ ଉଚ୍ଚପଦାଧିକରୀ, ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ଏମ.ଏ., ପ୍ରଥମ ବିଲାତଯାତ୍ରୀ, ପ୍ରଥମ ଓଡ଼ିଆ ଓକିଲ, ପ୍ରଥମ ଓଡ଼ିଆ ମନ୍ତ୍ରୀ, ଛୋଟ ଲାଟସଭା ଓ ବଡ଼ ଲାଟସଭାରେ ପ୍ରଥମ ଓଡ଼ିଆ ସଦସ୍ୟ ଏବଂ ମନ୍ତ୍ରୀ ପଦ ଅବୈତନିକ ଦାବି କରି ଇସ୍ତଫା ଦେବାରେ ଭାରତର ପ୍ରଥମ ମନ୍ତ୍ରୀ। ସେ ମଧ୍ୟ ଥିଲେ ପ୍ରଥମ ଭାରତୀୟ ଖ୍ରୀଷ୍ଟିୟାନ ମଣ୍ଡଳର ସଭାପତି। ମଧୁବାବୁ ଏକାଧାରାରେ ଜଣେ ଜ୍ଞାନୀ, ଗୁଣୀ, ସଚ୍ଚୋଟ, ନିର୍ଭୀକ, ସାହସୀ, ମେଧାବୀ, ପ୍ରତ୍ୟୁତ୍ପନ୍ନମତି, ଦୟାବାନ, ନ୍ୟାୟବାନ ଓକିଲ ଭାବେ ପ୍ରତିଭାତ ହେଉଥିଲେ ଏବଂ ଏବେ ବି ହେଉଛନ୍ତି।

ଓଡ଼ିଶାବାସୀଙ୍କ ପାଇଁ ଆଇନଜୀବୀ ଭାବରେ ମଧୁସୂଦନଙ୍କର ଗୌରବୋଜ୍ଜ୍ୱଳ ଅବଦାନ ହେଲା ବ୍ରିଟିଶ ସରକାରଙ୍କ କୂଟଚକ୍ରାନ୍ତମୂଳକ ଆକ୍ରମଣରୁ ଶ୍ରୀଜଗନ୍ନାଥ ମନ୍ଦିରକୁ ସୁରକ୍ଷା ପ୍ରଦାନ କରିବା ସହିତ ଗଜପତି ପରମ୍ପରା ସ୍ୱୀକୃତି ପ୍ରଦାନର ମହନୀୟ ବ୍ୟବସ୍ଥା ଗ୍ରହଣ। ଏଣୁ ଜଣେ ଆଇନଜୀବୀ, ଆଇନଜ୍ଞ, ପାର୍ଲାମେଣ୍ଟାରିଆନ, ବିଧାୟକ ତଥା ଦେଶବତ୍ସଳ ନେତା ରୂପେ ମଧୁସୂଦନ ଦାସଙ୍କର ଭୂମିକା ଅତ୍ୟନ୍ତ ପ୍ରେରଣାଦାୟକ ଓ ଗରିମାମୟ ଥିଲା, ଯାହା ଦେଶବାସୀଙ୍କୁ କାଳ କାଳ ଲାଗି ମାର୍ଗଦର୍ଶନ କରୁଥିବ। ତେଣୁ ମଧୁସୂଦନ ହେଉଛନ୍ତି ଓଡ଼ିଶାର ଚିରକାଳର ବର୍ତ୍ତମାନ, ଯାହାଙ୍କର ନିରବଚ୍ଛିନ୍ନ ଅବଦାନ ଆଉ ଅବସ୍ଥିତି ରାଜ୍ୟକୁ ମହିମାମଣ୍ଡିତ କରିଛି। ଯେତେଦିନ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟର ସତ୍ତା ତିଷ୍ଠି ରହିଥିବ, ମଧୁସୂଦନ ମୃତ୍ୟୁଞ୍ଜୟୀ ହୋଇ ରହିଥିବେ।

ମଧୁବାବୁଙ୍କ ଜନ୍ମଦିବସକୁ ବାର କାଉନସିଲଙ୍କ ନିଷ୍ପତ୍ତିକ୍ରମେ ଓଡ଼ିଶାର ସବୁ ବାର ଆସୋସିଏସନ ୧୯୯୮ ମସିହାରୁ ପ୍ରତି ବର୍ଷ 'ଓକିଲ ଦିବସ' ଭାବେ ପାଳନ କରି ଆସୁଛନ୍ତି। ମଧୁବାବୁଙ୍କ ନାମରେ ପ୍ରତିଷ୍ଠିତ ଓକିଲମାନଙ୍କୁ ମଧ୍ୟ 'ମଧୁଜ୍ୟୋତି' ଓ 'ମଧୁ ସମ୍ମାନ'ରେ ସମ୍ମାନିତ କରାଯାଉଛି।

ବିଶେଷତଃ ମହିଳାମାନଙ୍କୁ କୋର୍ଟ କଚେରୀରେ ସାହାଯ୍ୟ କରିବା ନିମନ୍ତେ ଶୈଳବାଳାଙ୍କ ସାନଭଉଣୀ, ସୁଧାଂଶୁବାଳାଙ୍କୁ ମଧୁବାବୁ 'ଲ' ପଢ଼ାଇଥିଲେ ଓକିଲ କରିବା ପାଇଁ। କିନ୍ତୁ ସେତେବେଳେ ମହିଳାମାନେ ଓକିଲ ହେବା ଆଇନସ୍ୱୀକୃତ ନ ଥିବାରୁ ସୁଧାଂଶୁବାଳାଙ୍କ ଓକିଲ ଲାଇସେନ୍ସ ପାଇଁ ଦରଖାସ୍ତକୁ ନାକଚ୍ କରି ଦିଆଗଲା। ମଧୁବାବୁ ସେଥିପାଇଁ ପ୍ରିଭି କାଉନସିଲ ପର୍ଯ୍ୟନ୍ତ ମୋକଦ୍ଦମା ଲଢ଼ି ଭାରତ ସରକାରଙ୍କ ଦ୍ୱାରା ଆଇନ ପ୍ରଣୟନ କରାଇ ଥିଲେ। ସେ ମଧ୍ୟ ଲୋକାଲ୍ ସେଲ୍‌ଫ ଗଭର୍ଣ୍ଣମେଣ୍ଟ ଆକ୍ଟ (ମୁନିସିପାଲିଟି ଆକ୍ଟ) ପ୍ରଣୟନ କରିଥିଲେ। ସେହି ଆକ୍ଟ ଆଜି ପର୍ଯ୍ୟନ୍ତ ବଳବତ୍ତର ରହିଛି। ମଧୁବାବୁ ପ୍ରଥମେ ଓଡ଼ିଶା ଲୋକଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ପ୍ରତି ଦୃଷ୍ଟି ଦେଇ ଥିଲେ।

ମଧୁସୂଦନ ମଧ୍ୟ ଜଣେ ସୁସାମ୍ବାଦିକ ଥିଲେ। ଓଡ଼ିଆରେ ପ୍ରକାଶିତ ତାଙ୍କ ପ୍ରବନ୍ଧ, ଟୀକା ଟିପ୍ପଣୀ, ସମାଜର ସମସ୍ୟା ଓ ସମାଧାନ ସମ୍ବଳିତ ଅତ୍ୟନ୍ତ ଭାବଗର୍ଭକ ଓ ଚିତ୍ତାକର୍ଷକ ଥିଲା। ମଧୁବାବୁଙ୍କ ସଂପାଦନରେ 'ଓଡ଼ିଆ' ନାମକ ଏକ ଇଂରାଜୀ ସାମାଜିକ ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା। ତାହା ଥିଲା ସେତେବେଳର ଓଡ଼ିଶାର ଜନଜୀବନ, ସାମାଜିକ ଓ ରାଜନୀତିକ ଇତିହାସର ମୁଖପତ୍ର। ଏହାପୂର୍ବରୁ ମଧୁବାବୁ 'ଷ୍ଟାର ଅଫ୍ ଉତ୍କଳ' ନାମକ ଏକ ସାପ୍ତାହିକ ସମାଜପତ୍ରରେ ନିଜର ପ୍ରବନ୍ଧମାନ ପ୍ରକାଶ କରଥିଲେ।

ଓଡ଼ିଶା ରାଜ୍ୟ ଗଠନ ନିମନ୍ତେ ସେ ନିଜକୁ ଉତ୍ସର୍ଗୀକୃତ ଭାବେ ନିୟୋଜିତ କରିଥିଲେ ମଧ୍ୟ ସେ ମହାଭାରତୀୟ ଭାବରେ ଉଦ୍‌ବୁଦ୍ଧ ଥିଲେ। ସେଥିପାଇଁ ସେ ପ୍ରଥମରୁ ଜାତୀୟ କଂଗ୍ରେସରେ ଯୋଗଦାନ କରିଥିଲେ। ୧୯୦୩ ମସିହାରେ ମଧୁବାବୁ କଂଗ୍ରେସରୁ ଅଲଗା ହୋଇ 'ଉତ୍କଳ ସମ୍ମିଳନୀ' ଗଠନ କରି ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏକତ୍ରିତ କରି ଏକ ନୂତନ ଓଡ଼ିଶା ରାଜ୍ୟ ଗଠନ କରିବା ନିମନ୍ତେ ଆପ୍ରାଣ ଚେଷ୍ଟା କରିବା ସଙ୍ଗେ ସଙ୍ଗେ ଅତ୍ୟାଚାରିତ, ତ୍ରସ୍ତ ଓ ଅର୍ଦ୍ଧମୃତ ଓଡ଼ିଆ ଜାତି ପ୍ରାଣରେ ନୂତନ ଜୀବନୀଶକ୍ତି ସଞ୍ଚାଇ କରି ସ୍ୱାଭିମାନ ମନ୍ତ୍ରରେ ଦୀକ୍ଷିତ କରିଥିଲେ। ମଧୁବାବୁଙ୍କ ଚିନ୍ତ ଚେତନାକୁ ସଦାସର୍ବଦା ଆଚ୍ଛାଦିତ କରି ରଖୁଥିଲା, ମୁଖ୍ୟତଃ ଦୁଇଟି ପ୍ରସଙ୍ଗ 'ଓଡ଼ିଶା' ଓ 'ଓଡ଼ିଆ'। ଉତ୍କଳ ଟ୍ୟାନେରୀ ଓ ଓଡ଼ିଶା ତାରକସି ନାମକ ଦୁଇଟି ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିଥିଲେ।

ଶତାବ୍ଦୀର ନାୟକ ମଧୁବାବୁ ଥିଲେ ଓଡ଼ିଆ ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା, ତାଙ୍କରି ପ୍ରଚେଷ୍ଟା ଫଳରେ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଭାଷା ଭିତିରେ ପ୍ରଥମ ଭାରତୀୟ ରାଜ୍ୟ ଭାବେ ଓଡ଼ିଶା ପ୍ରତିଷ୍ଠା ହୋଇଥିଲା। ଜଣାଶୁଣା ଲେଖା 'ଉତ୍କଳ ସନ୍ତାନ', 'ଜାତି ଇତିହାସ', 'ଜ୍ଞାନୀର ଭକ୍ତି' ଓ 'ଜାତୀୟ ଗୀତିକା' ପ୍ରେରଣା ଦେଉଥିଲା ମାତୃଭୂମିର ମନ୍ତ୍ରଦାତା ମଧୁବାବୁ ଏବଂ ଓଡ଼ିଆ ଜାତିର ଆବାହକ ମଧୁବାବୁଙ୍କୁ।

(ଅଧ୍ୟକ୍ଷ, ରାଜ୍ୟ ଆଇନଜୀବୀ ପରିଷଦ, ଓଡ଼ିଶା)
କଟକ, ମୋ: ୯୯୩୭୦୮୦୦୦୧

## ପ୍ରଦୂଷିତ ବାୟୁ ଓ ଗର୍ଭବତୀ

### ବିଜ୍ଞାନ ବାର୍ତ୍ତା

**ଶ୍ରୀନନ**

ପ୍ରଦୂଷିତ ବାୟୁ ଏବେ ବିବିଧ ରୋଗ ବ୍ୟାଧିବ୍ୟାପକ ହେବାର ଏବଂ ଅକାଳ ମୃତ୍ୟୁର ମୁଖ୍ୟ କାରଣଟିଏ ପାଲଟିଛି। ଉଦାହରଣସ୍ୱରୂପ ଦିଲ୍ଲୀ ଭଳି ନଗରୀମାନଙ୍କରେ ଏହା ହାରାହାରି ୪ ରୁ ୬ ବର୍ଷ ଆୟୁ କ୍ଷୟ ଏବଂ ଶ୍ୱାସଜନିତ ରୋଗର ପ୍ରାଦୁର୍ଭାବ ୪୦ ରୁ ୬୦ ପ୍ରତିଶତ ବୃଦ୍ଧି କରୁଛି। ଏହାର ଅନ୍ୟତମ ଘାତକ ଉପାଦାନ ହେଲା ବାୟୁରେ ଭାସମାନ ସୂକ୍ଷ୍ମକଣିକା ବା ପାର୍ଟିକ୍ୟୁଲେଟ୍ ମାଟର୍ (ପିଏମ୍)। ଏଗୁଡ଼ିକୁ ସାଧାରଣତଃ ଦୁଇଭାଗରେ ବିଭକ୍ତ କରାଯାଉଛି। ତହିଁରେ ଥିବା ୨.୫ ମାଇକ୍ରୋ ମିଟରଠାରୁ କମ୍ ବ୍ୟାସବିଶିଷ୍ଟ କଣିକାଗୁଡ଼ିକୁ ପିଏମ ୨.୫ ଏବଂ ୨.୫ ରୁ ୧୦ ମାଇକ୍ରୋମିଟର ବ୍ୟାସ ବିଶିଷ୍ଟ ବୃହତ୍ତର କଣିକାଗୁଡ଼ିକୁ ପିଏମ୍ ୧୦ ବୋଲି କୁହାଯାଉଛି।

ତନ୍ମଧ୍ୟରେ ପ୍ରଥମଟି ଅଧିକ କ୍ଷତିକାରକ। ଏହା ଅତ୍ୟନ୍ତ କ୍ଷୁଦ୍ର ହୋଇଥିବାରୁ ଫୁସଫୁସ ତଥା ରକ୍ତସ୍ରୋତ ମଧ୍ୟକୁ ସହଜରେ ପ୍ରବେଶ କରିପାରେ ଏବଂ ତାହାରି ମାଧ୍ୟମରେ ପହଞ୍ଚିପାରେ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗରେ। ତ'ଦ୍ୱାରା ସର୍ବାଧିକ ପ୍ରଭାବିତ ହୁଏ ଫୁସ୍‌ଫୁସ୍। ତେଣୁ ଶ୍ୱାସକ୍ରିୟାଜନିତ ରୋଗଠାରୁ ବିବିଧ କର୍କଟ ପର୍ଯ୍ୟନ୍ତ ନାନାଦି ରୋଗ ସୃଷ୍ଟି ହୁଏ। ବିଶେଷକରି, ଶୈଶବ କାଳରେ ଏବଂ ଏପରିକି ଗର୍ଭାବସ୍ଥାରେ ଏହାର ପ୍ରଭାବ ଅଧିକ କ୍ଷତିକାରକ ବୋଲି ଜଣାପଡ଼ିଛି ନିକଟରେ (୨୦୨୪-୨୦୨୫ ମସିହା) ହୋଇଥିବା ଅଧ୍ୟୟନରୁ।

ଏହି ଅଧ୍ୟୟନ ମିଳିତ ଭାବେ କରିଛନ୍ତି ଦିଲ୍ଲୀସ୍ଥିତ ସର୍ବଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ) ଓ ଭାରତୀୟ ପ୍ରଯୁକ୍ତ ବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଏବଂ ବାଙ୍ଗାଲୋର୍ ସ୍ଥିତ ସେଣ୍ଟଜନ୍ ଚିକିତ୍ସା ମହାବିଦ୍ୟାଳୟ ବୈଜ୍ଞାନିକମାନେ। ଏଥିରେ ସର୍ବାଧିକ ପ୍ରଦୂଷିତ ରାଜଧାନୀ ରୂପେ ବିଶ୍ୱବିଦିତ ଦିଲ୍ଲୀ ଏବଂ ଫରିଦାବାଦର ଗର୍ଭବତୀମାନଙ୍କ ଉପରେ ଅଧ୍ୟୟନ କରାଯାଇଥିଲା। ଗର୍ଭବସ୍ଥାର ପ୍ରାରମ୍ଭରୁ ସେମାନଙ୍କୁ ଏବଂ ତପ୍ରେ ତାଙ୍କ ଶିଶୁମାନେ ୨ ବର୍ଷ ବୟସ୍କ ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟ ନିୟମିତ ପରୀକ୍ଷା କରାଯାଉଥିଲା। ଏହାର ଲକ୍ଷ୍ୟ ଥିଲା ବାୟୁରେ ଭାସମାନ ସୂକ୍ଷ୍ମକଣିକାର ମାତ୍ରା, ଏହାକୁ ଆଘ୍ରାଣ କରିବା ସମୟର ଗର୍ଭବତୀ ଓ ଶିଶୁମାନଙ୍କ ଉପରେ ପ୍ରଭାବ ସ୍ଥିର କରିବା। ଏହି ବୈଜ୍ଞାନିକ ଦଳର ମୁଖ୍ୟ ଥିଲେ ଦିଲ୍ଲୀର ସର୍ବଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ସାମାଜିକ ଚିକିତ୍ସା କେନ୍ଦ୍ରର ମୁଖ୍ୟ ଡାକ୍ତର ହର୍ଷ ରମେଶ ସାଲ୍‌ଭେ।

ସେମାନଙ୍କ ପରୀକ୍ଷାରୁ ଜଣାପଡ଼ିଲା ଯେ ଏହି ସୂକ୍ଷ୍ମ କଣିକାଗୁଡ଼ିକ ଦ୍ୱାରା ବହୁମାତ୍ରାରେ ପ୍ରଦୂଷିତ ବାୟୁର ସେବନ ଗର୍ଭଧାରଣ କାଳ ଓ ଶିଶୁର ଜନ୍ମକାଳୀନ ଓଜନ ହ୍ରାସ କରିବା ସଂଗେ ସଂଗେ ତା'ଠାରେ ଜନ୍ମଗତ ତ୍ରୁଟି ଏବଂ ତା' ଶାରୀରିକ ତଥା ମାନସିକ ବିକାଶ ଆଦିକୁ ପ୍ରଭାବିତ କରେ। ଅତଏବ ଶିଶୁମାନେ ବଡ଼ ହେବା ପରେ ଏ ଉଭୟ କ୍ଷେତ୍ରରେ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହିଭଳି ଅନ୍ୟ ଏକ ଅଧ୍ୟୟନ କରାଯାଇଛି 'ହାର୍ଭାର୍ଡ ଟି ଏଚ୍ ଚାନ ସ୍କୁଲ ଅଫ୍ ପବ୍ଲିକ ହେଲ୍‌ଥ'ର ବୈଜ୍ଞାନିକଙ୍କ ଦ୍ୱାରା। 'ସାଇନସ ଆଡଭାନସେସ୍' (ଜାନୁୟାରୀ, ୨୦୨୫ ସଂଖ୍ୟା ) ପତ୍ରିକାରେ ପ୍ରକାଶିତ ଏକ ନିବନ୍ଧରେ ପ୍ରଦୂଷିତ ବାୟୁରେ ଥିବା ପିଏମ ୨.୫ ଗର୍ଭବତୀ ମା' ଓ ଭ୍ରୂଣକୁ ପ୍ରତିଟି ଜୀବକୋଷ ସ୍ତରରେ କିପରି ପ୍ରଭାବିତ କରେ ତାହା ପ୍ରକାଶ ପାଇଛି। ଏଥିପାଇଁ ଉଦ୍ଦିଷ୍ଟ ଗବେଷଣାରେ ଗର୍ଭବତୀ ଓ ସାଧାରଣ ମହିଳାଙ୍କ କଥା ବିଚାରକୁ ନିଆଯାଇଥିଲା। ବିଭିନ୍ନ ଉନ୍ନତ ପ୍ରଯୁକ୍ତି ବିଦ୍ୟା ସହାୟତାରେ ସେମାନଙ୍କର ଜୀବକୋଷସ୍ଥ ଡିଏନ୍‌ଏ ଏହାଦ୍ୱାରା କିପରି ପରିବର୍ତ୍ତିତ ହେଉଛି ତାହା ଲକ୍ଷ୍ୟ କରାଯାଇଥିଲା। ଗର୍ଭବତୀଙ୍କଠାରେ ଏ ପରିବର୍ତ୍ତନ ଅଧିକ ହୋଇଥିବାର ଦେଖାଗଲା, ଯାହାକି ଭ୍ରୂଣ ଓ ଶିଶୁର ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ।

ଏସବୁ ଅଧ୍ୟୟନର ନିଷ୍କର୍ଷ ହେଉଛି ଯେ ଗର୍ଭବତୀମାନେ ଯଥାସମ୍ଭବ ପ୍ରଦୂଷିତ ବାୟୁଠାରୁ ନିଜକୁ ଦୂରେଇ ରଖିବା ଦରକାର। ଶୀତକାଳରେ ପ୍ରଦୂଷଣ ଅଧିକ ହଉଥିବାରୁ ସେ ସମସୟରେ ସେମାନେ ଘରେ ବାୟୁ ବିଶୋଧକ ଯନ୍ତ୍ର ବ୍ୟବହାର କରିବା, କମ ବାହାରକୁ ଯିବା, ଶ୍ୱାସ କ୍ରିୟା ବଢ଼ାଉଥିବା ଶାରୀରିକ ଶ୍ରମ ନ କରିବା ଇତ୍ୟାଦି ପଦକ୍ଷେପ ନେବାକୁ ଡାକ୍ତରମାନେ ଉପଦେଶ ଦେଇଛନ୍ତି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ଦେବଗଡ଼ରେ ପୁଣି ଲଜ୍ଜା**

# ଦୁଆରମୁହଁରୁ ଟେକିନେଇ ଯୁବତୀଙ୍କୁ ଗଣଦୁଷ୍କର୍ମ

**୪ ଗିରଫ**

ଦେବଗଡ଼, ୨୭।୪ (ସମିସ): ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରିବା ସହ ଅଭିଯୁକ୍ତମାନେ ପରେ ଦୁଷ୍କର୍ମ ଭିଡିଓ ଭାଇରାଲ କରିବା ଭଳି ଏକ ଲଜ୍ଜାଜନକ ଘଟଣା ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ଆଜି ବାରକୋଟ ଥାନା ପୁଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବାରକୋଟ ଥାନା ବଳିତା ଗ୍ରାମର ଉଦିଆ ଧୀବର, ମନୋଜ ମହାକୁଳ, ଡାକ୍ତର ଭୂୟାଁ ଓ ଇନ୍ଦ୍ରାଣୀଝରଣ ଗ୍ରାମର କେଂଗାଲୁ ନାଏକ ଓରଫ୍ ପ୍ରଶାନ୍ତ। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୦ ତାରିଖ ରାତି ପ୍ରାୟ ୧୧ଟାରେ ଏକ ନିର୍ଦ୍ଦିଷ୍ଟ ଗ୍ରାମରେ ଜଣେ ଯୁବତୀ ଘରୁ ବାହାରକୁ ଆସିଥିବା ବେଳେ ୪ ଜଣ ଯୁବକ ବଳପୂର୍ବକ ତାଙ୍କୁ ଉଠାଇନେଇ ଏକ କ୍ୟାବିନ କଡ଼ରେ ଗଣଦୁଷ୍କର୍ମ କରିବା ସହ ଦୁଷ୍କର୍ମ ବେଳର ଭିଡିଓ ଉତ୍ତୋଳନ କରିଥିଲେ। ଯୁବତୀଜଣଙ୍କ ସଂଜ୍ଞାହୀନ ହୋଇପଡ଼ିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରେ ପୀଡିତାକୁ ଛାଡ଼ି ଫେରାର୍ ହୋଇଯାଇଥିଲେ। ଯୁବତୀଙ୍କ ସଂଜ୍ଞା ଫେରିବା ପରେ ଘରକୁ ଫେରି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିଥିଲେ। କିନ୍ତୁ ଲୋକଲଜ୍ଜା ଭୟରେ ପରିବାରଲୋକ ଏ ସଂପର୍କରେ ଥାନାରେ ଅଭିଯୋଗ କରିନଥିଲେ। ମାତ୍ର ତାଙ୍କ ଦୁଷ୍କର୍ମ ବେଳର ଭିଡିଓ ଭାଇରାଲ ହେବା ପରେ ସେ ଗତକାଲି ବାରକୋଟ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ପୀଡ଼ିତାଙ୍କ ରିପୋର୍ଟ ଆଧାରରେ ଦଫା ୭୦, ବିଏନଏସ/୬୬(ଇ) ୬୭(ଏ)ଆଇଟି ଆକ୍ଟରେ ମାମଲା ରୁଜୁ କରି ବାରକୋଟ ଥାନା ପୁଲିସ ଆଜି ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



# ତରଭୁଜ ଖାଇ ଗୋଟିଏ ପରିବାରର ୪ ମୃତ

ମୁମ୍ବାଇ, ୨୭।୪(ଏଜେନ୍ସି): ଖାଦ୍ୟ ବିଷକ୍ରିୟା ଯୋଗୁଁ ମୁମ୍ବାଇର ପାୟଧୁନି ଅଞ୍ଚଳର ଗୋଟିଏ ପରିବାରର ୪ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ମୃତକମାନଙ୍କ ମଧ୍ୟରେ ଅବଦୁଲ୍ଲା ଡୋକାଡିଆ (୪୦), ତାଙ୍କ ପତ୍ନୀ ନସରିନ୍ ଡୋକାଡିଆ (୩୫) ଏବଂ ସେମାନଙ୍କର ୨ ନାବାଳିକା ଝିଅ ଆୟେଶା (୧୬) ଓ ଜୈନବ (୧୩) ଅଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତିରେ ଏହି ପରିବାର ନିଜ ଘରେ ସମ୍ପର୍କୀୟମାନଙ୍କୁ ନିମନ୍ତ୍ରଣ କରିଥିଲେ। ପରେ ସମସ୍ତେ ଏକତ୍ର ହୋଇ ବିରିୟାନି ଖାଇଥିଲେ। ରାତି ପ୍ରାୟ ୧୦:୩୦ ସମୟରେ ସମ୍ପର୍କୀୟଙ୍କୁ ବିଦାୟ ଦେବା ପରେ ପରିବାର ସଦସ୍ୟମାନେ ବିଳମ୍ବିତ ରାତି ପ୍ରାୟ ୧ଟା ସମୟରେ ତରଭୁଜ ଖାଇଥିଲେ। ରବିବାର ଭୋର ପ୍ରାୟ ୫ଟାରୁ ୬ଟା ମଧ୍ୟରେ ସମସ୍ତଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡିବାକୁ ଲାଗିଥିଲା। ସେମାନଙ୍କର ଝାଡ଼ାବାନ୍ତି ହୋଇଥିଲା। ସେହି ବିଲ୍ଡିଂରେ ରହୁଥିବା ଜଣେ ଡାକ୍ତର ସୂଚନା ପାଇ ସାହାଯ୍ୟ ପାଇଁ ପହଞ୍ଚିଥିଲେ। ସେଠାରେ ସେ ପରିବାରର ସଦସ୍ୟମାନଙ୍କୁ ପ୍ରାୟତଃ ଅଚେତ ଅବସ୍ଥାରେ ଥିବା ଦେଖିଥିଲେ। ଜଣେ ଝିଅର ନାଡ଼ି ମିଳୁନଥିବାରୁ ତାଙ୍କୁ ସିପିଆର ଦେଇ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେତେବେଳକୁ ଝିଅଟିର ମୃତ୍ୟୁ ଘଟିସାରିଥିଲା। ପରିବାରର ଅନ୍ୟ ସଦସ୍ୟମାନଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନା ଓ ପରେ ଜେଜେ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସମସ୍ତଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଜେଜେ ମାର୍ଗ ପୋଲିସ ଷ୍ଟେସନରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଶବ ବ୍ୟବଚ୍ଛେଦ ଏବଂ ଖାଦ୍ୟ ନମୁନା ସଂଗ୍ରହ କରାଯାଇ ଫୋରେନସିକ ପରୀକ୍ଷା ପାଇଁ ପଠାଯାଇଛି। ପୋଲିସ ଖାଦ୍ୟ ବିଷକ୍ରିୟା ସନ୍ଦେହ କରୁଥିଲେ ମଧ୍ୟ ଅନ୍ୟ ସମସ୍ତ ଦିଗରୁ ତଦନ୍ତ ଜାରି ରଖିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମଶାଣିରୁ ଶବ...

ଥିଲେ। ଜିତୁ ମୁଣ୍ଡାଙ୍କ ଭାଉଜ ଗୁରୁବାରୀ ମୁଣ୍ଡା କହିଛନ୍ତି ଯେ ବଳଦ ବିକ୍ରି ବାବଦ ଟଙ୍କା କାଲାରାଙ୍କ ନାଁରେ ବ୍ୟାଙ୍କରେ ରଖାଯାଇଥିଲା। ସେହି ଟଙ୍କା ଉଠାଇବା ପାଇଁ ଚେଷ୍ଟା କରୁଥିବା ବେଳେ ବ୍ୟାଙ୍କ କର୍ତ୍ତୃପକ୍ଷ ସହଯୋଗ କରିନଥିଲେ। ତେଣୁ, ଜିତୁ ଏଭଳି ଚରମ ପଦକ୍ଷେପ ନେଇଥିଲେ ବୋଲି ସେ କହିଛନ୍ତି।

## ହର୍ମୁଜରେ ଆମେରିକା...

ଏବେ ମସ୍କୋ ବୈଠକ ଉପରେ ରହିଛି। ଯଦି ଶୀଘ୍ର ଏହି ସମସ୍ୟାର ସମାଧାନ ନହୁଏ, ତେବେ ବିଶ୍ୱ ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି। ବର୍ତ୍ତମାନ ସମଗ୍ର ବିଶ୍ୱର ନଜର ରୁଷ-ଇରାନ ବୈଠକ ଏବଂ ଆମେରିକାର ପରବର୍ତ୍ତୀ ପଦକ୍ଷେପ ଉପର ନିବଦ୍ଧ ରହିଛି। ଇରାନର ବିଦେଶ ମନ୍ତ୍ରୀ ଆରାଘଚି କହିଛନ୍ତି ଯେ, ଆମେରିକାର ଅତ୍ୟଧିକ ଓ ଅଯଥା ଦାବି ଯୋଗୁଁ ପୂର୍ବ ପର୍ଯ୍ୟାୟ ଆଲୋଚନାରେ ଅଗ୍ରଗତି ହୋଇଥିଲେ ମଧ୍ୟ ତାହା କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପହଞ୍ଚି ପାରିଲାନାହିଁ। ୱାସିଂଟନର ଏକପାଖିଆ ମନୋଭାବ ଶାନ୍ତି ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଛି। ଇରାନ ଏବେ ପଶ୍ଚିମା ଦେଶଗୁଡ଼ିକ ଉପରେ ଚାପ ପକାଇବା ପାଇଁ ରୁଷିଆ ଭଳି ମିତ୍ରଶକ୍ତିର ସହାୟତା ନେଉଛି।

ଇଥିମଧ୍ୟରେ ପାରସ୍ୟ ଉପସାଗରରେ ଇରାନର କୋଷ୍ଟ ଗାର୍ଡ ବାହିନୀ ଭାରତୀୟ ପରିଚାଳକ ଥିବା ଏକ ରାସାୟନିକ ଟ୍ୟାଙ୍କର ଏମଟି ସିଲୋନକୁ ଅଟକାଇବା ସହ ଚେତାବନୀ ସ୍ୱରୂପ ଗୁଳିଚାଳନା କରିଛନ୍ତି। ତେବେ ସୌଭାଗ୍ୟବଶତଃ ଜାହାଜରେ ଥିବା ସମସ୍ତ ୧୭ ଜଣ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି ବୋଲି ଭାରତ ସରକାର ସ୍ପଷ୍ଟ କରିଛନ୍ତି। ପୋର୍ଟ୍ସ, ସିପିଂ ଏବଂ ୱାଟରୱେଜ୍ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଗତ ଏପ୍ରିଲ ୨୫ରେ ଓମାନ ବାହ୍ୟ ବନ୍ଦର ସୀମା ନିକଟରେ ଟୋଗୋ ଦେଶର ପତାକା ବିଶିଷ୍ଟ ଏହି ଜାହାଜଟି ଅନ୍ୟ କେତେକ ଜାହାଜ ସହିତ ଯାଉଥିଲା। ଏହି ସମୟରେ ଇରାନ କୋଷ୍ଟ ଗାର୍ଡ ଏହାକୁ ମଧ୍ୟପଥରେ ଅଟକାଇଥିଲେ। ତେବେ ମନ୍ତ୍ରଣାଳୟର ନିର୍ଦ୍ଦେଶକ ମନଦୀପ ସିଂ ରନ୍ଧାୱା ସ୍ପଷ୍ଟ କରିଛନ୍ତି ସମସ୍ତ ଭାରତୀୟ କର୍ମଚାରୀ ସୁରକ୍ଷିତ ଅଛନ୍ତି। କେନ୍ଦ୍ର ସରକାର ଏହି ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

## ୨୯ରେ ଦ୍ୱିତୀୟ...

ହୋଇଥିଲା ଏବଂ ୧୪୭୮ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଛି। ଏହି ପର୍ଯ୍ୟାୟରେ ପ୍ରାୟ ୯୩ ପ୍ରତିଶତ ମତଦାନ ହୋଇଥିଲା, ଯାହାକି ସ୍ୱାଧୀନ ଭାରତରେ ପଶ୍ଚିମ ବଙ୍ଗ ନିର୍ବାଚନ ଇତିହାସରେ ପ୍ରଥମ ଘଟଣା। କେବଳ ଏତିକି ନୁହେଁ, ଏହି ପର୍ଯ୍ୟାୟରେ କୌଣସି ଭୋଟ ଗ୍ରହଣ କେନ୍ଦ୍ରରେ ସାନି ମତଦାନ ପାଇଁ ନିର୍ଦ୍ଦେଶ ଦିଆଯାଇ ନାହିଁ। ରାଜ୍ୟ ଇତିହାସରେ ଏହା ମଧ୍ୟ ପ୍ରଥମ ଘଟଣା। ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ଅଢ଼େଇ ଲକ୍ଷ ।।କେନ୍ଦ୍ରୀୟ ସୁରକ୍ଷା ଯବାନଙ୍କୁ ମୁତୟନ କରାଯାଇଛି। ନିର୍ବାଚନ ପାଇଁ କୌଣସି ରାଜ୍ୟରେ କେବେହେଲେ ଏତେ ସଂଖ୍ୟାରେ କେନ୍ଦ୍ରୀୟ ଯବାନ ମୁତୟନ ।।ହୋଇନଥିଲେ। ଏହାକୁ ନେଇ ମମତା ବାନାର୍ଜୀ ଆପତ୍ତି ଉଠାଇଥିବା ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ନିର୍ବାଚନ ପରେ ମଧ୍ୟ କେନ୍ଦ୍ରୀୟ ଯବାନ ୬୦ ଦିନ ପାଇଁ ରାଜ୍ୟରେ ମୁତୟନ ରହିବେ।

ସୂଚନାଯୋଗ୍ୟ ଯେ ନିର୍ବାଚନ କମିସନଙ୍କ ବିବାଦୀୟ ଏସଆଇଆର ଯୋଗୁଁ ୯୧ ଲକ୍ଷ ଭୋଟରଙ୍କ ନାମ ତାଲିକାରୁ କଟିଯାଇଛି। ନାଗରିକତ୍ୱ ହରାଇବା ଭୟରେ ରାଜ୍ୟର ଭୋଟରମାନେ ବିପୁଳ ସଂଖ୍ୟାରେ ମତଦାନ କରୁଛନ୍ତି। ରାଜ୍ୟ ନିର୍ବାଚନରେ ମୁଖ୍ୟ ମୁକାବିଲା ବିଜେପି ଏବଂ ମମତାଙ୍କ ଟିଏମସି ମଧ୍ୟରେ ହେଉଛି। ନିର୍ବାଚନର ମୁଖ୍ୟ ପ୍ରସଙ୍ଗ ରହିଛି ଏସ୍‌ଆଇଆର ଏବଂ ଅନୁପ୍ରବେଶକାରୀ। ମମତା ନିଜ ଦମରେ ନିର୍ବାଚନ ପ୍ରଚାର ଚଳାଇଥିବା ବେଳେ ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ଓ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ମମତାଙ୍କୁ ହରାଇବା ଲାଗି ସମସ୍ତ ଶକ୍ତି ଖଟାଇଛନ୍ତି। ଆସନ୍ତା ମଇ ୪ ତାରିଖରେ ପଶ୍ଚିମ ବଙ୍ଗ ସମେତ ତାମିଲନାଡୁ, କେରଳ, ଆସାମ ଏବଂ ପୁଡୁଚେରୀ ବିଧାନସଭା ନିର୍ବାଚନର ଫଳାଫଳ ଘୋଷିତ ହେବ।

## ଆଜିଠୁ ଭୀଷଣ...

ବର୍ଷା ଓ ବିଜୁଳି ଘଡ଼ଘଡ଼ି ମଧ୍ୟ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା କାଲି (ମଙ୍ଗଳବାର)ଠାରୁ କାଳବୈଶାଖୀ ସ୍ଥିତିରେ ଆହୁରି ବୃଦ୍ଧି ଘଟିବା ସହ ଅଧିକାଂଶ ସ୍ଥାନରେ ବର୍ଷା ପବନ ବଢ଼ିବ। ଏହି ସମୟରେ ଅନେକ ସ୍ଥାନରେ ପ୍ରବଳ ବିଜୁଳି ଘଡ଼ଘଡ଼ି ମଧ୍ୟ ହେବାର ଆଶଙ୍କା ରହିଛି।

ଭୁବନେଶ୍ୱର ସମେତ ଉପକୂଳ ଓଡ଼ିଶାରେ ତାପମାତ୍ରା କମିଥିଲେ ମଧ୍ୟ ପଶ୍ଚିମ ଓଡ଼ିଶାରେ ତାତି ଆଜି ଶୀର୍ଷରେ ପହଞ୍ଚିଛି। ସୋମବାର ଝାରସୁଗୁଡ଼ାରେ ତାପମାତ୍ରା ୧ ଡିଗ୍ରୀ କମି ୪୪.୭ ଡିଗ୍ରୀ ଥିବା ରେକର୍ଡ ହୋଇଛି। ଏହାସହିତ ବୌଦ୍ଧରେ ତାପମାତ୍ରା ୪୩.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ବଲାଙ୍ଗିରରେ ୪୩.୩, ସମ୍ବଲପୁରରେ ୪୩.୨, ସୁନ୍ଦରଗଡ଼, ହୀରାକୁଦ, ବଲାଙ୍ଗିର ଓ ଟିଟିଲାଗଡ଼ରେ ତାପମାତ୍ରା ୪୩ ଡିଗ୍ରୀ ରେକର୍ଡ ହୋଇଛି। ଏହି ସହରଗୁଡ଼ିକୁ ମିଶାଇ ମୋଟ୍ ୧୪ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ଥିବା ରେକର୍ଡ ହୋଇଛି।

ମଙ୍ଗଳବାରଠାରୁ କାଳବୈଶାଖୀ ପ୍ରଭାବ ବଢ଼ିବା ଯୋଗୁଁ ତାପମାତ୍ରାରେ ହ୍ରାସ ଆରମ୍ଭ ହେବ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳରେ ଭୀଷଣ କାଳବୈଶାଖୀ ହେବ। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୩୦-୪୦ କିମି ବେଗରେ ବହିବା ସହ ପ୍ରବଳ ବଜ୍ରପାତ ଆଶଙ୍କା ରହିଛି। ବୁଧବାର ପରେ କାଳବୈଶାଖୀ ପ୍ରଭାବ ଆହୁରି ବଢ଼ିବା ସହ ପବନର ବେଗ ମଧ୍ୟ ଅନେକ ସ୍ଥାନରେ ୪୦-୫୦ କିମି ପର୍ଯ୍ୟନ୍ତ ପହଞ୍ଚିବ। ଅନ୍ୟପଟେ ଟ୍ରଫଲାଇନ୍ ଯୋଗୁଁ ୨୭ ତାରିଖଠାରୁ ୧ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳରେ ସମୁଦ୍ର ଅଶାନ୍ତ ରହିବା ନେଇ ଆଶଙ୍କା କରାଯାଇଛି। ତେଣୁ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି।

ଅନ୍ୟପକ୍ଷରେ ଦେଶରେ ଗ୍ରୀଷ୍ମ ପ୍ରବାହ ଏବେ ଅସହ୍ୟ ରୂପ ଧାରଣ କରିଛି। ଦେଶର ୭ଟି ପ୍ରମୁଖ ସହରରେ ପାରଦ ୪୬ ଡିଗ୍ରୀ ସେଲସିୟସ ଅତିକ୍ରମ କରିଥିବା ବେଳେ ମହାରାଷ୍ଟ୍ରର ଅକୋଲା ଦେଶର ସବୁଠାରୁ ଉତ୍ତପ୍ତ ସ୍ଥାନ ଭାବେ ରେକର୍ଡ ହୋଇଛି। ମହାରାଷ୍ଟ୍ରର ଅକୋଲାରେ ତାପମାତ୍ରା ୪୬.୯ ଡିଗ୍ରୀ ରେକର୍ଡ କରାଯାଇଛି। ଗରମ ଯୋଗୁଁ ବିହାରରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ନେପାଳ ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରବଳ ଝଡ଼ବର୍ଷା ଓ ବଜ୍ରପାତ ଯୋଗୁଁ ୫ ଜଣ ପ୍ରାଣ ହରାଇଛନ୍ତି।

## ରଦ୍ଦ ହେଉ ୮ ବିଧାୟକଙ୍କ...

ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ ପାଇଁ ନୁହେଁ; ବରଂ 'ସ୍ୱେଚ୍ଛାକୃତ ସଦସ୍ୟତା ତ୍ୟାଗ' ଓ 'ଦଳ ବିରୋଧୀ କାର୍ଯ୍ୟ କରିଥିବା' ଭଳି ଅଭିଯୋଗ ଆଣି ସମ୍ବିଧାନର ଦଶମ ଅନୁସୂଚୀର ପ୍ରାବଧାନ ଆଧାରରେ ସେମାନଙ୍କ ସଭ୍ୟ ପଦ ରଦ୍ଦ ନିମନ୍ତେ ବାଚସ୍ପତିଙ୍କୁ ବିଜେଡି ଲିଖିତ ଭାବେ ଜଣାଇଛି। ଏଥିପାଇଁ ବିଜେଡି ହିମାଚଳ ପ୍ରଦେଶରେ ୬ ଜଣ ବିଧାୟକ ଓ ଶରଦ ଯାଦବଙ୍କ ସଦସ୍ୟତା ରଦ୍ଦକୁ ଉଦାହରଣ ଭାବେ ବାଚସ୍ପତିଙ୍କ ଆଗରେ ରଖିଛି। ଏହି ବିଧାୟକମାନେ ରାଜ୍ୟସଭା ନିର୍ବାଚନରେ ଦଳର ନିଷ୍ପତ୍ତି ବିରୋଧରେ ଯାଇ କ୍ରସ ଭୋଟିଂ କରିବା ସହ ସ୍ୱେଚ୍ଛାକୃତ ସଦସ୍ୟତା ତ୍ୟାଗ ପରି କାର୍ଯ୍ୟ କରିଥିବା ବିଜେଡି ଅଭିଯୋଗ କରିଛି ।

ବିଜେଡିର ଅଭିଯୋଗ ପରେ ବାଚସ୍ପତି ଏ ସଂକ୍ରାନ୍ତରେ କି ନିଷ୍ପତ୍ତି ନେଉଛନ୍ତି, ତାହା ଉପରେ ସମସ୍ତଙ୍କର ନଜର ରହିଛି। ଦଶମ ଅନୁସୂଚୀରେ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ମାମଲାରେ ୨୦୨୫ ମସିହାରେ ତେଲଙ୍ଗାନା ବିଧାନସଭା ବାଚସ୍ପତିଙ୍କ ଭୂମିକାକୁ ନେଇ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ ଯେ ବିଧାୟକଙ୍କ ସଭ୍ୟପଦ ରଦ୍ଦ କରିବା ଆବେଦନ ଉପରେ ବାଚସ୍ପତି ସର୍ବାଧିକ ୩ମାସ ମଧ୍ୟରେ ନିଷ୍ପତ୍ତି ନେବେ। ସୁପ୍ରିମକୋର୍ଟ ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଏଭଳି ମାମଲାରେ ବାଚସ୍ପତିଙ୍କ କାର୍ଯ୍ୟାଳୟ ଏକ ଟ୍ରିବ୍ୟୁନାଲ ଭଳି କାର୍ଯ୍ୟ କରିଥାନ୍ତି। ତେଣୁ ସୁପ୍ରିମକୋର୍ଟ(ଅନୁଚ୍ଛେଦ-୩୨) ଓ ହାଇକୋର୍ଟ(ଅନୁଚ୍ଛେଦ ୨୨୬ ଓ ୨୨୭)ଙ୍କ ଅଧିକାର କ୍ଷେତ୍ରରେ ବାଚସ୍ପତିଙ୍କ କାର୍ଯ୍ୟାଳୟ ଆସିବାର ପ୍ରାବଧାନ ରହିଛି । ଅବଶ୍ୟ ପୂର୍ବରୁ ସମ୍ବିଧାନରେ ଏଭଳି ଆବେଦନ ଉପରେ ବିଚାର ପାଇଁ କୌଣସି ସମୟସୀମା ନ ଥିଲା କିନ୍ତୁ ଗତବର୍ଷ ସୁପ୍ରିମକୋର୍ଟ ୩ମାସ ମଧ୍ୟରେ ବାଚସ୍ପତି ନିଷ୍ପତ୍ତି ନେବା ବାଧ୍ୟତାମୂଳକ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ମାସରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ଦଳର ନିଷ୍ପତ୍ତି ବିରୋଧରେ ଯାଇ କ୍ରସ୍ ଭୋଟିଂ କରିଥିଲେ। ସେଥିପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଗତ ମାର୍ଚ୍ଚ ୨୧ ତାରିଖରେ ସେମାନଙ୍କୁ ଦଳରୁ ନିଲମ୍ବିତ କରାଯାଇଥିଲା।

ଏ ପ୍ରସଙ୍ଗରେ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବିଜେଡିର ବରିଷ୍ଠ ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି ଯେ ଆମେ ୮ ବିଧାୟକଙ୍କ ସଭ୍ୟ ପଦ ତୁରନ୍ତ ରଦ୍ଦ ପାଇଁ ବାଚସ୍ପତିଙ୍କୁ ଅନୁରୋଧ କରିଛୁ। ସେମାନ ଯଦି ସତରେ ଲୋକପ୍ରିୟ, ତେବେ ନିଜ ସଭ୍ୟ ପଦରୁ ଇସ୍ତଫା ପ୍ରଦାନ କରି ନିର୍ବାଚନ ଲଢ଼ନ୍ତୁ। ସେମାନେ ଲୋକଙ୍କ ପାଇଁ କାମ କରିଥିଲେ, ନିଶ୍ଚିତ ପୁଣି ନିର୍ବାଚିତ ହୋଇ ଆସିବେ। ପୂର୍ବରୁ ହିମାଚଳ ପ୍ରଦେଶରେ ମଧ୍ୟ ସମାନ କାରଣ ପାଇଁ ୬ ଜଣ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ହୋଇସାରିଛି। ତେଣୁ ଏଠାରେ ସାମ୍ବିଧାନିକ ନୀତିନିୟମ ମଧ୍ୟରେ ଆମ ରାଜ୍ୟରେ ମଧ୍ୟ ୮ ଜଣଙ୍କର ସଭ୍ୟ ପଦ ରଦ୍ଦ କରାଯାଉ ବୋଲି ଆମେ ଅନୁରୋଧ କରିଛୁ। ସେମାନେ ଲଗାତାର ଭାବେ ଦଳ ଏବଂ ଆମ ନେତାଙ୍କ ବିରୋଧରେ ନିୟମିତ ମନ୍ତବ୍ୟ ପ୍ରଦାନ କରୁଛନ୍ତି। ସମସ୍ତ କଥାକୁ ବିଚାର କରି ବାଚସ୍ପତି ତୁରନ୍ତ ଏ ସଂକ୍ରାନ୍ତରେ ପଦକ୍ଷେପ ନେବେବୋଲି ଆମେ ଆଶା କରୁଛୁ ବୋଲି ପ୍ରମିଳା କହିଛନ୍ତି । ସେହିପରି ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ୮ ବିଧାୟକ ସ୍ୱେଚ୍ଛାକୃତ ଭାବେ ବିଜେଡିର ସଦସ୍ୟ ପଦ ଛାଡ଼ିଥିବା ଆମେ ଦର୍ଶାଇଛୁ। ବିଜେଡିର ନେତୃତ୍ୱ, ନୀତି ଆଦର୍ଶ ଏବଂ ସମ୍ବିଧାନ ବାବଦରେ ସେମାନେ ଗଣମାଧ୍ୟମରେ ସର୍ବସମ୍ମୁଖରେ ସମାଲୋଚନା କରିଛନ୍ତି। ଯାହା ସ୍ୱେଚ୍ଛାକୃତ ଭାବେ ସେମାନେ ଦଳ ତଥା ସଭ୍ୟ ପଦ ଛାଡ଼ିଥିବା ପ୍ରମାଣିତ ହେଉଛି। ସମ୍ବିଧାନର ଅନୁଚ୍ଛେଦ ୧୯୧(୨)ର ୧୦ମ ଅନୁସୂଚୀ ଅନୁଯାୟୀ ଯଦି କୌଣସି ବିଧାୟକ ଦଳର ହୁଇପକୁ ଅବମାନନା କରିବେ, ଦଳର କାର୍ଯ୍ୟକ୍ରମକୁ ଗ୍ରହଣ କରିବେ ନାହିଁ, ଦଳର ନୀତି ଆଦର୍ଶ ବିରୋଧରେ ଯିବେ ଓ ଦଳ ବିରୋଧରେ ସାଧାରଣରେ କହିବେ, ତାହେଲେ ସେମାନେ ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ଦଳର ସଭ୍ୟ ପଦ ଛାଡ଼ିଛନ୍ତି ବୋଲି ଧରି ନିଆଯିବ। ତେଣୁ ବିଧାନସଭାରେ ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ ପାଇଁ କୌଣସି ଅଧିକାର ନାହିଁ। ଏ କ୍ଷେତ୍ରରେ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆମେ ବାଚସ୍ପତିଙ୍କ ନିକଟରେ ଅନୁରୋଧ କରିଛୁ। ଏହି କାରଣ ପାଇଁ ଶରଦ ଯାଦବଙ୍କ ସଦସ୍ୟପଦ ରଦ୍ଦ ହୋଇଥିଲା। ଏପରିକି ସେ ସୁପ୍ରିମକୋର୍ଟକୁ ଯାଇଥିଲେ ଓ ନିଷ୍ପତ୍ତି ତାଙ୍କ ବିରୋଧରେ ଯାଇଥିଲା। ଏହି ଆଧାରରେ ବିଜେଡି ସହ ବିଶ୍ୱାସଘାତ କରିଥିବା ୮ ବିଧାୟକଙ୍କ ସଦସ୍ୟ ପଦ ତୁରନ୍ତ ରଦ୍ଦ କରାଯାଉ ବୋଲି ଡ. ସାହୁ ଦାବି କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବାଚସ୍ପତିଙ୍କୁ ଭେଟିବା ପୂର୍ବରୁ ସୋମବାର ଶଙ୍ଖ ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏପାପରେ ଦଳର ବିଧାୟକମାନେ ବିଧାନସଭା ଯାଇ ବାଚସ୍ପତିଙ୍କୁ ଭେଟିବା ସହ ଲିଖିତ ଭାବେ ଦାବି ଜଣାଇଛନ୍ତି।

## ବୋହୂକୁ ହତ୍ୟା...

ଗିରଫ କରିଛି। ଏନେଇ ଥାନାରେ ନମ୍ବର ୬୭/୨୬ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

ସୂଚନାନୁଯାୟୀ, ତଅପୋଇ ଓ ବିଶ୍ୱଜିତଙ୍କ ବିବାହ ପରେ ବେଶ୍ କିଛି ଦିନ ସେମାନଙ୍କ ଦାମ୍ପତ୍ୟ ଜୀବନ ଭଲରେ କଟିଥିଲା। କିନ୍ତୁ କିଛି ଦିନ ପରେ ବିଶ୍ୱଜିତ୍‌ଙ୍କ ବଦ୍‌ଗୁଣ ବାହାରିଥିଲା। ସେ କିଛି କାମଧନ୍ଦା କରୁନଥିବା ବେଳେ ମଦ୍ୟପାନ କରି ତଅପୋଇଙ୍କ ସହ ଝଗଡ଼ା କରିବା ଆରମ୍ଭ କରିଥିଲେ। ଏ ବିଷୟରେ ଜାଣି ତଅପୋଇଙ୍କ ବାପା ମନୋରଞ୍ଜନ ଶନିବାର ଦିନ କିଛି ଭଦ୍ରଲୋକଙ୍କୁ ନେଇ ଝିଅ ଘରକୁ ଯାଇଥିଲେ। ଗ୍ରାମବାସୀଙ୍କ ମଧ୍ୟସ୍ଥତାରେ ବିବାଦର ସମାଧାନ କରାଯାଇଥିଲା। ସେତେବେଳେ ରାତି ପ୍ରାୟ ୨ଟା ବାଜିଥିଲା। ପରେ ସେ ଗାଁକୁ ଫେରିଥିଲେ। କିନ୍ତୁ କିଛି ସମୟ ପରେ ମନୋରଞ୍ଜନଙ୍କୁ ଖବର ମିଳିଥିଲା ଯେ ତାଙ୍କ ଝିଅ ଆତ୍ମହତ୍ୟା କରିଛନ୍ତି। ସକାଳେ ସେ ବେଣାକନ୍ଧା ଗ୍ରାମକୁ ପହଞ୍ଚି ଦେଖିଥିଲେ ଯେ ଝିଅର ମୃତଦେହ ବାରିପଛ ବିଲରେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ପଡ଼ିଥିବା ବେଳେ ପାଖରେ ନଡ଼ା, ଜାର ଓ ଅନ୍ୟାନ୍ୟ ସାମଗ୍ରୀ ପଡ଼ିଥିଲା। ଏହା ଦେଖି ତାଙ୍କର ସନ୍ଦେହ ହୋଇଥିଲା। ତାଙ୍କ ଝିଅକୁ ହତ୍ୟା କରି ଶାଶୂଘର ଲୋକ ଜାଳି ଦେଇଛନ୍ତି ବୋଲି ସେ ତନ୍ତିଆପାଳ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୁଲିସ ବିଶ୍ୱଜିତ ଓ ତାଙ୍କ ମା' ମମତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଆଉ ଏକ ପୁରସ୍କାରରୁ...

ଏଥିସହ ଏହି ଯୋଜନା ପାଇଁ ଆବେଦନ ଅବଧି ବି ହ୍ରାସ ହୋଇଛି। ପୂର୍ବରୁ ଶ୍ରମିକ ବନ୍ଧୁ ପୁରସ୍କାର ଦେବା ପାଇଁ ଚୟନ କରିବାକୁ ମାସେ ସମୟ ଦିଆଯାଉଥିଲା। ଏବେ ସରକାର ଏଥିପାଇଁ ମାତ୍ର ୪ ଦିନ ସମୟ ଦେଉଛନ୍ତି। କୌଣସି ଶ୍ରମିକ ସଂଗଠନ ଶ୍ରମିକ ନେତା ଓ ଶ୍ରମିକଙ୍କ ପାଇଁ କାମ କରିଥିବା ବ୍ୟକ୍ତିଙ୍କୁ ଚୟନ କରିବା ପାଇଁ ପର୍ଯ୍ୟାପ୍ତ ସମୟ ଦିଆଯାଇ ନାହିଁ। ୨୩ ତାରିଖରେ ଏହି ପୁରସ୍କାର ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ୨୫ ଓ ୨୬ ତାରିଖ ସରକାରୀ ଛୁଟି ଦିବସ ରହିଲା। ୨୭ ତାରିଖ ଦିନ ୧୨ଟା ସୁଦ୍ଧା ନାମ ସୁପାରିସ କରିବାକୁ ଶେଷ ସମୟ ଧାର୍ଯ୍ୟ ହୋଇଛି।

ସରକାରଙ୍କ ଏପରି ପଦକ୍ଷେପକ କଟୁ ସମାଲୋଚନା କରିଛନ୍ତି ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ତଥା ବିଜୁ ଶ୍ରମିକ ସାମ୍ମୁଖ୍ୟର ମହାସଚିବ ସୁବାସ ସିଂ । ଏତେ କମ୍ ସମୟ ଭିତରେ କିପରି ଗୋଟିଏ ଶ୍ରମିକ ସଂଗଠନ ନାମ ଚୟନ କରି ସୁପାରିସ କରିବ ତାହା ସମ୍ଭବ ନୁହେଁ ବୋଲି ସୁବାସ ସିଂହ କହିଛନ୍ତି। ସରକାରୀ ପ୍ରକ୍ରିୟା ଯାହା ରହିଛି ଶ୍ରମିକ ସଂଗଠନଗୁଡ଼ିକ ପଠାଇଥିବା ନାମ ଉପରେ ଶ୍ରମିକ କଲ୍ୟାଣ ବୋର୍ଡରେ ନିଷ୍ପତ୍ତି ନିଆଯାଇ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ। କିନ୍ତୁ ଆଗରୁ ପ୍ରଚଳିତ ନିୟମକୁ ସରକାର ପରିବର୍ତ୍ତନ କରିବା ଗ୍ରହଣୀୟ ହେଉନି ବୋଲି ସୁବାସ ସିଂହ ଅଭିଯୋଗ କରିଛନ୍ତି।

ପୂର୍ବରୁ ରାଜ୍ୟ ସରକାର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ନାମ ପରିବର୍ତ୍ତନ କରିଥିଲେ। ଏହାକୁ ନେଇ ରାଜ୍ୟବ୍ୟାପୀ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଚାରି ଆଡୁ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ଏହି ଘଟଣା ପରେ ସରକାର ତତ୍‌କ୍ଷଣାତ୍ ଏହି ନିଷ୍ପତ୍ତି ଉପରେ ପ୍ରତିବନ୍ଧକ ଲଗାଇବା ସହ ପୁନର୍ବାର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରକୁ ଜାରି ରଖିଥିଲେ। ରାଜ୍ୟରେ ସରକାର ପରିବର୍ତ୍ତନ ପରେ ରାଜ୍ୟ ସରକାର ଅନେକ ଯୋଜନାରୁ ବିଜୁ ନାମ ହଟାଉଥିବା ବେଳେ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିନରେ ପାଳିତ ହୋଇ ଆସୁଥିବା ପଞ୍ଚାୟତିରାଜ ଦିବସ ପାଳନକୁ ମଧ୍ୟ ବନ୍ଦ କରି ଦେଇଛନ୍ତି।


**OFFICE OF THE PANCHAYAT SAMITI, BHANDARIPOKHARI**
At/P.O.- Bhandaripokhari Dist- Bhadrak, E-Mail- ori-bhandaripokhari@nic.in
Letter no.: 1359 Date: 27.04.2026

**Tender for Construction of Additional Classroom of Elementary School & Construction of GPLF Office Building cum Market Complex**

1. Name of the work : Construction of Additional Classroom of Elementary School & Construction of GPLF Office Building cum Market Complex
2. Total No. of Work : 08 nos
3. Approximate Estimated Cost : As per DTCN
4. Class Contractor : (C & D) & (B & C)
5. Period of Completion : Six Calendar Months for (I), (ii), (iii), (iv), (v), (vi), (vii) & (viii)

Other Details : The Details are as follows

| SI No. | Bid Identification No. | Available Tender Online for bidding | | Last date for receipt of Bids | Date & Time of Opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| 1 | PSB-01/2026-27 to PSB-08/2026-27 | 30.04.2026 10 AM | 14.05.2026 5 PM | 14.05.2026 5 PM | 15.05.2026 10 AM |

1. Further details can be seen from the website portal http://bhadrak.odisha.gov.in
2. Any other changes/Corrigendum/Addendum may be seen only in website http://bhadrak.odisha.gov.in

Block Development Officer
Bhandaripokhari Block

13001/307/2627 **MUNICIPAL COUNCIL: VYASANAGAR**
Bid Identification No.: 01/VNM/2026-27
No. 1755 / Dt. 24.04.2026

**Detailed Tender Call Notice**

Name of the work : Sanitation Manpower, Machinery & Tractor under Vyasanagar Municipality.
E.M.D : Rs. 3,36,000.00
AGENCY : Contractors registered under Company/ Partnership/ Proprietor Firm having experience in similar nature of work manually/mechanically
Period of contract : 01 (One Years)
Cost of Bid document : Rs. 10,000.00
Available of Bid document : www.tendersodisha.gov.in
Date & Time of Bidding : From 10.00 AM of 28.04.2026 To 05.00 PM of 18.05.2026
Last Date of receipt of filled up bid document : 18.05.2026 up to 5.00 p.m.
Date of Opening of Technical Bid : 19.05.2026 from 11.00 a.m.
Date of Opening of Financial Bid : 20.05.2026 from 11.00 a.m.
Mode of Submission : online

Executive Officer
Vyasanagar Municipality
OIPR-13001/13092/1/26-27/0002

**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/2026-27/NIT/02**
Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/2026-27/1000009304 | Rate contract for Supply of Android Mobile Phone for 1 year |
| 2 | TPCODL/CCG/2026-27/1000009306 | Rate contract for Supply of 11kV & 33 kV CT PT |
| 3 | TPCODL/P&S/2026-27/1000009430 | Rate Contract for supply of Tape Kit Set For Theft Protection |
| 4 | TPCODL/P&S/2026-27/1000009513 | Rate Contract for AC Repair and Services. |
| 5 | TPCODL/CCG/2026-27/1000009517 | Rate Contract for SITC of Relays for TP Odisha DISCOM |
| 6 | TPCODL/CCG/2026-27/1000009524 | Rate Contract for Supply of HG & DO Fuse Sets |
| 7 | TPCODL/P&S/2026-27/1000009509 | Rate Contract for Meter Reading cum Spot Billing / Bill Distribution and Door-to-Door Collection at TPCODL for 3 Years |
| 8 | TPCODL/P&S/2026-27/1000009527 | Rate Contract for Call Centre Operations valid till March 2029 at TPCODL |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. Future communication / corrigendum to tender documents, if any, shall be available on TPCODL website.

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION–II, SUNDARGARH** 25001/59/2627
Email: rw_rourkela@yahoo.co.in
**TENDER CALL NOTICE**
**BID IDENTIFICATION NO. ONLINE-EERKL-01 of 2026-27**

1) Name of the Work : Building Works
2) Total No. of works : 12 (Twelve) Nos.
3) Estimated cost : Rs. 2.43 to 5.76 Lakhs
4) Class of contractor : "D" & "C" Class
5) Period of completion : 02 (Two) Months
6) Type of Tender : Single Cover
7) Other details

| Procurement Officer: | Bid Identification No.: | Availability of Tender On-line for bidding: | | Last Date & Time of seeking tender clarification: | Date & Time of Opening of Tender: |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Sundargarh | Online-EERKL-01 of 2026-27 | 30.04.2026 from 10:00 AM | 12.05.2026 upto 05:00 PM | 11.05.2026 \ upto 5:00 PM | 14.05.2026 at 11:00 AM |

Further details can be seen from the website www.tendersorissa.gov.in & for more information please visit the office.

Executive Engineer
RW Division-II, Sundargarh
OIPR-25001/25193/1/26-27/0002

**AFFIDAVIT**
I, Nazma Bibi,age 33 years, W/o-Janaph Khan,At-Panisanda, PO - Sukhasandapatna, PS -Bhograi, Dist-Baleswar, that before my marriage name is Nazma Khatun, D/o-Ayub Khan, that I am Nazma Bibi,W/o- Janaph Khan, At - Panisanda, PO -Sukhasandapatna, PS -Bhograi Dist-Baleswar Pin - 756036, Odisha, declare by this affidavit No - 2449, dated - 23.04.2026, that now onwards I shall be known as **NAZMA BIBI** for all future purposes.

**NOTICE**
By virtue of an affidavit sworn before Executive Magistrate, Bhubaneswar dated 09/04/2026, C.F No-54. I, Anil Kumar Sahu, S/o Hrusikesh Sahu, Address Mayfair Nagar, Saliasahi, Nayapalli, Bhubaneswar, Pin-751013 declare that I have changed the name of my son from Bablu Sahu to Siburanjan Sahu. Henceforth, he shall be known as **Siburanjan Sahu** for all purposes.
**Anil Kumar Sahu**

**AFFIDAVIT**
By virtue of an affidavit **no.554** before the **Executive Magistrate, Rairakhol, dtd. 27.04.2026,** I, Sudhir Meher, S/o Purandara Meher, resident of Village: Kandhara, PO: Kadaligarh, PS: Rairakhol, Dist: Sambalpur, Odisha, do hereby declare that I have changed my name from Sudhiranjan Meher (old name) to Sudhir Meher (new name) for Aadhaar correction. Henceforth, I shall be known as **Sudhir Meher** for all purposes.
**Sudhir Meher**

**AFFIDAVIT**
By an affidavit before Executive Magistrate Bhadrak, I Debaprakash Sahu, S/o Upendra Prasad Sahu, At/PO - Geltua, state Odisha, Pin - 75681 unbehalf of my minor son Surya Narayan Sahu declare that, his actual name is Surya Narayan Sahu. Wrongly It has been mentioned as Suraya Narayana Sahu in Adhar card. Suraya Narayana Sahu and Surya Narayan Sahu is one and same. This Affidavit is for Adhar Correction.

**NOTICE**
**(above 18 years of age)**
By virtue of an affidavit sworn before THE NOTARY PUBLIC, DHARAMGARH, DIST-KALAHANDI, dated 24/04/2026, I, SAIL SUTA MEHER Address VILLAGE/PO-CHICHEIGUDA, PS-JUNAGARH, DIST-KALAHANDI, ODISHA-766014 declare that I have changed the name from SOILA SUTA MEHER to SAILA SUTA MEHER. Henceforth, I shall be known as **SAILA SUTA MEHER** for all purposes.
**SAILA SUTA MEHER**

**LOST**
ମୁଁ ଶ୍ରୀଧର ସାହୁ, ପିତା- ସ୍ୱର୍ଗତ ବୃନ୍ଦାବନ ସାହୁ, ନିବାସୀ- ବୁଆଁଳୋ, ପଟ୍ଟାମୁଣ୍ଡାଇ, ଏହା ଘୋଷଣା କରୁଛି କି, ମୌଜା- ବୁଆଁଳୋ, ଖାତା ନଂ- ୧୬୪ (ପ୍ଲଟ ନଂ- ୫୯୩,୫୮୨) ଏବଂ ଖାତା ନଂ-୧୬୫ (ପ୍ଲଟ ନଂ- ୩୮୮, ୫୮/୮୭୧) ରେ ଥିବା ମୋର ପୈତୃକ ସମ୍ପତ୍ତିର ଅସଲି ସବକ ପଟ୍ଟା ଟି ଗତ ଏପ୍ରିଲ ୧୬, ୨୦୨୬ ରିଖରେ ହଜିଯାଇଛି। ମୁଁ ଏହା ସତ୍ୟପାଠର ଜମାନବନ୍ଦୀକାରୀ (deponent) ଏବଂ ମୋର ପିତାମାତା ତଥା ପୂର୍ବପୁରୁଷଙ୍କ ରେକର୍ଡ ଭୁକ୍ତ ସମ୍ପତ୍ତିର ଏକମାତ୍ର ଆଇନଗତ ଉତ୍ତରାଧିକାରୀ ଅଟେ। ଏହି ଦସ୍ତାବିଜଗୁଡିକ କୌଣସି ସ୍ଥାନରେ ବନ୍ଧକ ରଖାଯାଇନାହିଁ। ଯଦି କେହି ଏହାକୁ ପାଇଥାନ୍ତି ବା କାହାର କିଛି ଆପତ୍ତି ଥାଏ, ତେବେ ୧୫ ଦିନ ମଧ୍ୟରେ ପଟ୍ଟାମୁଣ୍ଡାଇ ରୁରାଲ୍ ଥାନା କିମ୍ବା ମୋ ସହିତ ଯୋଗାଯୋଗ କରନ୍ତୁ : ୯୬୬୩୯୩୩୪୪ ।

## ଗୋଚର ଜମିରେ ଚାରାରୋପଣ ଘଟଣା

# ବନ ବିଭାଗ ଉପରେ ରାଜସ୍ୱ ବିଭାଗ ପାହାର

ନୟାଗଡ଼,୨୭ ।୪(ସମିସ)

ବନବିଭାଗ ଉପରେ ପଡ଼ିଛି ଚଡ଼କ। ରାଜସ୍ୱ ବିଭାଗ ପାହାରରେ ବନବିଭାଗ ଧରାଶାୟୀ। ନୟାଗଡ଼ ବନାଞ୍ଚଳ ଅଧୀନରେ ଚାଲିଥିବା ଚାରାରୋପଣ କାର୍ଯ୍ୟରେ ନୀତିନିୟମକୁ ଖୋଲା ଉଲ୍ଲଂଘନ କରାଯାଉଛି। ବନ କର୍ମଚାରୀଙ୍କ ସ୍ୱାର୍ଥ ସାଧନ ପାଇଁ ଜାଣିଶୁଣି ଅନିୟମିତତା କରାଯାଇଛି। ନୟାଗଡ଼ ବନାଞ୍ଚଳ ନୟାଗଡ଼ ସେକ୍ସନ ଭାଟସାହି ବିଟ୍ ଅଧୀନରେ ଚାଲିଥିବା ଚାରାରୋପଣ କାର୍ଯ୍ୟ ଗୋଚର ଜମିରେ କରାଯାଉଥିବା ନେଇ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ସୋମବାର ନୂଆଗାଁ ତହସିଲଦାରଙ୍କ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ଭବାନୀ ଶଙ୍କର ନାୟକ ଏବଂ ଆର୍‌ଆଇ ଜିତେନ୍ଦ୍ର କୁମାର ନାୟକ ଘଟଣାସ୍ଥଳକୁ ଯାଇ କାମ ବନ୍ଦ କରିବାକୁ ବନପାଳ ଓ ବନରକ୍ଷୀଙ୍କୁ ତାଗିଦ୍ କରିଛନ୍ତି। କୌଣସି ପରିସ୍ଥିତିରେ ଗୋଚର ଜମିରେ କାମ ନ କରିବାକୁ କହିଛନ୍ତି। ନଚେତ୍ ରାଜସ୍ୱ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯିବାକୁ ଚେତାବନୀ ଦିଆଯାଇଛି।

ନୂଆପଲ୍ଲୀ ମୌଜା ଖାତା ନଂ-୫୮, ପ୍ଲଟ ନଂ-୪୫୯ ରକ୍ଷିତ ଅନାବାଦି ଗୋଚର କିସମ ରହିଛି। ଏହି ପ୍ଲଟ ୩୨ ଏକର ୨୨ ଡିସିମିଲି ହୋଇଥିବା ବେଳେ ଏଥିରେ ବନବିଭାଗ ଚାରାରୋପଣ କରିସାରିଥିବା ଦର୍ଶାଇ ବିଲ୍ କରିବା ପାଇଁ ଭାଉଚର ପ୍ରସ୍ତୁତି କରିଛି। କାମ ଆରମ୍ଭ ନ କରି ମାର୍ଚ୍ଚ ମାସରୁ ୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଭାଉଚର କରାଯାଇଛି। ଏବେ ଉକ୍ତ ପ୍ଲଟରେ ଗାତ ଖୋଳି ତାରବାଡ଼ ବୁଲାଇବା ପାଇଁ ଖୁଣ୍ଟ ପୋତା ଯାଉଥିବା ବେଳେ ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ କ୍ରମେ ଦୁରୁଦୁରା ଆରଆଇ ପତ୍ରସଂଖ୍ୟା ୬୦ରେ ଗତ ୨୩ ତାରିଖ ଏ ନେଇ ନୂଆଗାଁ ତହସିଲଦାରଙ୍କୁ ଅବଗତ କରିଥିଲେ। ତହସିଲଦାର ଘଟଣା ସମ୍ପର୍କରେ ବନଖଣ୍ଡ ଅଧିକାରୀଙ୍କୁ ଚିଠି ମଧ୍ୟ କରିଥିଲେ। ମାତ୍ର ବନଖଣ୍ଡ ଅଧିକାରୀ ଏ ନେଇ କୌଣସି ଚିଠି ପାଇ ନ ଥିବା କହିଥିବା ବେଳେ ନୟାଗଡ଼ ବନପାଳ ଶୁଭେନ୍ଦୁ ପ୍ରସାଦ ନାୟକ ଓ ଭାଟସାହି ବନରକ୍ଷୀ ସସ୍ମିତା ସେଠୀ ଉକ୍ତ ପ୍ଲଟରେ ଜବରଦସ୍ତ କାମ କରୁଥିଲେ। ରକ୍ଷିତ ଅନାବାଦି ଗୋଚର ଜମିରେ କୌଣସି ସରକାରୀ କାର୍ଯ୍ୟ ହେବା ନିୟମ ବିରୁଦ୍ଧ ହୋଇଥିବା ବେଳେ ବନବିଭାଗ ଏହାକୁ ମାଡ଼ିବସିବା ପାଇଁ ଉଦ୍ୟମ କରିଛି। ଉକ୍ତ ଜମିରେ ଗଛ ଲଗାଇବା ପାଇଁ ଗାତ ଖୋଳାଯିବା ସହ ଏହାର ସୁରକ୍ଷା ପାଇଁ ତାରବାଡ଼ ବୁଲାଯାଉଛି। କାମ ପ୍ରାଥମିକ ପର୍ଯ୍ୟାୟରେ ଥିବା ବେଳେ ବନପାଳ ଓ ବନରକ୍ଷୀ ଉକ୍ତ କାର୍ଯ୍ୟ ମାର୍ଚ୍ଚ ମାସରୁ ସମ୍ପାଦିତ ହୋଇଥିବା ଦର୍ଶାଇ ୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଭାଉଚର ମଧ୍ୟ କରି ସାରିଛନ୍ତି। ଉକ୍ତ ଫାଇଲ ଏବେ ଟ୍ରେଜେରିକୁ ଯାଇଥିବା ବେଳେ ଆସନ୍ତା ସପ୍ତାହରେ ଏକ ଟିମ୍ ତାହାର ତନଖି ପାଇଁ ଆସୁଥିବା ଖବର ପାଇ ତରବରିଆ ଭାବେ କାମ କରାଯାଉଥିବା ସୂଚନା ମିଳିଛି। 'ସକାଳ'ରେ ଏନେଇ ଖବର ପ୍ରକାଶ ପାଇଥିଲା। ଦୁଇଦିନ ଖବର ପ୍ରକାଶ ପାଇବା ପରେ ସୋମବାର ଉକ୍ତ ସ୍ଥାନକୁ ନୂଆଗାଁ ଅତିରିକ୍ତ ତହସିଲଦାର ଓ ଆରଆଇ ଯାଇ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜୋରଜବରଦସ୍ତ କାମ କଲେ ବ୍ୟବହୃତ ଜେସିବି, ଟ୍ରାକ୍ଟର ଜବତ କରାଯିବା ସହ ମାମଲା ରୁଜୁ କରିବାକୁ ତାଗିଦ କରିଛନ୍ତି। ଅନ୍ୟପକ୍ଷେ, କାମ ନ କରି ବିଲ୍ କରାଯାଇଥିବାରୁ ବନବିଭାଗ ଏବେ ହରଡ଼ଘଣାରେ ପଡ଼ିବା ସମ୍ଭାବନା ସୃଷ୍ଟି ହୋଇଛି। ଯାହାକୁ ନେଇ ସୋମବାର ନୟାଗଡ଼ ବନାଞ୍ଚଳ ଅଧିକାରୀ ତରବରିଆ ଭାବେ ନୂଆଗାଁ ତହସିଲଦାରଙ୍କୁ ଉକ୍ତ ପ୍ଲଟରେ କାମ କରିବା ପାଇଁ ଅନୁମତି ମାଗିଥିବା ସୂଚନା ମିଳିଛି। କୌଣସି ପରିସ୍ଥିତିରେ ଗୋଚର ଜମିରେ କାମ କରିବାକୁ ଅନୁମତି ଦେବା ସମ୍ଭବ ନୁହେଁ ବୋଲି ତହସିଲ ପକ୍ଷରୁ ସୂଚନା ମିଳିଛି।



### କାର୍ଯ୍ୟାନୁଷ୍ଠାନ ଦାବି

ନୟାଗଡ଼,୨୭ ।୪(ସମିସ): ନୟାଗଡ଼ ବନାଞ୍ଚଳର କର୍ମଚାରୀମାନେ ଆଗୁଆ ଭାଉଚର କରିବା, ଗୋଚର ଜମି ଜବରଦଖଲ କରି ବେଆଇନ ଭାବେ ଚାରାରୋପଣ କରିବାକୁ ନେଇ ବନପାଳ ଓ ବନରକ୍ଷୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ବନ କର୍ମଚାରୀମାନେ ସରକାରୀ ନୀତିନିୟମକୁ ଖୋଲା ଉଲ୍ଲଘନ କରିଥିବା ବେଳେ ବନବିଭାଗ ମାମଲାକୁ ଚାପିବ ନାଁ ବିଭାଗର ସ୍ୱାଭିମାନ ରକ୍ଷା କରିବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ପ୍ରଶ୍ନ ଉଠିଛି।

## ଗୋ-ସମ୍ମାନ ଓ ସୁରକ୍ଷା ପାଇଁ ଆଇନ ପ୍ରଣୟନ ଦାବି




ଓଡ଼ଗାଁ,୨୭ ।୪(ସମିସ): ହିନ୍ଦୁ ସଂସ୍କୃତିର ଆରାଧ୍ୟା ଗୋମାତାଙ୍କୁ ରାଷ୍ଟ୍ରୀୟ ସମ୍ମାନ ଓ ସୁରକ୍ଷା ପ୍ରଦାନ ସହ ଗୋହତ୍ୟା ବନ୍ଦ ଦାବିରେ ସୋମବାର ସର୍ବଭାରତୀୟ ସ୍ତରରେ ସାଧୁସନ୍ଥମାନଙ୍କ ଆହ୍ୱାନ କ୍ରମେ 'ଗୋ ସମ୍ମାନ ଅଭିଯାନ' ଆୟୋଜିତ ହୋଇଛି। ନୟାଗଡ଼ ଜିଲ୍ଲାର ଓଡ଼ଗାଁ ଶାଖା ପକ୍ଷରୁ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଓଡ଼ଗାଁର ଆରାଧ୍ୟ ପ୍ରଭୁ ଶ୍ରୀ ରଘୁନାଥଙ୍କ ମନ୍ଦିର ପ୍ରାଙ୍ଗଣରୁ ବାହାରିଥିବା ଏହି ଶୋଭାଯାତ୍ରା ତହସିଲ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଓଡ଼ଗାଁର ଆବାହକ ଗୋସେବକ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ପଦଯାତ୍ରା ପରିଚାଳିତ ହୋଇଥିଲା। କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ଉପସ୍ଥିତି ଗୋସେବକଙ୍କୁ ଉତ୍ସାହିତ କରିଥିଲା। ଅଚ୍ୟୁତ ପଣ୍ଡା, ଜଗନ୍ନାଥ ପାଣିଗ୍ରାହୀ, ପ୍ରତାପ କୁମାର ଦାସ, ରାଜେଶ ସେଠୀ, ହିମାଦ୍ରୀ ମହାରଣା, ଭଗବାନ ପ୍ରଧାନ ସମେତ ଅନେକ ଗୋସେବକ ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ।

**ଗଣିଆ:** ଯୁବ ଭାରତ ଆସୋସିଏସନ୍ ଓ ଗୋପୁତ୍ର ପରିବାର ମିଳିତ ଉଦ୍ୟମରେ ଗୋବଂଶ ସୁରକ୍ଷା ପାଇଁ ଗୋମାତାକୁ ରାଷ୍ଟ୍ରମାତା ଘୋଷଣ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଗଣିଆ ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗଣିଆ ଅଞ୍ଚଳରେ ଗୋଚାଲାଣରୁ ଉଦ୍ଧାର



ହେଉଥିବା ଗୋରୁଙ୍କ ସୁରକ୍ଷା ଓ ଥଇଥାନ ନିମନ୍ତେ ଏକ ଗୋଶାଳା ପ୍ରତିଷ୍ଠା କରିବା ପାଇଁ ଅତିରିକ୍ତ ତହସିଲଦାରଙ୍କ ସହଯୋଗ କାମନା କରାଯାଇଛି। ଆଗାମୀ ଦିନରେ ସରକାର ଗୋସୁରକ୍ଷା ଆଇନ ଆଣିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସୌମ୍ୟରଞ୍ଜନ ସାହୁ, ଦୀପ୍ତିରଞ୍ଜନ ରଣା, ସ୍ମୃତିରଞ୍ଜନ ସାହୁ, ବଳରାମ ସାହୁ, ସୁରେଶ କୁମାର ବେହେରା, ଅଭିଜିତ ମହାରଣା ଏବଂ ଯୁବ ଭାରତ ଆସୋସିଏସନ ସଭାପତି ତନ୍ମୟ ରଞ୍ଜନ ସାହୁ, ସମ୍ପାଦକ ପ୍ରିୟବ୍ରତ ମିଶ୍ର, ସଦସ୍ୟ ପ୍ରିୟାଂଶୁ ଶେଖର ଲେଙ୍କା ଓ ସିଦ୍ଧାର୍ଥ ରଞ୍ଜନ ନାୟକ ଉପସ୍ଥିତ ଥିଲେ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ନୟାଗଡ଼,୨୭।୪(ସମିସ): ନୟାଗଡ଼ ବାଇପାସ୍‌ରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ୨୭ ବର୍ଷୀୟ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଇଟାମାଟି ଥାନା ଚନ୍ଦ୍ରଶେଖରପୁର ଗାଁର ରମେଶ ସାହୁଙ୍କ ପୁଅ ମାନସ ସାହୁ। ଅପରାହ୍ଣ ସମୟରେ ମାନସ ନିଜ କାମ ସାରି ବାଇକ୍ ଯୋଗେ ବାଇପାସ୍ ରାସ୍ତାରେ ଘରକୁ ଫେରୁଥିବା ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଗୁରୁତର ହୋଇ ପଡ଼ିଥିଲେ ମାନସ। ବାଟରେ ଯାଉଥିବା ଲୋକେ ମାନସଙ୍କୁ ଦେଖି ସେଠାରୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଇଟାମାଟି ପୁଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।

## ୪୦ ଗୋରୁ ଉଦ୍ଧାର, ଟ୍ରକ୍ ଜବତ



ନୟାଗଡ଼,୨୭ ।୪(ସମିସ): ନୂଆଗାଁ ଥାନା ମୁଦୁରାଙ୍ଗ ନିକଟରୁ ପୁଲିସ ଏକ ଗୋରୁ ବୋଝେଇ ଟ୍ରକ ଜବତ କରିଛି। ସ୍ଥାନୀୟ ଲୋକଙ୍କ ସଚେତନତା ଓ ପୁଲିସର ସମୟୋଚିତ କାର୍ଯ୍ୟାନୁଷ୍ଠାନରେ ଟ୍ରକରୁ ପ୍ରାୟ ୪୦ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ସକାଳେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ ମୁଦୁରାଙ୍ଗ ନିକଟରେ ସନ୍ଦେହଜନକ ଅବସ୍ଥାରେ ଏକ ଟ୍ରକ ଠିଆ ହୋଇଥିବା ସ୍ଥାନୀୟ ଲୋକେ ଦେଖି ନୂଆଗାଁ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଟ୍ରକ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଟ୍ରକରେ ଅମାନବିକ ଭାବେ ଗୋରୁଙ୍କୁ ଭର୍ତ୍ତି କରାଯାଇଥିବା ଦେଖିବାକୁ ମିଳିଥିଲା। ପୁଲିସ ତୁରନ୍ତ ଟ୍ରକ ଜବତ କରିବା ସହ ଗୋରୁଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ପଠାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଖସି ପଳାଇଛନ୍ତି। ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି।

## ରଣପୁର ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର



ନୟାଗଡ଼/ରଣପୁର,୨୭।୪(ସମିସ): ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ସୋମବାର ରଣପୁର ବ୍ଲକ୍‌ରେ ଜନଶୁଣାଣି କରିଥିଲେ। ଏହି ଶିବିରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ୍ ୯୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୮୩ଟି ବ୍ୟକ୍ତିଗତ, ୬ଟି ଗ୍ରାମ୍ୟ ସମସ୍ୟା, ୫ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସମ୍ପର୍କିତ ଅଭିଯୋଗ ରହିଥିଲା। ମୋଟ ୪୧ଟି ଅଭିଯୋଗ ତତ୍କାଳ ସମାଧାନ କରାଯାଇଛି।

## ସୁର୍କାବାଡ଼ିରେ କ୍ଷେତ୍ର ଦିବସ ପାଳିତ

ରଣପୁର,୨୭।୪(ସମିସ): ରଣପୁର ବ୍ଲକ୍ ଅନ୍ତର୍ଗତ ସୁର୍କାବାଡ଼ି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର କୃଷି ବିଭାଗ ତରଫରୁ କ୍ଷେତ୍ର ଦିବସ ପାଳିତ ହୋଇଯାଇଛି। ଓଭରସର ଧନେଶ୍ୱର ପାଇକରାୟଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ସୁନିତା ମହାପାତ୍ର, ସମିତିସଭ୍ୟ ଅନୁରାଧା ମିଶ୍ର, କୃଷି ଜିଲ୍ଲା ଅଧିକାରୀ ନୟାଗଡ଼ ନର୍ଭେସ ପଟ୍ଟନାୟକ, ସହ କୃଷି ଅଧିକାରିଣୀ ଅର୍ପିତା ସାହୁ, ଡିପିଟି ସ୍ୱାଗତିକା ପତି, କୃଷକ ସାଥୀ ରମେଶ ମୁଦୁଲି ଓ ବୈକୁଣ୍ଠ ରଣା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୃଷକମାନଙ୍କୁ ଡାଲି ଜାତୀୟ ଫସଲର ଅଧିକ ଅମଳ କରିବା ପାଇଁ ପ୍ରେରଣା ଦିଆଯାଇଥିଲା। ସାର, ବୈଷୟିକ ଜ୍ଞାନ କୌଶଳ ଓ ନୂତନ ଚାଷ ପ୍ରଣାଳୀ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ମାଟିକୁ ଉର୍ବର କରିବା ପାଇଁ ବିଭିନ୍ନ ଜୀବସାର ପ୍ରୟୋଗର ପ୍ରକ୍ରିୟା ଏବଂ ରୋଗ ପୋକ ଦାଉରୁ ରକ୍ଷା କରିବା ପାଇଁ ରାସାୟନିକ ଓ ଜୈବିକ ସାରର ପ୍ରୟୋଗ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକ ଯୋଗଦେଇଥିଲେ।

## ଟାଙ୍କିରେ ମିଳୁନି ପେଟ୍ରୋଲ, ଡିଜେଲ

ଓଡ଼ଗାଁ,୨୭ ।୪(ସମିସ): ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅଞ୍ଚଳରେ ପେଟ୍ରୋଲ, ଡିଜେଲ ଅଭାବ ପରିଲକ୍ଷିତ ହୋଇଛି। ବିଭିନ୍ନ ପେଟ୍ରୋଲ ପମ୍ପରେ ପେଟ୍ରୋଲ, ଡିଜେଲର ମିଳୁ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ ସ୍ଥାନରେ ଗୋଟିଏ ବାଇକକୁ ମାତ୍ର ୧୦୦ ଟଙ୍କାର ପେଟ୍ରୋଲ ଦିଆଯାଉଥିବା ବେଳେ, ଅନ୍ୟ କେତେକ ପମ୍ପରେ ତେଲ ସମ୍ପୂର୍ଣ୍ଣ ଶେଷ ହୋଇଯାଇଥିବାରୁ ବନ୍ଦ ରହିଛି। ଫଳରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ଶରଣକୁଳ କରଡ଼ା ପେଟ୍ରୋଲ ଟାଙ୍କି ସହ ଓଡ଼ଗାଁ ଏନ୍‌ଏସିର କଦଳୀବନ୍ଧ ଅଞ୍ଚଳର ରାଧାକୃଷ୍ଣ ପେଟ୍ରୋଲ ପମ୍ପ, ରଙ୍ଗଣୀପାଟଣା, ଜାମୁସାହି, ପଥରା ଓ ରୋହିବାଙ୍କ ପେଟ୍ରୋଲ ପମ୍ପରେ ଇନ୍ଧନ ନ ଥିବା ସୂଚନା ମିଳିଛି। କେତେକ ପମ୍ପରେ ଡିଜେଲ ଥିଲେ ମଧ୍ୟ ତାହା ଶୀଘ୍ର ଶେଷ ହେବା ସମ୍ଭାବନା ରହିଛି। ଏହି ସମସ୍ୟା ଆଉ କିଛିଦିନ ଜାରି ରହିଲେ କୃଷି, ପରିବହନ ଓ ଦୈନନ୍ଦିନ ଜୀବନରେ ଗୁରୁତର ପ୍ରଭାବ ପଡ଼ିପାରେ ବୋଲି କୁହାଯାଉଛି। ସରକାର ତୁରନ୍ତ ବିକଳ୍ପ ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ସେପଟେ ଲୋକମାନେ ଅନାବଶ୍ୟକ ଯାତାୟାତ ବନ୍ଦ କରି ସାଇକଲ ବ୍ୟବହାରକୁ ପ୍ରାଥମିକତା ଦେବାକୁ ଆହ୍ୱାନ କରାଯାଇଛି। ପେଟ୍ରୋଲ ପମ୍ପ ମାଲିକମାନେ ଇନ୍ଧନ ପାଇଁ ଅର୍ଥ ଜମା କରିଥିବା ବେଳେ, ଖୁବଶୀଘ୍ର ସମସ୍ତ ପମ୍ପକୁ ଯୋଗାଣ ସ୍ୱାଭାବିକ ହେବ ବୋଲି ଓଡ଼ଗାଁ ବ୍ଲକ ଯୋଗାଣ ଅଧିକାରୀ ମଳୟ ମେହେର ସୂଚନା ଦେଇଛନ୍ତି।

ଲମ୍ବା ଧାଡ଼ିରେ ଗ୍ରାହକ



● ୫ ଶହ ବର୍ଷର ଲୋକକଳା ଓ ପରମ୍ପରା

## ଶରଣକୁଳ ମୁଣ୍ଡ ରାମଲୀଳା ଆରମ୍ଭ

ନୟାଗଡ଼/ଶରଣକୁଳ,୨୭ ।୪(ସମିସ): ଗ୍ରାମ୍ୟ ମାଟିରୁ ଅନେକ ଲୋକକଳା ଓ ପରମ୍ପରା ଦିନକୁ ଦିନ ବିଲୁପ୍ତ ହେବାକୁ ବସିଥିବା ବେଳେ ପ୍ରସିଦ୍ଧ ଶୈବପୀଠ ଶରଣକୁଳ ମୁଣ୍ଡ ରାମଲୀଳା ଏବେ ବି ଲୋକଙ୍କ ହୃଦୟରେ ବଞ୍ଚିରହିଛି। ଦୀର୍ଘ ୫୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶରଣକୁଳ ଗୁଡ଼ିଆ ସାହିରେ ଏହି ମୁଣ୍ଡ ରାମଲୀଳା ନାଟକ ଅନୁଷ୍ଠିତ ହୋଇଆସୁଛି। ଆଜି ଏହାର ଶୁଭାରମ୍ଭ ହୋଇଛି। ଏହା ୯ ଦିନଧରି ଭାବେ ଚାଲିବ। ଏଥିପାଇଁ ପ୍ରାୟ ଏକ ମାସ ପୂର୍ବରୁ ସାହି ବାସିନ୍ଦାମାନେ ବୈଠକ କରି ରାମଲୀଳାରେ କିଏ କେଉଁ ଚରିତ୍ରରେ ଅଭିନୟ କରିବ ତାହା ସ୍ଥିର କରିଥାନ୍ତି। ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଖୁସି ମନରେ ଅଭିନୟ ପାଇଁ ଚରିତ୍ର ବାଛିଥାନ୍ତି। ଏକ ମାସ ଧରି ପ୍ରତିଦିନ ନାଟକ ଶିଖିବା ଆରମ୍ଭ ହୋଇଥାଏ। ଏଥିପାଇଁ ବହୁ ଅର୍ଥ ଖର୍ଚ୍ଚ ହେଉଥିଲେ ମଧ୍ୟ ସାହି ବାସିନ୍ଦାମାନେ ନିଜେ ଏହି ଖର୍ଚ୍ଚ ବହନ କରିଥାନ୍ତି। ଉତ୍କଳୀୟ ପରମ୍ପରାକୁ ସାହି ବାସିନ୍ଦା ବଞ୍ଚାଇ ରଖିବା ପାଇଁ ପୁରୁଷ ପୁରୁଷ ଧରି ଚେଷ୍ଟା ଚଳାଇ ଆସିଛନ୍ତି। ସଂକଳ୍ପ ଦିନଠାରୁ ପ୍ରତ୍ୟେକ କଳାକାର ଗୋଟିଏ ବକ୍ତ ଅରୁଆ ହବିଷ୍ୟାନ୍ନ ଖାଇ ଅଭିନୟ ଅଭ୍ୟାସ କରିଥାନ୍ତି ଓ ନବଦିନ ନାଟକରେ ଅଭିନୟ କରିଥାନ୍ତି। ଏହି ରାମଲୀଳାର ସ୍ୱାତନ୍ତ୍ର୍ୟତା ହେଲା ପ୍ରତିଟି ଚରିତ୍ର ମୁଖାପିନ୍ଧି ଅଭିନୟ କରିଥାନ୍ତି। ଅଭିନୟର ଶୈଳୀ ମଧ୍ୟ ଭିନ୍ନ ଭିନ୍ନ ଯାହା ଦର୍ଶକଙ୍କୁ ଆକୃଷ୍ଟ କରିଥାଏ। ସେହିପରି ଏହି ରାମଲୀଳାରେ ପୁରୁଷମାନେ ନାରୀ ଚରିତ୍ରରେ ଅଭିନୟ କରିଥାନ୍ତି। ମୁଖାଗୁଡ଼ିକ ହାଲକା କାଠରେ ତିଆରି। ଯାହା ମୁହଁରେ ବାନ୍ଧି ନାଚିବାରେ ଅସୁବିଧା ହୁଏନାହିଁ। ରାମ ଜନ୍ମ, ଆରଣ୍ୟ କାଣ୍ଡଠାରୁ ଆରମ୍ଭ କରି ରାମାଭିଷେକ ପର୍ଯ୍ୟନ୍ତ ସମସ୍ତ ବିଷୟ ପ୍ରତିଦିନ ଏକ ସୁସଜ୍ଜିତ ମଞ୍ଚରେ ଅଭିନୀତ ହୋଇଥାଏ। ଲୋକବାଦ୍ୟ ସହ ଗାୟକ ବ୍ରଜକିଶୋର ମହାପାତ୍ର, ଦୀପକ କୁମାର ସାହୁ ଓ ଟିକନ ମହାପାତ୍ର ଅନଙ୍ଗ ନରେନ୍ଦ୍ର ଭଣିତ ତାଳପତ୍ର ପୋଥିରୁ ରାମାୟଣର କଥାବସ୍ତୁକୁ ଗୀତ ମାଧ୍ୟମରେ ଗାଉଥିବା ବେଳେ ଦିଲୀପ ମଣ୍ଡଳ, ବାଇନ ମଣ୍ଡଳ, ବବୁଲ ବଡ଼ପଣ୍ଡା, ମୁକେଶ ସାହୁ, ଅଶୋକ କୁମାର ମହାପାତ୍ର, ସୀତାକାନ୍ତ ମହାପାତ୍ର, ଜଗବନ୍ଧୁ ସାହୁ, ନବକିଶୋର ନାୟକ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରନ୍ତି। ପ୍ରତିଦିନ ଏହି ରାମଲୀଳା ନାଟକ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ଶହ ଶହ ଦର୍ଶକ ଉପସ୍ଥିତ ହୋଇ ନାଟକକୁ ଉପଭୋଗ କରନ୍ତି।



## ମହାବିଦ୍ୟାଳୟରେ ସମର ଫେଷ୍ଟିଭାଲ




ଗଣିଆ,୨୭ ।୪(ସମିସ): ସବୁବେଳେ କିଛି ନୂତନ ଶୈଳୀରେ ଉତ୍ସବ ମନେଇବାକୁ ପସନ୍ଦ କରୁଥିବା ଆର୍‌ସି ସାମନ୍ତରାୟ ମହାବିଦ୍ୟାଳୟ ପରିଚାଳନା କମିଟି ଚଳିତ ବର୍ଷ ସମର ଫେଷ୍ଟିଭାଲ ଆୟୋଜନ କରିଛି। ଏହି ପରିପ୍ରେକ୍ଷୀରେ ଅଧ୍ୟକ୍ଷ ମଳୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ସମ୍ପାଦକ ଏଲଡାଡ କାଇଣ୍ଡସେଥ, ସମ୍ମାନିତ ଅତିଥି ପରିଚାଳନା କମିଟିର କବିଚନ୍ଦ୍ର ସାମନ୍ତରାୟ, ଉପାଧ୍ୟକ୍ଷ ଉମାକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟ ତରଫରୁ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ପାଠପଢ଼ା ସହ ନିଜ ମଧ୍ୟରେ ଥିବା ଆନୁଷଙ୍ଗିକ ଗୁଣକୁ ବିକଶିତ କରିବା ଦରକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ନାଟକ, କମେଡି ତଡ଼କା, ଭାଷଣ ଆଦି ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଅଞ୍ଚଳର ଅନେକ ଶିକ୍ଷାବିତ୍, କଳାକାର ତଥା ସମାଜସେବୀଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଆ ଅଧ୍ୟାପକ ଜିତେନ କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ।

# ସୋଲାର ପ୍ରକଳ୍ପ ପାଇଁ ନୀତିନିୟମକୁ ଜଳାଞ୍ଜଳି

## ଜବରଦଖଲରେ କ୍ଷୁଦ୍ର ଜଳସେଚନ ବିଭାଗ କେନାଲ

ନୟାଗଡ଼/ଖଣ୍ଡପଡ଼ା,୨୭ ।୪(ସମିସ)

ସୋଲାର ପ୍ରକଳ୍ପ ଆଳରେ ଘରୋଇ ସଂସ୍ଥାର ଦାଦାଗିରି ଥମିବାର ନାଁ ନେଉନି। ଜଙ୍ଗଲ ଜମି ଜବରଦଖଲ କରି ଶାଳଗଛ କାଟିବା ସହ କ୍ଷୁଦ୍ର ଜଳସେଚନ ବିଭାଗର ଏକ କେନାଲକୁ ସମ୍ପୃକ୍ତ ସଂସ୍ଥା ନିଜ ଅକ୍ତିଆରରେ ରଖିଛି। ଘଟଣାରେ ବନବିଭାଗ ନିରବଦ୍ରଷ୍ଟା ସାଜିଥିବା ବେଳେ ସମ୍ପୃକ୍ତ ସଂସ୍ଥା ପାଇଁ ତତ୍କାଳୀନ ଖଣ୍ଡପଡ଼ା ଏସ୍‌ଡିପିଓ ତ୍ରାଣକର୍ତ୍ତା ସାଜିଥିଲେ ବୋଲି ଅଭିଯୋଗ ହୋଇଛି। ପୂର୍ବରୁ ଜମି ଜବରଦଖଲ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ଏବେ ମାପଚୁପ ଚାଲିଥିବା ବେଳେ ନିୟମ ବାହାରେ ସଂରକ୍ଷିତ ଜଙ୍ଗଲରୁ ଗଛ କଟାଯାଇଥିବା ଦେଖାଯାଇଛି।

ଖଣ୍ଡପଡ଼ା ବ୍ଲକ ସିଙ୍ଘାପଡ଼ା ପଞ୍ଚାୟତ ଦଉପୋଖରୀ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ପାଶ୍ୱର୍ରେ ସୋଲାର ପ୍ରକଳ୍ପ ନିମନ୍ତେ ଖୁଣ୍ଟ ପୋତାଯାଇ ବିଦ୍ୟୁତ ତାର ଟାଣିବା କାର୍ଯ୍ୟ ଚାଲୁ ରହିଛି। ମାତ୍ର ରାସ୍ତା ପାଶ୍ୱର୍ରେ ବିଦ୍ୟୁତ ଖୁଣ୍ଟଗୁଡ଼ିକ ପୋତା ଯାଉଥିବା ବେଳେ ଗତ ବର୍ଷ ବର୍ଷ ଧରି ବନୀକରଣ ଯୋଜନାରେ ବନ ବିଭାଗ ପକ୍ଷରୁ ଲଗାଯାଇଥିବା ଶାଳ ଓ ଅନ୍ୟ ମୂଲ୍ୟବାନ ଗଛଗୁଡ଼ିକ ବଳିପଡୁଥିବା ଦେଖିବାକୁ ମିଳିଛି। ଗଛଗୁଡ଼ିକର ଅର୍ଦ୍ଧାଧିକ ଅଂଶକୁ ଘରୋଇ ସଂସ୍ଥା କର୍ମଚାରୀମାନେ ବେଫିକର ଭାବେ କାଟି ଦେଉଥିବାରୁ ଗତ ମାର୍ଚ୍ଚରେ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସାପୁଆ ସଂରକ୍ଷିତ ଜଙ୍ଗଲରେ ଗଛ କାଟିବାକୁ ଅନୁମତି ନ ଥିବା ବେଳେ କାହା ବଳରେ ଘରୋଇ ସଂସ୍ଥା ଏଭଳି ବେଆଇନ କାର୍ଯ୍ୟ କଲା ତାକୁ ନେଇ ପ୍ରଶ୍ନ କରିଥିଲେ ଗ୍ରାମବାସୀ। ଅନ୍ୟପକ୍ଷରେ ଏ ନେଇ ପଞ୍ଚାୟତ ବାସିନ୍ଦା ରେଞ୍ଜର ଦିଲୀପ ପଟ୍ଟନାୟକଙ୍କୁ ଫେରାଦ ହୋଇ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଘରୋଇ ସଂସ୍ଥାର ମାଲିକ ଗ୍ରାମବାସୀଙ୍କୁ ଅଢ଼େଇ ଲକ୍ଷ ଟଙ୍କା କ୍ଷତିପୂରଣ ଦେଇ ମାମଲା ରଫାଦଫା କରିବାକୁ ଉଦ୍ୟମ କରୁଥିବା ବେଳେ ବନବିଭାଗ ଚୁପ୍ ବସିଛି। ଘରୋଇ କମ୍ପାନୀକୁ ତାର ବିଛାବା ସହ ଗଛ କାଟିବାକୁ ବନବିଭାଗ କିଭଳି ଅନୁମତି ଦେଲା ତାକୁ ନେଇ ନାନା ପ୍ରଶ୍ନ ଉଠିଛି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ କିଛି ମାସ ହେବ ସିଙ୍ଘାପଡ଼ା ପଞ୍ଚାୟତ ରୂପାପଲ୍ଲୀ, ହରିହରପ୍ରସାଦ, ନୂଆଗାଁ, ଦଉପୋଖରୀ ମୌଜାରେ ଏକ ଘରୋଇ ସଂସ୍ଥା ସୋଲାର ପ୍ରକଳ୍ପ ତିଆରି କରୁଛି। ଏକର ଏକର ସରକାରୀ, ଜଙ୍ଗଲ ଓ ରାଜସ୍ୱ ଜମି ମାଡ଼ିବସି ଉକ୍ତ ସଂସ୍ଥା ବିବାଦରେ ଥିବାବେଳେ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଘଟଣା ବାବଦରେ ଲିଖିତ ଅଭିଯୋଗ ମଧ୍ୟ ହୋଇଛି। କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ମୋଡ଼ା ନାଳ ଏମଆଇପି କେନାଲକୁ ସମ୍ପୃକ୍ତ ସଂସ୍ଥା ଜବରଦଖଲ କରିଛି। କ୍ଷୁଦ୍ର ଜଳସେଚନ ବିଭାଗ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ।



### ଚାଲିଛି ବଡ଼ପଣ୍ଡା ସନ୍ତୁଷ୍ଟୀକରଣ

ନୟାଗଡ଼,୨୭ ।୪(ସମିସ): ସୋଲାର ପ୍ରକଳ୍ପ ସ୍ଥାପନ ପାଇଁ ଜଙ୍ଗଲ ଜମି ଜବରଦଖଲ, କେନାଲ ଜବରଦଖଲ ଓ ଗଛ କାଟିବା ଭଳି ବେଆଇନ କାର୍ଯ୍ୟ କରୁଥିବା ସଂସ୍ଥାକୁ ସହଯୋଗ କରିବାକୁ ବଡ଼ପଣ୍ଡା ସନ୍ତୁଷ୍ଟୀକରଣ ପାଇଁ ପ୍ରୟାସ ଚାଲିଥିବା ଅଭିଯୋଗ ହୋଇଛି। ଜଣେ ପୁଲିସ ଅଧିକାରୀ ଏବଂ ଦୁଇଜଣ ନେତା ଉକ୍ତ ସଂସ୍ଥାରୁ ମୋଟା ଅଙ୍କର କାରବାର କରିଥିବା ବେଳେ ଏବେ କୁଆଡ଼େ ସେମାନେ ଧରାଛୁଆଁ ଦେଉ ନ ଥିବା ଚର୍ଚ୍ଚା ହେଉଛି। ଫଳରେ ଦୁଇଦିନ ହେବ ସଂସ୍ଥା ପକ୍ଷରୁ ପ୍ରଶାସନର ବଡ଼ପଣ୍ଡାମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ମୋଟା ଅଙ୍କର କାରବାର କରାଯାଇ ମାମଲା ଚାପିବାକୁ ଉଦ୍ୟମ ଚାଲିଥିବା ଅଭିଯୋଗ ହୋଇଛି। ନୟାଗଡ଼ ଜିଲ୍ଲା ପ୍ରଶାସନର ଜଣେ ଅଧିକାରୀ ଏନେଇ ସ୍ଥାନୀୟ ଲୋକଙ୍କୁ ଓଲଟପାଲଟ କଥାବାର୍ତ୍ତା କରୁଥିବା ଅଭିଯୋଗ ହୋଇଛି। ଉକ୍ତ ଘଟଣାର ଭିଜିଲାନ୍ସ ତଦନ୍ତ କରାଯିବାକୁ ଦାବି ହେଉଛି। ସୋଲାର ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାର ସରିଥିବା ଆଲୋଚନା ହେଉଛି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

ନିରାକାରପୁର, ୨୭।୪ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରେ ଆଜି ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ବଡପୋଖରିଆ ନିକଟସ୍ଥ ମା' ବାଉତୀ ମନ୍ଦିର ସମ୍ମୁଖରେ ଜଣେ ଅଜଣା ବ୍ୟକ୍ତିଙ୍କୁ କୌଣସି ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଛି। ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ହିଁ ବ୍ୟକ୍ତିଜଣଙ୍କର ପ୍ରାଣବାୟୁ ଉଡ଼ିଯାଇଛି। ଆଜି ରାତି ପ୍ରାୟ ୮ଟା ୧୫ରେ ଉକ୍ତ ବ୍ୟକ୍ତିଜଣକ କୌଣସି କାର୍ଯ୍ୟରେ ରାଜପଥର ପୂର୍ବ ପାର୍ଶ୍ୱରୁ ପଶ୍ଚିମ ପାର୍ଶ୍ୱକୁ ଯାଉଥିଲେ। ଏହି ସମୟରେ ଏକ ଦ୍ରୁତଗାମୀ ଗାଡ଼ି ତାଙ୍କୁ ସମ୍ମୁଖରୁ ଶକ୍ତ ଧକ୍କା ଦେଇଥିଲା। ସେଠାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଜଂକିଆ ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଦୁର୍ଘଟଣା ପରେ ଜାତୀୟ ରାଜପଥରେ ପ୍ରାୟ ୧ ଘଣ୍ଟା ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

## ଟ୍ରକ ଜବତ, ୧୭ ମଇଁଷି ଉଦ୍ଧାର

ଖୋର୍ଦ୍ଧା,୨୭।୪(ସମିସ): ୧୬ନଂ ଜାତୀୟ ରାଜପଥର ଫଚସଖା ଛକ ନିକଟରୁ ଶିଶ୍ୱାଞ୍ଚଳ ଥାନା ପୁଲିସ ଏକ ମଇଁଷି ବୋଝେଇ ଟ୍ରକକୁ ଜବତ କରିଛି। ଗାଡି ଭିତରୁ ୧୭ ମଇଁଷି କୁ ପୁଲିସ ଉଦ୍ଧାର କରିଛି। ଏହି ଘଟଣାରେ ପୁଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ଆନ୍ଧ୍ରପ୍ରଦେଶ ର ପୂର୍ବ ଗୋଦାବରୀ ଜିଲ୍ଲା ଅନ୍ତର୍ଗତ ପିତାପୁରୀ ଫୋର୍ଟଗେଟ ର ଡି. ରବିତେଜା (୩୧) ଓ ଭି.ବୀରା ବାବୁ (୨୭)। କେନ୍ଦ୍ରାପଡାରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଏକ ଟ୍ରକ୍‌ରେ ମଇଁଷି ବୋଝେଇ ହୋଇ ଆସୁଥିବା ଗୋରକ୍ଷକମାନେ ଖବର ପାଇ ଗାଡିକୁ ଦିନ ପ୍ରାୟ ୧୦ଟାବେଳେ ଫଚସଖା ଛକ ନିକଟରେ ଅଟକାଇଥିଲେ। ପରେ ଗାଡି ଯାଂଚବେଳେ ସେଥିରେ ମଇଁଷି ବୋଝେଇ ହୋଇଥିବା ଜାଣିବାପରେ ଗାଡିକୁ ଶିଶ୍ୱାଂଚଳ ପୁଲିସ ଜିମା ଦେଇଥିଲେ। ପୁଲିସ ଗାଡି ର ଯାଂଚ କରିବାବେଳେ କୌଣସି ବୈଧ କାଗଜପତ୍ର ଡ୍ରାଇଭର ଦେଖାଇପାରିନଥିଲେ। ପୁଲିସ ଗାଡି ଗୁଡିକରେ ଅକଥନୀୟଭାବେ ବନ୍ଧା ହୋଇଥିବା ୧୭ ମଇଁଷି କୁ ଉଦ୍ଧାର କରିବା ସହ ୧୦୮/୨୬ରେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଉଦ୍ଧାର ମଇଁଷି କୁ ପୁଲିସ ବାଲୁଗାଁସ୍ଥିତ ଗୋଶାଳାରେ ଛଡା ଯାଇଥିବା ଥାନା ଅଧିକାରୀ ଉମେଶ ସାହୁ ସୂଚନା ଦେଇଛନ୍ତି।

## ତେରସାହି ତୈଳିକ ବୈଶ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ଖୋର୍ଦ୍ଧା,୨୭।୪(ସମିସ): ସ୍ଥାନୀୟ ଗୁରୁଜଙ୍ଗସ୍ଥିତ ଧବଳେଶ୍ୱର କଲ୍ୟାଣ ମଣ୍ଡପ ଠାରେ ତେରସାହି ତୈଳିକ ବୈଶ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ ସମାରୋହ ତଥା ୫୦ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତେରସାହି ତୈଳିକ ବୈଶ୍ୟ ସମାଜ ର ସଭାପତି ରତ୍ନାକର ସାହୁଙ୍କ ଅଧକ୍ଷତା ରେ ଅତିଥି ରୂପେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ସାଂସଦ ପ୍ରାର୍ଥି ମନ୍ମଥ ରାଉତରାୟ, ଖୋର୍ଦ୍ଧାର ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ପୂର୍ବତନ ପୌରାଧକ୍ଷା ସଂଯୁକ୍ତା ସାହୁ ଯୋଗଦେଇ ଥିଲେ।

ଅନ୍ୟମାନଙ୍କ ଭିତରେ ସମ୍ପାଦକ ଅଖିଳ କୁମାର ସାହୁ, ସମୀକ୍ଷକ ଅଭୟ କୁମାର ସାହୁ, ଲକ୍ଷ୍ମୀଧର ସାହୁ, ରାଜକିଶୋର ସାହୁ, ପ୍ରଶାନ୍ତ ସାହୁ, ରବି ନାରାୟଣ ସାହୁ, ପର୍ଶୁରାମ ସାହୁ, ନାରାୟଣ ସାହୁ, ସଞ୍ଜୟ କୁମାର ସାହୁ, ଅଭ୍ୟର୍ଥନା କମିଟି ସଭାପତି ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସବୁବର୍ଷ ପରି ଚଳିତବର୍ଷ ମଧ ସ୍ୱ-ଜାତିର ଅସହାୟ ମହିଳା, ଭିନ୍ନକ୍ଷମମାନଙ୍କୁ ଆର୍ଥିକ ସାହାଯ୍ୟ, ଜାତିର ମେଧାବୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାବୃତ୍ତି ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ୧୩ ସାହିର ୪୨ଟି ଗ୍ରାମୀଣ କୁ ନେଇ ପାଖାପାଖି ୫୦୦ରୁ ଊର୍ଦ୍ଧ୍ୱ ସ୍ୱ-ଜାତି ଭାଇ ଓ ପରିବାର ଯୋଗଦେଇଥିଲେ। ଶେଷରେ ସ୍ୱ-ଜାତିର ସୌଦାମିନୀ ସାହୁଙ୍କ ସଂଯୋଜନାରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ କାର୍ଯ୍ୟକ୍ରମ ହେବା ସହିତ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲ।

## ବାଣପୁର ବାଲୁଗାଁ ରୋଟାରୀ କ୍ଲବ୍ ପକ୍ଷରୁ ଅଟୋ ଆମ୍ବୁଲାନ୍ସ ପ୍ରଦାନ



ବାଲୁଗାଁ,୨୭।୪(ସମିସ) : ବାଣପୁର ବାଲୁଗାଁ ରୋଟାରୀ କ୍ଲବ୍ ତରଫରୁ ଅଞ୍ଚଳରେ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ମାନ କରି ଆସୁଥିବା ସ୍ଥଳେ ବର୍ତ୍ତମାନ ବାଲୁଗାଁ ମହାବିଦ୍ୟାଳୟ ପରିସରରେ ଚାଲୁଥିବା ଚିଲିକା ପୁସ୍ତକ ମେଳାରେ କ୍ଲବ ପକ୍ଷରୁ ଏକ ଅଟୋ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଯାହା ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ସେବା କାର୍ଯ୍ୟରେ ନିୟୋଜିତ ହେବ। ସ୍ଥାନୀୟ ଜନସାଧାରଣ ଏହି ୮୯୧୭୬୫୫୬୨୯ ମୋବାଇଲ ନମ୍ବରରେ ଯୋଗାଯୋଗ କରି ଆମ୍ବୁଲାନ୍ସ ସେବା ନେଇ ପାରିବେ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। କ୍ଲବ ପକ୍ଷରୁ ବାଣପୁର ଅଞ୍ଚଳର ଜଣେ ଭିନ୍ନକ୍ଷମ ଯୁବକ ଶିବରାମ ନାୟକଙ୍କୁ ପ୍ରଦାନ କରାଯାଇ ଥିବା ଉକ୍ତ ଅଟୋ ଆମ୍ବୁଲାନ୍ସକୁ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ରୋଟାରୀ ଜିଲ୍ଲା ୩୨୬୨ର ଗତ ବର୍ଷର ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ରଙ୍କ କରକମଳରେ ଉଦଘାଟିତ ହୋଇ ଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବ ସଭାପତି ସୁନୀଲ ପାତ୍ର, ପ୍ରାକ୍ତନ ସଭାପତି ସରୋଜିନୀ ଦାଶ, ବିଜୟ ବେହେରା, ଶ୍ୟାମସୁନ୍ଦର ପୃଷ୍ଟି, ନନ୍ଦକିଶୋର ମିଶ୍ର, ରବି ନାରାୟଣ ନାୟକ, ରବି ନାରାୟଣ ପାଲ, ଆଗାମୀ ବର୍ଷର ସଭାପତି ଡକ୍ଟର ଚିନ୍ତାମଣୀ ମିଶ୍ର ଓ ସଭ୍ୟ ଅଶୋକ କୁମାର ନାୟକ, ସଂଜୟ କୁମାର ସାହୁ, ଗଗନ ବିହାରୀ ବେହେରା ଉପସ୍ଥିତ ଥିଲେ।

### ବର୍ଷା ନ ଥିବାରୁ ଆରମ୍ଭ ହୋଇନି ଖରାଟିଆ ଜମି ଚାଷ

# ଶୁଖିଲା ପଡ଼ିଛି କ୍ଷୁଦ୍ର ସେଚ ପ୍ରକଳ୍ପ ଜଳଭଣ୍ଡାର

ଖୋର୍ଦ୍ଧା/ବୋଲଗଡ଼,୨୭।୪(ସମିସ):

ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼ ବ୍ଲକ ଏକ କୃଷିପ୍ରଧାନ ଅଂଚଳ ଭାବେ ପରିଗଣିତ। ସମ୍ପ୍ରତି ବୋଲଗଡ଼ ବ୍ଲକ ଅଞ୍ଚଳରେ ପ୍ରାୟ ୩୧ ହଜାରରୁ ଉର୍ଦ୍ଧ୍ୱ ଚାଷୀ ପରିବାର ବିଶେଷ ଭାବେ ଖରିଫ ଧାନଚାଷ ଉପରେ ନିର୍ଭର କରି ନିଜ ନିଜର ପରିବାର କୃଷି କାର୍ଯ୍ୟ କରୁଥିବା ବ୍ଲକ କୃଷି କାର୍ଯ୍ୟାଳୟ ସୂତ୍ରରୁ ଆକଳନ ହୋଇଛି। ଏହି ଖରିଫ ଧାନ ଚାଷ ପାଇଁ ଜମି ଗୁଡିକ ଖରଟିଆ ଚାଷ ହୋଇ ଖତ ମାଟି ହୋଇ ଜମି ପ୍ରସ୍ତୁତି ହୋଇଥାଏ। ଚଳିତ ବର୍ଷ ଏପ୍ରିଲ ମାସ ଶେଷ ହେବାକୁ ଯାଉଥିଲେ ମଧ ଖରାଦିନିଆ ବର୍ଷା ହୋଇ ନଥିବାରୁ ବ୍ଲକ ଅଞ୍ଚଳରେ ଜମି ଗୁଡିକ ଚାଷ ଆରମ୍ଭ ହୋଇପାରି ନାହିଁ। ଏହାର ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ବୋଲଗଡ଼ ବ୍ଲକ ଅଞ୍ଚଳରେ ଜଳସେଚନର ବ୍ୟବସ୍ଥା ଅତ୍ୟନ୍ତ ନଗଣ୍ୟ। ଯଦି ଏହି ବ୍ଲକ ଅଞ୍ଚଳରେ ଜଳସେଚନ ର ବ୍ୟବକତା ନଥିବାରୁ ଚାଷ କାର୍ଯ୍ୟ ପାଇଁ ଅଞ୍ଚଳଟି ବର୍ଷାପୃଷ୍ଠ ଅଞ୍ଚଳ ହୋଇ ରହୁଛି। ଫଳରେ ଚାଷୀ ମାନେ ବିଶେଷ ଭାବେ ଖରିଫ ଧାନ ଚାଷ ପାଇଁ ବର୍ଷା ଜଳ ଉପରେ ଚାଷ କାର୍ଯ୍ୟ ପାଇଁ ନିର୍ଭର କରୁଛନ୍ତି। ଯଦି କୌଣସି ବର୍ଷ ଖରା ଦିନ ରେ କଳାବୈଶାଖୀ ବର୍ଷା ହୁଏ ତେବେ ତେବେ ମଇ ମାସ ଦ୍ୱିତୀୟ ସପ୍ତାହ ସମୟ ବେଳକୁ ଜମିଚାଷ ହୋଇଥାଏ। ମାତ୍ର ଚଳିତ ବର୍ଷ ଏପ୍ରିଲମାସ ଶେଷ ହେବାକୁ ଆଉ ଦୁଇ ଦିନ ଥିଲା ବେଳେ ଜମି ପ୍ରସ୍ତୁତି ପାଇଁ ଚାଷୀ ମାନେ ସଜବାଜ ହୋଇ ଖରାଟିଆ ବର୍ଷା ଜଳକୁ ଅପେକ୍ଷା କରିଛନ୍ତି। ବ୍ଲକ ଅଞ୍ଚଳରେ ଥିବା ପ୍ରାୟ ୧୫ହଜାର ହେକ୍ଟରରୁ ଉର୍ଦ୍ଧ ଚାଷ ଜମି ଗୁଡିକ ମଧ୍ୟରୁ ପ୍ରାୟ ୧୩ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ ହେବ ବୋଲି ବିଗତ ବର୍ଷ ଧାନ ଚାଷକୁ ଲକ୍ଷ୍ୟ କରି ଆନୁମାନିକ ରୂପେ ଆକଳନ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଏଥି ମଧ୍ୟରୁ ବୋଲଗଡ଼ ବ୍ଲକ ଅଞ୍ଚଳରେ ମାତ୍ର ପ୍ରାୟ ଅଢେଇ ହଜାର ହେକ୍ଟର ଜମି ଧାନ ଚାଷ ପାଇଁ ଜଳସେଚିତ ଏବଂ ପ୍ରାୟ ୧୩ ହଜାର ହେକ୍ଟର ଜମି ଅଣ ଜଳସେଚିତ ଥିବାର ସରକାରୀ ଖାତା କଲମରୁ ସୂଚନା ମିଳୁଛି। ହେଲେ ଏହି ମାତ୍ର ପ୍ରାୟ ଅଢେଇ ହଜାର ହେକ୍ଟର ଜଳସେଚିତ ଜମି ଗୁଡିକ ଅଞ୍ଚଳରେ ଥିବା ବିଭିନ୍ନ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପରୁ ଜଳସେଚିତ ହୋଇଥାଏ। ବ୍ଲକ ଅଞ୍ଚଳରେ କୌଣସି ଚିରସ୍ରୋତା ନଦୀ ନାହିଁ। ଯାହାକିଛି କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ରହିଛି ସେଗୁଡିକ କାର୍ଯ୍ୟକ୍ଷମ ପାଇଁ କେବଳ ବର୍ଷା ଜଳ ଉପରେ ନିର୍ଭର କରୁଛି। ଏଭଳି ମଧ କୃଷି କାର୍ଯ୍ୟ ପାଇଁ ବର୍ଷା ଜଳ ଉପରେ ନିର୍ଭର କରିବାକୁ ପଡୁଛି। ଏପରି କି ବର୍ଷା ନହେଲେ ବ୍ଲକ ଅଞ୍ଚଳରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ର ଜଳ ଭଣ୍ଡାର ଗୁଡିକ ଶୁଖିଲା ପଡୁଛି। ବର୍ଷ ବର୍ଷ ଧରି ବୋଲଗଡ ବ୍ଲକ ଅଞ୍ଚଳରେ ଘୋର ଜଳ ସେଚନର ଅଭାବ ମଧ୍ୟରେ ଅଞ୍ଚଳର ଚାଷୀ ପରିବାରମାନେ ଚାଷ କାର୍ଯ୍ୟ କରୁଛନ୍ତି। ତେଣୁ କୃଷି ତଥା ଚାଷ ଏବଂ ଅଞ୍ଚଳର ଚାଷୀ ମାନଙ୍କର ଆର୍ôଥକ ବିକାଶ ପାଇଁ ବ୍ଲକ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ଗୁଡିକୁ ବ୍ୟାପକ କରାଯିବା ସହିତ ଅଚଳ ବୋରିଂ ପଏଁଟ ଗୁଡିକୁ ସଚଳ କରିବାକୁ ସରକାର ଏବଂ ଲୋକପ୍ରତିନିଧି ମାନେ ଗୁରୁତ୍ୱ ଦେବା ପାଇଁ ଚାଷୀ ନେତା ତଥା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ରାଉତରାୟଙ୍କ ସମେତ ଅନେକ ଚାଷୀମାନେ ଦାବି କରୁଛନ୍ତି।



### ଅବସରପ୍ରାପ୍ତ ମିଲିଟାରୀ ଓ ପୁଲିସ ସଂଘ ନିର୍ବାଚନ

## ଶେଖ ଓଲିମୁଦ୍ଦିନ ସଭାପତି, ସଲିମୁଦ୍ଦିନ୍ ଖାଁ ସାଧାରଣ ସମ୍ପାଦକ

ଖୋର୍ଦ୍ଧା,୨୭।୪(ସମିସ): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମ ପଞ୍ଚାୟତର ଅବସରପ୍ରାପ୍ତ ମିଲିଟାରି ଓ ପୁଲିସ ସଂଘର ନୂତନ ସଭାପତି ଏବଂ କର୍ମକର୍ତାଙ୍କ ନିର୍ବାଚନ ହୋଇଛି। ଏହି କାର୍ଯ୍ୟକ୍ରମ ସମ୍ପାଦକ ସଲିମୁଦ୍ଦିନ୍ ଖାଁଙ୍କ ଅଧକ୍ଷତାରେ ଆରମ୍ଭ କରାଯାଇଥିଲା। ସର୍ବପ୍ରଥମେ ପୂର୍ବସଭାପତି ଏହେସାନୁଲ୍ ହକ୍ ଖାଁ ଯାହାଙ୍କର କାର୍ଯ୍ୟକାଳ ସମୟ ୨୭ ଅପ୍ରେଲ ୨୦୦୮ ରୁ ୨୮ ମାର୍ଚ୍ଚ ୨୦୨୬ ଥିଲା। ତାଙ୍କର ଗତ ତା୨୯ ମାର୍ଚ୍ଚ ୨୦୨୬ ରିଖ ଦିନ ନିଧନ ହୋଇ ଯାଇଥିବାରୁ ସଂଘର ସମସ୍ତ କର୍ମକର୍ତା ଶୋକ ପ୍ରକାଶ କରି ତାଙ୍କର ଓ ପୂର୍ବରୁ ମୃତ୍ୟୁବରଣ କରିଥିବା ସଦସ୍ୟଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘର ନୂତନ କର୍ମକର୍ତା ନିର୍ବାଚନ କରିବା ପାଇଁ ନିର୍ବାଚନ ଅଫିସର ଭାବେ ସଲିମୁଦ୍ଦିନ୍ ଖାଁଙ୍କୁ ମନୋନୀତ କରାଯାଇଥିଲା। ଏହି ନିର୍ବାଚନରେ ସଭାପତି ଭାବେ ଶେଖ୍ ଓଲିମୁଦ୍ଦିନ୍, ଉପ ସଭାପତି ଭାବେ ତାରିଫ୍ ଉଦ୍ଦିନ ଖାଁ, ସାଧାରଣ ସମ୍ପାଦକ ଭାବେ ସଲିମୁଦ୍ଦିନ୍ ଖାଁ, ସହ ସମ୍ପାଦକ ଭାବେ ସଫିକ୍ ତୁଲ୍ଲା ଖାଁ, କୋଷାଧକ୍ଷ ଭାବେ ମୋଜିବୁର୍ ରହମାନ୍, ଲେଖା ନିରିକ୍ଷକ ଭାବେ ଶେଖ୍ ଅବଦୁଲ ଜସିମ୍, ଉପଦେଷ୍ଟା ଭାବେ ଶେଖ୍ ଅବ୍ଦୁଲ୍ କରିମ୍, ଜମ୍ବେଶ୍ୱର ବଡଜେନା, ଜଲାଲ ମହମ୍ମଦ, ଶେଖ ଇଦୁ, ସଦାକତ ଅଲ୍ଲି, ଅବଦୁର ରହିମ, ସାହାଜାହାନ ଖାଁ, ହଇଦର ଖାଁ, ମିଅାଁଜାନ ଖାଁ ଓ ସୁକଦେବ ନାଏକଙ୍କୁ ନିର୍ବାଚିତ ହୋଇଛନ୍ତି।



## ଚିଲିକା ପୁସ୍ତକ ମେଳାର ତୃତୀୟ ଦିବସ



ବାଲୁଗାଁ,୨୭।୪(ସମିସ): ବାଲୁଗାଁ ମହାବିଦ୍ୟାଳୟ ପରିସରରେ ଗତ ୨୪ତାରିଖରୁ ଆରମ୍ଭ ହୋଇ ପାଞ୍ଚ ଦିନ ଧରି ଚାଲିଥିବା ଚିଲିକା ପୁସ୍ତକ ମେଳାର ତୃତୀୟ ଦିବସ ସନ୍ଧ୍ୟାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମ୍ମାନିତ ଅତିଥି ଭାବେ ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଅନ୍ୟତମ ଅତିଥି ଭାବେ ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂ, ଚିଲିକା ବ୍ଲକ ଅଧକ୍ଷା ଜ୍ୟୋତ୍ସ୍ନା ବେହେରା, ବାଣପୁର ଏନଏସି ନଗରପାଳ ମିଟୁ ନାୟକ ଓ ବାଲୁଗାଁ ମହାବିଦ୍ୟାଳୟର ଅଧକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି ଯୋଗଦେଇ ଚିଲିକା ମାଟିର ଉତ୍ତୁଙ୍ଗ ସାରସ୍ୱତ ଓ ସାଂସ୍କୃତିକ ପରମ୍ପରା ଓ ଲେଖକମାନଙ୍କ କାଳଜୟୀ ସୃଷ୍ଟି ସମ୍ପର୍କରେ ମତବ୍ୟକ୍ତ କରିବା ସହ ଚିଲିକା ମାଟିରେ ପ୍ରଥମ କରି ଅନୁଷ୍ଠିତ ପୁସ୍ତକ ମେଳାର ବାତାବରଣ ଅଞ୍ଚଳର ବୌଦ୍ଧିକ ଗାରିମାକୁ ପ୍ରଭାବିତ କରିବ ବୋଲି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଖୋର୍ଦ୍ଧା, ବୋଲଗଡ ଓ ବେଗୁନିଆ ବ୍ଲକରେ ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର ୫୪ ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ଅର୍ଥରାଶି ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇ ଥିବା ବେଳେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଡକ୍ଟର ଅଜୟ ସ୍ୱାଇଁ, ଡକ୍ଟର ରଜନୀ ରଞ୍ଜନ, ଡକ୍ଟର ହିରଣ୍ମୟୀ ମିଶ୍ର, ଡକ୍ଟର ରମାକାନ୍ତ ମହାପାତ୍ର, ଡକ୍ଟର ଇପ୍ସିତା ଷଡ଼ଙ୍ଗୀଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଶରତ ପାଇକାରୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡକ୍ଟର ମୃତ୍ୟୁଞ୍ଜୟ ରଥ ମଞ୍ଚ ସଂଚାଳନ କରିଥିଲେ। ଚିଲିକା ସାହିତ୍ୟ ସମାଜ ସଭାପତି ବାଳମୁକୁନ୍ଦ ଦାସ, ପୁସ୍ତକ ମେଳା ଉପସଭାପତି ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ଅଧାପକ ଅମ୍ବିକା ପ୍ରସାଦ ସାମନ୍ତରାୟ, ସନ୍ତୋଷ ବଳିୟାରସିଂହ, ହରିହର ତ୍ରିପାଠୀ ଓ ବାଲୁଗାଁ ମହାବିଦ୍ୟାଳୟ ର ଅଧାପକ ଓ ଅଧାପିକା ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନା କରି ଥିବା ବେଳେ ଶେଷରେ ପୁସ୍ତକ ମେଳା ସମ୍ପାଦକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ ଆକୃଷ୍ଟ କରିଥିଲା।

### ଓସିଏ ଆନ୍ତଃଜିଲ୍ଲା ମହିଳା କ୍ରିକେଟ

## କିଟ୍ ଏକାଦଶ ମହିଳା ଦଳ ବିଜୟୀ



ଖୋର୍ଦ୍ଧା,୨୭।୪(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମ ଠାରେ ଚାଲିଥିବା ଆନ୍ତଃ ଜିଲ୍ଲା ସିନିୟର୍ ମହିଳା ଟି -୨୦ କ୍ରିକେଟ ପ୍ରତିଯୋଗିତା ର ଖୋର୍ଦ୍ଧା ଜୋନ୍ ମ୍ୟାଚ୍‌ର ଆଜିର ମ୍ୟାଚ୍ ରେ କିଟ୍ ଏକାଦଶ, ଭୁବନେଶ୍ୱର ମହିଳା ଦଳ କୋରାପୁଟ ଜିଲ୍ଲା ମହିଳା ଦଳ କୁ ୩୮ ରନରେ ପରାସ୍ତ କରି ବିଜୟୀ ହୋଇଛି। କିଟ୍ ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭର ରେ ୪ ୱିକେଟ୍ ହରାଇ ୧୩୧ରନ୍ କରିଥିଲା। ଦଳ ପକ୍ଷରୁ ରାଣୀ ଟୁଡୁ ୫୮ ରନ୍ ଓ ବର୍ଷାରାଣୀ ସିଂ ୨୭ ରନ୍ କରିଥିଲେ। ଜବାବରେ କୋରାପୁଟ ଦଳ ୨୦ ଓଭର ରେ ୬ ଟି ୱିକେଟ୍ ହରାଇ ମାତ୍ର ୯୩ ରନ୍ କରି ୩୮ ରନ୍ ରେ ପରାସ୍ତ ହୋଇଥିଲେ। କୋରାପୁଟ୍ ଦଳ ପକ୍ଷରୁ ସୁଧୃତି ରାଉତ ୨୪ ରନ୍ ଓ ଭାବନା ବର୍ମା ୨୦ ରନ୍ କରିଥିଲେ। କିଟ୍ ଦଳ ପକ୍ଷରୁ ବର୍ଷାରାଣୀ ସିଂ ଓ କୁନି ବଦରା ପ୍ରତ୍ୟକ ୨ଟି ଲେଖାଏଁ ୱିକେଟ ନେଇଥିଲେ। କ୍ରିକେଟ୍ ଆସୋସିଏସନ୍ ଅଫ୍ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧାର ସମ୍ପାଦକ ତଥା ଓସିଏ ର କୋଷାଧକ୍ଷ ବିକାଶ ପ୍ରଧାନ, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ସୁଧୀର ସାହୁ, ବ୍ରିଜେଶ ପ୍ରଧାନ, କାଜଲ ବଳିଆରସିଂ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଂଚି ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହି ଖେଳ ସଂଯୋଜନା କରିଥିବା ବେଳେ ଅମ୍ପାୟର ରୂପେ ଆନନ୍ଦ ସାହୁ, ଅଭିନାଶ ନାୟକ ଓ ସ୍କୋରର ଭାବେ ସତ୍ୟନାରାୟଣ ପରିଡ଼ା କାର୍ଯ୍ୟ କରିଥିଲେ।

## ତାମିଲନାଡୁରେ ଓଡ଼ିଆ ବେଦବିତ୍ ସମ୍ବର୍ଦ୍ଧିତ



ନିରାକାରପୁର, ୨୭।୪ (ସମିସ): ତାମିଲନାଡୁର ଚେଙ୍ଗଲପଟୁ ଜିଲ୍ଲା ଅନ୍ତର୍ଗତ ଆତୁର୍‌ଠାରେ ଓଡ଼ିଆ ବେଦବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ଚତୁର୍ବେଦ ବିଦ୍ୟା ଗଣପତି ବେଦ ଶାସ୍ତ୍ର ମହା ବିଦ୍ୟାସ୍ଥାନ ପକ୍ଷରୁ ଆୟୋଜିତ ୧୪ଶ ବାର୍ଷିକ ଉତ୍ସବ ଓ ୭ମ ସଂସ୍କୃତ ମହୋତ୍ସବରେ ଦିବ୍ୟସିଂହପୁରର କୁନି ବେଦବିତ୍ ସୂର୍ଯ୍ୟନାରାୟଣ ପଣ୍ଡା ନିଜର ପ୍ରତିଭା ପ୍ରଦର୍ଶନ କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଏହି ମହୋତ୍ସବରେ ଗୁଲ୍ଲପଲ୍ଲି ଶ୍ରୀନିବାସ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଶ୍ରୀରଙ୍ଗନ୍ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ପ୍ରତିଷ୍ଠାତା ଆର୍. କାମକୋଟି, ପ୍ରଧାନ ଆଚାର୍ଯ୍ୟ ଜେ. କୁମାର ଗୁରୁ ଘନପାଠି, ଏମ୍. ଜେ. ମନୋଜ ଘନପାଠି ଏବଂ ମୂକାମ୍ବିକାଇ ଧଶନ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଅଭିଜ୍ଞ ବୈଦିକଙ୍କ ଗହଣରେ ଓଡ଼ିଶାର କୁନି ବେଦବିତ୍ ସୂର୍ଯ୍ୟନାରାୟଣ ପଣ୍ଡା ଉଚ୍ଚକୋଟୀର ବେଦ ପାଠ ଓ ବକ୍ତୃତା ପ୍ରଦାନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ତାଙ୍କର ଏହି ଅସାଧାରଣ ପାରଦର୍ଶିତା ପାଇଁ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସ୍ୱତନ୍ତ୍ର ମାନପତ୍ର ଓ ଉପଢ଼ୌøକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି।

## ଗୋ-ସମ୍ମାନ ଆହ୍ୱାନ ଅଭିଯାନ ପକ୍ଷରୁ ଶୋଭାଯାତ୍ରା




ଖୋର୍ଦ୍ଧା,୨୭।୪(ସମିସ): ହିନ୍ଦୁ ସଂସ୍କୃତିର ରାଷ୍ଟ୍ର ଆରାଧା ଗୋମାତାଙ୍କୁ ରାଷ୍ଟ୍ରମାତା ଏବଂ ଭାରତ ବର୍ଷରୁ ସମ୍ପୂର୍ଣ୍ଣ ଭାବେ ଗୋହତ୍ୟା ସମାପ୍ତ ଦାବି ନେଇ ଗୋ ସମ୍ମାନ ଆହ୍ୱାନ ଅଭିଯାନ ଖୋର୍ଦ୍ଧା ଶାଖା ଆବାହକ ରାଧାମୋହନ ପ୍ରଧାନଙ୍କ ନେତୃତ୍ୱରେ ସୋମବାର ନୂଆ ବସ୍‌ଷ୍ଟାଣ୍ଡରୁ ଗୋମାତାଙ୍କୁ ସାଥିରେ ଧରି ବିଶାଳ ପଦଯାତ୍ରାରେ ବାହାରି ତହସିଲଦାରଙ୍କ କାର୍ଯ୍ୟାଳୟରେ ପହଁଚିଥିଲେ। ସେଠାରେ ଗୋମାତାଙ୍କ ସୁରକ୍ଷା ପାଇଁ ସ୍ଲୋଗାନ ଦେଇଥିଲେ। ଗୋମାତାର ସେବା, ସୁରକ୍ଷା ସମ୍ମାନ ଦାବିରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରାୟ ୫ହଜାର ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ତହସିଲଦାର ବିଭାଷ ପାଣିଗ୍ରାହୀଙ୍କୁ ପ୍ରଦାନ କରିଥିଲେ। ଜିଲ୍ଲାସ୍ତରରେ ପଂଚଗବ୍ୟ ଚିକିତ୍ସାଳୟ, ମଧାହ୍ନ ଭୋଜନ ରେ ପିଲାଙ୍କୁ ଗୋଦୁଗ୍ଧ ଦିଆଯାଉ, ବିଦ୍ୟାଳୟରେ ଗୋବଂଶ ବିଷୟଗତ ଶିକ୍ଷା ଦିଆଯାଉ, ରାଜପଥରେ ହେଉଥିବା ଗୋ ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧରେ ଗୋସେବକ ଅଜୟ ମାଝି, ବିଭୂ ପ୍ରସାଦ ମଙ୍ଗରାଜ, ଶୁଭଙ୍କର ପାଇକରାୟ, ଉଦିତ୍ୟ ନାରାୟଣ ପ୍ରହରାଜ, ଏସ୍.ଏମ୍.ଦିବ୍ୟପ୍ରକାଶ, ସତ୍ୟଜିତ୍ ବେହେରା, କୌଶିକ ବରାଳ, ଜ୍ୟୋତିରଞ୍ଜନ ସ୍ୱାଇଁ, ପ୍ରଭୁ ପ୍ରସାଦ ସାହୁ, ଆୟୁଷ ରଞ୍ଜନ ବେହେରାଙ୍କ ସମେତ ବହୁ ଗୋସେବକ ଉପସ୍ଥିତ ଥିଲେ।

### ଗାଁ ପୋଖରୀରୁ ଜୋର୍‌ଜବରଦସ୍ତ ଜଳ ନିଷ୍କାସନ କରିବା ଘଟଣା

# ଜିଲ୍ଲାପାଳଙ୍କୁ ଗ୍ରାମବାସୀ ଫେରାଦ

ଖୋର୍ଦ୍ଧା,୨୭।୪(ସମିସ)



ଗତ କିଛିଦିନ ହେବ ଖୋର୍ଦ୍ଧା ମାଟିରେ ଅଗ୍ନିବର୍ଷା ଜାରି ରହିଛି। ଅସହ୍ୟ ତାତିରେ ଜଳୁଛି ଜିଲ୍ଲା। ତାପମାତ୍ର ବଢିବା ଦ୍ୱାରା ବିଭିନ୍ନ ପୋଖରୀ ଆଦି ଜଳାଶୟ ଗୁଡିକ ଶୁଖିଲା ଦେଖାଯାଇଛି। କୂଅଗୁଡ଼ିକକୁ ଏବେଠାରୁ ଆଖି ପାଉନଥିବାବେଳେ ସହରରେ ବିଭିନ୍ନ ସ୍ଥାନରେ ଥିବା ନଳକୂପ ଗୁଡ଼ିକ ଘଣ୍ଟାଏ ମାରିଲେ ଏକ ବାଲ୍‌ଟି ପାଣି ବାହାରିବା ଦେଖାଯାଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାର ବିଭିନ୍ନ ସ୍ଥାନରେ ଜଳ ଯୋଗାଣର ବ୍ୟବସ୍ଥା କରୁଛନ୍ତି। ମାତ୍ର ଏଭଳି ଟାଣଖରା ସତ୍ତ୍ୱେ ବୋଲଗଡ ବ୍ଲକ ଗେଡିଆପଲ୍ଲୀ ପଞ୍ଚାୟତ ସାଲତରା ଗ୍ରାମରେ ଥିବା ଯୋଗୀ ବନ୍ଧକୁ କିଛି ବ୍ୟକ୍ତି ହାଣି ପାଣିଖାଲି କରିଛନ୍ତି। ଫଳରେ ସ୍ଥାନୀୟ ଲୋକଙ୍କ ସମେତ ଜୀବଜନ୍ତୁ ପାଣି ପାଇଁ ଛଟପଟ ହେଉଛନ୍ତି। ଏହାର ପ୍ରତିବାଦରେ ଆଜି ସ୍ଥାନୀୟ ଅଞ୍ଚଳର ଶତାଧିକ ପୁରୁଷ ଓ ମହିଳା ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ବେଆଇନଭାବେ ବନ୍ଧ କାଟି ପାଣି ଖାଲିକରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଅଭିଯୋଗ ଅନୁସାରେ, ସାଲତରା ଗ୍ରାମରେ ରହିଛି ଏହି ଯୋଗୀବନ୍ଧ ପୋଖରୀ। ସେହି ପୋଖରୀର ପାଣିକୁ ଗ୍ରାମର ସମସ୍ତ ମହିଳା, ପୁରୁଷ ଓ ଜୀବଜନ୍ତୁ ବ୍ୟବହାର କରନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଗ୍ରାମର ଯୋଗୀବନ୍ଧ ପୋଖରୀ କୁ କୌଣସି କାରଣ ନଥାଇ ଗେଡିଆପଲ୍ଲୀ ସରପଂଚଙ୍କର ସ୍ୱାମୀ, ପୁଅ ଓ ଅନ୍ୟଜଣେ ବ୍ୟକ୍ତି କୌଣସି କାରଣ ନଥାଇ ପୋଖରୀ ହୁଡା କୁ ହାଣି ନଷ୍ଟ କରିଛନ୍ତି। ଫଳରେ ପୋଖରୀରେ ଥିବା ଜଳ ସବୁ ଅନ୍ୟତ୍ର ନିଷ୍କାସନ ହୋଇ ପୋଖରୀଟି ଶୁଖିଲା ପଡିଛି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ନେଇ ଗ୍ରାମବାସୀ ପ୍ରତିବାଦ କରିଲେ ସେମାନଙ୍କୁ ସରପଂଚଙ୍କ ସ୍ୱାମୀ ଓ ପୁଅମାନେ କିଛି ଅସାମାଜିକ ବ୍ୟକ୍ତି ମାନଙ୍କୁ ନିୟୋଜିତ କରି ବିଭିନ୍ନ ପ୍ରକାର ଧମକ ଚମକ ଦେଉଥିବା ସେମାନେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ପ୍ରବଳ ଖରା ସମୟରେ ଯୋଗୀବନ୍ଧ ପୋଖରୀ ହାଣିବା ଘଟଣା ର ତଦନ୍ତ କରି ଦୋଷୀ ବ୍ୟକ୍ତିଙ୍କ ବିରୁଦ୍ଧ ରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଗ୍ରାମର ସଦାଶିବ ମହାପାତ୍ର, ଚିତରଞ୍ଜନ ତ୍ରିପାଠୀ, ବାବୁଲି ମହାପାତ୍ର, ବିରୁପାକ୍ଷ ପ୍ରଧାନ, ଅନୀଲ ନାହାକଙ୍କ ସମେତ ଶତାଧିକ ବ୍ୟକ୍ତିଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଆଜି ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି।

## ହଟିଲା ଅଚଳାବସ୍ଥା; ଖୋଲିଲା ଲେଣ୍ଡୁ ସମବାୟ ସମିତିର ତାଲା

**● ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରେକର୍ଡ ଜବତ, କାର୍ଯ୍ୟ ସ୍ୱାଭାବିକ ପାଇଁ ପ୍ରକ୍ରିୟା ଆରମ୍ଭ**

ନିରାକାରପୁର, ୨୭।୪ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଲେଣ୍ଡୁ ସେବା ସମବାୟ ସମିତିରେ ଦୀର୍ଘ ୨୩ ଦିନ ଧରି ଲାଗି ରହିଥିବା ଅଚଳାବସ୍ଥାର ଅନ୍ତଃ ଘଟିଛି। ସମିତିର ସମ୍ପାଦକ ସ୍ୱର୍ଗତ ଦେବବ୍ରତ ସାମନ୍ତରାୟଙ୍କ ଅକାଳ ବିୟୋଗ ପରେ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ବେଳେ ଆଜି ପ୍ରଶାସନିକ ହସ୍ତକ୍ଷେପ ଫଳରେ ତାଲା ଭଙ୍ଗାଯାଇ ସମସ୍ତ ରେକର୍ଡ ଓ ସମ୍ପତ୍ତି ଜବତ କରାଯାଇଛି। ଗତ ୪ ତାରିଖରେ ସମ୍ପାଦକ ଦେବବ୍ରତ ସାମନ୍ତରାୟ (ଦୀପୁ)ଙ୍କ ମୃତ୍ୟୁ ପରେ ସମିତିର ଦୈନନ୍ଦିନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଚାଷୀମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ଚିଠି ସଂଖ୍ୟା ୬୭୪ ଜରିଆରେ ସୁନ୍ଦରପୁର ସମିତି ସମ୍ପାଦକଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଥିଲେ। ମାତ୍ର ଗତ ୧୭ ତାରିଖରେ ସମିତି କର୍ମକର୍ତାଙ୍କ ଅନୁପସ୍ଥିତି ଯୋଗୁଁ ତାଲା ଖୋଲାଯାଇ ପାରିନଥିଲା। ପରିସ୍ଥିତିର ଗମ୍ଭୀରତାକୁ ଦେଖି ସହକାରୀ ନିବନ୍ଧକଙ୍କ ନୂତନ ଅର୍ଡର (୭୭୧, ତା-୨୪.୦୪.୨୦୨୬) ଅନୁଯାୟୀ, ଆଜି ପୂର୍ବାହ୍ନ ୧୦:୩୦ ମିନିଟରେ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ସମିତିର ଚାବି ଭଙ୍ଗାଯାଇଛି। ମୃତ ସମ୍ପାଦକଙ୍କ ପରିବାରବର୍ଗଙ୍କ ଉପସ୍ଥିତିରେ ହିସାବ କିତାବ ଓ କାଗଜପତ୍ର ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ତାଲା ଖୋଲା ସମୟରେ ସହକାରୀ ନିବନ୍ଧକ ଭାଗମାତ୍ ମାରାଣ୍ଡି, ଅତିରିକ୍ତ ତହସିଲଦାର ସନାତନ ମଲ୍ଲିକ, ଏରିଆ ଅଫିସର୍ ଜ୍ୟୋତିର୍ମୟୀ ଲେଙ୍କା, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କରୁ ଏ.ଆଇ ଦେବାଶିଷ ପରିଡ଼ା, ଲେଣ୍ଡୁ ସମିତି ସଭାନେତ୍ରୀ ସଂଯୁକ୍ତା ରାୟସିଂହ, ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ ଏବଂ ସୁନ୍ଦରପୁର ସମ୍ପାଦକ ତଥା ନୂତନ ଭାରପ୍ରାପ୍ତ ସମ୍ପାଦକ ବାଙ୍କନିଧି ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ବିଜୟ କୁମାର ପଲଟାସିଂହ, ସରପଞ୍ଚ ବିନୋଦିନୀ ଦାସ ଓ ସମିତି ସଭ୍ୟ ବିକାଶ ରଞ୍ଜନ ନାୟକ ସମେତ ସମସ୍ତ କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଆଗାମୀ ଦିନରେ ସମିତିର କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି।



ସକାଳ
THE SAKALA



# ପତନମୁହାଁ ଓଡ଼ିଆ ସିନେମା ଶିଳ୍ପ

ଭୁବନେଶ୍ୱର,୨୭।୪(ସମିସ): ଦିନ ଥିଲା, ମନୋରଞ୍ଜନର ଏକମାତ୍ର ମାଧ୍ୟମ ପାଲଟିଥିଲା ସିନେମା ହଲ୍। ପର୍ବପର୍ବାଣୀ ଆସିବା ମାତ୍ରେ ଗମନାଗମନ ସୁବିଧା ନ ଥାଇ ମଧ୍ୟ ଗାଁ ଗହଳି ଲୋକେ ଚାଲି ଚାଲି ସିନେମା ଦେଖିବାକୁ ଯାଉଥିଲେ। ହେଲେ ବର୍ତ୍ତମାନ ସିନେମା ହଲ୍ ସଂଖ୍ୟା କମି କମି ଯାଉଥିବାରୁ ଓଡ଼ିଆ ସିନେମା ଶିଳ୍ପ ପତନ ଆଡ଼କୁ ଗତି କରୁଛି। ଓଡ଼ିଆ ସିନେମା ଶିଳ୍ପର ଏପ୍ରକାର ଦୟନୀୟ ସ୍ଥିତିକୁ ନେଇ ସିନେ ସମୀକ୍ଷକମାନେ ଗଭୀର ଚିନ୍ତା ପ୍ରକଟ କରିବା ସହ ଓଡ଼ିଆ ସିନେମା ଓ ସିନେ କଳାକାରଙ୍କ ଭବିଷ୍ୟତକୁ ନେଇ ସନ୍ଦିହାନ ଅଛନ୍ତି।

ଓଡ଼ିଶାରେ ପୂର୍ବରୁ ରହିଥିବା ପ୍ରାୟ ୨୦୦ ସିନେମା ହଲ୍ ଏବେ ୬୦ରେ ସୀମିତ। ଯେଉଁଥିରେ ମଲ୍‌ଟିପ୍ଲେକ୍ସ ସଂଖ୍ୟା ଅଧିକ ରହିଥିବା ବେଳେ ହାତଗଣତି ସିଙ୍ଗଲ ସ୍କ୍ରିନ୍ ରହିଛି। ବିଗତ ୧୦ ବର୍ଷରେ ରାଜ୍ୟରେ ପ୍ରାୟ ୪୮ଟି ସିନେମା ହଲ୍ ବନ୍ଦ ହୋଇଥିବା ବେଳେ ୨୦ଟି ଜିଲ୍ଲାରେ ଆଦୌ ହଲ୍ ନାହିଁ। ଗୋଟେପଟେ ଓଡ଼ିଆ ସିନେମା ଶିଳ୍ପକୁ ବଞ୍ଚାଇବାକୁ କଳାକାରଙ୍କଠାରୁ ଆରମ୍ଭ କରି ପ୍ରଯୋଜକମାନେ ଅଣ୍ଟା ଭିଡ଼ିଥିବା ବେଳେ ରାଜ୍ୟରେ ଗୋଟାକ ପରେ ଗୋଟାଏ ସିନେମା ହଲ୍ ବନ୍ଦ ହେବା ଓଡ଼ିଆ ସିନେମା ଶିଳ୍ପର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପଟେ ସିନେମା ଶିଳ୍ପକୁ ବଞ୍ଚାଇବାକୁ ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବାରୁ ପ୍ରଯୋଜକମାନେ ମଧ୍ୟ ପଛଘୁଞ୍ଚା ଦେଉଥିବା କୁହାଯାଉଛି।

ଓଡ଼ିଶାରେ ବିଭିନ୍ନ ଜିଲ୍ଲାରେ ରହିଥିବା ସିନେମା ହଲ୍ ଗୁଡ଼ିକ ଏବେ ନିଜର ପରିଚୟ ହରାଇଥିବା ବେଳେ କେତେକ ସିନେମା ହଲ୍‌ର ପରିଚୟ ବଦଳି ସପିଙ୍ଗ୍ ମଲ୍‌ରେ ପରିଣତ ହୋଇଛି। ଯାହାର ଉଦାହରଣ ରାଜଧାନୀସ୍ଥିତ ରବି ଟକିଜ୍। ସେହିପରି ଓଡ଼ିଆ ସିନେମାର ଅନ୍ତୁଡ଼ିଶାଳ ଭାବେ ପରିଚିତ ପୁରୀ ସହରରେ ଗୋଟିଏ ବି ସିନେମା ହଲ୍ ନ ରହିବା ଏକ ଚିନ୍ତାଜନକ ବିଷୟ। ୧୯୩୬ ମସିହା ଏପ୍ରିଲ ମାସ ୨୮ ତାରିଖରେ ପୁରୀରେ ପ୍ରଥମ କରି ମୁକ୍ତିଲାଭ କରିଥିଲା ମୋହନ ସୁନ୍ଦରଦେବ ଗୋସ୍ୱାମୀଙ୍କ ଓଡ଼ିଆ ସିନେମା 'ସୀତା ବିବାହ', ଯାହା ଓଡ଼ିଶା ଇତିହାସରେ ଓଡ଼ିଆ ସିନେମାର ଏକ ନବଦିଗନ୍ତ ପାଲଟିଥିଲା। ତେବେ ଆସନ୍ତା କାଲି 'ସୀତା ବିବାହ ଦିବସ' ପାଳନ ହେବାକୁ ଯାଉଥିବା ବେଳେ ସିନେମାଟି ପ୍ରଥମ କରି ମୁକ୍ତିଲାଭ କରିଥିବା ହଲ୍ ଏବେ ଇତିହାସ ପାଲଟି ଯାଇଛି। ସେହିପରି କଟକର ନିଶାମଣି, ସମ୍ରାଟ, ରାଜତରଙ୍ଗିଣୀ, ଗ୍ରାଣ୍ଡ, ଜୟଶ୍ରୀ, ଦୁର୍ଗା, ଦେବୀ ଆଦି ହଲ୍‌ଗୁଡ଼ିକ ଦିନେ କଟକ ସହରକୁ ବିଭିନ୍ନ ସ୍ଥାନରୁ ଦର୍ଶକଙ୍କୁ ଟାଣି ଆଣୁଥିବା ବେଳେ ବର୍ତ୍ତମାନ ଏହିସବୁ ଇତିହାସ ପାଲଟିଯାଇଛି। ସେହିପରି ପୁରୁଣା ଭୁବନେଶ୍ୱରସ୍ଥିତ

**■ ମିଳୁନି ସରକାରୀ ପ୍ରୋତ୍ସାହନ**
**■ ବନ୍ଦ ହେଉଛି ସିନେମା ହଲ୍**
**■ ୯୦ ବର୍ଷରେ ଓଡ଼ିଆ ସିନେମା**

ଡ. ହରେକୃଷ୍ଣ ମହତାବଙ୍କ ଘରେ ରାଜଧାନୀର ପ୍ରଥମ ସିନେମା ହଲ୍ ଆରମ୍ଭ ହୋଇଥିବା 'ରୂପମନ୍ଦିର' ସିନେମା ହଲ୍ ପରେ ରବି ଟକିଜ୍, କଳ୍ପନା, ଏସ୍ କମ୍ପ୍ଲେକ୍ସ, ଏକାମ୍ର, କେଶରୀ, ମହାରାଜା ଆଦି ସିନେମା ହଲ୍ ଗଢ଼ି ଉଠିଥିଲା। ହେଲେ ବର୍ତ୍ତମାନ ସେଥିରୁ ଅଧାରୁ ଅଧିକର ଚିହ୍ନବର୍ଣ୍ଣ ଲିଭିଗଲାଣି।

କେବଳ ସେତିକି ନୁହେଁ; ପୂର୍ବରୁ ପୁରୀରେ 'ଶ୍ରୀକ୍ରିଷ୍ଣା', ଲକ୍ଷ୍ମୀ ଓ ଜନତା ହଲ୍ ବେଶ୍ ପ୍ରସିଦ୍ଧି ଲାଭ କରିଥିବା ବେଳେ ଏବେ ଏହା କେବଳ ସ୍ମୃତି ପାଲଟି ଯାଇଛି। ଆଜି ବିଶ୍ୱରେ ଏକ ପର୍ଯ୍ୟଟନସ୍ଥଳୀ ଭାବେ ପରିଚୟ ଲାଭ କରିଥିବା ପୁରୀ ସହରରେ ଗୋଟିଏ ବି ସିନେମା ହଲ୍ ନାହିଁ। ଏହାସହିତ ବର୍ତ୍ତମାନ ମଲ୍‌ଟିପ୍ଲେକ୍ସର ଚାହିଦା ବଢୁଥିବା ବେଳେ ହଜିଯିବାକୁ ବସିଲାଣି ସିଙ୍ଗଲ ସ୍କ୍ରିନ୍ ହଲ୍। ଆଗକୁ ଏଭଳି ସ୍ଥିତି ଜାରି ରହିଲେ ଆଗାମୀ ପିଢ଼ିଙ୍କ ପାଇଁ ଓଡ଼ିଆ ସିନେମା ଇତିହାସ ପାଲଟିଯିବ ବୋଲି ସିନେ ସମୀକ୍ଷକ ଦିଲ୍ଲୀପ ହାଲି କହିଛନ୍ତି। ତାଙ୍କ କହିବା ଅନୁସାରେ, ସଂପ୍ରତି ହଲ୍ ମାଲିକମାନେ ଓଡ଼ିଆ ସିନେମା ଅପେକ୍ଷା ହିନ୍ଦୀ, ତେଲୁଗୁ, ହଲିଉଡ୍ ସିନେମାକୁ ନିର୍ଭର କରି ବ୍ୟବସାୟ ବଞ୍ଚାଇଛନ୍ତି। ଫଳରେ ଓଡ଼ିଆ ସିନେମା ଦିଗହରା ହେଉଛି। ଓଡ଼ିଆ ସିନେମା ଶିଳ୍ପକୁ ବଞ୍ଚାଇ ରଖିବାକୁ ସରକାରୀ ପ୍ରୋତ୍ସାହନର ଆବଶ୍ୟକତା ସହ ସିନେମାର ପ୍ରଚାରପ୍ରସାର ଦିଗରେ ସରକାରୀ ସ୍ତରରେ ପଦକ୍ଷେପର ଆବଶ୍ୟକତା ରହିଛି। ପ୍ରତି ବ୍ଲକ୍, କିମ୍ବା ଜିଲ୍ଲାରେ ସିନେମା ହଲ୍ ତିଆରି କରିବାକୁ ସରକାରୀ ସହଯୋଗ ଆବଶ୍ୟକ ବୋଲି ଶ୍ରୀ ହାଲି ମତ ଦେଇଛନ୍ତି।

## ଚାକିରି ଦେବା ନାଁରେ ୧୫ ଲକ୍ଷ ଠକେଇ

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୂର୍ବତନ ଆକାଉଣ୍ଟସ୍ ମ୍ୟାନେଜର୍ ଗିରଫ

ଦେବଗଡ଼, ୨୭।୪ (ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାକିରି କରାଇଦେବା ନାମରେ ୧୨ ଆଶାୟୀଙ୍କଠାରୁ ୧୫ଲକ୍ଷ ୬୦ ହଜାର ଟଙ୍କା ଠକିନେବା ଅଭିଯୋଗରେ ଦେବଗଡ଼ ଆଦର୍ଶ ଥାନା ପୁଲିସ ଆଜି ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୂର୍ବତନ ଜିଲା ଆକାଉଣ୍ଟସ୍ ଅଫିସର୍ ପରମେଶ୍ୱର ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପରମେଶ୍ୱର ବର୍ତ୍ତମାନ କନ୍ଧମାଳ ଜିଲ୍ଲାରେ କାର୍ଯ୍ୟରତ ଅଛନ୍ତି। ମାତ୍ର ଅଦାଲତରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ପରମେଶ୍ୱର ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଶଙ୍ଖଚିଲ ଗ୍ରାମର ବାଇଧର ନାୟକଙ୍କ ପୁଅ।



ପୁଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଶ୍ରୀ ନାୟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଟେଣ୍ଡାଣ୍ଟ, ସୁଇପର୍ ଓ ସୁପରଭାଇଜର୍ ଚାକିରି କରାଇଦେବା ନାମରେ ୧୨ଜଣ ଯୁବକ/ଯୁବତୀଙ୍କଠାରୁ ମୋଟ ୧୫ ଲକ୍ଷ ୬୦ ହଜାର ଟଙ୍କା ଆଦାୟ କରିଥିଲେ। ମାତ୍ର ଦୀର୍ଘ ଦିନ ପରେ ବି ସେମାନଙ୍କୁ ଚାକିରି ମିଳିନଥିଲା। କିଛି ମାସ ପରେ, ଗତ ୨୦୨୫ ନଭେମ୍ବରରେ ପରମେଶ୍ୱରଙ୍କ କନ୍ଧମାଳ ଜିଲ୍ଲାକୁ ବଦଳି ହେବା ପରେ ସେ ଆଉ ଧରାଛୁଆଁ ଦେଇନଥିଲେ। ଗତ ମାର୍ଚ୍ଚ ମାସରେ ସେ କୌଣସି କାର୍ଯ୍ୟରେ କନ୍ଧମାଳରୁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆସିଥିବା ବେଳେ ଏହା ଜାଣି ଅଭିଯୋଗକାରୀମାନେ ସେଠାକୁ ଯାଇ ତାଙ୍କ ଟଙ୍କା ଫେରସ୍ତ ପାଇଁ କହିଥିଲେ। କିନ୍ତୁ ପରମେଶ୍ୱର ସେମାନଙ୍କୁ ବୋଲେରୋ ଚଢ଼ାଇ ହତ୍ୟା ଉଦ୍ୟମ କରିଥିଲେ। ଫଳରେ ଠକେଇର ଶିକାର ଆଶାୟୀମାନେ ମାର୍ଚ୍ଚ ୧୫ରେ ଏନେଇ ଦେବଗଡ଼ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଚାଲାଣ ବେଳେ ୧୫ ଶିଶୁ ଉଦ୍ଧାର

ମାଲକାନଗିରି, ୨୭।୪(ସମିସ): ସମର କୋର୍ସ ଓ ସୁଟିଙ୍ଗ ନାମରେ ବାହାର ରାଜ୍ୟକୁ ଚାଲାଣ ହେଉଛନ୍ତି ନାବାଳକ। ଏପରି କିଛି ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲାରୁ। ଜିଲ୍ଲାରେ ପୂର୍ବରୁ ମଧ୍ୟ ଏପରି ଶିଶୁ ଓ ଶ୍ରମିକ ବାହାର ରାଜ୍ୟକୁ ଚାଲାଣ ହେବାର ଅନେକ ନଜିର ରହିଛି। ସୂଚନା ମୁତାବକ, ଜିଲ୍ଲା ସଦର ବସ୍‌ଷ୍ଟାଣ୍ଡରୁ ସାଇ କ୍ରିଷ୍ଣା ନାମକ ଏକ ଘରୋଇ ବସ୍‌ରେ କିଛି ଶିଶୁ ତଥା ନାବାଳକ ବାହାର ରାଜ୍ୟକୁ ବେଆଇନ ଭାବେ ଚାଲାଣ ହେଉଥିବା ନେଇ ଚାଇଲ୍ଡଲାଇନକୁ ଫୋନ୍ ଯୋଗେ ଅଭିଯୋଗ ଆସିଥିଲା। ଶିଶୁ ବିଭାଗ ସେହି ବସ୍‌ଟିକୁ ମାଲକାନଗିରି ଆଦର୍ଶ ଥାନା ନିକଟରେ ଅଟକାଇ ଯାଞ୍ଚ କରିଥିଲେ। ଉକ୍ତ ବସ୍‌ରୁ ୧୫ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା। ଜଣେ ମହିଳା ଏହି ପିଲାଙ୍କୁ ନେଇଯାଉଥିଲେ। ତାଙ୍କୁ ମଧ୍ୟ ପୁଲିସ ଅଟକ ରଖି ପଚରାଉଚରା କରୁଛି। ସେମାନେ ବିଜୟୱାଡା ଯାଉଥିବା କହିଥିଲେ। ଏହି ଶିଶୁମାନଙ୍କୁ ଶିକ୍ଷା ପ୍ରଦାନ ପାଇଁ ନିଆଯାଉଥିବା କୁହାଯାଉଥିବା ବେଳେ ସେଭଳି କୌଣସି ଠୋସ ପ୍ରମାଣ ମିଳିନାହିଁ। ଶିଶୁମାନଙ୍କୁ ଉଦ୍ଧାର କରିବା ପରେ ସିଡବ୍ଲୁସିରେ ହାଜର କରି ତାଙ୍କ ପରିବାର ବର୍ଗଙ୍କ ନିକଟରେ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଏହି ସମସ୍ତ ଶିଶୁ ତଥା ନାବାଳକମାନେ ଜିଲ୍ଲା ସଦର ବ୍ଲକର ବିଭିନ୍ନ ଗ୍ରାମର ବୋଲି ଜଣାପଡ଼ିଛି।

# ୫ ବର୍ଷ ପରେ ମୟୂରଭଞ୍ଜର ଯୁବତୀ ହରିୟାଣାରୁ ଉଦ୍ଧାର

ରାଇରଙ୍ଗପୁର/ଗୋରୁମହିଷାଣୀ,୨୭।୪(ସମିସ): ଦିଲ୍ଲୀରେ ଚାକିରି କରାଇଦେବାର ପ୍ରଲୋଭନ ଦେଖାଇ ଦଲାଲ ବିକ୍ରି କରିଥିବା ଜଣେ ଆଦିବାସୀ ଯୁବତୀଙ୍କୁ ୫ବର୍ଷ ପରେ ହରିୟାଣାରୁ ଉଦ୍ଧାର କରାଯାଇଛି। ହରିୟାଣା ଯାଇଥିବା ମୟୂରଭଞ୍ଜ ଜିଲ୍ଲା ପୁଲିସର

**■ ଚାକିରି ଲୋଭ ଦେଖାଇ ବିକି ଦେଇଥିଲା ଦଲାଲ**
**■ ଝିଅକୁ ଦେଖି ଭାବବିହ୍ୱଳ ପିତାମାତା**

ସ୍ୱତନ୍ତ୍ର ଟିମ ତାଙ୍କୁ ସୋମବାର ଉଦ୍ଧାର କରିଛନ୍ତି। ଗୋରୁମହିଷାଣୀ ଥାନା ଅନ୍ତର୍ଗତ କୁକୁଡ଼ିମୁଣ୍ଡି ଗ୍ରାମର ଜାସାଇ ହାଁସଦାଙ୍କ ଝିଅ ସିନଗୋ ହାଁସଦାଙ୍କୁ ୫ବର୍ଷ ତଳେ ଜଣେ ମହିଳା ଦଲାଲ ଚାକିରି ପ୍ରଲୋଭନ ଦେଖାଇ ଝାଡ଼ଖଣ୍ଡ ଅଞ୍ଚଳ ନେଇଯାଇଥିଲେ। ପରେ ତାଙ୍କୁ ଦିଲ୍ଲୀରେ ବିକ୍ରି କରି ଦେଇଥିଲେ। ୫ବର୍ଷ ପରେ ଝିଅଟି ପରିବାରଲୋକଙ୍କୁ ଫୋନ କରି ଘଟଣା ବାବଦରେ ଜଣାଇଥିଲା। ଏନେଇ ପରିବାରଲୋକ ଗୋରୁମହିଷାଣୀ ଥାନାରେ ଅଭିଯୋଗ କରିଥିଲେ। ଶନିବାର ରାତିରେ ଗୋରୁମହିଷାଣୀ ଥାନା ଏଏସ୍‌ଆଇ ବିକାଶ ରଞ୍ଜନ ନାୟକ ଓ ଶକୁନ୍ତଳା ସିଂ ସମେତ ଯୁବତୀଙ୍କ ବାପା ପାବେ ହାଁସଦା ଓ ମା ଜେସାଇଁ ହାଁସଦା ଦିଲ୍ଲୀ ଯାତ୍ରା କରିଥିଲେ। ସୋମବାର ଦିଲ୍ଲୀରେ ପହଞ୍ଚିବା ପରେ ଯୁବତୀଜଣଙ୍କ ହରିୟାଣା ରାଜ୍ୟର ଭିୱାନୀ ଅଞ୍ଚଳରେ ଥିବା ଜାଣିବାକୁ ପାଇଥିଲେ। ଅପରାହ୍ଣ ପ୍ରାୟ ୩ଟାରେ ହରିୟାଣା ପୁଲିସ ସହାୟତାରେ ଯୁବତୀଙ୍କୁ ହରିୟାଣାର ଭିୱାନୀ ଅଞ୍ଚଳର ଏକ ଧନୀକ ଶ୍ରେଣୀର ବ୍ୟକ୍ତିଙ୍କ ଘରୁ ଉଦ୍ଧାର କରାଯାଇଥିଲା। ସେଠାରେ ଯୁବତୀ ଜଣକ ୫ବର୍ଷ ହେବ ନଜର ବନ୍ଦୀରେ ରହି ଦାଦନ ଖଟୁଥିଲେ। ଅପରପକ୍ଷେ, ଦୀର୍ଘ ୫ ବର୍ଷ ପରେ ହଜିଯାଇଥିବା ଝିଅକୁ ପାଖରେ ପାଇ ବାପା ଓ ମା ଭାବବିହ୍ୱଳ ହୋଇପଡ଼ିଥିଲେ। ଯୁବତୀଙ୍କୁ ଉଦ୍ଧାର କରି ସୋମବାର ରାତିରେ ଦିଲ୍ଲୀରୁ ଟ୍ରେନ ଯୋଗେ ଗୋରୁମହିଷାଣୀ ଅଣାଯାଉଛି।

**■ କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ମୃତ୍ୟୁ ଘଟଣା**

## ଜିଲ୍ଲାପାଳ, ଏସ୍‌ପି, ଏସ୍‌ଟି ଓ ଏସ୍‌ସି ଉନ୍ନୟନ ବିଭାଗକୁ ନୋଟିସ୍

ବାରିପଦା, ୨୭।୪ (ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ୍‌ର କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ଜଣେ ଛାତ୍ରୀଙ୍କ ମୃତ୍ୟୁ ଏବଂ ଶତାଧିକ ଛାତ୍ରଛାତ୍ରୀ ଅସୁସ୍ଥ ହେବା ଘଟଣାକୁ ନେଇ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ (ଏନସିଏସଟି) କଠୋର୍ ପଦକ୍ଷେପ ନେଇଛି। ବିଜୁ ଜନତା ଦଳର ରାଜ୍ୟ ପ୍ରବକ୍ତା ଡ. ପ୍ରିୟବ୍ରତ ମାଝୀଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗ ଉପରେ ଆୟୋଗ ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ଆୟୋଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳ, ଏସ୍‌ପି, ଓଡ଼ିଶା ସରକାରଙ୍କ ଏସ୍‌ଟି ଓ ଏସ୍‌ସି ଉନ୍ନୟନ ବିଭାଗକୁ ନୋଟିସ୍ ଜାରି କରାଯାଇଛି। ନୋଟିସ୍ ଅନୁଯାୟୀ, ସମ୍ପୃକ୍ତ ଅଧିକାରୀମାନେ ୭ ଦିନ ମଧ୍ୟରେ ଘଟଣାର ତଥ୍ୟ, ନିଆଯାଇଥିବା ପଦକ୍ଷେପ ଏବଂ ଅନ୍ୟାନ୍ୟ ସୂଚନା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ସମୟ ମଧ୍ୟରେ ଉତ୍ତର ନ ମିଳେ, ଆୟୋଗ ସିଭିଲ୍ କୋର୍ଟର କ୍ଷମତା ପ୍ରୟୋଗ କରି ସମନ୍ ଜାରି କରିପାରେ। ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ନିର୍ଦ୍ଦେଶକ ଡ. ପି. କଲ୍ୟାଣ ରେଡ୍ଡୀ ସ୍ୱାକ୍ଷରରେ ନୋଟିସ୍ ଜାରି ହୋଇଥିବା ବେଳେ ଏହାର ପ୍ରତିଲିପି ଡ. ପ୍ରିୟବ୍ରତ ମାଝୀଙ୍କୁ ମଧ୍ୟ ପଠାଯାଇଛି।

# ଶିକ୍ଷାବର୍ଷ ଆରମ୍ଭ ହେଲାଣି; ମିଳିଲାନି ବହି

## ଖରାଛୁଟିରେ ପିଲା ଘରେ ପଢ଼ିବେ କେମିତି?

ପୁରୀ, ୨୭।୪ (ସମିସ): ଚଳିତ ଶିକ୍ଷାବର୍ଷ ଆରମ୍ଭ ହେବର ପାଖାପାଖି ମାସେ ହୋଇଯିବ। ହେଲେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପାଠ୍ୟପୁସ୍ତକ ଯୋଗାଇ ପାରିନାହାନ୍ତି ସରକାର। ଏପରିକି, ପ୍ରାଥମିକ ବିଦ୍ୟାଳୟରେ ଅର୍ଦ୍ଧାଧିକ ପାଠ୍ୟ ପୁସ୍ତକ ଛାତ୍ରଛାତ୍ରୀମାନେ ପାଇନାହାନ୍ତି। ଏହାରି ଭିତରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାର ଆଗୁଆ ଖରାଛୁଟି କରିଦେଇଛନ୍ତି। ହେଲେ ପ୍ରଶ୍ନ ଉଠୁଛି, ଘରେ ପିଲା ପଢ଼ିବେ କେମିତି? ଶିକ୍ଷାବର୍ଷ ଆରମ୍ଭରୁ ପୁସ୍ତକ ବିନା ଶ୍ରେଣୀ ଗୃହ ଶିକ୍ଷାଦାନ ଗୁରୁତର ବ୍ୟାହତ ହୋଇଥିବା ବେଳେ ଏବେ ଘରେ ବି ସମାନ ଅବସ୍ଥା। ଏହାକୁ ନେଇ ଅଭିଭାବକ ଚିନ୍ତାରେ ପଡ଼ିଥିବା ବେଳେ ଉଦ୍‌ବେଗ ପ୍ରକାଶ କରିଛି ଭାରତର ଛାତ୍ର ଫେଡେରେସନ (ଏସ୍‌ଏଫ୍‌ଆଇ) ଓଡ଼ିଶା ରାଜ୍ୟ କମିଟି।

ଏକ ପ୍ରେସ୍ ବିବୃତିରେ ରାଜ୍ୟ ସଭାପତି ଚନ୍ଦନ କାମିଲା ଓ ରାଜ୍ୟ ସମ୍ପାଦକ ଚନ୍ଦନ ସାହୁ କହିଛନ୍ତି ଯେ ବିଦ୍ୟାଳୟସ୍ତରରେ ପାଠ୍ୟପୁସ୍ତକ ଯୋଗାଣ କରିବାର ଏକମାତ୍ର କର୍ତ୍ତୃପକ୍ଷ ହେଉଛି ରାଜ୍ୟ ସରକାର। ଚଳିତ ଶିକ୍ଷାବର୍ଷ ଆରମ୍ଭ ହୋଇଥିଲେ ହେଁ ଓଡ଼ିଶାର କୌଣସି ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଇନାହିଁ। ଏହା ସରକାରଙ୍କ ଅପାରଗପଣିଆ ଓ ଚରମ ଦାୟିତ୍ୱହୀନତାକୁ ଦର୍ଶାଉଛି। ରାଜ୍ୟର ମନ୍ତ୍ରୀ, ବିଧାୟକ ଓ ପ୍ରଭାବଶାଳୀ ବର୍ଗର ପିଲା ଘରୋଇ ସ୍କୁଲରେ ପଢୁଥିବାରୁ ସରକାରୀ ବିଦ୍ୟାଳୟ ପ୍ରତି ସରକାର ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛନ୍ତି।

ପୁସ୍ତକ ଯୋଗାଣରେ ବ୍ୟର୍ଥତା କେବଳ ମାଧ୍ୟମିକ ବିଦ୍ୟାଳୟ ଭିତରେ ସୀମିତ ହୋଇ ରହିନାହିଁ। ଶିକ୍ଷା ଅଧିକାର ଆଇନ ଅନୁସାରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ସମସ୍ତ ପାଠ୍ୟ

**ଅଭିଭାବକ ଚିନ୍ତିତ; ଉଦ୍‌ବେଗ ପ୍ରକାଶ କଲା ଏସ୍‌ଏଫ୍‌ଆଇ**

ପୁସ୍ତକ ମାଗଣାରେ ଯୋଗାଇବା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦାୟିତ୍ୱ। କେନ୍ଦ୍ର ଓ ରାଜ୍ୟରେ ଥିବା ଡବଲ ଇଞ୍ଜିନ ସରକାର ଅମଳରେ ଚଳିତ ଶିକ୍ଷା ବର୍ଷରେ ଅର୍ଦ୍ଧାଧିକ ପାଠ୍ୟ ପୁସ୍ତକ ବର୍ତ୍ତମାନ ପିଲା ପାଇନାହାନ୍ତି। ରାଜ୍ୟରେ ଶିକ୍ଷା ବିଭାଗ ସ୍ଥାଣୁ ପାଲଟିଛି। ସବୁ ପାଠ୍ୟ ପୁସ୍ତକ ପିଲାଙ୍କ ପାଖରେ ନ ଥିବାରୁ ପାଠପଢ଼ା ଉପରେ ତା'ର ପ୍ରଭାବ ପଡୁଛି। ବାସ୍ତବରେ ଛାତ୍ରଛାତ୍ରୀମାନେ ପାଠ୍ୟପୁସ୍ତକ ପାଇଁ ମୁହଁ ଟେକି ବସିଛନ୍ତି। ଏହା ସିଧାସଳଖ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଆଇନର ଉଲ୍ଲଂଘନ ଓ ସମ୍ବିଧାନ ବିରୋଧୀ କାର୍ଯ୍ୟ। ଯଦି ରାଜ୍ୟ ସରକାର ସମ୍ବିଧାନ ସ୍ୱୀକୃତ ଆଇନକୁ କାର୍ଯ୍ୟକାରୀ କରିବାରେ ବିଫଳ ହୁଅନ୍ତି ତେବେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଉପରେ ସାଧାରଣ ଲୋକଙ୍କର ଭରସା କାହିଁକି ରହିବ, ତାହା ଏକ ବଡ଼ ପ୍ରଶ୍ନ?

ଏସ୍‌ଏଫ୍‌ଆଇ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସରକାରଙ୍କ ଦାୟିତ୍ୱହୀନତା ପଦାରେ ପଡ଼ିଛି। ରାଜ୍ୟର ଅଧିକାଂଶ ସରକାରୀ ବିଦ୍ୟାଳୟ ଶିକ୍ଷକଶୂନ୍ୟ ହୋଇପଡ଼ିଛି। ଗଣିତ, ବିଜ୍ଞାନ ଓ ସଂସ୍କୃତ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ପଢ଼ାଇବା ପାଇଁ ଶିକ୍ଷକ ନାହାନ୍ତି। ଏହି ଶିକ୍ଷକ ଅଭାବ ଅନେକ ମେଧାବୀ ଛାତ୍ରଛାତ୍ରୀଙ୍କୁ ଘରୋଇ ଶିକ୍ଷା ଉପରେ ନିର୍ଭରଶୀଳ କରୁଛି, ଯାହା ଗରିବ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଅସମ୍ଭବ ବୋଝ। ଏହାବ୍ୟତୀତ ଆଦିବାସୀ ଓ ଗ୍ରାମୀଣ ଅଞ୍ଚଳର ପିଲାମାନଙ୍କ ପାଇଁ ହଷ୍ଟେଲ ସୁବିଧା ନ ଥିବା କାରଣରୁ ବହୁ ପିଲା ଅଧାରୁ ପାଠ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ହଷ୍ଟେଲ ନିର୍ମାଣ ଓ ମରାମତି ପାଇଁ ଆବଣ୍ଟିତ ଅର୍ଥର ସଠିକ୍ ବିନିଯୋଗ ନହେବା କାରଣରୁ ଆଜି ଏହି ଦୁର୍ଭାଗ୍ୟଜନକ ସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ସରକାର ତୁରନ୍ତ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପାଠ୍ୟପୁସ୍ତକ ଯୋଗାଇବାକୁ ଏସ୍‌ଏଫ୍‌ଆଇ ଦାବି କରିଛି।

## ପ୍ଲଟ୍ ବ୍ୟବସାୟୀ ସୁଧୀର ହତ୍ୟା ମାମଲା

# ବାଘୁଆ ଡ୍ୟାମ୍‌ରେ ୨ଟି ବନ୍ଧୁକ ଫୋପାଡ଼ିଛନ୍ତି ଅଭିଯୁକ୍ତ

ବ୍ରହ୍ମପୁର, ୨୭।୪ (ସମିସ): ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ଘଟଣାରେ ଗୋଟିଏ ପରେ ଗୋଟିଏ ସାଂଘାତିକ ତଥ୍ୟ ପଦାକୁ ଆସୁଛି। ରିମାଣ୍ଡରେ ଆସିଥିବା ୫ ଅଭିଯୁକ୍ତ ସୂର୍ଯ୍ୟପ୍ରତାପ ସିଂ, ନାରାୟଣ ପ୍ରଧାନ, କାଳୁଚରଣ ପ୍ରଧାନ, ଜିତୁନ ପଲେଇ ଓ ଆଶିଷ ମହାପାତ୍ରଙ୍କଠାରୁ ମିଳିଛି ବିସ୍ଫୋରକ ତଥ୍ୟ। ସୁଧୀରଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟ ନଥିଲେ ହେଁ ଅପହରଣ ପରେ ଦିଆଯାଇଥିବା ନିର୍ଯାତନା ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିଲା। ଅକଥନୀୟ ଅତ୍ୟାଚାର ସହ୍ୟ କରିନପାରି ସୁଧୀର ଗୁଳି କରିଦେବାକୁ ଅଭିଯୁକ୍ତଙ୍କୁ ଆକୁଳ ନିବେଦନ କରିଥିଲେ। ନିଶାସକ୍ତ ଅବସ୍ଥାରେ ଅଭିଯୁକ୍ତମାନେ ସୁଧୀରଙ୍କୁ ରାତିତମାମ ମାଡ଼ ମାରି ଚାଲିଥିଲେ। ସେଥିରେ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା ବୋଲି ଜେରା ବେଳେ ଅଭିଯୁକ୍ତମାନେ ପୁଲିସ ନିକଟରେ ସ୍ୱୀକାର କରିଛନ୍ତି।

**ବନ୍ଧୁକ ସନ୍ଧାନରେ ପୁଲିସ ଓ ଅଗ୍ନିଶମ କର୍ମଚାରୀ**



ଘଟଣାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ତଥା ସୁରଟର ସାର୍ପ ସୁଟର୍ ସୂର୍ଯ୍ୟପ୍ରତାପ କହିଛି, ହତ୍ୟାକାଣ୍ଡରେ ଗୋଟିଏ ନୁହେଁ, ତିନୋଟି ବନ୍ଧୁକ ବ୍ୟବହାର ହୋଇଥିଲା। ଗୋଟିଏ ବନ୍ଧୁକକୁ ପୁଲିସ ଜବତ କରିଥିବା ବେଳେ ଆଉ ଦୁଇଟି ବନ୍ଧୁକକୁ ସେମାନେ ସୋରଡ଼ା ନିକଟସ୍ଥ ବାଘୁଆ ଡ୍ୟାମ୍‌ରେ ପକାଇ ଦେଇଥିଲେ ବୋଲି ସୂଚନା ଦେଇଛି। ଉକ୍ତ ଦୁଇଟି ବନ୍ଧୁକର ସନ୍ଧାନରେ ଲାଗିପଡ଼ିଛନ୍ତି ଉଭୟ ପୁଲିସ ଓ ଅଗ୍ନିଶମ କର୍ମଚାରୀ। ସେହିଭଳି ଘଟଣାରେ ଆଉ କିଛି ବ୍ୟକ୍ତିଙ୍କର ମଧ୍ୟ ସମ୍ପୃକ୍ତି ରହିଛି। ସେମାନଙ୍କ ସମ୍ପର୍କରେ ମଧ୍ୟ ଅଭିଯୁକ୍ତଙ୍କଠାରୁ ତଥ୍ୟ ଓଗାଳିଛି ପୁଲିସ। ରିମାଣ୍ଡରେ ଆଣି ଜେରା ବେଳେ ଅଭିଯୁକ୍ତଙ୍କଠାରୁ ମିଳିଥିବା ତଥ୍ୟ ଓ ପ୍ରମାଣ ଆଗାମୀ ଦିନରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିବାରେ ଓ ଅଭିଯୁକ୍ତଙ୍କୁ କଠୋର୍ ଦଣ୍ଡ ଦେବାରେ ପୁଲିସକୁ ସହାୟକ ହେବ ବୋଲି ପୁଲିସ ଆଶାବାଦୀ ରହିଛି।

କିନ୍ତୁ ବର୍ତ୍ତମାନ ସୁଦ୍ଧା ହତ୍ୟାକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇପାରିନାହିଁ। ସମ୍ପତ୍ତି ଭାଗବଣ୍ଟାରୁ ନା ଝିଆରୀ ନିବେଦିତାଙ୍କ ପ୍ରେମକୁ ନେଇ ହତ୍ୟା କରାଯାଇଛି ଅଥବା ପାରିବାରିକ କଳହ ଓ ଗୁଣିଗାରେଡ଼ି ସନ୍ଦେହରୁ ହତ୍ୟାକାଣ୍ଡ ହୋଇଛି ତାହାର ରହସ୍ୟ ଭେଦ କରିପାରିନାହିଁ ପୁଲିସ। ମଙ୍ଗଳବାର ଅଭିଯୁକ୍ତଙ୍କ ରିମାଣ୍ଡ ଅବଧି ଶେଷ ହେବାପରେ ସମସ୍ତ ୫ଜଣଙ୍କୁ କୋର୍ଟରେ ହାଜର କରି ପୁଣି ଜେଲକୁ ପଠାଯିବ ବୋଲି ଜଣାପଡ଼ିଛି।

# ଭାରତ ସମୁଦ୍ର ଜଳରୁ ପ୍ରଥମଥର ପଥର କଙ୍କଡ଼ାର ଆବିଷ୍କାର

ବ୍ରହ୍ମପୁର, ୨୭।୪ (ସମିସ): ଗୋପାଳପୁର ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ର ପକ୍ଷରୁ ପ୍ରଥମଥର 'ପଥର କଙ୍କଡ଼ା' ଚିହ୍ନଟ ହୋଇଛି। ଏହି କଙ୍କଡ଼ା ବାଲେଶ୍ୱର ଜିଲ୍ଲାର ବାହାବଳୀପୁରରୁ ୨୦୨୩ ମସିହାରେ ପ୍ରଥମଥର ପାଇଁ ଉଦ୍ଧାର ହୋଇଥିବାରୁ ଏହାର ନାମ 'ଲାଇଫିରା ଗାଙ୍ଗୀ' ରଖାଯାଇଛି।



ସୂଚନାନୁସାରେ, ୨୦୨୩ ମସିହାରେ ବାଲେଶ୍ୱର ଜିଲ୍ଲାର ବାହାବଳୀପୁରରୁ ଗବେଷକ ଡ. ସନ୍ଦୀପ କୁମାର ମହାପାତ୍ର ଏବଂ ଚିତ୍ରକ ଦେ ସଂଗ୍ରହ କରି ଗୋପାଳପୁର ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ରକୁ ଏହାର ପରୀକ୍ଷାନିରୀକ୍ଷା ପାଇଁ ଆଣିଥିଲେ। ଏଠାରେ କେନ୍ଦ୍ରର ବୈଜ୍ଞାନିକ ଡ. ଅନିଲ ମହାପାତ୍ରଙ୍କ ନେତୃତ୍ୱରେ ଏହି କଙ୍କଡ଼ାର ବିଭିନ୍ନ ପରୀକ୍ଷାନିରୀକ୍ଷା, ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ଏହି ପ୍ରଜାତିର କଙ୍କଡ଼ା ସମୁଦ୍ର କୂଳବର୍ତ୍ତୀ ବାଲି ଓ ପଙ୍କ ଅଞ୍ଚଳରେ ମିଳିଥାଏ। ଏହାର ଖୋଳର ସମ୍ମୁଖ ଅଂଶରେ ୨ଟି କଣ୍ଟା ରହିବା ସହ ଖୋଳର ଉପରି ଭାଗରେ ଗୋଲାକୃତ ଚିହ୍ନ ରହିଛି। ପୁରୁଷ କଙ୍କଡ଼ାର ଗୋନୋପଡ୍ ପତଳା ଏବଂ ତାହାର ଶୀର୍ଷ ଭାଗ ଭୋଦା ଭଳି ଦେଖାଯାଏ। ଏହାର ମୁଖରେ ଥିବା ମ୍ୟାକ୍ସିଲିପେଡ୍ ପାଖୁଡ଼ା ଭଳି। ପେଟର ତଳଭାଗରେ ଗୋଟିଏ ଦାନ୍ତ ରହିଛି। ଏହି ପ୍ରଜାତିର କଙ୍କଡ଼ା ଦକ୍ଷିଣ ଚୀନରୁ ୨୦୨୪ ମସିହାରେ ଚିହ୍ନଟ ହୋଇଥିଲା। ଛୋଟ ପ୍ରଜାତିର ଏହି କଙ୍କଡ଼ାର ୧୦ଟି ଗୋଡ଼ ଏବଂ ଗୋଲେଇ ୧.୫ରୁ ୨ସେମି। ବହୁ ପରୀକ୍ଷା ନିରୀକ୍ଷା ପରେ ଏହା ଅନ୍ୟ କଙ୍କଡ଼ା ଠାରୁ ଭିନ୍ନ ହୋଇଥିବାରୁ ଆନ୍ତର୍ଜାତୀୟ ପତ୍ରିକା ନାଉପ୍ଲିୟସ୍‌ରେ ଚଳିତ ମାସରେ ପ୍ରକାଶିତ ହୋଇଛି। ଏସମ୍ପର୍କିତ ଅଧିକ ତଥ୍ୟ ଜାଣିବା ପାଇଁ ବିଭିନ୍ନ ନିରୀକ୍ଷା କରାଯାଉଥିବା କେନ୍ଦ୍ରର ବୈଜ୍ଞାନିକ ଡ. ମହାପାତ୍ର ସୂଚନା ଦେଇଛନ୍ତି।

# ଆଇନ ପେସାରେ ମଧୁପଣିଆର ପ୍ରାସଙ୍ଗିକତା


ବିଭୁପ୍ରସାଦ ତ୍ରିପାଠୀ

ପ୍ରତିବର୍ଷ ଏପ୍ରିଲ ୨୮ ତାରିଖ ମଧୁବାବୁଙ୍କ ଜୟନ୍ତୀକୁ ସାରା ରାଜ୍ୟର ଆଇନଜୀବୀମାନେ ଆଇନଜୀବୀ ଦିବସ ଭାବେ ପାଳନ କରନ୍ତି। ଏହି ଅବସରରେ ସବୁ ବାର୍ ଆସୋସିଏସନ୍ ସଭାଗୃହରେ ମଧୁବାବୁଙ୍କ ଓଡ଼ିଆ ଜାତି ପ୍ରତି ଅବଦାନ, ତାଙ୍କର କୃତି ଓ କୀର୍ତ୍ତିକୁ ସ୍ମରଣ କରାଯାଇଥାଏ। କିନ୍ତୁ, ଏହି ଜୟନ୍ତୀରେ ଆଇନ ପେସାରେ ମଧୁବାବୁଙ୍କ ସ୍ୱାଭିମାନ, ବିଚାରଧାରା, ଓକିଲପଣିଆ ଓ ସାମାଜିକ ଦାୟିତ୍ୱ ପ୍ରସଙ୍ଗ ସମ୍ପର୍କରେ ନୂଆପିଢ଼ିଙ୍କୁ ଅବଗତ କରାଇବାରେ କୌଣସି ପ୍ରଚେଷ୍ଟା କରାଯାଉନାହିଁ। ଫଳସ୍ୱରୂପ, ଆଇନଜୀବୀ ଦିବସଟିକୁ କେବଳ ଗୋଟିଏ ଛୁଟି ଦିବସ ଭାବେ ରାଜ୍ୟର ଅନେକ ଆଇନଜୀବୀମାନେ ଗ୍ରହଣ କରିନେଇଛନ୍ତି। ତେଣୁ, ଆଇନଜୀବୀଙ୍କ ମଧ୍ୟରେ ସାମାଜିକ ଦାୟିତ୍ୱ, ସ୍ୱାଭିମାନ କିମ୍ବା ଅସ୍ମିତା ଭାବକୁ ସଞ୍ଚରିତ କରିବା ପାଇଁ ମଧୁବାବୁଙ୍କ ଜୀବନକୁ ବାରମ୍ବାର ଅଧ୍ୟୟନ କରିବା ଏବଂ ଅନୁଶୀଳନ କରିବା ସାମ୍ପ୍ରତିକ ପରିସ୍ଥିତିରେ ବେଶି ପ୍ରାସଙ୍ଗିକ ହୋଇପଡ଼ିଛି।

ମଧୁବାବୁ ତତ୍କାଳୀନ ଅବସ୍ଥାରେ ବି.ଏଲ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ କଲିକତା ଚବିଶିପ୍ରଗଣାର ଅଲ୍ଲୀପୁର କୋର୍ଟରେ ଓକିଲାତି ଆରମ୍ଭ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ କଲିକତା ହାଇକୋର୍ଟରେ ପେସାଗତ ଅଭିବୃଦ୍ଧି ପାଇଁ ସେ ବିଶିଷ୍ଟ ଇଂରେଜ ବାରିଷ୍ଟର ଜେ.ଡି ଉଡ୍ ରଫ୍‌ଙ୍କ ସିରସ୍ତାରେ ଜୁନିଅର ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ 'ଉତ୍କଳ ଦୀପିକା' ଖବରକାଗଜରେ ସେ ଓଡ଼ିଆ ହୋଇ ମଧ୍ୟ କଲିକତାରେ ଅଧ୍ୟୟନ କରିବା ପରେ ତାଙ୍କ ଭିତରେ ଓଡ଼ିଆବୋଧ ଜାଗ୍ରତ ହେଲା ନାହିଁ ବୋଲି ଗୋଟିଏ ଲେଖା ତାଙ୍କୁ ଅଭିଭୂତ କରି ପକାଇଥିଲା। ପରବର୍ତ୍ତୀ ଅବସ୍ଥାରେ ସେ ଯେତେବେଳେ ଓକିଲାତି ପେସା ଆରମ୍ଭ କରିବା ପାଇଁ ଓଡ଼ିଶାରେ ପହଞ୍ଚିଥିଲେ, 'ଉତ୍କଳ ଦୀପିକା'ରେ ମଧ୍ୟ ସେ ପ୍ରସଙ୍ଗଟି ଆଉଥରେ ପ୍ରକାଶିତ ହୋଇଥିଲା।

କଟକ ଚାନ୍ଦିନୀଚୌକର ବିହାରୀବାଗ କୋଠାରେ ଭଡ଼ାଘରେ ମଧୁବାବୁ ଆରମ୍ଭ କରିଥିଲେ ତାଙ୍କ ଓକିଲାତି। ତାଙ୍କ ଭିତରେ ଥିବା ଆତ୍ମପ୍ରତ୍ୟୟ ଅଭିମାନର ଫଳସ୍ୱରୂପ ତାଙ୍କୁ କଟକ ବାର୍ ଲାଇବ୍ରେରିରେ ବସିବା ପାଇଁ ଚଉକି ଖଣ୍ଡେ ମିଳି ନଥିଲେ ମଧ୍ୟ ସେ ଜଜ୍ ସାହେବ କକ୍ସାନଙ୍କର କୋର୍ଟ ବାରଣ୍ଡାରେ ଆରାମ ଚୌକି ପକାଇ ତାଙ୍କର କାର୍ଯ୍ୟ ଆରମ୍ଭ କରିଥିଲେ। ବିଚାରପତି ତାଙ୍କୁ ଯେତେବେଳେ ଏ ପ୍ରସଙ୍ଗରେ ପ୍ରଶ୍ନ କରିଥିଲେ, ତାଙ୍କ ଭିତରେ ଥିବା ଓକିଲପଣିଆର ସେ ପରିଚୟ ଦେଇ ଉତ୍ତର ଦେଇଥିଲେ ଯେ ଓଡ଼ିଆଙ୍କ ବାର୍ ଲାଇବ୍ରେରୀରେ ଓଡ଼ିଆ ଓକିଲଙ୍କ ପାଇଁ ସ୍ଥାନ ନାହିଁ। ସେଥିପାଇଁ ମୋର ବିଶ୍ୱାସ ହଜୁରଙ୍କ ବାରଣ୍ଡାରେ ମୋ ପାଇଁ ସ୍ଥାନ ଅଭାବ ହେବ ନାହିଁ। ଜଜ୍ ସାହେବ ଏଭଳି ଶାଣିତ ଉତ୍ତର ଶୁଣି ମଧୁବାବୁଙ୍କୁ କହିଥିଲେ ଯେ ବାର୍ ଲାଇବ୍ରେରୀର ପରିଚାଳନା ସମ୍ପର୍କରେ ଜଣେ ବିଚାରପତି ଭାବେ ସେ କିଛି କରିପାରିବେ ନାହିଁ। ତାଙ୍କର ଖାସ୍ କମରାକୁ ଲାଗି ପେସ୍କାରଙ୍କ ପାଇଁ ଯେଉଁ କୋଠରି ଅଛି, ତାକୁ ମଧୁବାବୁ ବ୍ୟବହାର କରିପାରିବେ।

ମଧୁବାବୁ ପ୍ରଥମେ ଚିନ୍ତା କରିଥିଲେ ଯେ ଓକିଲାତି ପେସାରେ ସେ ଟଙ୍କା ରୋଜଗାର କରିପାରିବେ, କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଉପଲବ୍ଧି କରିଥିଲେ ଯେ ସେଭଳି ଓଡ଼ିଆ ମହକିଲ ପାଇବା ତାଙ୍କ ପକ୍ଷେ ସମ୍ଭବପର ହେଉନାହିଁ। ସେଥିପାଇଁ ଓକିଲାତି ଜୀବନ ଓ ତାଙ୍କ ରାଜନୈତିକ ଜୀବନର ସମ୍ପର୍କ ଅଧିକ ଘନୀଭୂତ ହୋଇଥିଲା। ଆଇନ ପେସାର ସାଂସ୍କୃତିକ ସ୍ୱକୀୟତାକୁ ସେ ପରବର୍ତ୍ତୀ ଅବସ୍ଥାରେ ମଧ୍ୟ ବୁଝିପାରିଥିଲେ। ଫଳସ୍ୱରୂପ, ଅନେକ ମକଦ୍ଦମା ସେ ମାଗଣାରେ ଲଢ଼ିଥିଲେ। ଆଇନଜୀବୀମାନଙ୍କ ମଧ୍ୟରେ ନୈତିକତାର ଗୋଟିଏ ନୂତନ ପରିଭାଷା ତିଆରି କରିଥିଲେ ମଧୁସୂଦନ। କଟକର ମାନସିଂହ ପାଟଣାର ଡକାୟତି ମାମଲାରେ ତାଙ୍କୁ ଅଭିଯୁକ୍ତ କରିବା ପାଇଁ ଯେଉଁ ଷଡ଼ଯନ୍ତ୍ର ହୋଇଥିଲା, ସେଥିରେ ସେ ଆଦୌ ବିଚଳିତ ହୋଇ ପଡ଼ିନଥିଲେ।



ଡକାୟତମାନେ ଯେଉଁ ସୁନାରୁପା ଡକାୟତି କରି ଆଣନ୍ତି, ସେଗୁଡ଼ିକ ମଧୁବାବୁଙ୍କ ତାରକସି କାରଖାନାରେ ଲଗାଯାଇଥାଏ ବୋଲି ଅଭିଯୋଗ ଆସିଥିଲା। ତା'ର କାରଣ ହେଉଛି ମାନସିଂହପାଟଣା ବଣିଆ ମହାଜନ ଘରୁ ଯେଉଁ ସୁନାରୁପା ଡକାୟତି ହୋଇଥିଲା, ସେଥିରେ ଅଭିଯୁକ୍ତ ରଙ୍ଗା ଓ ଦାନୀଙ୍କ ପାଇଁ ମକଦ୍ଦମା ପରିଚାଳନା କରିବାକୁ ଆଗଭର ହୋଇଥିଲେ ମଧୁସୂଦନ। ସେ ନିଜେ ଉପଲବ୍ଧି କରିଥିଲେ ଯେ ପୁଲିସ କେବଳ ସନ୍ଦେହ ଓ ପାରିପାର୍ଶ୍ୱିକ ପ୍ରମାଣ ବଳରେ ସେ ଦୁହିଁଙ୍କୁ ଗିରଫ କରିଥିଲା। ସେମାନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବା ପାଇଁ ମଧୁବାବୁଙ୍କ ପ୍ରୟାସ ତତ୍କାଳୀନ ପୁଲିସ ପଦାଧିକାରୀମାନଙ୍କୁ ମଧୁବାବୁଙ୍କ ଚରିତ୍ର ସଂହାର ପାଇଁ ସୁବର୍ଣ୍ଣ ସୁଯୋଗ ଦେଇଥିଲା। ତାଙ୍କର ତାରକସି କାରଖାନାରେ ଏଭଳି ଡକାୟତି ସୁନାରୁପା ବ୍ୟବହାର କରାଯାଉଥିବାର ଅଭିଯୋଗ କରିବା ସୁବିଧାଜନକ ହୋଇପଡ଼ିଥିଲା। ପରବର୍ତ୍ତୀ ଅବସ୍ଥାରେ ଅଭିଯୁକ୍ତମାନେ ଖଲାସ ହେବା ଓ ମଧୁସୂଦନଙ୍କ ବିରୋଧରେ ପୁଲିସ ଅଭିଯୋଗ ମିଥ୍ୟା ପ୍ରମାଣିତ ହେବା ମଧୁବାବୁଙ୍କ ଭିତରେ ଥିବା ଓକିଲାତି ପେସାର ସାହସିକତାର ପରିଚୟ ଦିଏ। ମଧୁବାବୁ ସେତିକିବେଳେ ଏ ମକଦ୍ଦମାର ପରିଚାଳନା ନ କରିଥିଲେ, ଏହି ଦୁଇ ଅଭିଯୁକ୍ତ ସାରାଜୀବନ ଦ୍ୱିପାନ୍ତରିତ ହୋଇ ରହିଥା'ନ୍ତେ।

ଆଇନଜୀବୀଙ୍କ ଅସ୍ମିତାର ଅନ୍ୟତମ ବିଦ୍ଧାଣୀ ଭାବେ ମଧୁବାବୁଙ୍କ ଆଇନପେସା ଜୀବନକୁ ନିରିଖେଇ ଦେଖିଲେ ଜଣାପଡ଼େ ଯେ ଆଇନପେସାରେ ତାଙ୍କ ସାଧନା ଓ ମୁଣ୍ଡଟେକି ଓଡ଼ିଆ ଓକିଲ ଭାବେ ଚାଲିବା ପାଇଁ ତାଙ୍କର ପ୍ରଚେଷ୍ଟା ଯୁବପିଢ଼ି ଓକିଲଙ୍କ ପାଇଁ ପ୍ରେରଣାଦାୟକ। ମଧୁବାବୁଙ୍କ ଜୁନିୟର ଗୋକୁଳାନନ୍ଦ ଚୌଧୁରୀ ମଧୁବାବୁଙ୍କ ବିରୋଧରେ ନିର୍ବାଚନ ଲଢ଼ିବା ପାଇଁ ନିଷ୍ପତ୍ତି ନେବା ଘଟଣାରେ ବିଧାନସଭା ପରିଷଦକୁ ଯିବା ପାଇଁ ସେ ନିଜେ ଯୋଗ୍ୟ ନୁହନ୍ତି ବୋଲି କହିବା ତାଙ୍କର 'ମୁଁ ପଣିଆ'ରେ ଥିବା ବିନମ୍ରତାର ପରିଚୟ ଦେଇଥିଲା। ନିଜର ସହକର୍ମୀ ଓକିଲମାନଙ୍କୁ ମଧୁବାବୁଙ୍କ ଭଲ ପାଇବା, ସେମାନଙ୍କୁ ସାଥୀରେ ନେଇ ଖାଇବା ଓ ଏକାଠି ରହିବାରୁ ବାରି ହୋଇପଡୁଥିଲା ତାଙ୍କ ଉଦାରପଣିଆ। ଆଜି ବରିଷ୍ଠ ଆଇନଜୀବୀ ଓ ସହକର୍ମୀମାନଙ୍କ ମଧ୍ୟରେ ସେହି ପ୍ରକାରର ସମ୍ପର୍କର ସେତୁର ଆବଶ୍ୟକତା ପଡ଼ିଛି। ନିଜେ ରାତିସାରା ମକଦ୍ଦମାର ଶୁଣାଣିର ପ୍ରସ୍ତୁତି କରିବା ସମୟରେ ସହକର୍ମୀମାନଙ୍କ ସହ ଏକାଠି କାର୍ଯ୍ୟ କରିବା ଓ ଅନେକ ରାତିରେ ମଧୁବାବୁ ନିଜ ଚାମ୍ବରରେ ଶୋଇଯିବା ଘଟଣା ଆଇନପେସା ପାଇଁ ତାଙ୍କ ନିଷ୍ଠା ଓ ସାଧନାକୁ ପ୍ରମାଣିତ କରୁଥିଲା ଏବଂ ତାହା ସହକର୍ମୀ ଓକିଲମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା।

ଓକିଲାତି ପେସାରେ ମଧୁବାବୁଙ୍କ ସାଧୁତାର ଜ୍ୱଳନ୍ତ ନିଦର୍ଶନ ଥିଲା ମକଦ୍ଦମାଗୁଡ଼ିକରେ ଅର୍ଥ ସର୍ବସ୍ୱ ନ ହୋଇ ତାକୁ ପରିଚାଳନା କରିବାରେ ତାଙ୍କର ଦକ୍ଷତା। ଥରେ ମକଦ୍ଦମା ପରିଚାଳନା କରୁଥିଲା ବେଳେ ଜଣେ ବିଚାରପତି ମଧୁବାବୁଙ୍କୁ ତାଚ୍ଛଲ୍ୟପୂର୍ଣ୍ଣ ସ୍ୱରରେ କହିଥିଲେ ଯେ ଆପଣ କ'ଣ କହୁଛନ୍ତି ମୁଁ ବୁଝିପାରୁନାହିଁ। ମଧୁବାବୁ ତାହାର ଉତ୍ତରରେ ଶାନ୍ତ ସ୍ୱରରେ କହିଥିଲେ ଯେ 'ହଜୁର ମୁଁ କେବଳ ମକଦ୍ଦମା ସମ୍ପର୍କରେ ଯାହା ତଥ୍ୟ ଅଛି, ତାହା ଉପସ୍ଥାପିତ କରିପାରିବି, କିନ୍ତୁ ମକଦ୍ଦମା ବୁଝିବା ପାଇଁ ମସ୍ତିଷ୍କ ପ୍ରଦାନ କରିପାରିବି ନାହିଁ।'

ଆଇନଜୀବୀର ସତ୍ତା ଓ ପ୍ରାଣକେନ୍ଦ୍ର ଆଇନଜୀବୀର ସ୍ୱାଭିମାନ, ସ୍ୱାଧୀନତା ଓ ସାଧୁତା। ମଧୁବାବୁଙ୍କ ଓକିଲାତି ଜୀବନରେ ଏହି ଆତ୍ମପ୍ରତ୍ୟୟ ସମ୍ପନ୍ନ ଉନ୍ନାସିକତା ସବୁ ସମୟରେ ଦେଖିବାକୁ ମିଳିଥିଲା। ସମାଜ ପାଇଁ, ଜାତି ପାଇଁ, ତାଙ୍କର ଯେତିକି ପ୍ରତିବଦ୍ଧତା ଥିଲା ନିଜ ମହକିଲଙ୍କ ମକଦ୍ଦମା ଲଢ଼ିବା ପାଇଁ ତାଙ୍କ ଭିତରେ ଥିଲା ସେତିକି ପାରଦର୍ଶିତା। ଆଜି ଯେତେବେଳେ ଆଇନଜୀବୀମାନେ କୋର୍ଟ, କଚେରୀ ଓ ସାମାଜିକ ବ୍ୟବସ୍ଥାର ଶ୍ୱାସରୁଦ୍ଧକାରୀ ପରିସ୍ଥିତି ସମ୍ପର୍କରେ କୌଣସି ଆଲୋଚନା କିମ୍ବା ବିତର୍କରେ ଭାଗ ନ ନେଇ ନିରବଦ୍ରଷ୍ଟା ଭାବେ ନିଜର ସ୍ୱାଧିକାର ଓ ସ୍ୱାଭିମାନକୁ ବଳି ଦେଉଛନ୍ତି, ସେତେବେଳେ ମଧୁ ଆଦର୍ଶ ଓ ବିଚାରଧାରା, ପେସାଗତ ଜୀବନ ଓ ଆତ୍ମସମ୍ମାନବୋଧ ଏହି ନୂଆପିଢ଼ିର ଆଇନଜୀବୀଙ୍କ ପାଇଁ ନିଶ୍ଚିତ ରୂପେ ଉଜ୍ଜ୍ୱଳବର୍ତ୍ତିକା ପାଲଟିବ।●

ବରିଷ୍ଠ ଆଇନଜୀବୀ
ସଭ୍ୟ, ରାଜ୍ୟ ଆଇନଜୀବୀ ପରିଷଦ
ଦୂରଭାଷ- ୯୪୩୭୦୨୪୭୬୦

## ଆଜିର ରାଶିଫଳ

**ମେଷ:** ଦିନଟିରେ ଚିନ୍ତାଗ୍ରସ୍ତ ରହିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ନିବେଶରୁ ଦୂରେଇ ରହିବେ। ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହେବେ। ବ୍ୟବସାୟରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମିଥୁନ:** ଧନ ଆଗମନ ଯୋଗ ଅଛି। ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ। ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମନ ପ୍ରସନ୍ନ ରହିବ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ ଏବଂ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ। ଧାର କରଜରୁ ଦୂରେଇ ରହିବେ। ନୃତ୍ୟଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ। ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ସରକାରୀ କାମ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପାରିବାରିକ ବିବାଦରୁ ଦୂରେଇ ରହିବେ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ। ଇଚ୍ଛା ପୂରଣ ହେବ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ। ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିବାହ ପ୍ରସ୍ତାବ ସ୍ଥିର ହେବ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୂଚାରୁରୂପେ ତୁଲାଇବେ। ଲେଖାଲେଖି ପ୍ରତି ରୁଚି ବଢ଼ିବ। ବଡ଼ ଭାଇ ଓ ଭଉଣୀଙ୍କ ସହଯୋଗ ମିଳିବ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମଠ ତଥା ମନ୍ଦିରରେ ଦାନ କରିବେ।

## ଆଜିର ଇତିହାସ

- ୧୭୪୦- ମରାଠା ଶାସକ ପେଶୱା ବାଜିରାଓ ପ୍ରଥମଙ୍କ ଦେହାନ୍ତ।
- ୧୯୩୨- ପିତ୍ତ ଜ୍ୱର ଟିକା ବିକଶିତ କରାଗଲା।
- ୧୯୩୫- ରୁଷ୍‌ର ରାଜଧାନୀ ମସ୍କୋରେ ଭୂତଳ ଟ୍ରେନ୍ 'ମେଟ୍ରୋ' ସେବାର ଆରମ୍ଭ ହେଲା।
- ୧୯୯୫- ଶ୍ରୀଲଙ୍କାର ପଲାଲିରେ ବିମାନ ଦୁର୍ଘଟଣାରେ ୪୭ ମୃତ।
- ୨୦୦୭- ଶ୍ରୀଲଙ୍କାକୁ ହରାଇ ଅଷ୍ଟ୍ରେଲିଆ ଚତୁର୍ଥ ଥର କ୍ରିକେଟ୍ ବିଶ୍ୱକପ୍ ଜିତିଲା।

**ଆଜି ବାହୁଡ଼ିଥିଲେ**


# ଜାତୀୟ କବି ବୀରକିଶୋର



ସ୍ୱାଧୀନତା ଆନ୍ଦୋଳନ ସମୟରେ ସାହିତ୍ୟ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ଯେଉଁ ସାହିତ୍ୟିକମାନେ ମୁକ୍ତି ସଂଗ୍ରାମକୁ ଜୀବନ୍ତ କରିଥିଲେ, ସେମାନଙ୍କ ମଧ୍ୟରୁ ଜାତୀୟ କବି ବୀରକିଶୋର ଦାସ ଥିଲେ ଅଗ୍ରଗଣ୍ୟ। ଅଗ୍ନିବର୍ଷୀ କବିତାମାନ ସୃଷ୍ଟି କରି ସେ ଇଂରେଜ ସରକାରଙ୍କ ବିରୋଧରେ ପ୍ରତ୍ୟକ୍ଷ ବିପ୍ଳବ ପାଇଁ ଜାଗରଣ ସୃଷ୍ଟି କରିଥିଲେ। ତାଙ୍କ କବିତା ଆବାଳ-ବୃଦ୍ଧ-ବନିତା ସମସ୍ତଙ୍କୁ ଆନ୍ଦୋଳିତ କରୁଥିଲା। ବୀର ସଂଗ୍ରାମୀମାନେ ତାଙ୍କ କବିତା ଗାଇଗାଇ ଗୁଳି-ବନ୍ଧୁକ ମୁହଁକୁ ଆଗେଇ ଯାଉଥିଲେ, ହସିହସି ହାତକଡ଼ି ପିନ୍ଧି କାରାଗାରରେ ପଶିଯାଉଥିଲେ। ତାଙ୍କର ପ୍ରତିଟି କବିତା ଦେଶବାସୀଙ୍କ ମନରେ ଦେଶାତ୍ମବୋଧ ଭାବନା ସୃଷ୍ଟି କରିଥିଲା। ବିପ୍ଳବାତ୍ମକ କବିତା ଲେଖିବା ଓ ସ୍ୱାଧୀନତା ସଂଗ୍ରାମକୁ ତ୍ୱରାନିତ କରିଥିବାରୁ ସେ ସାତ ସାତ ଥର କାରାବରଣ ମଧ୍ୟ କରିଥିଲେ ଏବଂ ପୁଲିସ୍ ତାଙ୍କର ଅନେକ ପାଣ୍ଡୁଲିପି ନଷ୍ଟ କରିଦେଇଥିଲା। ୧୮୯୮ ମସିହା ନଭେମ୍ବର ୨୩ ତାରିଖରେ ସେ ଜଗତସିଂହପୁର ପୁନଙ୍ଗ ଗାଁରେ ଜନ୍ମଗ୍ରହଣ କରିଥିଲେ। ଗ୍ରାମ ଚାଟଶାଳୀରେ ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପରେ କଟକର ଭିକ୍ଟୋରିଆ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ୧୯୧୧ ମସିହାରେ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ କଟକ କଲେଜରେ ଏଫ୍.ଏ. ପଢ଼ିଥିଲେ, ମାତ୍ର ସଂପୂର୍ଣ୍ଣ କରି ନ ଥିଲେ। ଏହାପରେ କଟକର ପ୍ୟାରୀମୋହନ ଏକାଡେମୀରେ ଅସ୍ଥାୟୀ ଶିକ୍ଷକତା ପରେ ସରକାରୀ କିରାଣି ଚାକିରି କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଚାକିରି ଛାଡ଼ି ସେ ମୁକ୍ତି ସଂଗ୍ରାମରେ ଯୋଗଦେଲେ। 'ରଣ ଦୁନ୍ଦୁଭୀ', 'ରଣଭେରୀ', 'ବିଦ୍ରୋହୀବୀଣା', 'ମୋହନବେଣୁ', 'ସବୁଜସାଥି', 'ସମର ଯୁଗର ଅମର ଗୀତ', 'ସାତଦୀପ' ଇତ୍ୟାଦି ହେଉଛି ତାଙ୍କର କାଳଜୟୀ ସୃଷ୍ଟି। ଦେଶ ସ୍ୱାଧୀନ ହେବା ପରେ ମଧ୍ୟ ସେ ବହୁ ଦେଶାତ୍ମବୋଧ କବିତା ରଚନା କରିଥିଲେ। ସେ କେବଳ ଯେ, ଜାତୀୟତାବାଦୀ କବିତା ଲେଖୁଥିଲେ ତାହା ନୁହେଁ, ଅନେକ ଶିଶୁ କବିତା ମଧ୍ୟ ଲେଖିଥିଲେ। ମାସିକ ଶିଶୁ ସାହିତ୍ୟ ପତ୍ରିକା 'ମୋ ଦେଶ'ର ସେ ଆରମ୍ଭ କରିଥିଲେ। ୧୯୪୬ରେ ସେ ପାଠ୍ୟ ପୁସ୍ତକ 'ମୋ ଛବି ବହି' ଓ 'ନୂଆ ଛବି ବହି' ଲେଖିଥିଲେ। 'ଶିଶୁ ଲେଖା' ପତ୍ରିକା ତାଙ୍କ ସାଧନାର ଫଳ। ସ୍ୱାଧୀନତା ପରେ କଟକ ସଦର ଲୋକାଲ୍ ବୋର୍ଡ ଚେୟାରମ୍ୟାନ ପଦଗ୍ରହଣ କରିଥିଲେ। ସେ ଦ୍ୱିତୀୟ ବିଧାନସଭା ଓ ପୁସ୍ତକ ଜାତୀୟକରଣ କମିଟିର ସଭ୍ୟ ରହିଥିଲେ। ୧୯୭୩ ମସିହା ଆଜିର ଦିନରେ ବୀରକିଶୋରଙ୍କ ଦେହାନ୍ତ ହୋଇଥିଲା।

**ଆଜି ଆସିଥିଲେ**

# ଉତ୍କଳଗୌରବ ମଧୁସୂଦନ



ମଧୁବାବୁ। ଓଡ଼ିଶା ମାଟିର ତଥା ଓଡ଼ିଆ ଜାତିର ସ୍ୱାଭିମାନ। ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ଭାଷା ଓ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଦେବା ପାଇଁ ଯେଉଁ କେତେଜଣ ମହାପୁରୁଷ ପ୍ରତିଜ୍ଞା ନେଇଥିଲେ ତନ୍ମଧ୍ୟରେ ମଧୁବାବୁ ଅନ୍ୟତମ। ଓଡ଼ିଆ ଜନମାନସରେ ସେ ମଧୁବାବୁ ବା ମଧୁ ବାରିଷ୍ଟର ଭାବେ ପରିଚିତ। ତାଙ୍କର ଜାତିପ୍ରେମ, ସ୍ୱାଭିମାନ ଏବଂ ସୁଦୂରପ୍ରସାରୀ ଚିନ୍ତାଧାରା ସମସାମୟିକ କାଳରୁ ଢେର୍ ଆଗରେ ଥିଲା। ସେ ଥିଲେ ଓଡ଼ିଶାର ପ୍ରଥମ ବାରିଷ୍ଟର, ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍, ପ୍ରଥମ ଓଡ଼ିଆ ଏମ୍‌ଏ, ପ୍ରଥମ ଓଡ଼ିଆ ବିଲାତ ଯାତ୍ରୀ, ଓଡ଼ିଶାର ପ୍ରଥମ ଏଲ୍‌ଏଲ୍‌ବି। ଓଡ଼ିଶାର ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ପାଇଁ ସେ ସାରାଜୀବନ ସଂଗ୍ରାମ କରିଥିଲେ। ତାଙ୍କର ପ୍ରଚେଷ୍ଟା ଫଳରେ ୧୯୩୬ ମସିହା ଅପ୍ରେଲ ୧ ତାରିଖରେ ଭାଷା ଭିତ୍ତିରେ ପ୍ରଥମ ଭାରତୀୟ ରାଜ୍ୟ ଭାବେ ଓଡ଼ିଶାର ପ୍ରତିଷ୍ଠା ହୋଇଥିଲା। ଜଣେ ଓକିଲ, ସାମ୍ବାଦିକ, ଲେଖକ, ବିଧାନ ପରିଷଦ ସଦସ୍ୟ, ରାଜନେତା ଓ ସମାଜ ସଂସ୍କାରକ ଭୂମିକାରେ ସେ ଓଡ଼ିଶାବାସୀଙ୍କର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଉନ୍ନତି ଲାଗି ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ। ୧୮୪୮ ମସିହା ଆଜିର ଦିନରେ ମଧୁବାବୁ କଟକ ଜିଲ୍ଲାର ସତ୍ୟଭାମାପୁରଠାରେ ଜନ୍ମଗ୍ରହଣ କରିଥିଲେ। ସେ ଗାଁ ଚାଟଶାଳୀରୁ ପାଠପଢ଼ା ସାରି ହାଇସ୍କୁଲ ପାଠ ପଢ଼ିବା ପାଇଁ କଟକ ଆସିଥିଲେ। ତାଙ୍କ ପିଲାଦିନର ନାମ ଥିଲା ଗୋବିନ୍ଦବଲ୍ଲଭ। କଟକରେ ସ୍କୁଲ୍ ଶିକ୍ଷା ସାରିବା ପରେ ସେ ଉଚ୍ଚଶିକ୍ଷା ପାଇଁ କଲିକତା ଚାଲିଯାଇଥିଲେ। ସେଠାରେ ସେ ପ୍ରଥମ ଓଡ଼ିଆ ଭାବରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସ୍ନାତକୋତ୍ତର ଓ ଆଇନ ଡିଗ୍ରୀ ହାସଲ କରିବା ସଙ୍ଗେ ସଙ୍ଗେ ବିଲାତ ଯାତ୍ରା କରିବା, ମନ୍ତ୍ରୀ ତଥା ଜାତୀୟ ନେତା ହେବାରେ ମଧ୍ୟ ସେ ପ୍ରଥମ ଓଡ଼ିଆ ହୋଇଥିଲେ। ତାଙ୍କ ଉଦ୍ୟମରେ ୧୯୦୩ରେ 'ଉତ୍କଳ ସମ୍ମିଳନୀ' ଜନ୍ମ ନେଇଥିଲା। କଟକର ତାରକସୀ ଶିଳ୍ପକୁ ବିଶ୍ୱ ଦରବାରରେ ପରିଚିତ କରିବାରେ ତାଙ୍କର ଅନବଦ୍ୟ ଭୂମିକା ରହିଥିଲା। ସେ ନାରୀ ସଶକ୍ତୀକରଣ, ଧର୍ମ ନିରପେକ୍ଷତା ଓ ସାଂପ୍ରଦାୟିକ ସଦ୍‌ଭାବନାର ଜଣେ ମୁଖର ସମର୍ଥକ ଥିଲେ। ଜଣେ ଲେଖକ ଓ କବି ଭାବରେ ମଧ୍ୟ ସେ ଅନେକ ଦେଶାତ୍ମବୋଧକ ଲେଖା ଲେଖିଛନ୍ତି। ତାଙ୍କର କେତୋଟି ଜଣାଶୁଣା ଲେଖା ହେଉଛି 'ଉତ୍କଳ ସନ୍ତାନ', 'ଜାତି ଇତିହାସ', 'ଜ୍ଞାନୀର ଉକ୍ତି', 'ଜାତୀୟ ଗୀତିକା'। ସେ ମଧ୍ୟ ଓଡ଼ିଆ, ଇଂରାଜୀ ଓ ବଙ୍ଗଳାରେ ଜଣେ ସୁବକ୍ତା ଥିଲେ। ୧୯୩୪ ମସିହା ଫେବୃଆରୀ ୪ ତାରିଖରେ ତାଙ୍କର ମହାପ୍ରୟାଣ ଘଟିଥିଲା।



# ୫୭ ମାସ ପରେ ଆସିଲା ରିଲିଜ୍ ଡେଟ୍

ବଲିଉଡ୍ ଅଭିନେତା କାର୍ତ୍ତିକ୍ ଆର୍ଯ୍ୟନ୍ ତାଙ୍କର ସ୍ୱଳ୍ପଦିନର କ୍ୟାରିୟର୍‌ରେ ନିଜକୁ ଜଣେ ଆଗଧାଡ଼ିର କଳାକାର ଭାବେ ପ୍ରତିଷ୍ଠିତ କରିପାରିଛନ୍ତି। ଅନେକ ବଡ଼ ବଡ଼ ବ୍ୟାନର୍‌ରୁ ତାଙ୍କୁ ଅଫର୍ ଆସୁଛି। ଚଳିତବର୍ଷ ଅନୁରାଗ ବସୁଙ୍କ ଏକ ମ୍ୟୁଜିକାଲ ଡ୍ରାମାରେ କାର୍ତ୍ତିକ୍ ଲିଡ୍ ରୋଲରେ ନଜର ଆସିବେ। ଏଥିରେ ତାଙ୍କ ସହ ଶ୍ରୀଲୀଲା ଦେଖାଯିବେ। ଇତିମଧ୍ୟରେ ଅନେକ ଦିନରୁ ବନ୍ଦ ହୋଇ ରହିଥିବା କାର୍ତ୍ତିକ୍‌ଙ୍କର ଏକ ଫିଲ୍ମର ରିଲିଜ୍ ଡେଟ୍ ସାମ୍ନାକୁ ଆସିଛି। ଫିଲ୍ମର ଟାଇଟଲ୍ 'କ୍ୟାପ୍ଟେନ୍ ଇଣ୍ଡିଆ' ରହିଛି। ଜୁଲାଇ, ୨୦୨୧ରେ ଏହି ଫିଲ୍ମ ବିଷୟରେ ଘୋଷଣା କରାଯାଇଥିଲା। ୫୭ ମାସ ପରେ ଏବେ ଏହାର ରିଲିଜ୍ ଡେଟ୍ ଘୋଷଣା କରାଯାଇଛି। ଏହା ୧୩ ଅଗଷ୍ଟ, ୨୦୨୭ରେ ରିଲିଜ୍ ହେବ ବୋଲି ନିକଟରେ ଟ୍ରେଡ୍ ଆନାଲିଷ୍ଟ ତରଣ ଆଦର୍ଶ କହିଛନ୍ତି। ୨୦୨୧ ମସିହାରେ ଯେତେବେଳେ ଏହି ଫିଲ୍ମ ବିଷୟରେ ଘୋଷଣା କରାଯାଇଥିଲା, ସେତେବେଳେ ହଂସଲ ମେହେତା ଏହାର ନିର୍ଦ୍ଦେଶନା ଦେବେ ବୋଲି କୁହାଯାଇଥିଲା। ସିମିତ ଅମିନ୍ ଏବେ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଏହାର ସୁଟିଂ ଆସନ୍ତା ଜୁନ୍ ମାସ ଆଡ଼କୁ ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଟି-ସିରିଜ୍ ଓ ହରମନ୍ ବାୱେଜାଙ୍କ କମ୍ପାନି ବାୱେଜା ଷ୍ଟୁଡିଓ ରହିଛି।



# ସୁବର୍ଣ୍ଣା



**ଅଧୁନା ଅଧିକାଂଶ ଯୁବପିଢ଼ି ସହରର ଚାକଚକ୍ୟ ଭିତରେ ଜୀବନ ଅତିବାହିତ ନ କରି ପୈତୃକ ଜମିରେ ଚାଷ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଏହାର ଅନନ୍ୟ ଉଦାହରଣ ହେଉଛନ୍ତି ଝାରଖଣ୍ଡ, ଗଡ଼ୱା ଜିଲ୍ଲା, ଗନିୟାରୀ ଖୁର୍ଦ୍ଦ ଗାଁର ପ୍ରମୋଦ କୁମାର। ୟୁଟ୍ୟୁବ୍ ଦେଖି ଏବେ ସେ ଗାଁମାଟିରେ ସେଓ ଚାଷ କରି ଉଦାହରଣ ସୃଷ୍ଟି କରିଛନ୍ତି।**

## ସେଓ ଚାଷରୁ ସ୍ୱାବଲମ୍ବୀ

ଝାରଖଣ୍ଡର ଗଡ଼ୱା ଜିଲ୍ଲାରେ ତାପମାତ୍ରା ସର୍ବାଧିକ ରହିଥାଏ। ଏହି ଜଳବାୟୁରେ ବିଦେଶୀ ଫଳ ଫଳିବା କାଠିକର ପାଠ। ହେଲେ ପ୍ରମୋଦ ନିଜ ଏକ ଏକର ଜମିରେ ୧୦୦ସେଓ ଗଛ ଲଗାଇଛନ୍ତି। ୟୁଟ୍ୟୁବ ଦେଖି ଏହି ଚାଷ ପାଇଁ ସେ ମନ ବଳାଇଥିଲେ। ଏନେଇ ଦୁଇ ବର୍ଷ ପୂର୍ବରୁ ସେ ଅନ୍‌ଲାଇନ୍‌ରେ ହିମାଚଳ ପ୍ରଦେଶରୁ ୧୦୦ଟି ସେଓ ଗଛ ମଗାଇ ଜମିରେ ଲଗାଇଥିଲେ। ଏବେ ଗଛଗୁଡ଼ିକ ୮ ରୁ ୧୦ ଫୁଟ ଉଚ୍ଚ ହୋଇଥିବାବେଳେ ଅଧିକାଂଶ ଗଛରେ ଫଳ ଫଳିଲାଣି। ଏହି ଚାଷରେ ସଠିକ୍ ଦେଖାଶୁଣା, ସମୟରେ ଜଳ ସେଚନ, ଜୈବିକ ଖତ ପ୍ରୟୋଗ ଦ୍ୱାରା ଗଛ ବୃଦ୍ଧି ଭଲ ହୋଇଥିଲା। ଉପଯୁକ୍ତ ଯତ୍ନ ଏବଂ ଉନ୍ନତ କିସମ ଚାରା ବ୍ୟବହାର ଯୋଗୁଁ ଏବେ ଉଷ୍ମ ଜଳବାୟୁରେ ସେଓ ଚାଷ ସମ୍ଭବ ହୋଇପାରୁଛି ବୋଲି ପ୍ରମୋଦ କୁହନ୍ତି। ପ୍ରମୋଦଙ୍କ ସଫଳତା ଦେଖି ଏବେ ସ୍ଥାନୀୟ ଚାଷୀ ଏହି ଚାଷ କରିବାକୁ ଆଗ୍ରହ ପ୍ରକାଶ କରିବା ସହ ଚାଷ ସମ୍ପର୍କରେ ବୁଝୁଛନ୍ତି। ଜିଲ୍ଲା କୃଷି ଅଧିକାରୀ ଖୁସ୍‌ବୁ ପାସୱାନ ପ୍ରମୋଦଙ୍କ ଚାଷକାର୍ଯ୍ୟ ଦେଖି ଉତ୍ସାହିତ ହେବା ସହ ଏହି ଚାଷ ପାଇଁ ଚାଷୀଙ୍କୁ ସରକାରୀ ଯୋଜନା ସହିତ ସଂଯୋଗ କରି ସେମାନଙ୍କୁ ପ୍ରୋତ୍ସାହିତ କରିବାକୁ କହିଛନ୍ତି।

## କାକୁଡ଼ି ପିତା ହେଉଥିଲେ...

**ଅଧିକାଂଶ ଚାଷୀ କାକୁଡ଼ି ଚାଷ କରି ଜୀବିକା ନିର୍ବାହ କରନ୍ତି। ଜଳବାୟୁ ପରିବର୍ତ୍ତନ ତଥା ତାପମାତ୍ରା ବୃଦ୍ଧି ଯୋଗୁଁ କାକୁଡ଼ିର ମିଠାପଣ କମିଯାଏ। ଚାଷରେ ସଠିକ୍ ପରିଚାଳନା ନ କଲେ ଚାଷୀଭାଇଙ୍କ ପରିଶ୍ରମ ବୃଥାରେ ଯାଇଥାଏ। ତେଣୁ କିଛି ଗୁରୁତ୍ୱପୂର୍ଣ୍ଣ ଦିଗକୁ ଧ୍ୟାନ ଦେବା ଦରକାର।**

ଫସଲକୁ ସଠିକ୍ ପରିମାଣର ପାଣି ନ ମିଳିଲେ କାକୁଡ଼ିର ସ୍ୱାଦ ପିତା ଲାଗିଥାଏ। ତେଣୁ ମାଟିର ସ୍ଥିତିକୁ ଧ୍ୟାନ ଦେଇ ଜଳସେଚନ କରାଯାଏ। ତାପମାତ୍ରା ହଠାତ୍ କମ୍ ବେଶୀ ମଧ୍ୟ କାକୁଡ଼ି ମିଠା ନ ଲାଗିବାର ଅନ୍ୟ ଏକ କାରଣ। ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସରୁ ଅଧିକ ହେଲେ ଗଛ କୁକୁରବିଟାସିନ୍ ପ୍ରସ୍ତୁତ କରିବା ସହ ଫସଲରେ ରୋଗ ପୋକ ଲାଗିଥାଏ। ତେଣୁ ମଲଚିଂ କିମ୍ବା ସେଡ୍‌ନେଟ୍ ବ୍ୟବହାର କରି ପାରିବେ। ମାଟିରେ ପୋଷକତତ୍ତ୍ୱ ଅଭାବରୁ ଅଧିକ ଯବକ୍ଷାରଜାନ ପ୍ରୟୋଗ ଦ୍ୱାରା ମଧ୍ୟ କାକୁଡ଼ି ସ୍ୱାଦରେ ପରିବର୍ତ୍ତନ ହୁଏ। ତେଣୁ ଫସଲରେ ପୋଟାସିୟମ, ଫସ୍‌ଫରସ ଓ ଯବକ୍ଷାରଜାନ ସଠିକ୍ ଅନୁପାତରେ ପ୍ରୟୋଗ କରିବା ଆବଶ୍ୟକ। କାକୁଡ଼ିର ଉନ୍ନତ କିସମ ଚୟନ ସହ ନିର୍ଦ୍ଦିଷ୍ଟ ସମୟରେ ଅମଳ କରିବା ଆବଶ୍ୟକ। ଫଳକୁ ଗଛରେ ଅଧିକ ଦିନ ରଖିବା ଅନୁଚିତ। ସର୍ବଦା ସକାଳୁ କାକୁଡ଼ି ଅମଳ କରନ୍ତୁ।



## ତରଭୁଜ ଚୋପାରୁ ଖତ



ତରଭୁଜର ଲାଲ୍ ଅଂଶକୁ ଖାଇବା ପରେ ଏହାର ଚୋପା ଲଗା ଧଳା ଅଂଶକୁ ଅଧିକାଂଶ ଫିଙ୍ଗି ଦିଅନ୍ତି। କେହି କେହି ଏହାକୁ ତୋରାଣି ଲାଗି ବ୍ୟବହାର କରନ୍ତି। ହେଲେ ତରଭୁଜ ଚୋପାରେ ପୋଟାସିୟମ୍, ଯବକ୍ଷାରଜାନ, କ୍ୟାଲସିୟମ୍ ଆଦି ପୋଷକତତ୍ତ୍ୱ ଥିବାରୁ ଏହାକୁ ଖତ କିମ୍ବା ତରଳ ଔଷଧ ଭାବେ ବ୍ୟବହାର କରିପାରିବେ।

ଖତ ପ୍ରସ୍ତୁତ ପାଇଁ ପ୍ରଥମେ ଚୋପାକୁ ଛୋଟ ଖଣ୍ଡରେ କାଟି ଖରାରେ ଶୁଖାଯାଏ। ଏହାକୁ ବାଟି ଗୁଣ୍ଡ ବନାଇ ମାଟିରେ ମିଶାଇ ପାରିବେ। ଏଥିରେ ଥିବା ଯବକ୍ଷାରଜାନ ଓ ପୋଟାସିୟମ ଗଛକୁ ଥଣ୍ଡା ରଖେ। ସେହିପରି ତରଳ ଔଷଧ ପ୍ରସ୍ତୁତ କରିବାକୁ ଚୋପାକୁ ଛୋଟ ଖଣ୍ଡ କାଟି ପ୍ଲାଷ୍ଟିକ୍ ବାଲ୍‌ତି ପାଣିରେ ରଖି ଛାଇସ୍ଥାନରେ ଢାଙ୍କୁଣୀ ଦେଇ ରଖନ୍ତୁ। ପ୍ରତିଦିନ ଢ଼ାଙ୍କୁଣି ଖୋଲି ପାଣିକୁ ଗୋଳାଇବା ସହ ତିନିରୁ ଚାରିଦିନ ପରେ ତରଭୁଜ ଖଦଡ଼କୁ ପାଣିରୁ ଅଲଗା କରି ତରଳ ଔଷଧ ପ୍ରସ୍ତୁତ କରି ପାରିବେ। ଏଥିରେ ଅଳ୍ପ ପାଣି ମିଶାଇ ଗଛ ମୂଳରେ ଦେଇପାରିବେ। ପାକଶାଳା ବଗିଚା ପାଇଁ ଏହି ତରଳ ଔଷଧ ବେଶ୍ ପ୍ରଭାବୀ। ଏହା ଗଛରେ ଫୁଲ ଫଳ ଭରିବାରେ ସହାୟକ ହୋଇଥାଏ।

## କୁକୁଡ଼ା ଓ ବତକଙ୍କ ଗୃହ ପରିଚାଳନା

ଆମ ରାଜ୍ୟର ଅଧିକାଂଶ ଲୋକ କୁକୁଡ଼ା ଓ ବତକ ପାଳନ କରି ଜୀବିକା ନିର୍ବାହ କରନ୍ତି। ଖରା ଦାଉରୁ କୁକୁଡ଼ା ଓ ବତକମାନଙ୍କ ମାଂସ, ଅଣ୍ଡା ଉତ୍ପାଦନ କ୍ଷମତା କମିଯାଏ। ଅନେକ ସମୟରେ କୁକୁଡ଼ା, ବତକମାନେ ମୃତ୍ୟୁବରଣ କରିଥାନ୍ତି। ତେଣୁ ଖରାଦିନେ କୁକୁଡ଼ା ଓ ବତକଙ୍କ ଦେଖାଶୁଣା ସହ ଖରାଦାଉରୁ ରକ୍ଷା କରିବା ପାଇଁ ସେମାନଙ୍କ ଘର ତିଆରି କଲାବେଳେ ଧ୍ୟାନ ଦେବା ଏକାନ୍ତ ଆବଶ୍ୟକ।



କୁକୁଡ଼ା ଓ ବତକ ଘର ତିଆରି କଲାବେଳେ ଖରା ଯେପରି ଘର ଭିତରକୁ ସିଧା ପଡ଼ୁନଥିବ, ମୁକ୍ତ ବାୟୁ ଚଳାଚଳ କରୁଥିବ ଏହାକୁ ଧ୍ୟାନ ଦିଅନ୍ତୁ। ଏହା ସହ ଘରର ଛପର ଉଚ୍ଚା ଓ ପାର୍ଶ୍ୱ କାନ୍ଥ ନିଚା ଥିବା ଛପର ଉପରେ କଖାରୁ ଭଳି ଲତା ଜାତୀୟ ଗଛ ମଡ଼ାଇ ଦିନ ବେଳା ପାଣି ଛିଞ୍ଚି ପାରିବେ। କୁକୁଡ଼ା ଓ ବତକଙ୍କ ଉପରେ ପାଣି ସିଞ୍ଚନ କରନ୍ତୁ କିନ୍ତୁ ଧ୍ୟାନ ଦେବେ ଯେମିତି ଲିଟର ବେଶୀ ଓଦା ନ ହୁଏ। ଓଦା ଅଖାକୁ କୁକୁଡ଼ା ଓ ବତକ ଘର ଜାଲି ଉପରେ ଟାଙ୍ଗିଲେ ଘର ଥଣ୍ଡା ରହିଥାଏ। ଲିଟରକୁ ବାରମ୍ବାର ଘାଣ୍ଟିବା ଦରକାର କାରଣ ଏହା ଦିନ ବେଳା ଉତ୍ତାପ ଧାରଣ କରିଥାଏ ଓ ଘର ଭିତରେ ଅଧିକ ଗରମ ପରିବେଶ ସୃଷ୍ଟି କରିଥାଏ। ଘର ଚାରିପଟେ ବହଳିଆ ପତ୍ର ଥିବା ଗଛ ଲଗାଇବା ଉଚିତ। ସେହିପରି ଉଷ୍ମ ଲହରୀର ସ୍ଥିତିକୁ ଧ୍ୟାନରେ ରଖି କୁକୁଡ଼ା ଓ ବତକଙ୍କୁ ଉଚିତ ପରିମାଣରେ ତାଜା ଥଣ୍ଡା ଓ ପରିଷ୍କାର ପାନୀୟ ଜଳ ଦେବାର ବନ୍ଦୋବସ୍ତ କରନ୍ତୁ।

## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ମୁଗ, ବିରି, ଚିନାବାଦାମ ଫସଲ ଅମଳ ଉପଯୋଗୀ ହୋଇଥିଲେ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- ଆଖୁ ଫସଲରେ ସଅଳ କାଣ୍ଡ ବିନ୍ଧାପୋକର ପରିଚାଳନା ପାଇଁ ନିୟମିତ ଜଳସେଚନ କରନ୍ତୁ। ମାଟି ଶୁଖିଲା ରହିବା ଅନୁଚିତ। ପୋକ ଓ ଅଣ୍ଡାପୁଞ୍ଜଗୁଡ଼ିକୁ ହାତରେ ଧରି ନଷ୍ଟ କରି ଦିଅନ୍ତୁ। ଆକ୍ରାନ୍ତ ପିଲଗୁଡିକୁ ମାଟି ତଳୁ କାଟି ଦୂରରେ ନଷ୍ଟ କରିଦିଅନ୍ତୁ।
- ବାଇଗଣ ଓ ଟମାଟୋ ଫସଲରେ ବୀଜାଣୁ ଜନିତ ଝାଉଁଳା ନ ହେବା ପାଇଁ ଆକ୍ରାନ୍ତ ଜମିରେ ପ୍ରତି ୧୦ ଲିଟର ପାଣିରେ ୧୫ ଗ୍ରାମ ପ୍ଲାଣ୍ଟୋମାଇସିନ୍ ସହିତ ୩୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ ମିଶାଇ ଗଛର ଚେରକୁ ଭଲଭାବେ ଭିଜାଇ ଦିଅନ୍ତୁ।
- ନଡ଼ିଆ ଗଛରେ କାଳିମୁଣ୍ଡି ପୋକର ନିରାକରଣ ପାଇଁ ବ୍ରାକୋନ କାର୍ଡ ଜୈବ ପରୀକ୍ଷାଗାରରୁ ଆଣି ଗଛ ବାହୁଙ୍ଗାରେ ବାନ୍ଧି ଦିଅନ୍ତୁ। ଆକ୍ରାନ୍ତ ବାହୁଙ୍ଗାକୁ କାଟି ପୋଡ଼ି ଦିଅନ୍ତୁ। ୧୦ ଲିଟର ପାଣିରେ କ୍ଲୋରାଣ୍ଟ୍ରାନିଲିପ୍ରୋଲ ୧୮.୫% ଏସ୍‌ସି @ ୪ ମିଲି କିମ୍ବା ଇମାମେକ୍ଟିନ ବେଞ୍ଜୋଏଟ୍ ୫% ଏସ୍‌ଏଜି @ ୪ ଗ୍ରାମ୍ ମିଶାଇ ପତ୍ରରେ ସିଞ୍ଚନ କରନ୍ତୁ।



## ଭୁବି-ଜୋଶ୍‌ଙ୍କ ବିଧ୍ୱଂସୀ ବୋଲିଂ

# ଦିଲ୍ଲୀ ଧରାଶାୟୀ; ବେଙ୍ଗାଲୁରୁର ୬ଷ୍ଠ ବିଜୟ

ନୂଆଦିଲ୍ଲୀ, ୨୭।୪ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ସୋମବାର ଅନୁଷ୍ଠିତ ଏକ ଲୋ-ସ୍କୋରିଂ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୯ ୱିକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଆର୍‌ସିବିର ଦୁଇ ଡାହାଣହାତୀ ଦ୍ରୁତ ବୋଲର ଭୁବନେଶ୍ୱର କୁମାର (୩-୦-୫-୩) ଓ ଜୋଶ୍ ହାଜଲେଉଡ (୩.୩-୦-୧୨-୪)ଙ୍କ ବୋଲିଂକୁ ମୁକାବିଲା କରି ନ ପାରି ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦିଲ୍ଲୀ ୧୬.୩ ଓଭରରେ ମାତ୍ର ୭୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏହି ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଡିଫେଣ୍ଡିଂ ଚାମ୍ପିଅନ ବେଙ୍ଗାଲୁରୁ ୬.୩ ଓଭରରେ ଗୋଟିଏ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଦେବୀଦତ୍ତ ପାଡିକଲ ୧୩ ବଲରେ ୩୪ ରନ (୩ଟି ଲେଖାଏ ଚୌକା ଓ ଛକା) ଓ ବିରାଟ କୋହଲି ୧୫ ବଲରେ ୨୩ ରନ (୨ ଛକା ଓ ଗୋଟିଏ ଚୌକା) କରି ଅପରାଜିତ ରହିଥିଲେ। ଓପନର୍ ଜାକବ ବେଥେଲ ୧୧ ବଲରେ ୨୦ ରନ କରି ଆଉଟ୍ ହୋଇଥିଲେ। କୋହଲି ଏହି ଅବସରରେ ୯୦୦୦ ରନ୍ ପୂରଣ କରିଛନ୍ତି। ଆର୍‌ସିବି ୮ ମ୍ୟାଚରୁ ୬ ବିଜୟ ସହ ୧୨ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନକୁ ଆହୁରି ସୁଦୃଢ଼ କରିଛି।



### ୨୩ ବଲ୍-୮ ରନ- ୬ ୱିକେଟ

ସୋମବାର ରାତିରେ ଅନୁଷ୍ଠିତ ଲିଗ୍‌ର ଏହି ୩୯ତମ ମ୍ୟାଚରେ ବୋଲରଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସ କିନ୍ତୁ ଆଇପିଏଲ୍ ଇତିହାସର ସବୁଠୁ ସାଂଘାତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ବେଙ୍ଗାଲୁରୁର ଦୁଇ ଅଭିଜ୍ଞ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଓ ହାଜଲେଉଡ୍‌ଙ୍କ ଘାତକ ବୋଲିଂକୁ ସାମ୍ନା କରି ନ ପାରି ଦିଲ୍ଲୀ ୧୬.୩ ଓଭରରେ ୭୫ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଟପ୍ ଅର୍ଡରର ୬ଜଣ ବ୍ୟାଟର୍ ପ୍ରଥମ ୨୩ଟି ବଲ୍ ମଧ୍ୟରେ ମାତ୍ର ୮ ରନ ମଧ୍ୟରେ ପ୍ୟାଭିଲିୟନ ଫେରିଯାଇଥିଲେ। ଏଠାରେ ଆଇପିଏଲ୍ କ୍ୟାରିୟର ଆରମ୍ଭ କରିଥିବା ମହାରାଷ୍ଟ୍ର ବ୍ୟାଟର୍ ସାହିଲ ପାରଖ ଇନିଂସର ଦ୍ୱିତୀୟ ବଲରେ ଖାତା ଖୋଲିବା ପୂର୍ବରୁ ଭୁବନେଶ୍ୱରଙ୍କ ସୁଇଂକୁ ବୁଝି ନ ପାରି କ୍ଲିନ ବୋଲ୍ଡ ହୋଇଥିଲେ। ଏହାପରେ ଦ୍ୱିତୀୟ ଓଭର ବୋଲିଂ କରିଥିବା ହାଜଲେଉଡ୍ ପ୍ରଥମ ଦୁଇଟି ବଲ୍‌ରେ ନିର୍ଭରଯୋଗ୍ୟ ଲୋକେଶ ରାହୁଲ (୩ ବଲରେ ୧ ରନ) ଓ ସମୀର ରିଜଭୀ (୦)ଙ୍କୁ ଆଉଟ୍ କରିଥିଲେ। ଫଳରେ ୨ ରନ ମଧ୍ୟରେ ଦିଲ୍ଲୀ ୩ଟି ୱିକେଟ ହରାଇ ବ୍ୟାକଫୁଟକୁ ଚାଲିଯାଇଥିଲା। ଏତିକିରେ ଦିଲ୍ଲୀର ବିପର୍ଯ୍ୟୟ ଟଳି ନ ଥିଲା। ପରବର୍ତ୍ତୀ ଅର୍ଥାତ ତୃତୀୟ ଓଭର ବୋଲିଂ କରିଥିବା ଭୁବନେଶ୍ୱର ପ୍ରଥମ ବଲରେ ତ୍ରିଷ୍ଟାନ ଷ୍ଟବ୍ସ (୩ ବଲରେ ୫ ରନ) ଓ ୪ର୍ଥ ବଲରେ ଅଧିନାୟକ ଅକ୍ଷର ପଟେଲ (୩ ବଲରେ ୦)ଙ୍କୁ ଆଉଟ୍ କରିଥିଲେ। ଚତୁର୍ଥ ଓଭର ବୋଲିଂ କରିଥିବା ହାଜଲେଉଡ୍ ଅନ୍ୟତମ ନିର୍ଭରଯୋଗ୍ୟ ବ୍ୟାଟର ନୀତୀଶ ରାଣା (୯ ବଲରେ ୧ ରନ)ଙ୍କୁ ଦେବଦତ୍ତ ପାଡିକଲଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ଫଳରେ ୮ ରନ ମଧ୍ୟରେ ୬ଟି ୱିକେଟ ନେଇ ଭୁବନେଶ୍ୱର-ହାଜଲେଉଡ୍‌ଙ୍କ ଯୋଡ଼ି ଘରୋଇ ଦିଲ୍ଲୀର ପ୍ରଶଂସକଙ୍କୁ ସ୍ତବ୍ଧ କରିଦେଇଥିଲେ। ତେବେ ଇମ୍ପାକ୍ଟ ଖେଳାଳି ଭାବେ ଆସିଥିବା ଅଭିଷେକ ପୋରେଲ ୩୦ ରନ କରି କିଛିଟା ଲଢ଼େଇ କରିବାରୁ ଦଳୀୟ ସ୍କୋର ୭୫ ରନ ପର୍ଯ୍ୟନ୍ତ ଯାଇପାରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଡେଭିଡ୍ ମିଲର ୧୯, କାଏଲ ଜାମିସନ ୧୨ ରନ କରିଥିଲେ। ବୋଲିଂରେ ଭୁବନେଶ୍ୱର ୫ ରନରେ ୩ଟି ଓ ହାଜଲେଉଡ୍ ୧୨ ରନରେ ୪ଟି ୱିକେଟ ସଫଳତା ପାଇଥିଲେ।

### ପାୱାର ପ୍ଲେ’ରେ ସର୍ବନିମ୍ନ ସ୍କୋର

ଆଇପିଏଲ୍ ଇତିହାସରେ ପାୱାର ପ୍ଲେ (୬ ଓଭର)ରେ ଦିଲ୍ଲୀ କ୍ୟାପିଟାଲ୍ସ ସର୍ବନିମ୍ନ ସ୍କୋର କରିବାର ଅଲୋଡ଼ା ରେକର୍ଡ କରିଛି। ଆଜି ବେଙ୍ଗାଲୁରୁ ବିପକ୍ଷରେ ଦିଲ୍ଲୀ ପ୍ରଥମ ୬ ଓଭରରେ ୬ ୱିକେଟ ହରାଇ ୧୩ ରନ ସଂଗ୍ରହ କରିଥିଲା। ପୂର୍ବରୁ ଆଇପିଏଲ୍‌ରେ ସର୍ବନିମ୍ନ ପାୱାରପ୍ଲେ ସ୍କୋର ରାଜସ୍ଥାନ ନାମରେ ରହିଥିଲା। ୨୦୦୯ରେ ଆରସିବି ବିପକ୍ଷରେ ରାଜସ୍ଥାନ ୨ ୱିକେଟରେ ୧୪ ରନ କରିଥିଲା।

**ଆଇପିଏଲ୍‌ରେ ସର୍ବନିମ୍ନ ପାୱାରପ୍ଲେ ସ୍କୋର**

| ସ୍କୋର | ମ୍ୟାଚ | ବର୍ଷ |
|---|---|---|
| ୧୩/୬ | ଦିଲ୍ଲୀ-ବେଙ୍ଗାଲୁରୁ | ୨୦୨୬ |
| ୧୪/୨ | ରାଜସ୍ଥାନ-ବେଙ୍ଗାଲୁରୁ | ୨୦୦୯ |
| ୧୪/୩ | ହାଇଦରାବାଦ-ରାଜସ୍ଥାନ | ୨୦୨୨ |
| ୧୫/୨ | ଚେନ୍ନଇ-କୋଲକାତା | ୨୦୧୧ |
| ୧୬/୧ | ଚେନ୍ନଇ-ଦିଲ୍ଲୀ | ୨୦୧୫ |
| ୧୬/୧ | ଚେନ୍ନଇ-ବେଙ୍ଗାଲୁରୁ | ୨୦୧୯ |

**ଆଜିର ଆଇପିଏଲ୍ ମ୍ୟାଚ୍**
ପଞ୍ଜାବ ବନାମ ରାଜସ୍ଥାନ
ଭେନ୍ୟୁ - ମୁଲାନପୁର
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

● ଆଇପିଏଲ୍ ୨୦୨୬

## ଗୋଟିଏ ମ୍ୟାଚ୍‌ରେ ୩ଟି ପ୍ରଥମ

ଲକ୍ଷ୍ନୌ,୨୭।୪(ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୩୮ତମ ଲିଗ୍ ମ୍ୟାଚ୍‌ରେ ଚଳିତ ସିଜନର ୩ଟି ପ୍ରଥମ ଘଟଣା ଦେଖିବାକୁ ମିଳିଛି। ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲଏସ୍‌ଜି) ଓ କୋଲକାତା ନାଇଟ ରାଇଡର୍ସ ମଧ୍ୟରେ ଏହି ମୁକାବିଲା ଅନୁଷ୍ଠିତ ହୋଇଥିଲା। ଏଥିରେ କୋଲକାତାର ଅଙ୍ଗକ୍ରିସ୍ ରଘୁବଂଶୀ ପ୍ରଥମ ଖେଳାଳିଭାବେ ଅବଷ୍ଟ୍ରକ୍ଟିଙ୍ଗ ଦ ଫିଲ୍ଡ’ରେ ଆଉଟ ହୋଇଛନ୍ତି। କୋଲକାତା ବିପକ୍ଷରେ ଏଲଏସ୍‌ଜିର ମୋହସିନ ଖାନ୍ ପ୍ରଥମ ବୋଲର ଭାବେ ଗୋଟିଏ ମ୍ୟାଚ୍‌ରେ ୫ ୱିକେଟ ଅକ୍ତିଆର କରିବାରେ ସଫଳ ହୋଇଛି। ପ୍ରଥମଥର ଏହି ମ୍ୟାଚ୍‌ଟି ଯାଇରେ ଶେଷ ହୋଇଛି। ଏହାର ଅର୍ଥ ୨୦୨୬ରେ ପ୍ରଥମ ମ୍ୟାଚ୍ ସୁପର ଓଭରରେ ଫଇସଲା ହୋଇଛି।

### ଅବ୍‌ଷ୍ଟ୍ରକ୍ଟିଙ୍ଗ ଦ ଫିଲ୍ଡ: ରଘୁବଂଶୀ ଦଣ୍ଡିତ

ଏହି ମ୍ୟାଚ୍‌ରେ ଏଲଏସ୍‌ଜିର ପ୍ରିନ୍ସ ଯାଦବଙ୍କ ଏକ ବଲ୍‌କୁ କେକେଆର୍‌ର ଅଙ୍ଗକ୍ରିସ୍ ରଘୁବଂଶୀ ମିଡ୍ ଅନ୍ ଅଞ୍ଚଳକୁ ମାରି ଏକ ଦ୍ରୁତ ସିଙ୍ଗଲ ନେବାକୁ ଦୌଡିଥିଲେ। କିନ୍ତୁ ତାଙ୍କ ପାର୍ଟନର ମଝିରୁ ଫେରାଇଦେଇଥିଲେ। ବଲ ଥ୍ରୋ କଲାବେଳେ ରଘୁବଂଶୀ ତାଙ୍କ ଦୌଡ଼ିବା ଲାଇନ୍‌ରେ ପରିବର୍ତ୍ତନ କରି ବଲକୁ ଦେହରେ ଅଟକାଇଦେଇଥିଲେ। ଏହାକୁ ବିରୋଧ କରି ବଲ ଥ୍ରୋ କରିଥିବା ମହମ୍ମଦ୍ ସାମି ଅବଷ୍ଟ୍ରକ୍ଟିଙ୍ଗ ଦ ଫିଲ୍ଡ ନିୟମ ଅନୁଯାୟୀ ଆଉଟ ଲାଗି ଆବେଦନ କରିଥିଲେ। ତୃତୀୟ ଅମ୍ପାୟାର ଏହା ଦେଖିବା ପରେ ତାଙ୍କୁ ଆଉଟ ଦେଇଥିଲେ। ଏହି ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରି ରଘୁବଂଶୀ ନିଜ ବ୍ୟାଟ୍‌କୁ ତଳେ ବାଡେଇବା ସହ ହେଲମେଟ ଫିଙ୍ଗି ଦେଇଥିଲେ। ଆଇସିସି ଧାରା ୨.୨ ଅନୁଯାୟୀ ଆଚରଣ ସଂହିତା ଉଲ୍ଲଙ୍ଘନ କରିଥିବା ଓ ଅତ୍ୟନ୍ତ କ୍ଷୁବ୍ଧ ଆଚରଣ ପ୍ରଦର୍ଶନ କରିଥିବାରୁ ରଘୁବଂଶୀଙ୍କ ମ୍ୟାଚ୍ ଫି’ର ୨୦ ଶତକଡ଼ା ଓ ଗୋଟିଏ ଡିମେରିଟ ପଏଣ୍ଟ ଦଣ୍ଡ ଆକାରରେ ମ୍ୟାଚ୍ ରେଫରୀ ଜାଭାଗଲ ଶ୍ରୀନାଥ ଦେଇଥିଲେ। ଏହି ନିଷ୍ପତ୍ତିକୁ ରଘୁବଂଶୀ ମାନିନେଇଥିଲେ। ରଘୁବଂଶୀଙ୍କ ପୂର୍ବରୁ ଆଇପିଏଲ୍ ଇତିହାସରେ ମାତ୍ର ୩ଜଣ ଖେଳାଳି ଯଥା, ୨୦୧୩ରେ କେକେଆର୍‌ର ୟୁସୁଫ ପଠାନ, ୨୦୧୯ରେ ଦିଲ୍ଲୀର ଅମିତ ମିଶ୍ର ଓ ୨୦୨୪ରେ ସିଏସ୍‌କେର ରବୀନ୍ଦ୍ର ଜାଡେଜା ଅବଷ୍ଟ୍ରକ୍ଟିଙ୍ଗ ଦ ଫିଲ୍ଡ ନିୟମରେ ଆଉଟ ହୋଇଛନ୍ତି।

### ମୋହସିନଙ୍କୁ ପ୍ରଥମ ୫ ୱିକେଟ

ଏହି ମ୍ୟାଚ୍‌ରେ କେକେଆର୍ ବିପକ୍ଷରେ ଏଲଏସ୍‌ଜିର ଫାଷ୍ଟ ବୋଲର ମୋହସିନ ଖାନ୍ ୪ ଓଭରରେ ଗୋଟିଏ ମେଡେନ ସହ ୨୩ ରନ୍‌ରେ ୫ ୱିକେଟ ସଫଳତା ପାଇଛନ୍ତି। ୟୁପିର ଏହି ୨୮ ବର୍ଷୀୟ ୬ ଫୁଟ ୩ ଇଞ୍ଚ ଉଚ୍ଚତା ବିଶିଷ୍ଟ ବାମହାତୀ ଫାଷ୍ଟ ବୋଲର ଆଇପିଏଲ୍‌ରେ ୩୮ତମ ୫ ୱିକେଟ ସଫଳତାରେ ସାମିଲ ହୋଇଛନ୍ତି। ଚଳିତ ସିଜନରେ ଏହା ପ୍ରଥମଥର ଦେଖିବାକୁ ମିଳିଛି। କିନ୍ତୁ ଦୁର୍ଭାଗ୍ୟର କଥା ଏଲଏସ୍‌ଜି ଏହି ମ୍ୟାଚ୍‌ରେ ପରାଜିତ ହୋଇଛି। ଆଇପିଏଲ୍‌ରେ ମାତ୍ର ୩ଜଣ ବୋଲର ମୁମ୍ବଇ ଇଣ୍ଡିଆନ୍ସର ଆଲଜରି ଯୋଶେଫ (୬/୧୨), ରାଜସ୍ଥାନ ରୟାଲ୍ସର ସୋହେଲ ତନଭୀର (୬/୧୪) ଓ ରାଇଜିଂଷ୍ଟାର ପୁଣେର ଆଦାମ ଜାମ୍ପା (୮/୩୮) ଗୋଟିଏ ଇନିଂସରେ ୬ଟି ଲେଖାଏଁ ୱିକେଟ ପାଇଛନ୍ତି।

### ପ୍ରଥମ ସୁପର ଓଭର

ଏଲଏସ୍‌ଜି ଓ କେକେଆର୍ ମଧ୍ୟରେ ଲକ୍ଷ୍ନୌରେ ଖେଳାଯାଇଥିବା ୩୮ତମ ଲିଗ୍ ମ୍ୟାଚ୍ ଆଇପିଏଲ-୨୦୨୬ର ପ୍ରଥମ ଟାଇ ମ୍ୟାଚ୍। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କେକେଆର ୭ ୱିକେଟରେ ୧୫୫ ରନ୍ କରିଥିଲା। ଜବାବରେ ଏଲ୍ଏସ୍‌ଜି ମଧ ୮ ୱିକେଟ ହରାଇ ସମାନ ୧୫୫ ରନ୍ କରିଥିଲା। ଫଳରେ ମ୍ୟାଚ୍‌ର ଫଳାଫଳ ଲାଗି ପ୍ରଥମ ସୁପର ଓଭରର ସହାୟତା ନିଆଯାଇଥିଲା। ଏଥିରେ କେକେଆର ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ଅପରାଜିତ ୮୩ ରନ୍ କରିବା ସହ ୪ଟି ଚମତ୍କାର କ୍ୟାଚ୍ ନେଇଥିବା କେକେଆର୍‌ର ରିଙ୍କୁ ସିଂଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହି ମ୍ୟାଚ୍‌କୁ ମିଶାଇ ଆଇପିଏଲ୍ ଇତିହାସରେ ୧୫ଥର ମୁକାବିଲା ଟାଇ ହେବା ପରେ ସୁପର ଓଭରରେ ଶେଷ ହୋଇଛି। ୨୦୨୦ରେ ସର୍ବାଧିକ ୪ଟି ମ୍ୟାଚ୍ ସୁପର ଓଭରରେ ଶେଷ ହୋଇଥିଲା।

**ଆଇପିଏଲ୍ ପଏଣ୍ଟ ଟେବଲ୍**

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ପଞ୍ଜାବ | ୭ | ୬ | ୦ | ୧ | ୧୩ | +୧.୩୩୩ |
| ବେଙ୍ଗାଲୁରୁ | ୮ | ୬ | ୨ | ୦ | ୧୨ | +୧.୯୧୯ |
| ହାଇଦରାବାଦ | ୮ | ୫ | ୩ | ୦ | ୧୦ | +୦.୮୧୫ |
| ରାଜସ୍ଥାନ | ୮ | ୫ | ୩ | ୦ | ୧୦ | +୦.୬୦୨ |
| ଗୁଜରାଟ | ୮ | ୪ | ୪ | ୦ | ୮ | -୦.୪୭୫ |
| ଚେନ୍ନାଇ | ୮ | ୩ | ୫ | ୦ | ୬ | -୦.୧୨୧ |
| ଦିଲ୍ଲୀ | ୮ | ୩ | ୫ | ୦ | ୬ | -୧.୦୬୦ |
| ମୁମ୍ବଇ | ୭ | ୨ | ୫ | ୦ | ୪ | -୦.୭୩୬ |
| ଲକ୍ଷ୍ନୌ* | ୭ | ୨ | ୫ | ୦ | ୪ | -୧.୨୭୭ |
| କୋଲକାତା* | ୭ | ୧ | ୫ | ୧ | ୩ | -୦.୮୭୯ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

## ଥୋମାସ୍-ଉବର କପ୍

### କ୍ୱାର୍ଟରରେ ଭାରତୀୟ ପୁରୁଷ ଦଳ

କୋପେନହେଗେନ, ୨୭।୪ (ଏଜେନ୍ସି): ଡେନମାର୍କରେ ଚାଲିଥିବା ସମ୍ମାନଜନକ ଥୋମାସ କପ୍‌ରେ ଭାରତୀୟ ପୁରୁଷ ବ୍ୟାଡ୍‌ମିଣ୍ଟନ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗ୍ରୁପ୍-ଏ’ରେ ସ୍ଥାନ ପାଇଥିବା ଭାରତର ସୋମବାର ଅନୁଷ୍ଠିତ ଏକ ମ୍ୟାଚରେ ୫-୦ରେ ଅଷ୍ଟ୍ରେଲିଆକୁ ଏକପାଖିଆ ଭାବେ ପରାସ୍ତ କରିଥିଲା। ସିଙ୍ଗଲ୍ସରେ ଲକ୍ଷ୍ୟ ସେନ, ଆୟୁଷ ସେଟ୍ଟୀ, ଏଚଏସ ପ୍ରଣୟ ବିଜୟ ଲାଭ କରିଥିଲେ। ସେହିଭଳି ଡବଲ୍ସରେ ଚିରାଗ ସେଟ୍ଟୀ ଓ ସାତ୍ତ୍ୱିକସାଇରାଜ ରାନକିରେଡ୍ଡୀ ଯୋଡ଼ି ଏବଂ ଏ. ହରିହରଣ ଓ ଏମଆର ଅର୍ଜୁନ ଯୋଡ଼ି ବିଜୟୀ ହୋଇ ୫-୦ରେ ଅଷ୍ଟ୍ରେଲିଆକୁ ମାତ୍ ଦେଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ଭାରତ ୪-୧ରେ କାନାଡାକୁ ହରାଇଥିଲା। ଫଳରେ ଦୁଇଟି ମ୍ୟାଚ୍ ଜିତି ଭାରତ ଥୋମାସ କପ୍‌ର କ୍ୱାର୍ଟରରେ ସ୍ଥାନ ପକ୍କା କରିଛି। ଭାରତ ଏହାର ଶେଷ ଗ୍ରୁପ୍ ମ୍ୟାଚରେ ବୁଧବାର ଚାଇନାକୁ ଭେଟିବ। ଅପରପକ୍ଷରେ ଉବର କପ୍‌ରେ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଦଳ ଏହାର ଶେଷ ଗ୍ରୁପ୍ ମ୍ୟାଚରେ ଚାଇନାକୁ ଭେଟିବ। ଦୁଇଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ଭାରତୀୟ ମହିଳା ଦଳ ୩ୟ ସ୍ଥାନରେ ରହିଛି। ଶୀର୍ଷରେ ରହିଥିବା ଚାଇନାକୁ ହରାଇଲେ ଭାରତୀୟ ମହିଳା ଦଳ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ।

## ନ୍ୟାସନାଲ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିଅନ୍‌ସିପ୍

### ଆର୍‌ଏସ୍‌ପିବି, ଦାମୋଦରନଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୭।୪ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ନ୍ୟାସନାଲ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍‌ରେ ଆଜି ୨ଟି ବିଭାଗରେ ପ୍ରତିଯୋଗିତା ଶେଷ ହୋଇଛି। ଏହା ହେଉଛି ବରିଷ୍ଠ ପୁରୁଷ ଟିମ୍ ଫାଇନାଲ ଓ କନିଷ୍ଠ ଅଲରାଉଣ୍ଡ ଫାଇନାଲ। ଟିମ୍ ଫାଇନାଲରେ ଆର୍‌ଏସ୍‌ପିବି (ରେଲୱେ ସ୍ପୋର୍ଟ୍ସ ପ୍ରମୋସନ୍ ବୋର୍ଡ) ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏହି ଦଳରେ ଆଦିତ୍ୟ ରାଣା, ନୀଳାଦ୍ରି ସରକାର, ସାୟାନ ଶର୍ମା, ସିଦ୍ଧାର୍ଥ ବର୍ମା, ସିଦ୍ଧାନ୍ତ କୋଣ୍ଡେ ଓ ସ୍ୱସ୍ତିସ କେପି ସଦସ୍ୟ ଥିଲେ। ଦଳ ସର୍ବାଧିକ ୨୨୦.୫୩୩ ପଏଣ୍ଟ ପାଇଥିଲା। ରେଲୱେ ପଛକୁ ୨୧୧.୭୬୭ ପଏଣ୍ଟ ସଂଗ୍ରହ କରି ସର୍ଭିସେସ୍ ସ୍ପୋର୍ଟ୍ସ ପ୍ରମୋସନ୍ ବୋର୍ଡ ଦ୍ୱିତୀୟ ଓ ମହାରାଷ୍ଟ୍ର ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ପୁରୁଷ ବିଭାଗ କନିଷ୍ଠ ଅଲରାଉଣ୍ଡ ଫାଇନାଲରେ ଉତ୍ତରପ୍ରଦେଶକୁ ପ୍ରତିନିଧିତ୍ୱ କରୁଥିବା ହର୍ଷିତ ଦାମୋଦରନ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ସର୍ବାଧିକ ୭୩.୭୦୦ ପଏଣ୍ଟ ପାଇଥିଲେ। ଦିଲ୍ଲୀର ଅକ୍ଷତ ବଜାଜ ଓ ପଶ୍ଚିମବଙ୍ଗର ସେକ୍ ନଭିଗ୍ ଅଲି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରିଥିଲେ।

ଅକ୍ଷତଙ୍କୁ ୬୯.୮୬୬ ଓ ନଭିଗ୍‌ଙ୍କୁ ୬୯.୭୬୭ ପଏଣ୍ଟ ମିଳିଥିଲା। ଏଥିରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିବା ସାଦିକ୍ ସେଖ ୧୦ମ ଓ ଅଂଶୁମାନ ସୁନ୍ଦରା ୧୫ତମ ସ୍ଥାନ ଅଧିକାର କରିଥିଲେ। ଏହି ବିଭାଗରେ ମୋଟ ୧୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

## ରାଜ୍ୟ କରାଟେ ପ୍ରତିଯୋଗିତା ଉଦ୍‌ଯାପିତ




ଭୁବନେଶ୍ୱର,୨୭।୪(ସମିସ): ଓଡ଼ିଶା କରାଟେ ଡୋ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ୪ ଦିନ ଧରି ଚାଲିଥିବା ରାଜ୍ୟ କରାଟେ ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମଗ୍ର ରାଜ୍ୟରୁ ୬୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱର ୫୮ଟି ସ୍ୱର୍ଣ୍ଣ ସହ ମୋଟ ୧୮୨ଟି ପଦକ ଜିତି ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ୯ ସ୍ୱର୍ଣ୍ଣ ସହ ୨୬ଟି ପଦକ ଜିତି କୋରାପୁଟ ଜିଲ୍ଲା ଦ୍ୱିତୀୟ ଓ ୮ଟି ସ୍ୱର୍ଣ୍ଣ ସହ ୩୦ଟି ପଦକ ଜିତି ବାଲେଶ୍ୱର ଜିଲ୍ଲା ତୃତୀୟ ସ୍ଥାନ ଅଧିକାର କରିଛି। କଟକ, ରାଉରକେଲା, ସମ୍ବଲପୁର, ଗଞ୍ଜାମ ଜିଲ୍ଲାର ସଫଳତା ଅତ୍ୟନ୍ତ ନିମ୍ନ ହୋଇଛି। ସଂଘର ପୂର୍ବତନ ସମ୍ପାଦକ ପ୍ରକାଶ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ସଂଘ ସଭାପତି ହରିପ୍ରସାଦ ପଟ୍ଟନାୟକ ଓ ସମ୍ପାଦିକା ଗୌରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଜିତିଥିବା ପ୍ରତିଯୋଗୀମାନେ କରାଟେ ଇଣ୍ଡିଆ ଦ୍ୱାରା ଆୟୋଜିତ ଜାତୀୟ ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି।

## ଲୌରା ୱଲଭାର୍ଟ ଶ୍ରେଷ୍ଠ ଖେଳାଳି

### ଦ.ଆଫ୍ରିକା ୪-୧ରେ ସିରିଜ୍ ବିଜୟୀ

ବେନୋନି,୨୭।୪(ଏଜେନ୍ସି): ଓପନର ଲୌରା ୱଲଭାର୍ଟଙ୍କ ବିସ୍ଫୋରକ ୯୨ ରନ୍ ସହାୟତାରେ ଏଠାରେ ସୋମବାର ଖେଳାଯାଇଥିବା ଭାରତ ବିପକ୍ଷ ମହିଳା ଟି-୨୦ ସିରିଜ୍‌ର ୫ମ ତଥା ଶେଷ ମୁକାବିଲାକୁ ଦକ୍ଷିଣ ଆଫ୍ରିକା ୨୩ ରନ୍‌ରେ ବିଜୟୀ ହୋଇଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ଦକ୍ଷିଣ ଆଫ୍ରିକା ୪-୧ ବ୍ୟବଧାନରେ ବିଜୟୀ ହୋଇଛି। ଏହି ମ୍ୟାଚ୍‌ରେ ୫୬ ବଲ୍‌ରୁ ୯୨ ଓ ସିରିଜ୍‌ରେ ୩୩୦ ରନ୍ କରିଥିବା ଦକ୍ଷିଣ ଆଫ୍ରିକାର ଲୌରା ୱଲଭାର୍ଟଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୬ ୱିକେଟରେ ୧୫୫ ରନ୍ କରିଥିଲା। ଜବାବରେ ଭାରତ ୮ ୱିକେଟରେ ୧୩୨ ରନ୍ କରିପାରିଥିଲା। ଏହି ମ୍ୟାଚ୍‌ରେ ଭାରତ ପକ୍ଷରୁ ରେଣୁକା ସିଂ, ଶ୍ରୀ ଚରଣି ଓ ଦୀପ୍ତି ଶର୍ମା ୨ଟି ଲେଖାଏଁ ୱିକେଟ ପାଇଥିଲେ। ବ୍ୟାଟିଂରେ ଭାରତୀ ଫୁଲମାଳି ସର୍ବାଧିକ ୪୦, ରିଚା ଘୋଷ ଅପରାଜିତ ୨୫, ହରମନପ୍ରୀତ୍ କୌର ୨୨ ରନ୍ କରିଥିଲେ। ସୂଚନାଯୋଗ୍ୟ, ଦିନିକିଆ ବିଶ୍ୱକପ୍ ଫାଇନାଲ୍‌ରେ ଦ.ଆଫ୍ରିକାକୁ ହରାଇ ଭାରତ ଚାମ୍ପିଅନ ହୋଇଥିଲା।

■ ଓସିଏ ଆନ୍ତଃଜିଲ୍ଲା ମହିଳା ଟି-୨୦

## ନୂଆପଡ଼ା ୨୦, ମୟୂରଭଞ୍ଜ ୩୩ରେ ଅଲ୍‌ଆଉଟ୍

ଭୁବନେଶ୍ୱର, ୨୭।୪ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ମହିଳା ଟି-୨୦ରେ ସୋମବାର ନୂଆପଡ଼ା ଓ ମୟୂରଭଞ୍ଜ ଦଳର ଦୟନୀୟ ବ୍ୟାଟିଂ ଦେଖିବାକୁ ମିଳିଛି। ରେଲୱେ ଗ୍ରାଉଣ୍ଡରେ ରାଉରକେଲା ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ନୂଆପଡ଼ା ୧୦.୨ ଓଭରରେ ମାତ୍ର ୧୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ରାଉରକେଲା ୧୬ଟି ବଲ୍ ଖେଳି ଗୋଟିଏ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ବିଜୟୀ ଦଳର ଅଙ୍କିତା ପାଣି ୪ ରନରେ ୫ଟି ୱିକେଟ୍ ନେଇଥିଲେ। ସେହିଭଳି ବିଡ଼ାନାସୀ ଗ୍ରାଉଣ୍ଡରେ କଟକ ବିପକ୍ଷରେ ମୟୂରଭଞ୍ଜ ୧୮.୫ ଓଭରରେ ୩୩ ରନରେ ସମସ୍ତ ୱିକେଟ୍ ହରାଇଥିଲା। ଏହି ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା କଟକ ୫ ଓଭରରେ ୪ ୱିକେଟ୍ ହରାଇ ବିଜୟ ଲାଭ କରିଥିଲା। ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ନବରଙ୍ଗପୁର ୫୮ ରନରେ ଦେଓଗଡ଼କୁ, କେନ୍ଦୁଝର ୯୨ ରନରେ ନୟାଗଡ଼କୁ, ବଲାଙ୍ଗିର ୧୫ ରନରେ ସୁନ୍ଦରଗଡ଼କୁ, ଜଗତସିଂହପୁର ୮ ୱିକେଟରେ କଳାହାଣ୍ଡିକୁ, ଭଦ୍ରକ ୮ ୱିକେଟରେ ମାଲକାନଗିରିକୁ, ବରଗଡ଼ ୪୧ ରନରେ ଗଞ୍ଜାମକୁ ଓ କିଟ୍ ୩୮ ରନରେ କୋରାପୁଟକୁ ପରାସ୍ତ କରିଥିଲା। ନବରଙ୍ଗପୁରର ଅଜିତା ଦାସ (୪୬ ରନ) ଓ ବଲାଙ୍ଗିରର ସରଦା ମହାନନ୍ଦ (୩ ୱିକେଟ) ପ୍ରଭାବୀ ପ୍ରଦର୍ଶନ କରିଥିଲେ।





## ନୀଳାଚଳ ଟ୍ରଫି କ୍ରିକେଟ

### ସେମିରେ ମୁକ୍ତେଶ୍ୱର-ୟୁନିଅନ୍ ସ୍ପୋର୍ଟିଂ

ପୁରୀ,୨୭।୪(ସମିସ): ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ଏବଂ କଟକର ୟୁନିଅନ୍ ସ୍ପୋର୍ଟିଂ ମଧ୍ୟରେ ୧୭ତମ ଜଗଦୀଶ ରାଉତରାୟ ସ୍ମାରକୀ ନୀଳାଚଳ ଟ୍ରଫି କ୍ରିକେଟ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ ଆସନ୍ତାକାଲି ଖେଳାଯିବ। ସ୍ଥାନୀୟ ଜଗନ୍ନାଥ ଷ୍ଟାଡିୟମ୍‌ରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲରେ ମୁକ୍ତେଶ୍ୱର ୬ ୱିକେଟରେ ଆୟୋଜକ ପାୟୋନିୟର କ୍ଲବ୍‌କୁ ଓ ଆଜି ଖେଳାଯାଇଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ୟୁନିଅନ ସ୍ପୋର୍ଟିଂ ୮୬ ରନ୍‌ରେ ବାଲେଶ୍ୱରର ଆଦର୍ଶ କ୍ରିକେଟ କ୍ଲବ୍‌କୁ ପରାସ୍ତ କରିଥିଲେ। ଆଜିର ମୁକାବିଲାରେ ୮୪ଟି ବଲ୍‌ରୁ ୬ଚୌକା ଓ ୩ଛକା ସହ ସର୍ବାଧିକ ୮୮ ରନ୍ କରିଥିବା ୟୁନିଅନ୍ ସ୍ପୋର୍ଟିଂର ଦେବୀପ୍ରସାଦ ମହାପାତ୍ରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଓ ୬୬ ବଲ୍‌ରେ ୭୦ରନ୍ କରିଥିବା ଆଦର୍ଶ କ୍ଲବ୍‌ର ରାମଚନ୍ଦ୍ର ବେହେରାଙ୍କୁ ଶ୍ରେଷ୍ଠ ଇମ୍ପାକ୍ଟ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଆୟୋଜକ ପାୟୋନିୟର କ୍ଲବ୍‌ର ସମ୍ପାଦକ ସଞ୍ଜୀବ ଦଇତାପତି ଓ ନୀଳାଚଳ ଟ୍ରଫି ସଂଯୋଜକ ଦୀପକ ମହାନ୍ତି ଆଜି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୟୁନିଅନ ସ୍ପୋର୍ଟିଂ ୬ ୱିକେଟରେ ୨୯୭ ରନ୍ କରିଥିଲା। ଦଳ ପକ୍ଷରୁ ଦେବୀପ୍ରସାଦଙ୍କ ୮୮ ରନ୍ ବ୍ୟତୀତ ରଣଜୀ ଖେଳାଳି ଆଶୀର୍ବାଦ ସ୍ୱାଇଁ ୫୩ବଲ୍‌ରୁ ୮୦ ଓ ବିଶ୍ୱଜିତ ପ୍ରଧାନ ୬୮ବଲ୍‌ରୁ ୬୭ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ସାର୍ଥକ ଚୌଧୁରୀ ୩ଟି ଓ ଆକାଶ ମହାପାତ୍ର ୨ଟି ୱିକେଟ ପାଇଥିଲେ। ଜବାବରେ ଆଦର୍ଶ କ୍ରିକେଟ କ୍ଲବ୍ ୩୪.୩ ଓଭରରେ ୨୧୧ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ରାମଚନ୍ଦ୍ରଙ୍କ ୭୦ରନ୍ ବ୍ୟତୀତ ଆକାଶ ମହାପାତ୍ର ୬୮ରନ୍ କରିଥିଲେ। ବିଜୟୀ କଟକ ଦଳର ଅଧିନାୟକ ତାପସ ଦାସ ୩୩ରନ୍ ଦେଇ ସର୍ବାଧିକ ୪ଟି, ପ୍ରଶାନ୍ତ ରଣା ଓ ଶୋଭନଦେବ ବେହେରା ୩ଟି ଲେଖାଏଁ ୱିକେଟ ନିଜ ମଧ୍ୟରେ ବାଣ୍ଟି ନେଇଥିଲେ। ଅମ୍ପାୟାର ଚନ୍ଦ୍ରମୋହନ ବରାଳ ଓ ଦେବବ୍ରତ ଦାଶ ଏହି ମ୍ୟାଚ୍ ପରିଚାଳନା କରିଥିଲେ।

● ରାଜ୍ୟସ୍ତରୀୟ ସ୍କୁଲ ଓ କଲେଜ୍ ଚେସ୍

## ଲଳିତ ଓ ନୀଲସୁ ଚାମ୍ପିଅନ




ଭୁବନେଶ୍ୱର,୨୭।୪(ସମିସ): କଟକର ଷ୍ଟୁଆଟ ସ୍କୁଲର ଲଳିତରଞ୍ଜନ ସାହୁ ଓ କିଟ୍ ଇଣ୍ଟରନ୍ୟାସନାଲ କଲେଜର ନୀଲସୁ ପଟ୍ଟନାୟକ ଯଥାକ୍ରମେ ରାଜ୍ୟସ୍ତରୀୟ ରାପିଡ୍ ସ୍କୁଲ ଓ କଲେଜ୍ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଏମାନଙ୍କୁ ଚାମ୍ପିଅନ ଟ୍ରଫି ସହ ୫,୦୦୦ ଲେଖାଏଁ ଟଙ୍କା ପ୍ରଦାନ କରାଯାଇଥିଲା। ସ୍କୁଲ୍ ବିଭାଗରେ ଆୟୁଷ ଆର୍ଯ୍ୟନ ମହାପାତ୍ର, ସାର୍ଥକ ମହାନ୍ତି, ରୋହିତ ମଲ୍ଲିକ ସମାନ ୭ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଦ୍ୱିତୀୟରୁ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। କଲେଜ୍ ବିଭାଗରେ ଫକୀର ମାଝୀ ଦ୍ୱିତୀୟ, ହର୍ଷିତରଞ୍ଜନ ସାହୁ ତୃତୀୟ, ସ୍ଥିତପ୍ରଜ୍ଞ ସାହୁ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କ ସହ ଅନ୍ୟ କୃତୀ ପ୍ରତିଯୋଗୀମାନଙ୍କୁ ୫୦,୦୦୦ ଟଙ୍କା ଓ ୬୦ଟି ଟ୍ରଫି ପ୍ରଦାନ କରାଯାଇଥିଲା। କଟକ ଜିଲ୍ଲା ଚେସ ସଂଘ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଖେଳ ଶେଷରେ ଓଡ଼ିଶାର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ମୁଖ୍ୟଅତିଥି, ଉତ୍କଳ ବିଶ୍ୱବିଦ୍ୟାଳୟର ଜୟପ୍ରକାଶ ଭଞ୍ଜ, ଶ୍ରୀଶ୍ରୀ ଏକାଡେମୀର ପ୍ରିନ୍‌ସିପାଲ କବିତା ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କଟକ ଜିଲ୍ଲା ଚେସ ସଂଘର ସଭାପତି ବିବେକ ତିବରୱାଲ ଓ ସାଙ୍ଗଠନିକ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ବିଶ୍ୱବିଦ୍ୟାଳୟର କ୍ରୀଡ଼ାଅଧିକାରୀ ରଜତକୁମାର ବଳିୟାର ସିଂ ଓ ଚିଫ୍ ଆର୍ବିଟର ସୁରେଶଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS